ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ଅକ୍ଟୋବର ୯/୨୦୨୨ (୧୪ ପୃଷ୍ଠା+ଛୁଟିଦିନ) | Sambalpur, Sunday, October 9/2022 | Page 14 | ₹ 7.00 | ★★
୧୮ଶ ଭାଗ ୨୯୧ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 291 | ମୂଲ୍ୟ ₹୭/-

ଆଜିର ସମ୍ପାଦକୀୟ ଖରାପ ଖବରବେଳେ ଲୁଚୁଛନ୍ତି | ଶିବସେନା ନିର୍ବାଚନୀ ଚିହ୍ନ ରଦ୍ଦ କଲେ ଇସି | ପୃଷ୍ଠା-୧୦

# ବାତ୍ୟା ଆଶଙ୍କା

## ୨୦ରେ ଲଘୁଚାପ

**ଭୁବନେଶ୍ୱର,୮।୧୦(ବ୍ୟୁରୋ)** ଆସନ୍ତା ୧୯ କିମ୍ବା ୨୦ ତାରିଖରେ ଦକ୍ଷିଣ ଆଣ୍ଡାମାନ ଉପକୂଳରେ ଏକ ଲଘୁଚାପ ସୃଷ୍ଟି ହୋଇପାରେ। ବିଭିନ୍ନ ପାଣିପାଗ ମଡେଲ ସୂଚନା ଅନୁଯାୟୀ ଲଘୁଚାପ ଅଧିକ ଘନୀଭୂତ ହେବା ଆଶଙ୍କା ରହିଛି। ଏପରି କି ଏହା ସିଭିୟର ସାଇକ୍ଲୋନିକ ଷ୍ଟର୍ମରେ ପରିଣତ ହୋଇ ବାତ୍ୟା ରୂପ ନେବ ବୋଲି ଅନୁମାନ କରାଯାଉଛି। ଲଘୁଚାପ ଦୁଇଦିନ ସମୁଦ୍ର ଭିତରେ ବଳ ଗୋଟାଇ ଆହୁରି ଶକ୍ତିଶାଳୀ ହେବ। ଅକ୍ଟୋବର ୨୧ କିମ୍ବା ୨୨ ତାରିଖ ସୁଦ୍ଧା ଆନ୍ଧ୍ର ଉପକୂଳ କିମ୍ବା ବାଂଲାଦେଶ ମୁହାଁ ହୋଇପାରେ। ଆନ୍ଧ୍ର ଉପକୂଳ ମୁହାଁ ହେଲେ ଦକ୍ଷିଣ ଓଡ଼ିଶା ଉପରେ ଏହାର ପ୍ରଭାବ ପଡ଼ିବା ଆଶଙ୍କା କରାଯାଉଛି। ଅକ୍ଟୋବର ମାସ ବାତ୍ୟାପ୍ରବଣ ହୋଇଥିବାରୁ ଓଡ଼ିଶା ପାଇଁ ଏହା ବିପଦ ସୃଷ୍ଟି କରିବା ଭୟ ବଢ଼ିଯାଇଛି। ତେବେ ବାତ୍ୟାର ଗତିପଥ ଓ ରୂପରେଖ ନେଇ ଏ ପର୍ଯ୍ୟନ୍ତ ପାଣିପାଗ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ବାତ୍ୟାର ରୂପରେଖ କିପରି ହେବ ସେ ନେଇ ସପ୍ତାହକ ପରେ ଜଣାପଡ଼ିବ। ଆଣ୍ଡାମାନ ଉପକୂଳରେ ବାତ୍ୟା ହେବା ନେଇ ଏକ ସିଷ୍ଟମ୍ ଦେଖାଉଛି। ତେବେ ଆସନ୍ତା ସପ୍ତାହକ ମଧ୍ୟରେ ଏହାର ରୂପରେଖ ସମ୍ପର୍କରେ ଜଣାପଡ଼ିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟର ପୂର୍ବତନ ନିର୍ଦ୍ଦେଶକ ଶରତ ସାହୁ କହିଛନ୍ତି।

### ଆଜିର ମନ୍ତବ୍ୟ

"ଆଦାନୀ, ଅମ୍ବାନୀ ହୁଅନ୍ତୁ କି ଅମିତ ଶାହାଙ୍କ ପୁଅ, ନିଯୁକ୍ତି ଓ ନିବେଶ ପାଇଁ ଆମେ ସମସ୍ତଙ୍କୁ ସ୍ୱାଗତ କରିବୁ।
-ଅଶୋକ ଗେହଲଟ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ

DADLS - 48
ସତ୍ୟମେବ ଜୟତେ

ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା
ଆଜି ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜନ୍ମ ତିଥି ଅବସରରେ ମୁଁ ରାଜ୍ୟର ମୁସଲମାନ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି ।
(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା
OIPR-15001/13/0150/2223

RI-HOME


ଗୃହ ନିର୍ମାଣ ପାଇଁ ଆଜି ହିଁ ଯୋଗାଯୋଗ କରନ୍ତୁ
(+91) 83288 23295

ଜାତୀୟ ସ୍ତରୀୟ ହସ୍ତତନ୍ତ ମେଳା ୨୦୨୨
ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଭୁବନେଶ୍ୱର
Food Zone
Children Play Zone
On Public Demand! Extended Upto 12th October 2022
ଆଉ ମାତ୍ର ୪ ଦିନ
୧୭ଟି ରାଜ୍ୟର ହସ୍ତତନ୍ତ ବସ୍ତ୍ର ସମ୍ଭାର
ଆୟୋଜକ: ବୟନିକା

DADLS - 48
ଓଡ଼ିଶା ସରକାର

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା
ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ଓଡ଼ିଶାର ବିକାଶରେ ସମସ୍ତଙ୍କର ସହଯୋଗ କାମନା କରୁଛି ।
ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
OIPR-15001/13/0150/2223

Divya®

ଡାଇବେଟିସ୍ ଆରୋଗ୍ୟସାଧ ନୁହେଁ, ଏହି ଭ୍ରାନ୍ତଧାରଣାରୁ ନିଜକୁ ମୁକ୍ତ କରନ୍ତୁ
ମଧୁନାଶିନୀ ଓ ମଧୁଗ୍ରିଟ୍
ସହିତ ଯୋଗାଭ୍ୟାସ ଆପଣଙ୍କୁ ଦେଇଥାଏ
ଡାଇବେଟିସ୍ ପାଇଁ ଗବେଷଣା ଏବଂ ପ୍ରମାଣ ଆଧାରିତ ଚିରସ୍ଥାୟୀ ସମାଧାନ ।
ଏହି ଔଷଧଗୁଡ଼ିକୁ ବ୍ୟବହାର କରି ଆମେ ଅଗ୍ନ୍ୟାଶୟ କୋଷଗୁଡ଼ିକୁ ପୁନରୁଜ୍ଜୀବିତ କରିଛୁ ଏବଂ ରୋଗୀମାନଙ୍କୁ ଡାଇବେଟିସ୍‌ରୁ ମୁକ୍ତ କରିଛୁ ।
ଏହା ଆପଣଙ୍କ କିଡ୍‌ନୀ, ହୃଦୟ ଏବଂ ଆଖିକୁ ଡାଇବେଟିସ୍‌ର ଅନିଷ୍ଟକାରୀ ପ୍ରଭାବରୁ ସୁରକ୍ଷା ଏବଂ ଦୁର୍ବଳତା, ଗ୍ୟାଙ୍ଗ୍ରିନ୍ ଓ ନ୍ୟୁରୋପାଥି ଭଳି ସମସ୍ୟାର ସମାଧାନ ଯୋଗାଇଥାଏ ।


ଆମର ସମସ୍ତ ଔଷଧ ସାରା ଭାରତରେ ପତଞ୍ଜଳି ଷ୍ଟୋର୍ସ ଏବଂ ଅଗ୍ରଣୀ ଷ୍ଟୋର୍ସରେ ଉପଲବ୍ଧ ହୋଇଥାଏ ।
Shop Online- www.patanjaliayurved.net | Customer Care Number - 18001804108 | Email ID - feedback@patanjaliayurved.org | Website - www.patanjaliayurved.org

DADLS - 48
ଓଡ଼ିଶା ସରକାର

ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ ବାର୍ତ୍ତା
ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ରାଜ୍ୟର ସମସ୍ତ ଇସଲାମ ଧର୍ମାବଲମ୍ବୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ଆପଣମାନଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।
(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା
OIPR-15001/13/0150/2223

**ଅଖିଳେଶ ଗୁପ୍ତା ଏସ୍ଇଆର୍ବି ନୂଆ ସଚିବ**

ବରିଷ୍ଠ ବାୟୁମଣ୍ଡଳ ବିଜ୍ଞାନୀ ଅଖିଳେଶ ଗୁପ୍ତା ଶନିବାର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ରିସର୍ଚ୍ଚ ବୋର୍ଡ (ଏସ୍ଇଆର୍ବି)ର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ବରିଷ୍ଠ ଉପଦେଷ୍ଟା ଥିବା ଗୁପ୍ତା ଏସ୍ଇଆର୍ବି ସଚିବ ସନ୍ଦିପ ବର୍ମାଙ୍କ ସ୍ଥାନ ନେଇଛନ୍ତି। ବର୍ମାଙ୍କ କାର୍ଯ୍ୟକାଳ ଶୁକ୍ରବାର ଶେଷ ହୋଇଥିଲା। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଏସ୍ଇଆର୍ବି ଏକ ବୈଧାନିକ ସଂସ୍ଥା, ଯାହା ବିଜ୍ଞାନ ଓ ଇଞ୍ଜିନିୟରିଂ କ୍ଷେତ୍ରରେ ମୌଳିକ ଗବେଷଣାକୁ ପ୍ରୋତ୍ସାହିତ କରିଥାଏ।

# ବିସ୍ଫୋରଣରେ ଭାଙ୍ଗିଲା କ୍ରିମିଆ ବ୍ରିଜ୍

## ରୁଷିଆକୁ ଯୋଡୁଥିଲା ୟୁରୋପର ଏହି ଦୀର୍ଘତମ ପୋଲ



ଖର୍କିଭ୍, ୮।୧୦

### ଏହା ଆରମ୍ଭ ମାତ୍ର: ୟୁକ୍ରେନ୍

କ୍ରିମିଆ ଉପଦ୍ୱୀପକୁ ମସ୍କୋ କବଳରୁ ମୁକ୍ତ କରିବା ଲକ୍ଷ୍ୟରେ ଆଗେଇଥିବା ୟୁକ୍ରେନ୍ ସୈନ୍ୟ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ଙ୍କୁ ଶକ୍ତ ଝଟକା ଦେଇଛନ୍ତି। ଏହି ଉପଦ୍ୱୀପ ସହ ରୁଷିଆକୁ ଯୋଡୁଥିବା ପ୍ରମୁଖ ପୋଲ କେରେଚ୍ ବ୍ରିଜ୍ରେ ଶନିବାର ବିସ୍ଫୋରଣ ହୋଇଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ୟୁରୋପର ଏହି ଦୀର୍ଘତମ ବ୍ରିଜ୍ର ଏକ ବଡ଼ ଅଂଶ ଭାଙ୍ଗି ସମୁଦ୍ରରେ ଖସିପଡ଼ିଛି। ଏଥିରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ରୁଷିଆ ପକ୍ଷରୁ କୁହାଯାଇଛି। ଏକ ପେଟ୍ରୋଲ ବୋଝେଇ ଟ୍ରେନ୍ରେ ବ୍ଲାଷ୍ଟ ହେବା ଯୋଗୁ ପୋଲ ନିକଟରେ ଥିବା ରେଲ୍ୱେ ଲାଇନରେ ମଧ୍ୟ ପରିବହନ ବନ୍ଦ ହୋଇଯାଇଛି। କିଭ୍ ସୈନ୍ୟ ଏହି ପୋଲକୁ କ୍ଷତିଗ୍ରସ୍ତ କରି ରୁଷିଆ ଏବଂ କ୍ରିମିଆ ମଧ୍ୟରେ ସ୍ଥଳଭାଗ ସଂଯୋଗକୁ ଏକପ୍ରକାର ବନ୍ଦ କରିଦେଇଛନ୍ତି। କେବଳ ଏତିକି ନୁହେଁ ୧୯ କିଲୋମିଟର ଲମ୍ବର ଏହି ବ୍ରିଜ୍ ଭାଙ୍ଗିଯିବା ଫଳରେ ୟୁକ୍ରେନ୍ରେ ଯୁଦ୍ଧ କରୁଥିବା ରୁଷୀୟ ସୈନିକଙ୍କ ନିକଟକୁ ଅସ୍ତ୍ରଶସ୍ତ୍ର, ଯୁଦ୍ଧ ସାମଗ୍ରୀ ଓ ଇନ୍ଧନ ଯୋଗାଣର ଏକ ପ୍ରମୁଖ ରାସ୍ତା ବନ୍ଦ ହୋଇଯାଇଛି। ଫଳରେ କ୍ରିମିଆରେ ରୁଷିଆ ସୈନ୍ୟଙ୍କ ଉପସ୍ଥିତି ପୂର୍ବ ଭଳି ବଜାୟ ରଖିବା ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ଙ୍କ ପାଇଁ ଚାଲେଞ୍ଜ ପାଲଟିଛି।

୧୯୯୧ରେ ସୋଭିଏଟ୍ ସଂଘଠାରୁ ଅଲଗା ହୋଇ ସ୍ୱତନ୍ତ୍ର ଦେଶ ପାଲଟିଥିବା ୟୁକ୍ରେନ୍ର ଅଂଶବିଶେଷ ଥିଲା କ୍ରିମିଆ ଉପଦ୍ୱୀପ। ହେଲେ ୨୦୧୪ରେ ରୁଷିଆ ସେଠାରେ ଆକ୍ରମଣ କରି ଜବରଦସ୍ତି ଏହି ଦ୍ୱୀପକୁ କବ୍ଜା କରି ରଖିଛି। ଗତ ଫେବୃୟାରୀ ୨୪ରୁ ରୁଷିଆ ସାମରିକ ଅଭିଯାନ ନାଁରେ ୟୁକ୍ରେନ୍ ଉପରେ ଆକ୍ରମଣ ଜାରି ରଖିବା ସହ ପୂର୍ବ ୟୁକ୍ରେନ୍ର ଡୋନେସ୍କ, ଲୁହାନ୍ସ୍କ, ଜାପୋରିଝିଆ, ଖେରସନ୍କୁ ନିଜ ଭୂଖଣ୍ଡରେ ସାମିଲ କରାଯାଇଥିବା ରାଷ୍ଟ୍ରପତି ପୁଟିନ୍ ଘୋଷଣା କରିସାରିଛନ୍ତି। ସେଠାରୁ ରୁଷିଆ ସୈନ୍ୟଙ୍କୁ ଘଉଡ଼ାଇବା ପାଇଁ ୟୁକ୍ରେନ୍ ପ୍ରତିଆକ୍ରମଣ ଆରମ୍ଭ କରିଛି। ଏପରିକି କେତେକ ସହର ଓ ଗାଁକୁ ରୁଷିଆ କବଳରୁ ମୁକ୍ତ ମଧ୍ୟ କରିପାରିଛି। କ୍ରିମିଆକୁ ମଧ୍ୟ ମସ୍କୋ କବଳରୁ ମୁକୁଳାଇବା ପାଇଁ ପ୍ରତିଶ୍ରୁତିବଦ୍ଧ ୟୁକ୍ରେନ୍ ରାଷ୍ଟ୍ରପତି ଏବେ ପୁଟିନ୍ଙ୍କ ଉପରେ ଭାରି ପଡ଼ିଛନ୍ତି। ୨୦୧୮ରେ ପୁଟିନ୍ ପ୍ରାୟ ୪ ବିଲିୟନ ଡଲାର ବ୍ୟୟରେ ନିର୍ମିତ କେରେଚ୍ ବ୍ରିଜ୍ର ଉଦ୍ଘାଟନ କରିଥିଲେ। ଏହା ତ ଆରମ୍ଭ ମାତ୍ର। ସେଠାରେ ସମସ୍ତ ନିର୍ମାଣ ବେଆଇନ ଏବଂ ସେସବକୁ ନଷ୍ଟ କରାଯିବ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସ୍କିଙ୍କ ଜଣେ ବରିଷ୍ଠ ପରାମର୍ଶଦାତା ମାଖାଇଲୋ ପୋଡୋଲୋୟକ୍ କହିଛନ୍ତି। ରୁଷିଆ ଏହାର ତଦନ୍ତ ଆରମ୍ଭ କରିଛି। ଯଦି ୟୁକ୍ରେନ୍ ଏହି ବ୍ରିଜ ନଷ୍ଟ କରିଥିବା ଜଣାପଡ଼େ ତେବେ ପରିଣାମ ଭୟଙ୍କର ହେବ ବୋଲି କ୍ରେମେଲିନ୍ ପକ୍ଷରୁ କୁହାଯାଇଛି।

## ଯୋଗଦେବାକୁ ରାଜି ପୁଟିନ୍, ଜେଲେନ୍ସ୍କି

### ଜି-୨୦ ସମ୍ମିଳନୀ

ନଭେମ୍ବର ୧୫-୧୬ରେ ଇଣ୍ଡୋନେସିଆର ବାଲିରେ ହେବାକୁ ଥିବା ଜି-୨୦ ସମ୍ମିଳନୀରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏବଂ ୟୁକ୍ରେନ୍ ପ୍ରତିପକ୍ଷ ଭୋଲୋଡିମିର ଜେଲେନ୍ସ୍କି ଯୋଗ ଦେବାକୁ ରାଜି ହୋଇଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଇଣ୍ଡୋନେସିଆ ରାଷ୍ଟ୍ରଦୂତ ହୁସିନ୍ ବାଗିସ୍ ଏକ ସାକ୍ଷାତ୍କାରରେ ଏ ନେଇ ସୂଚନା ଦେଇଛନ୍ତି। ଯଦି ପୁଟିନ୍ ଏବଂ ଜେଲେନ୍ସ୍କି ବାଲି ଯାଆନ୍ତି, ତେବେ ୟୁକ୍ରେନ୍ ଓ ରୁଷିଆ ମଧ୍ୟରେ ଯୁଦ୍ଧପରଠାରୁ ପ୍ରଥମ କରି ଏହି ଦୁଇ ନେତା ଗୋଟିଏ ମଞ୍ଚରେ ଉପସ୍ଥିତ ହେବେ। ଯୁଦ୍ଧ ଯୋଗୁ ପରିସ୍ଥିତି ସହଜ ହେବ ନାହିଁ। କୌଣସି ବିବାଦ ସୃଷ୍ଟି ନ କରି ପୁଟିନ୍ ଓ ଜେଲେନ୍ସ୍କି ଦୁଇ ହୋଟେଲରେ କିପରି ସୁରକ୍ଷିତ ରହିପାରିବେ ତାହାର ବ୍ୟବସ୍ଥା କରାଯିବା ଉପରେ ଚିନ୍ତା କରାଯାଉଛି ବୋଲି ବାଗିସ୍ କହିଛନ୍ତି। ତେବେ ରୁଷିଆ କିମ୍ବା ୟୁକ୍ରେନ୍ ପକ୍ଷରୁ ଏହା ଉପରେ କୌଣସି ପ୍ରତିକ୍ରିୟା ରଖାଯାଇନାହିଁ।

## ବସ୍ରେ ନିଆଁ ଲାଗି ୧୨ ମୃତ



ନାସିକ,୮।୧୦

ମହାରାଷ୍ଟ୍ରର ନାସିକ ଜିଲା ଅନ୍ତର୍ଗତ ଔରଙ୍ଗାବାଦ ରୋଡ୍ରେ ଶନିବାର ଏକ ଯାତ୍ରୀବାହୀ ବସ୍ରେ ନିଆଁ ଲାଗି ୧୨ ଜଣ ଯାତ୍ରୀଙ୍କର ମୃତ୍ୟୁ ହେବା ସହ ଅନ୍ୟ ୪୩ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ ବର୍ଷର ଶିଶୁ ରହିଛି। ୟାଭାତମାଲ୍ରୁ ମୁମ୍ବାଇ ଯାଉଥିବା ଉକ୍ତ ଘରୋଇ ବସ୍ଟି ଭୋର ୫ଟା ୧୫ରେ ନାସିକ-ଔରଙ୍ଗାବାଦ ଜାତୀୟ ରାଜପଥରେ ଏକ ଟ୍ରେଲରକୁ ଧକ୍କା ଦେବା ପରେ ନିଆଁ ଲାଗିଯାଇଥିଲା। ଏହି ମର୍ମନ୍ତୁଦ ଦୁର୍ଘଟଣାରେ ମୃତକଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିବା ସହ ସେମାନଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ସମେତ ଆହତମାନଙ୍କ ପାଇଁ ୫୦ ହଜାର ଟଙ୍କା ସହାୟତା ଘୋଷଣା କରିଛନ୍ତି। ସେହିପରି ମହାରାଷ୍ଟ୍ର ସରକାର ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଘଟଣାସ୍ଥଳ ଓ ଜିଲା ସିଭିଲ ହସ୍ପିଟାଲ ଯାଇ ଆହତମାନଙ୍କ ଅବସ୍ଥା ପଚାରି ବୁଝିଥିଲେ। ଦୁର୍ଘଟଣାର କାରଣ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ସଂକ୍ଷେପରେ

### ୟୁଏନ୍ଏସ୍ସିର ଆତଙ୍କବାଦ ନିରୋଧୀ କମିଟି ବୈଠକ ମୁମ୍ବାଇରେ ହେବ

**ନୂଆଦିଲ୍ଲୀ,୮।୧୦:** ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍ଏସ୍ସି) ଆତଙ୍କବାଦ ନିରୋଧୀ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଚଳିତ ମାସ ଶେଷ ଭାଗରେ ମୁମ୍ବାଇରେ ଅନୁଷ୍ଠିତ ହେବାକୁ ଯାଉଛି। ମୁମ୍ବାଇରେ ହୋଇଥିବା ୨୬/୧୧ ଆତଙ୍କବାଦୀ ଆକ୍ରମଣ ଘଟଣାର ମୃତକଙ୍କୁ ଏହି ବୈଠକରେ ଶ୍ରଦ୍ଧାଞ୍ଜଳି ଦିଆଯିବା ସହ ଏକ ବିବୃତି ଜାରି କରାଯିବ ବୋଲି କମିଟିର ଅଧକ୍ଷ ରୁଚିରା କାମ୍ବୋଜ୍ କହିଛନ୍ତି। ଚଳିତ ବର୍ଷ ଲାଗି ଭାରତ ୟୁଏନ୍ଏସ୍ସି ଆତଙ୍କବାଦ ନିରୋଧୀ କମିଟିର ଅଧକ୍ଷ ରହିଛି। ଅକ୍ଟୋବର ୨୮ ଓ ୨୯ରେ କମିଟିର ସ୍ୱତନ୍ତ୍ର ବୈଠକ ମୁମ୍ବାଇ ଏବଂ ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିରେ ୟୁଏନ୍ଏସ୍ସିର ୧୫ ସଦସ୍ୟ ରାଷ୍ଟ୍ର ଓ ଅନ୍ୟାନ୍ୟ ସଦସ୍ୟ ଯୋଗଦେବେ।

### ଯାନ୍ତ୍ରିକ ତ୍ରୁଟି ଯୋଗୁ ଅଟକିଲା ବନ୍ଦେ ଭାରତ ଏକ୍ସପ୍ରେସ୍

**ନୂଆଦିଲ୍ଲୀ,୮।୧୦:** ନୂତନ ଭାବେ ଚଳାଚଳ କରୁଥିବା ସେମି ହାଇସ୍ପିଡ୍ ଟ୍ରେନ୍ ବନ୍ଦେ ଭାରତ ଏକ୍ସପ୍ରେସ୍ର ପିଛା ଛାଡୁନି ଦୁର୍ଘଟଣା। କ୍ରମାଗତ ୩ ଦିନ ହେଲା ଏହା ଗୋଟିଏ ପରେ ଗୋଟିଏ ସମସ୍ୟାର ସମ୍ମୁଖୀନ ହେଉଛି। ଗାନ୍ଧୀନଗରରୁ ମୁମ୍ବାଇ ମଧ୍ୟରେ ଚଳାଚଳ କରୁଥିବା ଏହି ଟ୍ରେନ୍ ଗୁରୁବାର ଏକ ମଇଁଷି ପଲଙ୍କୁ ଧକ୍କା ଦେବାରୁ ଏହାର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଥିଲା। ଶୁକ୍ରବାର ଉକ୍ତ ଟ୍ରେନ୍ ଗୁଜରାଟର ଆନନ୍ଦ ଷ୍ଟେଶନରେ ଗୋଟିଏ ଗାଈକୁ ଧକ୍କା ଦେଇଥିଲା। ଶନିବାର ନୂଆଦିଲ୍ଲୀ-ବାରାଣସୀ ବନ୍ଦେ ଭାରତ ଏକ୍ସପ୍ରେସ୍ରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଛି। ସି-୮ କୋଚ୍ର ଟ୍ରାକ୍ସନ ମୋଟରରେ ବେରିଂ ଜାମ୍ ହୋଇଯିବାରୁ ଟ୍ରେନ୍ଟି ଆଉ ଗଡ଼ି ନ ଥିଲା। ବେରିଂ ଜାମ୍ ସମସ୍ୟାର ସମାଧାନ କରାଯାଇଥିଲେ ମଧ ଫ୍ଲାଟ୍ ଟାୟାର ଯୋଗୁ ଏହାର ଯାତ୍ରୀମାନଙ୍କୁ ଶତାବ୍ଦୀ ଏକ୍ସପ୍ରେସ୍ରେ ଗନ୍ତବ୍ୟ ସ୍ଥଳକୁ ପଠାଯାଇଛି। ରେକ୍କୁ ମେଣ୍ଟେନାନ୍ସ ଡିପୋକୁ ନିଆଯିବା ପରେ ତ୍ରୁଟିର ସବିଶେଷ ତଦନ୍ତ କରାଯିବ ବୋଲି ଉତ୍ତରକେନ୍ଦ୍ରୀୟ ରେଲୱେର ଜଣେ ଅଧିକାରୀ କହିଛନ୍ତି।

### ସତ୍ୟପାଲ ମଲ୍ଲିକଙ୍କୁ ସିବିଆଇ ଜେରା

**ନୂଆଦିଲ୍ଲୀ,୮।୧୦:** ସତ୍ୟପାଲ ମଲ୍ଲିକ ଜମ୍ମୁ-କଶ୍ମୀରର ରାଜ୍ୟପାଳ ଥିବାବେଳେ ଦୁଇଟି ଫାଇଲ୍କୁ ମଞ୍ଜୁରୀ ପ୍ରଦାନ ଲାଗି ତାଙ୍କୁ ୩୦୦ କୋଟି ଟଙ୍କା ଲାଞ୍ଚ ଯଚାଯାଇଥିବା ସେ ଅଭିଯୋଗ କରିଥିଲେ।



ସରକାରୀ କର୍ମଚାରୀମାନଙ୍କ ଲାଗି ଏକ ଗ୍ରୁପ୍ ଇନ୍ସ୍ୟୁରାନ୍ସ ସ୍କିମ୍ ଏବଂ ୨,୨୦୦ କୋଟି ଟଙ୍କାର କିରୁ ଜଳବିଦ୍ୟୁତ୍ ପ୍ରକଳ୍ପ କାମ ଠିକା ଦେବା ପାଇଁ ଏହି ଲାଞ୍ଚ ଯଚାଯାଇଥିଲା। ଏହି ଘଟଣାରେ ତାଙ୍କର ସମ୍ପୃକ୍ତିକୁ ନେଇ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ସତ୍ୟପାଲଙ୍କୁ ପଚରାଉଚରା କରିଛି। ସତ୍ୟପାଲ ୨୦୧୮ ଅଗଷ୍ଟ ୨୩ରୁ ୨୦୧୯ ଅକ୍ଟୋବର ୩୦ ପର୍ଯ୍ୟନ୍ତ ଜମ୍ମୁ-କଶ୍ମୀର ରାଜ୍ୟପାଳ ଥିଲେ। ପରେ ତାଙ୍କୁ ମେଘାଳୟ ରାଜ୍ୟପାଳ କରି ପଠାଯାଇଥିଲା। ତାଙ୍କ ଅଭିଯୋଗ ଆଧାରରେ ସିବିଆଇ ଗତ ଏପ୍ରିଲରେ ୨ଟି ଏତଲା ଦାଏର କରିଥିଲା। ଗତ ୪ ତାରିଖରେ ସତ୍ୟପାଲଙ୍କ ୫ ବର୍ଷୀୟା କାର୍ଯ୍ୟକାଳ ଶେଷ ହେବା ପରେ ସିବିଆଇ ତାଙ୍କୁ ଜେରା କରିଛି।

## ବାୟୁସେନାରେ ହେବ ଅସ୍ତ୍ର ବ୍ୟବସ୍ଥା ଶାଖା

ଚଣ୍ଡିଗଡ଼,୮।୧୦(ପି.ଟି.)

ଭାରତୀୟ ବାୟୁସେନାର ଅଫିସରମାନଙ୍କ ପାଇଁ ଅସ୍ତ୍ର ବ୍ୟବସ୍ଥା ଶାଖା ଗଠନ ହେବ। କେନ୍ଦ୍ର ସରକାର ଏହି ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହା ଦ୍ୱାରା ଉଡ଼ାଣ ପ୍ରଶିକ୍ଷଣରେ ୩,୪୦୦ କୋଟି ଟଙ୍କା ସଞ୍ଚୟ ହୋଇପାରିବ ବୋଲି ଏୟାର ଚିଫ୍ ମାର୍ଶାଲ ବିବେକ ରାମ ଚୌଧରୀ ଶନିବାର କହିଛନ୍ତି। ଆସନ୍ତାବର୍ଷରୁ ବାୟୁସେନାରେ ମହିଳା ଅଗ୍ନିବୀରଙ୍କୁ ନିଯୁକ୍ତି ଦିଆଯିବ ବୋଲି ଚଣ୍ଡିଗଡ଼ରେ ବାୟୁସେନାର ୯୦ତମ ବାର୍ଷିକୀ ପାଳନ ଅବସରରେ ଏୟାର ଚିଫ୍ ମାର୍ଶାଲ ଘୋଷଣା କରିଛନ୍ତି। କୌଣସି ଗୋଟିଏ ବାହିନୀ ଏକାକୀ ଯୁଦ୍ଧ ଜିତିପାରେ ନାହିଁ। ତେଣୁ ୩ ବାହିନୀ ମଧ୍ୟରେ ସମନ୍ୱୟ ବଢ଼ାଇବା ପାଇଁ ଉଦ୍ୟମ ହେଉଥିବା ସେ କହିଛନ୍ତି।

ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ବାୟୁସେନାରେ ଏକ ୱେପନ୍ ସିଷ୍ଟମ ଶାଖା ଖୋଲିବାକୁ ଯାଉଛି। ଏଥିରେ ବିଭିନ୍ନ କ୍ଷେପଣାସ୍ତ୍ର, ରିମୋଟ ପାଇଲଟିଂ ଏୟାରକ୍ରାଫ୍ଟ ଉପରେ ସ୍ୱତନ୍ତ୍ର ତାଲିମଧାରୀ ସାମିଲ ହେବେ ବୋଲି ବାୟୁସେନା ମୁଖ୍ୟ କହିଛନ୍ତି। ୯୦ତମ ବାୟୁସେନା ଦିବସ ଅବସରରେ ଏହାର ଯବାନମାନଙ୍କୁ ନୂଆ ଲଢ଼ୁଆ ୟୁନିଫର୍ମ ମିଳିଛି। ଏହି ଡିଜିଟାଲ କେମୁଫ୍ଲାଗ୍ ୟୁନିଫର୍ମକୁ ବାୟୁସେନା ମୁଖ୍ୟ ଅନାବରଣ କରିଥିଲେ। ଏହା ବର୍ତ୍ତମାନର ୟୁନିଫର୍ମଠାରୁ ଭିନ୍ନ, ଯେଉଁଥିରେ ପିକ୍ସେଲେଟେଡ୍ ଡିଜାଇନ୍ ରହିଛି। ବିଶ୍ୱର ଅଧିକାଂଶ ଦେଶରେ ସୈନ୍ୟବାହିନୀ ଡିଜିଟାଲ କେମୁଫ୍ଲାଗ୍ ୟୁନିଫର୍ମ ପ୍ରଚଳନ କରିଛନ୍ତି। ସବୁ ପ୍ରକାର ପାଗରେ ଏହା ଯବାନମାନଙ୍କ ପାଇଁ ଅଧିକ ନମନୀୟ ଓ ସୁବିଧାଜନକ ହେବ।



### ଏୟାରଫୋର୍ସକୁ ମିଳିଲା ନୂଆ ୟୁନିଫର୍ମ

## ଫଳ କଣ୍ଟେନରରେ ୫୦୨ କୋଟିର କୋକେନ୍

**ମୁମ୍ବାଇ/ ଅହମଦାବାଦ,୮।୧୦** ନଭି ମୁମ୍ବାଇ ନିକଟବର୍ତ୍ତୀ ନାଭା ଶେଭା ବନ୍ଦରରେ ଥିବା ଏକ ଫଳ କଣ୍ଟେନରରୁ ୫୦ କେଜିରୁ ଊର୍ଦ୍ଧ୍ୱ କୋକେନ୍ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍ଆଇ) ଜବତ କରିଛି। ଏହାର ମୂଲ୍ୟ ୫୦୨ କୋଟି ଟଙ୍କା। ଦକ୍ଷିଣ ଆଫ୍ରିକାରୁ ଏହି ବନ୍ଦରକୁ କୋକେନ୍ ଆସୁଥିବା ସୂଚନା ପାଇ ଡିଆର୍ଆଇର ମୁମ୍ବାଇ ଶାଖା ପକ୍ଷରୁ ଚଢ଼ାଉ କରାଯାଇଥିଲା। କଣ୍ଟେନରଗୁଡ଼ିକରୁ କୋକେନ୍ ବ୍ରିକ୍ସ ମିଳିଥିଲା। ପ୍ରତି ବ୍ରିକ୍ସର ଓଜନ ପ୍ରାୟ ଏକ କିଲୋଗ୍ରାମ। ସେଓ ପେଟି ତଳେ ସେଗୁଡ଼ିକୁ ଲୁଚାଇ ରଖାଯାଇଥିଲା।

ଅନ୍ୟ ଏକ ଘଟଣାରେ ତଟସୁରକ୍ଷା ବାହିନୀ ଏବଂ ଗୁଜରାଟ ଆତଙ୍କବାଦ ନିରୋଧୀ ସ୍କ୍ୱାଡ (ଏଟିଏସ୍) ଏକ ପାକିସ୍ତାନୀ ବୋଟ୍ରୁ ୩୬୦ କୋଟି ଟଙ୍କାର ହୋରୋଇନ୍ ଜବତ କରିଛି। ଆରବ ସାଗରରେ ଆସୁଥିବା ଅଲ୍ ସକର ନାମକ ଏହି ବୋଟ୍ରେ ୫୦ କିଲୋଗ୍ରାମ ହେରୋଇନ୍ ରହିଥିଲା। ବୋଟ୍ର ୬ ଜଣ କର୍ମଚାରୀଙ୍କୁ ଗୁଜରାଟର ଜଖାଉ ବନ୍ଦରକୁ ଅଣାଯାଇ ତଦନ୍ତ ଜାରି ରହିଛି।

## ବାଲ୍ୟବିବାହ: ଆଗରେ ଝାଡ଼ଖଣ୍ଡ

ନୂଆଦିଲ୍ଲୀ,୮।୧୦

ଗୁଣିଗାରେଡ଼ିକୁ ନେଇ ହତ୍ୟା ପାଇଁ ନିନ୍ଦିତ ଝାଡ଼ଖଣ୍ଡ ଆଉ ଏକ ଅପଖ୍ୟାତି ମୁଣ୍ଡାଇଛି। ଏହି ରାଜ୍ୟରେ ସର୍ବାଧିକ ଝିଅ କମ୍ ବୟସରେ ବିବାହ କରୁଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସଦ୍ୟ ସର୍ବେକ୍ଷଣରୁ ଏହା ଜଣାପଡ଼ିଛି। ମନ୍ତ୍ରଣାଳୟ ଅଧୀନରେ ଥିବା ରେଜିଷ୍ଟ୍ରାର ଜେନେରାଲଙ୍କ କାର୍ଯ୍ୟାଳୟ ଏବଂ ଜନସଂଖ୍ୟା ଆୟୁକ୍ତଙ୍କ ପକ୍ଷରୁ ଏହି ସର୍ଭେ କରାଯାଇଥିଲା। ସାବାଳିକା ହେବା ପୂର୍ବରୁ ଝାଡ଼ଖଣ୍ଡରେ ସର୍ବାଧିକ ୫.୮% ଝିଅ ବିବାହ କରୁଥିବା ଉକ୍ତ ସର୍ଭେ ରିପୋର୍ଟରେ କୁହାଯାଇଛି। ୧୮ ବର୍ଷରୁ କମ୍ ବୟସରେ ବିବାହ କରୁଥିବା ଝିଅଙ୍କ ହାର ଜାତୀୟ ସ୍ତରରେ ୧.୯% ରହିଥିବାବେଳେ କେରଳରେ ନାବାଳିକା ବିବାହ ଆଦୌ ନାହିଁ। ତେବେ ଝାଡ଼ଖଣ୍ଡର ଗ୍ରାମାଞ୍ଚଳରେ ବାଲ୍ୟ ବିବାହ ହାର ୭.୩% ଥିବାବେଳେ ସହରାଞ୍ଚଳରେ ୩% ରହିଛି। ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗରେ ୫୦%ରୁ ଊର୍ଦ୍ଧ୍ୱ ଝିଅ ୨୧ ବର୍ଷରେ ପହଞ୍ଚିବା ପୂର୍ବରୁ ବିବାହ କରୁଛନ୍ତି। ଜାତୀୟ ସ୍ତରରେ ଏହି ହାର ୨୯.୫% ରହିଥିବାବେଳେ ପଶ୍ଚିମବଙ୍ଗରେ ୫୪.୯% ଏବଂ ଝାଡ଼ଖଣ୍ଡରେ ୫୪.୬% ରହିଛି।

## ପୁରୁଷ ବିବାହିତ ଜାଣି ସମ୍ପର୍କ ରଖିଥିଲେ ବଳାତ୍କାର ଅଭିଯୋଗ ଗ୍ରହଣୀୟ ନୁହେଁ

କୋଚି,୮।୧୦

### କେରଳ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

ପୁରୁଷ ବିବାହିତ ଥିବା ଜାଣି ମଧ୍ୟ ମହିଳା ଯଦି ତାଙ୍କ ସହ ଯୌନ ସମ୍ପର୍କ ଜାରି ରଖିଥାନ୍ତି, ତେବେ ମିଥ୍ୟା ବିବାହ ପ୍ରତିଶ୍ରୁତିରେ ବଳାତ୍କାର ଅଭିଯୋଗକୁ ଗ୍ରହଣ କରାଯିବ ନାହିଁ ବୋଲି କେରଳ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଯୋଡ଼ିଙ୍କ ମଧ୍ୟରେ ଏଭଳି ଯୌନ ସମ୍ପର୍କକୁ କେବଳ ପ୍ରେମ ଓ ଆବେଗ କୁହାଯିବ, କିନ୍ତୁ ବିବାହ ପାଇଁ ମିଥ୍ୟା ପ୍ରତିଶ୍ରୁତି ଆଧାରିତ ବୋଲି କୁହାଯିବ ନାହିଁ। ଜଷ୍ଟିସ୍ କୌସେର ଏଡ଼ାଗାପାଥ୍ଙ୍କ ଖଣ୍ଡପୀଠ ଏଭଳି ରାୟ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ ମହିଳା ଜଣକ ୨୦୧୦ରୁ ଆବେଦନକାରୀଙ୍କ ସହ ଯୌନ ସମ୍ପର୍କ ରଖିଥିଲେ। ପୁରୁଷ ଜଣକ ବିବାହିତ ବୋଲି ସେ ୨୦୧୩ରେ ଜାଣିବାକୁ ପାଇଲେ। ଏହା ସତ୍ତ୍ୱେ ସେ ତାଙ୍କ ସହ ୨୦୧୯ ପର୍ଯ୍ୟନ୍ତ ଯୌନ ସମ୍ପର୍କ ଜାରି ରଖିଥିଲେ ବୋଲି ସ୍ୱୀକାର କରିଛନ୍ତି। ତେଣୁ ମିଥ୍ୟା ବିବାହ ପ୍ରତିଶ୍ରୁତି ଦେଇ ପୁରୁଷ ଜଣକ ଯୌନ ସମ୍ପର୍କ ରଖିଥିବା ଅଭିଯୋଗକୁ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ବିବାହ ପ୍ରତିଶ୍ରୁତି ଦେଇ ଯୌନ ସମ୍ପର୍କ ରଖିବା ପରେ ଯଦି ପ୍ରତିଶ୍ରୁତି ଭଙ୍ଗ କରାଯାଏ, ତେବେ ଆଇପିସିର ଧାରା ୩୭୬ରେ ବଳାତ୍କାର ମାମଲା ରୁଜୁ ହୋଇପାରିବ। ଏଠାରେ ମହିଳା ଜଣକ ପୁରୁଷଙ୍କୁ ବିବାହିତ ଜାଣି ମଧ୍ୟ ସମ୍ପର୍କ ରଖିଥିବାରୁ ଏଠାରେ ମିଥ୍ୟା ବିବାହ ପ୍ରତିଶ୍ରୁତିର ଆଳ ଦେଖାଯାଇପାରିବ ନାହିଁ। ଆବେଦନକାରୀଙ୍କ ବିରୋଧରେ ଆଇପିସିର ଧାରା ୩୭୬ ସମେତ, ୪୦୬ ଏବଂ ୪୨୦ରେ ରୁଜୁ ହୋଇଥିବା ମାମଲା ଖାରଜ କରିଦେବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।







ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ଅକ୍ଟୋବର ୯/୨୦୨୨ | Sambalpur, Sunday, October 9/2022 | ପୃଷ୍ଠା-୧

# ବିଲୁପ୍ତି ପଥେ ମୂଷାନଈ

ଏକଦା ପୁରୀର ଜୀବନରେଖା କୁହାଯାଉଥିବା ମୂଷାନଈ ବିଲୁପ୍ତ ହେବାକୁ ବସିଲାଣି। ଜବରଦଖଲ ଓ ବେଆଇନ କୋଠାବାଡ଼ି ନିର୍ମାଣ ଯୋଗୁ ଏହା ସଙ୍କୁଚିତ ହୋଇ ଏବେ ଏକ କ୍ଷୁଦ୍ର ଜଳାଶୟ ପାଲଟିଛି। ମୂଷାନଈର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନା ଶ୍ରୀଜଗନ୍ନାଥ ହେରିଟେଜ୍ କରିଡର(ଏସ୍‌ଜେଏଚ୍‌ସି) ଅଧୀନରେ ସ୍ଥିର କରାଯାଇଥିଲା। ଏପରି କି ଅଗ୍‌ମେଣ୍ଟେଶନ୍ ଅଫ୍ ବେସିକ୍ ଆମେନିଟିଜ୍ ଆଣ୍ଡ୍ ଡେଭେଲପମେଣ୍ଟ ଅଫ୍ ହେରିଟେଜ୍ ଆଣ୍ଡ୍ ଆର୍କିଟେକ୍ଟର (ଅବଢ଼ା) ଯୋଜନାରେ ୨୫୦ କୋଟି ଟଙ୍କା ବ୍ୟୟରେ ମୂଷା ରିଭରଫ୍ରଣ୍ଟକୁ ବିକଶିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ୨୦୨୧ ନଭେମ୍ବର ୧୫ରେ ଏହାର ପ୍ରଥମ ପର୍ଯ୍ୟାୟ ଉନ୍ନତୀକରଣ ବ୍ଲୁପ୍ରିଣ୍ଟ ଜାରି କରାଯାଇଥିଲା। ଉକ୍ତ ବ୍ଲୁପ୍ରିଣ୍ଟ ଅନୁସାରେ ନଈ ଦୁଇପାର୍ଶ୍ୱରେ ୪୬ ଏକର ଜମି ଅଧିଗ୍ରହଣ କରାଯିବା କଥା। କିନ୍ତୁ ପୁରୀ ଜିଲା ପ୍ରଶାସନ ୱେବ୍‌ସାଇଟରେ ପ୍ରଦତ୍ତ ତଥ୍ୟାନୁସାରେ ଅଦ୍ୟାବଧି ମାତ୍ର ୧୪ ଏକର ୨୮୨ ଡେସିମିଲ ଜାଗା ଅଧିଗ୍ରହଣ କରାଯାଇଛି। ଇଚ୍ଛାଶକ୍ତିର ଅଭାବ ଅଗ୍ରଗତିରେ ବାଧକ ସାଜିଥିବା କୁହାଯାଉଛି।


ପୁରୀ ମୂଷାନଈ ପଠା ହୁଲୁହୁଲିଆ ପୋଲ ନିକଟରେ ବେଆଇନ ନିର୍ମାଣ କାର୍ଯ୍ୟ ଚାଲିଛି।

**ପୁରୀ ଅଫିସ, ୮।୧୦**

ଦିନ ଥିଲା ଶ୍ରୀକ୍ଷେତ୍ର ପୁରୀର ପ୍ରମୁଖ ଜଳଉତ୍ସ ତଥା ଜୀବନରେଖା ଭାବେ ପରିଚିତ ଥିଲା ଐତିହ୍ୟସମ୍ପନ୍ନ ମୂଷାନଈ। ଏହା ଏବେ ଜମି ମାଫିଆଙ୍କ କବଳରେ ପଡ଼ି ନିଜ ଅସ୍ତିତ୍ୱ ହରାଇବାକୁ ବସିଲାଣି। ହୁଲୁହୁଲିଆ ପୋଲ ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ବ୍ୟାପକ ଜବରଦଖଲ ହେବା ଫଳରେ ମୂଷାନଈ ସଙ୍କୁଚିତ ହୋଇଗଲାଣି। ନଦୀ ପ୍ରବାହିତ ହେବା ପାଇଁ ଖାଲି ସ୍ଥାନ ନ ଥିବାରୁ ଏହା କ୍ରମଶଃ ପୋତି ହୋଇପଡୁଛି। ସମ୍ପୃକ୍ତ ଅଞ୍ଚଳରେ ବଢ଼ିଚାଲିଥିବା ଜବରଦଖଲ

## ଯୋଜନା ଥାଇ ପୁନରୁଦ୍ଧାର ହେଉନି

- ଦଳ କାଢ଼ିବାକୁ ୫ କୋଟି ଖର୍ଚ୍ଚ, ଫଳ ଶୂନ
- ଜବରଦଖଲ ବିରୋଧରେ ହେଉନି କାର୍ଯ୍ୟାନୁଷ୍ଠାନ

ଅଭିଯୋଗ ପ୍ରଶାସନ ପାଖରେ ପହଞ୍ଚୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ।

ମୂଷାନଈର ପ୍ରଥମ ନାମ ଥିଲା ଅଠରନଳା ନଦୀ। ଅଠରନଳାର ଐତିହ୍ୟ ମଧ୍ୟରେ ମୂଷାନଈ ସାମିଲ। ଭାର୍ଗବୀ ନଦୀର ଶାଖାନ୍ତ ମୂଷାନଈ ହୁଲୁହୁଲିଆ ପୋଲ ଦେଇ ଅଠରନଳା ତଳେ ଯାଇ ମଙ୍ଗଳା ନଦୀରେ ମିଶିଥିଲା। ମୂଷାନଈ ପୁରୀ ସହରର ଜଳ ନିଷ୍କାସନ ବ୍ୟବସ୍ଥାର ଏକ ପ୍ରମୁଖ ଭାଗ ଥିଲା। ତୀର୍ଥ ପୁଷ୍କରିଣୀ ନରେନ୍ଦ୍ର ପୋଖରୀ ମଧ୍ୟ ମୂଷାନଈ ଉପରେ ନିର୍ଭରଶୀଳ ଥିଲା। ମୂଷାନଈ ଓ ନରେନ୍ଦ୍ର ପୋଖରୀ ଭିତରେ ଏକ ବାଟ ରହିଥିଲା। ନରେନ୍ଦ୍ର ପୋଖରୀରେ ଜଳସ୍ତର ଅଧିକ ହେଲେ ପାଣି ସ୍ୱତଃ ମୂଷାନଈକୁ ନିଷ୍କାସିତ ହୋଇଯାଉଥିଲା। ସେହିଭଳି ପୁରୀ ସହରର ଗୋଟିଏ ☞ପୃଷ୍ଠା–୨

## ରାଜ୍ୟରେ ୫ ବର୍ଷରେ ୨୦ ହଜାର ମାନବାଧିକାର ଉଲ୍ଲଂଘନ ମାମଲା

**ଭୁବନେଶ୍ୱର,୮।୧୦(ବ୍ୟୁରୋ)**

ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)ରେ ମାମଲା ସଂଖ୍ୟା ବଢ଼ିବାରେ ଲାଗିଛି। ୨୦୨୧–୨୨ ଆର୍ଥିକବର୍ଷ ଶେଷ ସୁଦ୍ଧା ଓଏଚ୍‌ଆର୍‌ସିରେ ୧୭,୪୧୮ଟି ମାନବିକ ଅଧିକାର ଉଲ୍ଲଂଘନ ମାମଲା ରୁଜୁ ହୋଇଛି। ଗତ ୫ ବର୍ଷରେ ରାଜ୍ୟରେ ☞ପୃଷ୍ଠା–୨




# ୯ବର୍ଷର ପୁତୁରାଙ୍କୁ ଚେଙ୍କ

- କାମ ନ କରିବାରୁ ଦିଆଯାଉଥିଲା ନିର୍ଯାତନା
- ମାମଲା ରୁଜୁ, ଅଭିଯୋଗ ଖଣ୍ଡନ କଲେ ଖୁଡ଼ୀ

**କଟକ ଅଫିସ, ୮।୧୦**

ମା'ଙ୍କ ଅକାଳ ବିୟୋଗ ପରେ ବାପା ୨ୟ ବିବାହ କଲେ। ହେଲେ ସେମାନଙ୍କଠାରୁ ଠିକ୍‌ରେ ଯତ୍ନ ନ ପାଇବାରୁ ଦାଦାଖୁଡ଼ୀଙ୍କୁ ଭରସା କଲେ। ସେମାନେ ମଧ୍ୟ ନିଷ୍ଠୁର ହୋଇଗଲେ। ପାଠପଢ଼ା ବୟସରେ କାମ ନ କରିବାରୁ ୯ବର୍ଷୀୟ ପୁତୁରାଙ୍କୁ ଦାଦାଖୁଡ଼ୀ ବେଲ୍‌ଟରେ ମାରିବା ସହ ଚେଙ୍କ ଦେଇଛନ୍ତି। ଏହି ଘଟଣା ସମ୍ପର୍କରେ ସମ୍ପୃକ୍ତ ନାବାଳକଙ୍କ ଅଜା ଏବଂ ଆଈ ଜାଣିବା ପରେ ମର୍କତନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାକୁ ଗୁରୁତର ସହ ନେଇ ଆଇପିସି ଦଫା ୩୨୩,୩୨୪,୫୦୬, ୩୪ ଏବଂ ଜୁଭେନାଇଲ୍ ଜଷ୍ଟିସ ଆକ୍ଟର ଦଫା ୨୬ରେ ସମ୍ପୃକ୍ତ ଦାଦା ଓ ଖୁଡ଼ୀଙ୍କ ବିରୋଧରେ ଏକ ମାମଲା(ନଂ.୧୯୦/୨୦୨୨) ରୁଜୁ କରିଛି। ତଦନ୍ତ ଆରମ୍ଭ ହୋଇଛି, ସମ୍ପୃକ୍ତ ନାବାଳକଙ୍କୁ ସିଡବ୍ଲ୍ୟୁସି ନିକଟରେ ହାଜର କରାଯିବ ବୋଲି ପୋଲିସ କହିଛି।

ମିଳିଥିବା ସୂଚନା ଅନୁସାରେ ଢେଙ୍କାନାଳ ଅଞ୍ଚଳର ଜଣେ ନାବାଳକଙ୍କ ମା'ଙ୍କ ୪ବର୍ଷ ତଳେ ମୃତ୍ୟୁ ଘଟିଥିଲା। ମା'ଙ୍କ ମୃତ୍ୟୁ ପରେ ସେ ବାପା ଏବଂ ସାବତ ମା'ଙ୍କ ନିକଟରେ ରହୁଥିଲେ। ହେଲେ ସେଠାରେ ବାପା ଏବଂ ସାବତ ମା'ଙ୍କ ମଧ୍ୟରେ ଝଗଡ଼ା ହେବାରୁ ଗତ ମାର୍ଚ୍ଚ ମାସରେ କଟକ ସିଡିଏ ସେକ୍ଟର–୬ ଅଞ୍ଚଳରେ ରହୁଥିବା ନାବାଳକଙ୍କ ଦାଦା ଓ ଖୁଡ଼ୀ ତାଙ୍କୁ ପାଠପଢ଼ାଇବା ପାଇଁ ନିଜ ପାଖକୁ ଆଣିଥିଲେ। ତେବେ ପାଠ ପଢ଼ାଇବା ବଦଳରେ ସେମାନେ ନାବାଳକଙ୍କୁ ବିଭିନ୍ନ କାମରେ ନିୟୋଜିତ କରୁଥିଲେ। କାମ ନ କଲେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ନିକଟରେ ଦାଦା ଖୁଡ଼ୀ ମିଶି ତାଙ୍କୁ ଚେଙ୍କ ଦେବା ସହ ବେଲ୍ଟରେ ମାଡ଼ ମାରିଥିଲେ। ଦଶହରାରେ ନାବାଳକ ଜଣକ ଅଜାଙ୍କ ଘରକୁ ବୁଲିବାକୁ ଯାଇଥିବାବେଳେ ଚେଙ୍କ ଦାଗ ଶରୀରରେ ଦେଖି କେମିତି ହେଲା ବୋଲି ପଚାରିଥିଲେ। ଏହା ପରେ ନାବାଳକ ଜଣକ ସବୁକଥା ଅଜାଆଈଙ୍କ ନିକଟରେ ବର୍ଣ୍ଣନା କରିଥିଲେ। ☞ପୃଷ୍ଠା–୨

# ୨ ନକ୍ଷତ୍ରପୁଞ୍ଜ ଧକ୍କା ହୋଇପାରେ



## ନାସାର ହବଲ୍ ଟେଲିସ୍କୋପ୍‌ରେ ବିରଳ ଦୃଶ୍ୟ

**ୱାଶିଂଟନ୍, ୮।୧୦**

ଆମେରିକୀୟ ମହାକାଶ ଗବେଷଣା ଏଜେନ୍ସି ନାସାର ହବଲ୍ ଟେଲିସ୍କୋପ୍ ପରସ୍ପରର ସାମ୍ନାରେ ଥିବା ନକ୍ଷତ୍ରପୁଞ୍ଜ ଯୋଡ଼ିର ବିସ୍ମୟକର ଚିତ୍ର ଉତ୍ତୋଳନ କରିଛି। ଏହି ଗ୍ୟାଲେକ୍ସି ଯୋଡ଼ିର ନାମ ଏଆର୍‌ପି–ମାଡୋର ୬୦୮–୩୩୩ ରଖାଯାଇଛି। ଟେଲିସ୍କୋପ ଫଟୋରେ ଆକାଶଗଙ୍ଗା ଦ୍ୱୟ ଭାସମାନ ଅବସ୍ଥାରେ ଥିବା ଦେଖାଯାଇଛି। ଫଟୋରେ ଉଭୟେ ଶାନ୍ତ ଭଳି ଦୃଶ୍ୟମାନ ହେଉଥିଲେ ହେଁ ପରସ୍ପରର ମାଧ୍ୟାକର୍ଷଣ ଶକ୍ତି ଯୋଗୁ ଉଭୟେ ନିକଟତର ହେଉଛନ୍ତି। ଫଳରେ ଏହି ଦୁଇ ନକ୍ଷତ୍ରପୁଞ୍ଜ ପରସ୍ପର ସହ ଧକ୍କା ହେବାର ଯଥେଷ୍ଟ ଆଶଙ୍କା ରହିଥିବା ନାସା ପକ୍ଷରୁ କୁହାଯାଇଛି।

ହବଲ ଟେଲିସ୍କୋପର ଆଡ୍‌ଭାନ୍ସଡ୍ କ୍ୟାମେରା ଫର୍ ସର୍ଭେ (ଏସିଏସ୍)ରେ ଏହି ଦୃଶ୍ୟ କଏଦ ହୋଇଛି। ମହାକାଶରେ ରେଡ୍ ୱେଭ ଲେନ୍ଥ ବା ଲାଲ୍ ତରଙ୍ଗ ଦୈର୍ଘ୍ୟ ଏବଂ ଦୃଶ୍ୟମାନ ଏରିଆର ବିସ୍ତୃତ ସର୍ଭେ ନିମନ୍ତେ ଏସିଏସ୍‌କୁ ଡିଜାଇନ୍ କରାଯାଇଥିଲା, ଯାହାକି ପୂର୍ବ ହବଲ କ୍ୟାମେରା ୱାଇଡ୍ ଫିଲ୍ଡ ☞ପୃଷ୍ଠା–୨



Honda Motorcycle & Scooter India Pvt. Ltd., Registered Office: Plot No. 1, Sector - 03, IMT Manesar, Distt. Gurugram, (Haryana) - 122050, India; Website: www.honda2wheelersindia.com; Customer Care: customercare@honda2wheelersindia.com

Honda Exclusive Authorized Dealerships: ATTABIRA: TS Motors - 06682-221001, 9178653139, T.S. Honda - 9178653139, 9438771477; BARGARH: Aashirbad Honda - 06646-246066, 7873234466; BELPAHAR: Bharat Honda - 8018157547; BHAWANIPATNA: Mahesh Honda - 8456818116, 06670-235633; BOLANGIR: Amarnath Honda - 8895255855, 8895258555; BRAJRAJNAGAR: JaiswaL Honda - 977747788; JHARSUGUDA: Gajraj Honda - 9337645411; JUNAGARH: Jaga Janani Honda - 9583794900; KHARIAR ROAD (NUAPADA): Ambika Honda - 9938061333, 9737643030; KUCHINDA: Krishna Honda - 06642-220346, 7894277470; RAJGANGPUR: Naisha Honda - 7008614081, 06624220051; RAJKHARIAR: Shree Shyamji Honda- 9178999997; RENGALI: BP Honda - 7377777362; ROURKELA: Koshala Honda - 9861188888, 9337749281; Harsheel Honda - 9337408180, 8658045660; SAMBALPUR: Jas Honda - 9178120526, 9238364199; SONEPUR: Meher Honda - 09937771704, 06654220200; SUNDARGARH: MaaSamaleswari Honda - 9938198641, 8984873500; TITLAGARH: Tanishta Honda - 09437037314; KANTABANJI: Ajay Honda - 8260211111; DHARAMGARH: Bharat Honda - 7008606855; KESINGA: Jagadamba Honda - 7978581295.
For Bulk/Institutional enquiries, please write us at: institutionalsales@honda2wheelersindia.com

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ପ୍ରଜ୍ଞା
ପରିବାରବର୍ଗ


ତିତିଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ପୋଇଲି,**
**ଆମ୍ବ ଟାକୁଆରେ ଥାଏ କୋଇଲି ।**

ଆଗ କାଳରେ ଝିଅ ବୋହୂମାନେ ଘରୁ ବାହାରକୁ ଯିବା ନିମନ୍ତେ ନାନା ପ୍ରକାରର ପ୍ରତିବନ୍ଧକ କଟକଣାର ସମ୍ମୁଖୀନ ହେଉଥିଲେ। ଆମ୍ବ ଟାକୁଆ ଭିତରେ ଯେମିତି କୋଇଲି ରହିଥାଏ ସେମାନେ ସେମିତି ଘରର ଚାରିକାନ୍ଥ ମଧ୍ୟରେ ଆବଦ୍ଧ ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଝୁଲ ପିନ୍ଧିଛି ହାତୀ;**
**ଝୁଲୁଝୁଲୁ ଏବେ ପାହିଲା ରାତି।**

ଅଳଙ୍କାର ପ୍ରତି ମହିଳାମାନଙ୍କ ମନରେ ରହିଥାଏ ଅନେକ ଦୁର୍ବଳତା। ସୁନାର ଗହଣା ଗାଣ୍ଠି ପିନ୍ଧି ନିଜକୁ ସଜ୍ଜିତ କରାଇ ଅନ୍ୟ ଆଗରେ ବୁଲି ଦେଖେଇ ହେବାରେ ସେମାନେ ଖୁସି ଅନୁଭବ କରିଥାନ୍ତି। ସାମାନ୍ୟ ଅଳଙ୍କାର ଟିକିଏ ପିନ୍ଧି ମହିଳା ଅନ୍ୟ ଆଗରେ ନିଜର ଫୁଲାଣିଆ ଭାବଭଙ୍ଗୀ ଦେଖେଇ ହେଉଥିବା ନେଇ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା ପାଇଁ ଉଦ୍ୟମ କରିଥିଲେ ଜୟପ୍ରକାଶ

**ଭୁବନେଶ୍ୱର,୮।୧୦(ବ୍ୟୁରୋ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୪୩ତମ ଶ୍ରାଦ୍ଧୋତ୍ସବ ଭୁବନେଶ୍ୱର ରେଳଷ୍ଟେଶନ ସମ୍ମୁଖ ପ୍ରତିମୂର୍ତ୍ତି ସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଆରମ୍ଭରେ ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ଲୋକନାୟକଙ୍କ ବନ୍ଦନା ଗାନ କରିଥିଲେ। ବିଧାୟକ ପ୍ରଫୁଲ୍ଲ ସାମଲ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ଉଇ ଫର୍ ଭୁବନେଶ୍ୱରର କର୍ମକର୍ତ୍ତା ନରେନ୍ ସାହୁ, ଉମାନାଥ ମିଶ୍ର, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ସତ୍ୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ କହିଥିଲେ, ଲୋକନାୟକ ଜୟପ୍ରକାଶ ବିଦେଶରେ ଶିକ୍ଷାଲାଭ କରିଥିଲେ ମଧ୍ୟ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ତ୍ରୀ ପ୍ରଭାବତୀଙ୍କ ସହିତ କଂଗ୍ରେସ ଦଳରେ ଯୋଗଦେଇଥିଲେ। ସ୍ୱାଧୀନତା ସଂଗ୍ରାମରେ ସାମିଲ୍ ହୋଇ ବହୁବାର କାରାବରଣ କରିଥିଲେ। ପରେ ସେ କଂଗ୍ରେସ ପରିତ୍ୟାଗ କରି ଭାରତ ବର୍ଷରେ ଗଣତନ୍ତ୍ରକୁ ସୁରକ୍ଷା ଦେବାପାଇଁ ସଂପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନ ଆରମ୍ଭ କରି ଯୁବ, ଛାତ୍ରଙ୍କୁ ଏହି ଆନ୍ଦୋଳନରେ ସାମିଲ କରିପାରିଥିଲେ। କୌଣସି କ୍ଷମତା ଓ ପଦପଦବୀ ମୋହକୁ ପରିତ୍ୟାଗ କରି ଭାରତ ବର୍ଷର ସାଧାରଣ ଲୋକଙ୍କ ଅଧିକାର ପାଇଁ ସେ ସାମଗ୍ରିକ ଜୀବନ ଲଢେଇ କରିବା ସହିତ ଭାରତ ବର୍ଷରେ ସୁସ୍ଥ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାର ସୁରକ୍ଷା ପାଇଁ ନିରନ୍ତର ଉଦ୍ୟମ କରିଥିଲେ।



# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସାଧାରଣ ଘଟଣାରେ ବନ୍ଧୁ ସମ୍ପର୍କ ଫିକା ପଡ଼ିଯିବ, ଯାନବାହନରେ ଅସୁବିଧାର ସମ୍ମୁଖୀନ ହେବେ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ସମ୍ପୂର୍ଣ୍ଣ ଉନ୍ନତି ଦେଖାଦେବ। ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିବେ। ତଥାପି ସେମିତି କିଛି ଅସୁବିଧା ହେବନି। ପ୍ରଶାସନ, ପ୍ରକାଶନ, ଅଧ୍ୟୟନ, ଅଧ୍ୟାପନା ଓ ସାମ୍ବାଦିକତା କ୍ଷେତ୍ରରୁ ଶୁଭଫଳ ମିଳିବ।

**ବୃଷ** ପରିବାରରେ ସାଧାରଣ କଥାରେ କ୍ଷୁବ୍ଧ ହୋଇ ସ୍ତ୍ରୀ ମୁହଁ ଫେରାଇ ନେଇପାରନ୍ତି। ବ୍ୟବସାୟ ଓ ପରିବହନ କ୍ଷେତ୍ରରୁ ଲାଭବାନ୍ ହେବେ। ଅବଶ୍ୟ ସାଧାରଣ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଯାତ୍ରା ସଫଳ ହେବ। ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିବେ ସତ, କିନ୍ତୁ ଅବହେଳାଜନିତ କୌଣସି ଉପଚାର କରିପାରନ୍ତି ।

**ମିଥୁନ** ଅସ୍ଥିର ମନ ହେତୁ କଥାରେ ସଂଯମତା ହରାଇବେ ଓ ସମସ୍ୟାକୁ ଡାକି ଆଣିଲା ଭଳି କାମ କରିବେ। ଅପରାହ୍ନେ ଅର୍ଥ ପାଇବେ ଓ କାମଟି ବିଳମ୍ବରେ ହେବ। କ୍ରୀଡ଼ା, କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ଉଚ୍ଚ ସମ୍ମାନ ପାଇପାରନ୍ତି। ନିଜ ଗୃହ ସମସ୍ୟାକୁ ସଜାଡ଼ିବାକୁ ଯାଇ ବହୁତ ହଇରାଣ ହେବାକୁ ପଡ଼ିପାରେ।

**କର୍କଟ** କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ତାହାକୁ ଠିକ୍ ଭାବରେ ସାମ୍ନା କରିବାରେ ସାହସ ଜୁଟିଯିବ। ବିତର୍କଜନିତ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। କଚେରି ମାମଲାର ଆଶୁ ଶୁଣାଣି ହେବ, କିନ୍ତୁ ସନ୍ତୋଷ ପାଇ ପାରିବେ ନାହିଁ।

**ସିଂହ** ପୂର୍ବ ଶତ୍ରୁତାର କୁଫଳ ସଦୃଶ ସମ୍ପର୍କୀୟଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବାରେ ସହାୟକ ହେବ। ପାରିବାରିକ କ୍ଷେତ୍ରରେ କିଛି କହିବା ଅପେକ୍ଷା ବରଂ ନୀରବ ରହିପାରିଲେ ଭଲ ହେବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ, ମାତ୍ର କାମର ଚାପ ବଢ଼ିଯିବ ।

**କନ୍ୟା** ସମସ୍ୟା ସମାଧାନ ପାଇଁ ଯେତେ ଚେଷ୍ଟା କଲେ ମଧ୍ୟ ପାରିବେ ନାହିଁ। ପରିବାର ଭିତରେ କିଛିଟା ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ନିଜ ପରିସରରେ ପିଲାମାନଙ୍କ ସକାଶେ ଅନ୍ୟମାନଙ୍କ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ିବ। ବନ୍ଧୁଙ୍କ ଅନୁରୋଧ କ୍ରମେ ଭ୍ରମଣ କାରଣରୁ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ତୁଳା** ଅର୍ଥ କିମ୍ବା କୌଣସି ଜିନିଷପତ୍ର ପାଇବାରେ କଳହର ସମ୍ମୁଖୀନ ହୋଇପାରନ୍ତି। କର୍ମକ୍ଷେତ୍ରରେ ରହିଥିବା କାରଣରୁ ଗୁଡ଼ାଏ କାମ ହାତକୁ ନେଇ ବ୍ୟଥିତ ହେବେ। ଅପ୍ରିୟ ସତ୍ୟ କଥା ପ୍ରକାଶ କରିବା ଦ୍ୱାରା ସମ୍ମାନ ବୃଦ୍ଧି ପାଇବ, କିନ୍ତୁ ପରୋକ୍ଷ ଶତ୍ରୁତା ମଧ୍ୟ ସୃଷ୍ଟି ହେବ। ଅପରାହ୍ନରେ ବହୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ।

**ବିଛା** କର୍ମକ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ଅନ୍ୟଙ୍କୁ ଆପଣେଇ ନେବେ। ପରିଜନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଜନିତ ବିଚଳିତବୋଧ କରିପାରନ୍ତି। ଏଜେନ୍ସିପ୍, ସାହିତ୍ୟ, ସାମ୍ବାଦିକତା, ରାଜନୀତି, ନୂତନ କର୍ମାରମ୍ଭ, କଳା ପ୍ରଭୃତିରୁ ସୁଫଳ ପାଇବେ। ମହିଳାମାନେ ବ୍ୟସ୍ତତା ଭିତରେ କାର୍ଯ୍ୟ ସାଧନ କରିବେ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ନିଜର ବୁଦ୍ଧିମତ୍ତାର ଉପଯୋଗ କରି କୃତିତ୍ୱ ଅର୍ଜନ କରିବେ। କିନ୍ତୁ ଅନ୍ୟମନସ୍କତା କିମ୍ବା ବିସ୍ମରଣଜନିତ କୌଣସି ଜିନିଷ ହରାଇ ପାରନ୍ତି। ସହକର୍ମୀ, ଭାଇ ଭଉଣୀଙ୍କ ଦ୍ୱାରା କାର୍ଯ୍ୟ ସାଧନ କରିବେ। ଜୋର୍ କରି ଅନ୍ୟମାନଙ୍କଠାରୁ ଅର୍ଥ, କାମ, ଆଦାୟ କରିବାରେ ସଫଳ ହେବେ।

**ମକର** ଅଫିସ୍‌ରେ କିମ୍ବା କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ କାମରେ ସନ୍ତୁଷ୍ଟ ହୋଇପାରନ୍ତି। ପାରିବାରିକ ଜୀବନରେ ସ୍ତ୍ରୀଙ୍କ ସହ ମତାନ୍ତର ସୃଷ୍ଟି ହେବାର ସମ୍ଭାବନା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ନିର୍ମାଣ କ୍ଷେତ୍ରରେ ଝଗଡ଼ା ଲାଗିପାରେ। ବିବାଦୀୟ ଘଟଣାରେ ପ୍ରତିଦ୍ୱନ୍ଦିତା କ୍ରମଶଃ ବୃଦ୍ଧି ପାଇବ।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ଦୁଶ୍ଚିନ୍ତାର କାରଣ ହୋଇପାରେ। ପାରିବାରିକ କ୍ଷେତ୍ରରେ ସବୁ ଜାଣିଶୁଣି ନୀରବତା ଅବଲମ୍ବନ କରିବାକୁ ବାଧ୍ୟ ହେବେ। ସାମାଜିକ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଶତଭିଷା ନକ୍ଷତ୍ର ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ମୀନ** ଦୀର୍ଘଦିନ ହେଲା ଆପଣ ଯାହା ଆଶା କରୁଥିଲେ, ତାହା ବହୁତ ବିଳମ୍ବରେ ଅବଶ୍ୟ ମିଳିବ। ଆନୁଷ୍ଠାନିକ କାମରୁ କିମ୍ବା ଆଲୋଚନା ପରିସରରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଦୂରେଇ ଯିବ। ଅସୁସ୍ଥତା କାରଣରୁ କେତେକ କାମରେ ଅବହେଳା କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

ଆଜି ଅକ୍ଟୋବର ୯ ତାରିଖ, କୁମାରପୂର୍ଣ୍ଣମୀ, ଗଜଲକ୍ଷ୍ମୀ ପୂଜା, ଜହ୍ନିଓଷା ସମାପ୍ତ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ, ବିଶ୍ୱ ଡାକ ଦିବସ, ରାଷ୍ଟ୍ରୀୟ ଡାକ ସପ୍ତାହ, ରାଶି ନକ୍ଷତ୍ର-ଉତ୍ତରଭାଦ୍ରବ/ମୀନ, ଘ.୦୪।୨୦ ଗତେ, ରେବତୀ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଦିବା ଘ.୦୬।୨୯ ଗତେ ଘ.୦୮।୫୦ ମଧ୍ୟେ, ଘ.୦୧।୦୧ ଗତେ ଘ.୦୩।୦୪ ମଧ୍ୟେ, ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୫୭ମି. ଗତେ ଘ.୦୫।୨୪ମି. ମଧ୍ୟେ ରାହୁକାଳ।

# ଓସିଏସ୍ ପାଇଲେ କିସ୍‌ର ୪ ଛାତ୍ରୀଛାତ୍ର

**■ ୨୫ଜଣଙ୍କୁ ଜାତୀୟ ମେଧାବୃତ୍ତି**

**ଭୁବନେଶ୍ୱର,୮।୧୦(ବ୍ୟୁରୋ)**

ଚଳିତ ଶିକ୍ଷାବର୍ଷରେ ଆବାସିକ ଜନଜାତି ଅନୁଷ୍ଠାନ କିସ୍‌ର ଛାତ୍ରୀଛାତ୍ର ଉଚ୍ଚକୋଟୀର ଶୈକ୍ଷିକ ପ୍ରଦର୍ଶନ କରିଛନ୍ତି। ଓଡ଼ିଶା ସିଭିଲ୍ ସର୍ଭିସେସ୍ (ଓସିଏସ୍) ପରୀକ୍ଷାରେ କୃତକାର୍ଯ୍ୟ ୩୯୨ଜଣଙ୍କ ମଧ୍ୟରୁ କିସ୍‌ରୁ ୪ଜଣ ରହିଛନ୍ତି। ସେମାନେ ହେଲେ ମୟୂରଭଞ୍ଜ ଜିଲାର ରାଇମାତ ଟୁଡୁ, ବଲାଙ୍ଗୀରର ମଣ୍ଟୁ ଖମାରୀ ଓ ହେମନ୍ତ ପୁଟା ଏବଂ କଳାହାଣ୍ଡିର ନୀଳମାଧବ ପାତ୍ର। ଏହାବ୍ୟତୀତ କିସ୍‌ର ୨୫ଜଣ ଛାତ୍ରୀଛାତ୍ର ଚଳିତବର୍ଷ ନ୍ୟାଶନାଲ୍ ଫେଲୋଶିପ୍ ଫର୍ ସିଡ୍ୟୁଲ୍ଡ ଟ୍ରାଇବ୍ ମେଧାବୃତ୍ତି ପାଇ ପିଏଚ୍‌ଡି କରୁଛନ୍ତି। ପିଏଚ୍‌ଡି କରିବା ସମୟରେ ଏହି ଛାତ୍ରୀଛାତ୍ର କେନ୍ଦ୍ର ସରକାରଙ୍କଠାରୁ ମାସକୁ ୩୫ ହଜାର ଟଙ୍କା ଲେଖାଏ ମେଧାବୃତ୍ତି ପାଇବେ। ସେହିପରି ୧୭ଜଣ ଛାତ୍ରୀଛାତ୍ର ନିଟ୍‌ରେ ସଫଳତା ପାଇଥିବାବେଳେ ଜେଇଇ ଆଡ୍‌ଭାନ୍ସରେ ମଧ୍ୟ ୩ଜଣ କୃତକାର୍ଯ୍ୟ ହୋଇଛନ୍ତି। ଚଳିତବର୍ଷ ବିଭିନ୍ନ କ୍ଷେତ୍ରରେ ସଫଳତା ଲାଭ କରିଥିବା ଛାତ୍ରୀଛାତ୍ର କିସ୍ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଦେବା ସହ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ବିଲୁପ୍ତି ପଥେ ...

ପାର୍ଶ୍ୱରେ ସମୁଦ୍ର ଓ ଅନ୍ୟ ପାର୍ଶ୍ୱରେ ଥିବା ନଦୀଟି ନିମ୍ନଗାମୀ। ଏଣୁ ସହରରେ ପାଣି ପଶିବା ମାତ୍ରେ ତାହା ମୂଆନଈକୁ ନିଷ୍କାସିତ ହେଉଥିଲା। ନଦୀ ଜଳ ଭାର୍ଗବୀ ଓ ଅପରପାର୍ଶ୍ୱରେ ମଙ୍ଗଳା ନଦୀ ସହ ମିଶୁଥିଲା। ହେଲେ ଗତ ଦୁଇ ଦଶନ୍ଧି ଭିତରେ ମୂଷାନଈ ସଙ୍କୁଚିତ ହୋଇପଡ଼ିଛି। ନବକଳେବର ରାସ୍ତା ପାର୍ଶ୍ୱକୁ ଛାଡ଼ି ଅନ୍ୟ ସବୁପଟେ ନଈକୁ ଜବରଦଖଲ କରିନିଆଯାଇଛି।

ସରକାରୀ ସ୍ତରରେ ମୂଷାନଈର ପୁନରୁଦ୍ଧାର ପାଇଁ ୨୦୦୫ ଜୁନ୍ ୧୨ରେ ପ୍ରଥମେ ଉଦ୍ୟମ ଆରମ୍ଭ ହୋଇଥିଲା। ଜବରଦଖଲକୁ ବାଦ୍ ଦେଇ ନଦୀର ଅବଶିଷ୍ଟ ଭାଗକୁ କିପରି ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କରାଯାଇପାରିବ ସେଥିଲାଗି ପ୍ରୟାସ କରାଯାଇଥିଲା। ମାତ୍ର ତାହା ଫଳପ୍ରଦ ହୋଇପାରିନାହିଁ। ପ୍ରଶାସନ ପକ୍ଷରୁ ଭିତ୍ତିପ୍ରସ୍ତର ସ୍ଥାପନ କରି ଦଳ କଢ଼ା, ବୋଟିଂ ସୁବିଧା ଓ ଦୋକାନ ଘର ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ୮୦ ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। ଏହାପରେ ବିଭିନ୍ନ ପର୍ଯ୍ୟାୟରେ ଅର୍ଥ ମଞ୍ଜୁର ହୋଇ କାମ ଆରମ୍ଭ ହୋଇଥିଲେ ହେଁ ଆଗକୁ ବଢ଼ିପାରିନାହିଁ। କେବଳ ଦଳ କାଢ଼ିବା ପାଇଁ ସରକାର ୫ କୋଟି ଟଙ୍କା ଖର୍ଚ୍ଚ କଲେଣି। ସେହିଭଳି ନବକଳେବର ସମୟରେ ମୂଷାନଈର ପୁନରୁଦ୍ଧାର ପାଇଁ ପୁଣି ଥରେ ଉଦ୍ୟମ କରାଯାଇଥିଲା। ୨୦୧୭ ଡିସେମ୍ବର ୬ରେ ସାନି ଟେଣ୍ଡର ହେଲା। ସ୍ୱେରେଜ ବିଭାଗ କୌଣସି ଘରୋଇ ସଂସ୍ଥାକୁ ଦାୟିତ୍ୱ ନ ଦେଇ ନିଜେ ବୁଝିଲା। ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ୮ କୋଟି ୪୧ ଲକ୍ଷ ଟଙ୍କା ବ୍ୟୟବରାଦ ହେଲା। ମାତ୍ର ସେହି କାର୍ଯ୍ୟ ୧୦ ପ୍ରତିଶତ ବି ପୂରା ହୋଇପାରିଲା ନାହିଁ। ଏହାପରେ ଅବଢ଼ା ଯୋଜନାରେ ୪୫ ଲକ୍ଷ ଓ ହୃଦୟ ଯୋଜନାରେ ପ୍ରାୟ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇସାରିଛି। ଏ ନେଇ ବୁଦ୍ଧିଜୀବୀ ବଦ୍ରି ମିଶ୍ର କହିଛନ୍ତି, ମୂଷାନଈ ପାର୍ଶ୍ୱ ଏକ ଛୋଟ ଅଣଓସାରିଆ ଜାଗାରେ କେବଳ ରାସ୍ତା ଓ ବସିବାକୁ ସିମେଣ୍ଟ ବେଞ୍ଚ ନିର୍ମାଣ କରି ସରକାର ନିଜ ଦାୟିତ୍ୱରୁ ମୁକ୍ତ ହୋଇଗଲେ। ମୂଷାନଈକୁ ଜବରଦଖଲ ମୁକ୍ତ କରିବା ପାଇଁ ପ୍ରଶାସନିକ ଅବହେଳା ଏବଂ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଦେଖାଦେଇଛି। ସହରକୁ ଜଳବନ୍ଦୀରୁ ମୁକ୍ତ କରିବାକୁ ହେଲେ ମୂଷାନଈର ସମ୍ପ୍ରସାରଣ ସମେତ ମୂଷାନଈକୁ ଜବରଦଖଲ ମୁକ୍ତ କରାଯିବାର ଆବଶ୍ୟକତା ରହିଛି ବୋଲି ଅଞ୍ଚଳବାସୀ ମତ ଦେଇଛନ୍ତି। ସଦର ତହସିଲଦାର ରବୀନ୍ଦ୍ର କୁମାର ପ୍ରଧାନ କହିଛନ୍ତି, ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ମୋର ଧାରଣା ନାହିଁ। କେଉଁ ସବୁ ସ୍ଥାନରେ ଜବରଦଖଲ ହୋଇଛି ତାହା ଚିହ୍ନଟ କରିବାକୁ ପଡ଼ିବ। ଏ ନେଇ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ଅବଢ଼ା ଯୋଜନାରେ ସାମିଲ ପ୍ରକଳ୍ପ ମଧ୍ୟରେ ମୂଷା ନଈ ସମ୍ପ୍ରସାରଣ ସାମିଲ ରହିଛି। ତେବେ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଶେଷ ହୋଇଥିବା ବେଳେ ପ୍ରଥମେ କୋଭିଡ୍ ଓ ଲଗାଣ ବର୍ଷା କାରଣରୁ ପ୍ରକଳ୍ପ କାର୍ଯ୍ୟ ଆଗେଇପାରୁ ନାହିଁ। ଖୁବ୍‌ଶୀଘ୍ର ପ୍ରକଳ୍ପ କାର୍ଯ୍ୟକୁ ଶେଷ କରିବା ପାଇଁ ଯୋଜନା ରଖାଯାଇଛି। ଏଥିସହ ମୂଷାନଈରେ ବୋଟିଂ ଓ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ସହ ମୂଷାନଈ ପୁନରୁଦ୍ଧାର କାର୍ଯ୍ୟ ମଧ୍ୟ ଆଗେଇବ।

### ୨ ନକ୍ଷତ୍ରପୁଞ୍ଜ ଧକ୍କା ...

ପ୍ଲାନେଟାରି କ୍ୟାମେରା ୨(ଡବ୍ଲ୍ୟୁଏଫ୍‌ପିସି୨) ତୁଳନାରେ ୧୦ ଗୁଣ ଅଧିକ ଦକ୍ଷତାସମ୍ପନ୍ନ। ଅତି ନିକଟରେ ଥିବାରୁ ଗ୍ୟାଲେକ୍ସି ଦ୍ୱୟର ମାଧ୍ୟାକର୍ଷଣ ପରସ୍ପରର ଘୂର୍ଣ୍ଣନ ଚକ୍ରକୁ ପ୍ରଭାବିତ କରୁଛି। ପରସ୍ପରର ନିକଟତର ହେଉଥିବା ଗ୍ୟାଲେକ୍ସିର ଭବିଷ୍ୟତ ଉପରେ ଅଧିକ ଗବେଷଣା ଓ ବିସ୍ତୃତ ଅଧ୍ୟୟନ ପାଇଁ ହବଲ ସମେତ ଗ୍ରାଉଣ୍ଡ-ବେସ୍‌ଡ ଟେଲିସ୍କୋପ ଏବଂ ନାସା, ଇଏସ୍‌ଏ, ସିଏସ୍ ଦ୍ୱାରା ମହାକାଶ ଗବେଷଣା କାର୍ଯ୍ୟରେ ଲାଗିଥିବା ଜେମ୍ସ ୱେବ୍ ଟେଲିସ୍କୋପକୁ ବ୍ୟବହାର କରାଯିବା ଲକ୍ଷ୍ୟ ରହିଛି। ନିକଟରେ ହବଲ୍, ଜେମ୍ସ ୱେବ୍ ଟେଲିସ୍କୋପ ସହ ମିଶି ଜୀବନ ଶେଷ ହେବାରେ ଲାଗିଥିବା ତାରକାରୁ ବାହାରୁଥିବା ଆବର୍ଜନା ବା ଇଣ୍ଟରଷ୍ଟେଲାର ଡଷ୍ଟ ଉପରେ ଅଧ୍ୟୟନ କରିଥିଲେ। ପରସ୍ପର ମଧ୍ୟରେ ଲୀନ ହେବାକୁ ଥିବା ଗାଲାକ୍ଟିକ୍ ଯୋଡ଼ିର ଅଧ୍ୟୟନ ମଧ୍ୟରେ ଏହି ଦୁଇ ଟେଲିସ୍କୋପ୍ ଏକ ନିଖୋଜ ବା ମିସିଂ ଗ୍ୟାଲେକ୍ସିକୁ ମଧ୍ୟ ଠାବ କରିଥିଲେ। ଏହି ଦୁଇ ଟେଲିସ୍କୋପ୍ ଆଶାଠାରୁ ଅଧିକ ତଥ୍ୟ ଏବଂ ବିରଳ ଦୃଶ୍ୟ ସାମ୍ନାକୁ ଆଣିଛନ୍ତି। ମହାକାଶରେ ଅଧିକ ଗବେଷଣା ପାଇଁ ଉଭୟ ହବଲ ଏବଂ ଜେମ୍ସ ୱେବ୍ ମିଳିତ ଭାବେ ବେଶ୍ ଉପଯୋଗୀ ହୋଇପାରିବେ ବୋଲି ବୈଜ୍ଞାନିକମାନେ କହିଛନ୍ତି।

### ରାଜ୍ୟରେ ୫ ବର୍ଷରେ ୨୦ ...

ସମୁଦାୟ ୨୦,୫୮୧ ମାନବିକ ଅଧିକାର ଉଲ୍ଲଂଘନ ଅଭିଯୋଗ ହୋଇଛି। ୨୦୧୭-୧୮ରେ୫,୫୦୬ମାମଲା ରୁଜୁହୋଇଥିବାବେଳେ୨୦୧୮-୧୯ରେ ୪୪୪୬, ୨୦୧୯-୨୦ରେ୩୫୪୦, ୨୦୨୦-୨୧ରେ୪୫୧୫ ଓ ୨୦୨୧-୨୨ରେ ୨୭୭୪ ମାନବିକ ଅଧିକାର ଉଲ୍ଲଂଘନ ମାମଲା ଓଏଚ୍‌ଆର୍‌ସିଙ୍କ ନିକଟରେ ରୁଜୁ ହୋଇଛି । ରାଜ୍ୟରେ କରୋନା କାଳରେ ୪,୫୦୦ରୁ ଊର୍ଦ୍ଧ୍ୱ ମାନବିକ ଅଧିକାର ଉଲ୍ଲଂଘନ ଅଭିଯୋଗ ହୋଇଥିଲା। ୨୦୧୭ ଜାନୁୟାରୀ ପହିଲା ସୁଦ୍ଧା କମିଶନରେ ୧୪,୪୨୩ ମାମଲା ଗଚ୍ଛିତ ଥିଲା। ଏହା ପରେ ରୁଜୁ ହୋଇଥିବା ମାମଲାକୁ ମିଶାଇ କମିଶନ ମୋଟ ୨୩,୫୭୧ ମାନବିକ ଅଧିକାର ଉଲ୍ଲଂଘନ ଅଭିଯୋଗର ଫଇସଲା କରିଛନ୍ତି। ସେହିଭଳି ୨୦୧୭-୧୮ରୁ ୨୦୨୧-୨୨ ମଧ୍ୟରେ ଯଥାକ୍ରମେ ୪୪୭୬, ୪୪୭୩, ୫୦୨୧, ୨୨୧୦ ଓ ୭୦୩୬ ମାନବିକ ଅଧିକାର ଉଲ୍ଲଂଘନ ଅଭିଯୋଗ ଫଇସଲା କରାଯାଇଛି ।

### ୯ବର୍ଷର ପୁତୁରାଙ୍କୁ ...

କାମ ନ କରିବାରୁ ସେମାନେ ଖାଇବାକୁ ନ ଦେଇ ଓଲଟି ଗାଳିଗୁଲଜ କରୁଛନ୍ତି। ବେଲ୍‌ଟରେ ବାଡ଼େଇବା ସହ ବେକକୁ ନଖ ଦ୍ୱାରା ଆମ୍ପୁଡ଼ିବା ଭଳି ଜଘନ୍ୟ କାର୍ଯ୍ୟ ମଧ୍ୟ କରୁଛନ୍ତି ବୋଲି ନାବାଳକ କହିଛନ୍ତି। ସେଥିପାଇଁ ନାତି ଆଉ ଦାଦାଖୁଡ଼ୀଙ୍କ ନିକଟରେ ରହିବାକୁ ମନା କରୁଛି। ତେଣୁ ଆମେ ତାକୁ ନିଜ ପାଖରେ ରଖିବାକୁ ଚାହୁଁଛୁ ବୋଲି ନାବାଳକଙ୍କ ଅଜା ପୋଲିସ ନିକଟରେ ପ୍ରକାଶ କରିଛନ୍ତି। ଅପରପକ୍ଷରେ ନାବାଳକଙ୍କ ଖୁଡ଼ୀ ଏଭଳି ଅଭିଯୋଗକୁ ଖଣ୍ଡନ କରିବା ସହ ପୁତୁରାକୁ ଭଲ ପାଠ ପଢ଼ାଇବାକୁ ଆମେ କଟକ ଆଣିଥିଲୁ। ତାକୁ ଆମେ ପୁଅ ଭଳି ଦେଖିବା ସହ କେବେ ନିର୍ଯାତନା ଦେଇନାହୁଁ ବୋଲି କହିଛନ୍ତି।


# classifieds Everyday

0674-2580101, 2549302




## BRIDE WANTED

**Beautiful Brahmin girl required for Manager PSU Bank/ Package 15lakh/ height-6'/ Age-31. Contact: 7978293658.** D-1688

SM4 Engr. 33+ 5'7" Manager PSU GOI Delhi PQM Slim fair kayastha wrkg NCR. Contact 9971816844. D-1724

Divorced Khandayat Boy 48+ Govt Professor, BHUBANESWAR "SUHAG"9090486408, 9938199964. D-1732

## GROOM WANTED

Government ଚାକିରିଆ, age-34, ଏକୁଟିଆ ରହୁଥିବା divorcee ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 7077495623. D-1693

Govt. ଚାକିରିଆ 30 ବୟସ୍କା କରଣ divorce ଝିଅଙ୍କୁ anycaste ଘରଜ୍ୱାଇଁ ଆବଶ୍ୟକ। 9124023134. D-1733

ବୟସ 38 Government Job କରୁଥିବା ସୁନ୍ଦରୀ divorce କରଣ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 8658194237. D-73724




## SALE

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

ବିକ୍ରି....ବିକ୍ରି....ବିକ୍ରି...୩.୫ ଏକା ସ୍ଥିତିବାନ୍ ଜମି ପିଠାଖିଆ ଜଙ୍ଗଲ ନିକଟସ୍ଥ ଭାପୁର ଖଣ୍ଡପଡ଼ା ରୋଡ଼ର ପାର୍ଶ୍ୱରେ ଭାପୁର ମଉଜାରେ ଅବସ୍ଥିତ। ୯୯୬୯୨୨୦୧୨୧ ଫୋନ୍ ନମ୍ବର। ଧ-୧୭୨୫

ଭୁବନେଶ୍ୱର ନଖରା ଘରବାରି SC plot sqft.-130/- general-350/-. 9439660381. D-74124

**Commercial Cum residential plot at Brahmanjharilo Cuttack (Niali Road) 6km. to Phulanakhara, 11km. to Bhubaneswar. 7809525452.** D-73979

**Site ଦେଖନ୍ତୁ, Govtroad, project beautiful, ସହଜ କିଣିବାକୁ, 6,80,000/- DPରେ 2000sqft. plot registration 12,75,000/-, loan-15,301/- EMI- 10 ବର୍ଷ, ଏବେ 1050/- 10 ବର୍ଷ ପରେ କିଣା ଆସିବ, sqft.- 1258/- loanରେ। ଯେତେବେଳେ କି Market price ହୋଇଥିବ sqft.- 5000/-. Contact: 9040045759.** D-74134

**Sum Hospital ପାଖରେ (60x40) BDA plotରେ ୩ ମହଲା ଘର ଓ ଏକ 3BHK Apartment ବିକ୍ରିହେବ। 7978124465, 7991006699.** D-1702

**ଘରବାରି boundary plot ନଖରା ତ୍ରିନାଥବଜାରରୁ ୨କିଲୋମିଟର ମେନ୍‌ରୋଡ୍‌ରୁ ୧୦୦ମିଟର 1300 ବର୍ଗ ଫୁଟକୁ 13,00,000/-. 9437306208.** D-74130

GA Freehold commercial mainroad facing plot 2400sqft. at Bharatpur GA Colony for immediate sale. Owner- 7978214375. D-71658

**Gated community society plot sale at Puri-Pipili Bypass just Rs.-7,80,000/-. 8114935847.** D-74133

**Gharabari Bank finance plot sale at Janla-Gangapada NH side, Bhubaneswar. 9437522339.** D-74132

**30ft. gharabari plot sale Gangapada near Maharaja College sqft.-850/- (Bank loan available). 9439364818, 9337766961.** D-1716

**Simplex, Duplex and Triplex available for sale within gated community and facilities like Childrens Play Area, community Centre, land scape Garden, Volleyball and Badminton Court etc. near Haribhaina Chhak, Jatni Town. Contact: 9337333685.** D-1680

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-1669

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-1668

**ଘରବାରୀ ପାଟେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା East College mainroad 200mtr. ଦୂରତାରେ SC/ General ପ୍ଲଟ୍ gated society ଥାଇ ବିକ୍ରିହେବ। 8093419724, 9776602067.** D-74127

## PURCHASE

**ଜମିଆବଶ୍ୟକ: ଭୁବନେଶ୍ୱରରୁ ପୁରୀ NHରୁ 1 କିଲୋମିଟର ଭିତରେ 10 ଡିସିମିଲରୁ ଊର୍ଦ୍ଧ୍ୱ ସ୍ଥିତିବାନ୍ ଜମି outright ବା sharing ହିସାବରେ ଆବଶ୍ୟକ। ଜମି ମାଲିକ ବା ମଧ୍ୟସ୍ଥି ଯୋଗାଯୋଗ କରନ୍ତୁ। 9438220432.** D-1721

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Do you want to construct buildings on your own plot. Contact: 7008268129, 9439143273. D-71352




3BHK premium semi furnished flat Trident Galaxy, Paikarapur, Bhubaneswar rent-23000/-. 9348867589. D-71541

Shoproom (10'x10') 2Nos. infront of Bijupatnaik College mainroad Jayadevvihar, Bhubaneswar. Contact: 9938511622. D-1731




Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73982

Herbal full body massage by smart/ expert therapist. Contact: 9040171280. D-73984


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୨,୬୨,୮୦,୬୦୯ | ୬୫,୬୦,୦୬୮ | ୬୦,୫୮,୧୨,୯୪୬ |
| ଭାରତ | ୪,୪୬,୦୯,୨୫୭ | ୫,୨୮,୭୭୮ | ୪,୪୦,୫୧,୨୨୮ |
| ଓଡ଼ିଶା | ୧୩,୩୪,୬୮୭ | ୯୧୧୯(+୫୩) | ୧୩,୨୫,୦୩୬ |

ଶନିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ବଦ୍ରିନାଥ



@ ସତ୍ୟବ୍ରତ



@ ସର୍ବଣା



@ ବିବେକ



@ ଅଜିତ୍

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



**ଆଜି କୁମାର ପୂର୍ଣ୍ଣିମା:** ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଶନିବାର ଭୁବନେଶ୍ୱର ୟୁନିଟ୍-୧ ହାଟ ରାସ୍ତା ପାର୍ଶ୍ୱରେ ଲୋକେ ଫୁଲ, ଫଳ ଓ ଅନ୍ୟାନ୍ୟ ସାମଗ୍ରୀ କିଣାକିଣି କରୁଛନ୍ତି।

# ୧୪ ଯାଏ ବର୍ଷା

**ଭୁବନେଶ୍ୱର,୮।୧୦(ବ୍ୟୁରୋ):** ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ବଙ୍ଗୋପସାଗରରୁ ଜଳୀୟବାଷ୍ପ ଓଡ଼ିଶା ମଧ୍ୟକୁ ଆସୁଥିବାରୁ ଆସନ୍ତା ୧୪ ତାରିଖ ଯାଏ ରାଜ୍ୟର ବିଭିନ୍ନ ଭାଗରେ ବର୍ଷା ଲାଗି ରହିବ। ବିଶେଷ କରି ଦିନରେ ଅସରାଏ ଲେଖା ବର୍ଷା ହେବ। ଆସନ୍ତା ୧୭ରୁ ୨୦ ତାରିଖ ମଧ୍ୟରେ ମୌସୁମୀ ପ୍ରତ୍ୟାବର୍ତ୍ତନ କରିବା ନେଇ ପାଣିପାଗ ବିଭାଗ ଆକଳନ କରୁଛି। ସ୍ୱାଭାବିକ ଭାବେ ଅକ୍ଟୋବର ଦ୍ୱିତୀୟ ସପ୍ତାହ ଅର୍ଥାତ୍ ଅକ୍ଟୋବର ୧୦ ତାରିଖ ସୁଦ୍ଧା ମୌସୁମୀ ପ୍ରତ୍ୟାବର୍ତ୍ତନ କରିଥାଏ। ମାତ୍ର ଚଳିତ ବର୍ଷ ଏହା ସପ୍ତାହେ ବିଳମ୍ବରେ ପ୍ରତ୍ୟାବର୍ତ୍ତନ କରିପାରେ। ମୌସୁମୀ ପ୍ରତ୍ୟାବର୍ତ୍ତନ ପର୍ବ ଆରମ୍ଭ ହୋଇ ନ ଥିବାରୁ ରାଜ୍ୟରେ ଶୀତ ଅନୁଭୂତ ହୋଇ ନାହିଁ। ରାଜ୍ୟର ବିଭିନ୍ନ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୨୨ରୁ ୨୫ ଡିଗ୍ରୀ ସେଲ୍‌ସିୟସ ଉପରେ ରହୁଛି। ସମୁଦ୍ର ପଟୁ ରାଜ୍ୟକୁ ପ୍ରଚୁର ଜଳୀୟ ବାଷ୍ପ ପ୍ରବେଶ କରିବା ଯୋଗୁ ବାୟୁ ମଣ୍ଡଳରେ ଆର୍ଦ୍ରତା ବଢ଼ିଯାଉଛି। ଏପରି କି କେତେକ ସ୍ଥାନରେ ଆର୍ଦ୍ରତା ୧୦୦ ପ୍ରତିଶତରୁ ଅଧିକ ରହୁଛି। ଏଥିଯୋଗୁ ରାଜ୍ୟରେ ବାୟୁମଣ୍ଡଳ ଉତ୍ତପ୍ତ ରହିବା ସାଙ୍ଗକୁ ତୁହାକୁ ତୁହା ବର୍ଷା ଲାଗି ରହୁଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୪୮ ଘଣ୍ଟା ମଧ୍ୟରେ ଟିଟିଲାଗଡ଼, ବରମୂଳ, ସିମିଳିଗୁଡ଼ା, କୋରାପୁଟ, ବଲାଙ୍ଗୀର, ଧରାକୋଟ, ଯୁଯୁମୁରା, ପାରଳାଖେମୁଣ୍ଡି, ପଟାଙ୍ଗୀ, ଟିକରପଡ଼ାରେ ୩ ସେଣ୍ଟିମିଟର ଲେଖାଏ ବର୍ଷା ହୋଇଥିବା ବେଳେ ଡାବୁଗାଁ, ବନ୍ଧୁଗାଁ, ସେରଗଡ଼, କାମାକ୍ଷାନଗର, ପାଇକମାଳ, ବୁର୍ଲା, ସମ୍ବଲପୁର, ବରଗଡ଼, ମୋହନା ଆଦି ସ୍ଥାନରେ ୨ ସେଣ୍ଟିମିଟର ଲେଖାଏ ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

# ହ୍ୱାଟ୍ସଆପ୍‌ର କ୍ଲୋନ ଆପ୍‌ରେ ଗୁପ୍ତଚରଗିରି

## ଭାରତୀୟଙ୍କ ଉପରେ ନଜର

ନୂଆଦିଲ୍ଲୀ, ୮।୧୦

ହ୍ୱାଟ୍ସଆପ୍‌ର ଏକ କ୍ଲୋନ୍ ଆପ୍ଲିକେଶନ ବା ଅନ୍‌ଅଫିସିଆଲ ହ୍ୱାଟ୍ସଆପ୍ ଭର୍ସନ ଭାରତୀୟ ୟୁଜର୍ସଙ୍କ ଚାଟ୍ ଉପରେ ନଜର ରଖି ଗୁପ୍ତଚରଗିରି କରୁଛି। ସର୍ବାଧିକ ଆଣ୍ଡ୍ରଏଡ୍ ଟ୍ରୋଜନ୍ ଡିଟେକ୍ସନ୍ ଥିବା ଦେଶମଧ୍ୟରେ ଭାରତ ଥିବାବେଳେ ଏହି କ୍ଲୋନ୍‌ଡ୍ ଆପ୍ଲିକେଶନ ଅଡିଓ ଏବଂ ଭିଡିଓ ଜରିଆରେ ଭାରତୀୟ ୟୁଜର୍ସଙ୍କ ଉପରେ ନଜର ରଖୁଥିବା ସାଇବର-ସିକ୍ୟୁରିଟି ଫାର୍ମ ଇଏସ୍‌ଇଟି ଏହାର ରିପୋର୍ଟରେ କହିଛି। ଏହି ରିପୋର୍ଟ ଅନୁଯାୟୀ, ଗତ ଚାରି ମାସ ହେଲା ଆଣ୍ଡ୍ରଏଡ୍ ସ୍ପାଏୱେର୍ ଚିହ୍ନଟ ପଛରେ 'ଜିବି ହ୍ୱାଟ୍ସଆପ୍' (ହ୍ୱାଟ୍ସ ଆପ୍‌ର ଏକ ଲୋକପ୍ରିୟ କିନ୍ତୁ କ୍ଲୋନ୍‌ଡ ଥାର୍ଡ ପାର୍ଟି ଭର୍ସନ) ଥିଲା। ଏଭଳି ଆପ୍‌ଗୁଡ଼ିକରେ ଭିଡିଓ ଓ ଅଡିଓ ରେକର୍ଡିଂ ସହ ବିଭିନ୍ନ ଉପାୟରେ ୟୁଜର୍ସଙ୍କ ତଥ୍ୟ ତଥା ପ୍ରିଭେସି ହାସଲ କରିବା କ୍ଷମତା ରହିଛି। ଏହି କ୍ଲୋନ୍ ଆପ୍ ଗୁଗଲ ପ୍ଲେ ଷ୍ଟୋରରେ ଉପଲବ୍ଧ ନାହିଁ। ତେଣୁ ଅସଲି ହ୍ୱାଟ୍ସଆପ୍ ଭଳି ଏହାର ବିଧିବଦ୍ଧ ଯାଞ୍ଚ ହୋଇ ନ ଥାଏ। କ୍ଲୋନ୍ ଆପ୍‌ର ବିଭିନ୍ନ ଭର୍ସନ ୱେବ୍‌ସାଇଟ୍‌ରୁ ମିଳିଥାଏ। ଏହାକୁ ଡାଉନଲୋଡ୍ କରିବା ଫଳରେ ଅନେକ ସ୍ପାଏୱେର, ମାଲୱେର ସମ୍ପୃକ୍ତ ୟୁଜର୍ସଙ୍କ ଫୋନ୍‌କୁ ଆସିଯାଇଥାଏ ବୋଲି ରିପୋର୍ଟରେ କୁହାଯାଇଛି।

ଗତ ମେ'ରୁ ଅଗଷ୍ଟ ପର୍ଯ୍ୟନ୍ତ ସର୍ବବୃହତ୍ ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍ସ (ଆଇଓଟି) ପ୍ରସ୍ତୁତ 'ମୋଜି' ନାମକ ବଟ୍‌ନେଟ୍‌ରେ ଜିଓଲୋକେଶନ (ଭୂଅବସ୍ଥିତି) ଅନୁସାରେ ଭାରତ ୩୫% ସହ ଦ୍ୱିତୀୟସ୍ଥାନରେ ଥିବାବେଳେ ୫୩% ସହ ଚାଇନା ସର୍ବାଗ୍ରେ ରହିଛି। ଆକଳନ ଅନୁସାରେ, 'ମୋଜି' ବଟନେଟ ଅଟୋପାଇଲଟ୍ ମୋଡରେ ରହିଛି। ଏହାର ନିର୍ମାତା ୨୦୨୧ରେ ଗିରଫ ହେବା ପରଠାରୁ ଏହା ମାନବ ପର୍ଯ୍ୟବେକ୍ଷଣ ବିନା କାମ କରୁଛି। ରୁଷୀୟ ଆଇପି ଆଡ୍ରେସ୍ ରିମୋଟ ଡେସ୍କଟପ୍ ପ୍ରୋଟୋକଲ (ଆର୍‌ଡିପି) ଆକ୍ରମଣ ପାଇଁ ଅଧିକମାତ୍ରାରେ ଦାୟୀ ବୋଲି କୁହାଯାଇଛି।



# ଓଟିଇଟି ପାଇଁ ୧୦ରୁ ଆବେଦନ

**କଟକ ଅଫିସ, ୮।୧୦:** ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା(ଓଟିଇଟି)-୨୦୨୨ ଦ୍ୱିତୀୟ ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଆବେଦନ ତାରିଖ ଘୋଷଣା କରାଯାଇଛି। ଆସନ୍ତା ୧୦ରୁ ୧୯ ତାରିଖ ମଧ୍ୟରେ ପରୀକ୍ଷାର୍ଥୀମାନେ ଆବେଦନ କରିପାରିବେ। ଏଥିପାଇଁ ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରେ ସମସ୍ତ ତଥ୍ୟ ଉପଲବ୍ଧ ରହିଛି। ପରୀକ୍ଷାର୍ଥୀମାନେ ଦୁଇଟି ପେପର(ପେପର-୧, ପେପର-୨) ପରୀକ୍ଷା ଦେବେ। ପ୍ରତି ପେପର ପରୀକ୍ଷା ପାଇଁ ୨ଘଣ୍ଟା ୩୦ ମିନିଟ୍ ସମୟ ମିଳିବ। ଏଥିରେ ବହୁ ବିକଳ୍ପ ପ୍ରଶ୍ନ ଉତ୍ତର(ଏମ୍‌ସିକ୍ୟୁ) ପଦ୍ଧତିରେ ପ୍ରଶ୍ନପତ୍ର ରହିବ ଏବଂ ଏଥିପାଇଁ କୌଣସି ମାଇନସ ମାର୍କିଂ ନାହିଁ। ପ୍ରତି ପ୍ରଶ୍ନପତ୍ରରେ ଦୁଇଟି ଭାଷା ରହିବ। ଦ୍ୱିତୀୟ ଭାଷା କେବଳ ଇଂଲିଶ ହୋଇଥିବାବେଳେ ପ୍ରଥମ ଭାଷା ପାଇଁ ଓଡ଼ିଆ, ତେଲୁଗୁ, ଉର୍ଦ୍ଦୁ, ବଙ୍ଗଳା ମଧ୍ୟରୁ ଯେକୌଣସି ଗୋଟିଏ ରହିବ।




**ମହା ଆୟୁର୍ବେଦ ଚିକିତ୍ସା**

ପ୍ରାକୃତିକ ଆୟୁର୍ବେଦିକ ଦେଶୀ ଜଡ଼ିବୁଟି ଓ ରତ୍ନ ଭସ୍ମଦ୍ୱାରା ଚିକିତ୍ସା କରି ସୁସ୍ଥ ହୁଅନ୍ତୁ ।

ଅସାଧ୍ୟ ରୋଗରେ ପୀଡ଼ିତ ରୋଗୀ ଶୀଘ୍ର ଆସି ସାକ୍ଷାତ କରନ୍ତୁ । ଓଡ଼ିଶାର ପ୍ରସିଦ୍ଧ ବୈଦ୍ୟରାଜ ଆୟୁର୍ବେଦରତ୍ନ ଜି.ଏ.ଏମ୍.ଏସ୍. ପାଟନା, ଗଭର୍ଣ୍ଣମେଣ୍ଟ ରେଜିଷ୍ଟ୍ରେସନ ନଂ.-୮୦୩୪୩, ବୈଦ୍ୟରାଜ **ଡା. କେ.ଏନ୍. ତିୱାରୀ** ମୋବାଇଲ ନଂ.09938768971 । **ସ୍ଥାନ:ଛେଣ୍ଡ କଲୋନୀ, କ୍ୱାର୍ଟର୍ସ ନଂ-ଇସିଆର-୧୧୧, ରାଉରକେଲା-୧୫ ।**

ହୃଦୟ, ମଧୁମେହ, ଚର୍ମରୋଗ, ଅସ୍ଥମା, ଅଲସର, କାଶ, ଜ୍ୱର, ଟାଇଫଏଡ, ମ୍ୟାଲେରିଆ, ପୁରୁଷ ଶକ୍ତି, ସ୍ୱପ୍ନଦୋଷ, ପ୍ରମ୍ୟହ, ଧାତୁ ଛିଡତା, ମଳକଷ୍ଟକ ସହ ସମସ୍ତ ପ୍ରକାର ସ୍ତ୍ରୀ ରୋଗ, ସମସ୍ତ ପ୍ରକାର ବାତଗଣ୍ଠି, ମିରିଗିବାତ ସହ ସମସ୍ତ ଅସାଧ୍ୟ ରୋଗରେ ପୀଡ଼ିତ ରୋଗୀ ତୁରନ୍ତ ଯୋଗାଯୋଗ କରି ଶୀଘ୍ର ସୁସ୍ଥ ହୁଅନ୍ତୁ । ଏହି ସମସ୍ତ ପ୍ରକାର ଚିକିତ୍ସାର କୌଣସି ପାର୍ଶ୍ୱପ୍ରକ୍ରିୟା ନାହିଁ । ଶତପ୍ରତିଶତ ବହୁ ରୋଗୀ ଠିକ୍ ହେବାର ଗ୍ୟାରେଣ୍ଟି ମଧ୍ୟ ରହିଛି ।


# ମାନସ ମଙ୍ଗରାଜ ପରିବହନ ଷ୍ଟାଣ୍ଡିଂ କମିଟି ସଦସ୍ୟ

ଭୁବନେଶ୍ୱର,୮।୧୦(ବ୍ୟୁରୋ): ନବନିର୍ବାଚିତ ବିଜେଡି ରାଜ୍ୟସଭା ସଦସ୍ୟମାନଙ୍କୁ ସଂସଦର ବିଭିନ୍ନ ଷ୍ଟାଣ୍ଡିଂ କମିଟିରେ ନିଯୁକ୍ତି ଦିଆଯାଇଥିବା ବେଳେ ପୂର୍ବରୁ ଥିବା ସଦସ୍ୟମାନଙ୍କୁ ଭିନ୍ନ ଭିନ୍ନ କମିଟିରେ ରଖାଯାଇଛି। ମାନସ ମଙ୍ଗରାଜଙ୍କୁ ପରିବହନ, ପର୍ଯ୍ୟଟନ ଓ ସଂସ୍କୃତି ଷ୍ଟାଣ୍ଡିଂ କମିଟିର ସଦସ୍ୟ ମନୋନୀତ କରାଯାଇଥିବା ବେଳେ ସୁଲତା ଦେଓଙ୍କୁ ଶିଳ୍ପ, ନିରଞ୍ଜନ ବିଶିଙ୍କୁ ବିଜ୍ଞାନ ଓ ପ୍ରଯୁକ୍ତି , ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ କମିଟିର ସଦସ୍ୟ ନିଯୁକ୍ତ କରାଯାଇଛି। ସେହିପରି ସସ୍ମିତ ପାତ୍ରଙ୍କୁ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଷ୍ଟାଣ୍ଡିଂ କମିଟିର ସଦସ୍ୟ ଭାବେ ଚୟନ କରାଯାଇଛି। ଅନୁରୂପ ଭାବେ ପ୍ରଶାନ୍ତ ନନ୍ଦଙ୍କୁ ରେଲୱେ, ଅମର ପଟ୍ଟନାୟକଙ୍କୁ ଅର୍ଥ, ସୁଜିତ କୁମାରଙ୍କୁ ସ୍ୱରାଷ୍ଟ୍ର , ମୁଜିବୁଲ୍ଲା ଖାଁଙ୍କୁ ଶକ୍ତି ଏବଂ ମମତା ମହାନ୍ତଙ୍କୁ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ଷ୍ଟାଣ୍ଡିଂ କମିଟିରେ ଅବସ୍ଥାପିତ କରାଯାଇଛି।

# ଅବହେଳିତ ଜୈନ କୀର୍ତ୍ତିରାଜି ଚିହ୍ନଟ

- **୮ମରୁ ୧୦ମ ଶତାବ୍ଦୀର ହୋଇଥିବା ଅନୁମାନ**
- **ମୂର୍ତ୍ତିଗୁଡ଼ିକର ସଂରକ୍ଷଣ କରୁ ପ୍ରତ୍ନତତ୍ତ୍ୱ ବିଭାଗ**

ଭୁବନେଶ୍ୱର,୮।୧୦(ବ୍ୟୁରୋ)

ଓଡ଼ିଶାରେ ପ୍ରାଚୀନ କାଳରୁ ବିଭିନ୍ନ ସମ୍ପ୍ରଦାୟର ରାଜାଙ୍କ ଶାସନ ଚାଲିଆସୁଥିବା ବେଳେ ଅନେକ କୀର୍ତ୍ତିରାଜିର ଛାପ ଛାଡ଼ିଯାଇଛନ୍ତି। ସେହି କୀର୍ତ୍ତିରାଜିଗୁଡ଼ିକ ଏବେ ବି ଓଡ଼ିଶାର ବିଭିନ୍ନ ସ୍ଥାନରେ ଲୁକ୍କାୟିତ ଭାବେ ରହିଛି। ସେଥିମଧ୍ୟରୁ ଅନେକ କୀର୍ତ୍ତିରାଜି ଓ ପ୍ରତିମୂର୍ତ୍ତି ଭାଙ୍ଗିରୁଜି ଯାଇଥିବାବେଳେ କିଛି ଏବେ ବି ଅବହେଳିତ ଅବସ୍ଥାରେ ପଡିରହିଛି। ଏଭଳି କିଛି ଅବହେଳିତ ଅବସ୍ଥାରେ ଥିବା ପ୍ରାଚୀନ ଜୈନ କୀର୍ତ୍ତିରାଜିକୁ ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅନ୍ତର୍ଗତ ଅଡ଼ା ଗ୍ରାମରୁ ଚିହ୍ନଟ କରାଯାଇଛି। ଐତିହ୍ୟ ଗବେଷକ ଦୀପକ କୁମାର ନାୟକଙ୍କ ଦ୍ୱାରା ଚିହ୍ନଟ ଏହି କୀର୍ତ୍ତିରାଜିଗୁଡ଼ିକ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ବର୍ଷ ପୁରାତନ ହେବ ବୋଲି କହିଛନ୍ତି। ସରକାରଙ୍କ ପକ୍ଷରୁ ସୁରକ୍ଷା ଓ ସଂରକ୍ଷଣ ଅଭାବରୁ ଏଭଳି ଐତିହ୍ୟ କୀର୍ତ୍ତିରାଜି ଧୀରେ ଧୀରେ ନଷ୍ଟ ତଥା ବିଲୁପ୍ତ ହେବାରେ ଲାଗିଛି।

ଐତିହ୍ୟ ଗବେଷକ ଦୀପକଙ୍କ କହିବା ଅନୁଯାୟୀ, ଅଡ଼ା ଏକ ପ୍ରାଚୀନ ଐତିହ୍ୟ ସମ୍ପନ୍ନ ଗ୍ରାମ। ଗ୍ରାମର ଶେଷ ମୁଣ୍ଡରେ ଉଆସ ନାମକ ଏକ ସ୍ଥାନ ରହିଛି। ହୁଏତ ପୂର୍ବରୁ ଏହି ସ୍ଥାନରେ ସ୍ଥାନୀୟ କେଉଁ ରାଜବଂଶ କିମ୍ବା ଜମିଦାରମାନଙ୍କ ବାସସ୍ଥଳୀ/ଉଆସ ଥିଲା। ଏହି ସ୍ଥାନରେ ଖୋଲାମେଲା ଆକାଶ ତଳେ ପଡି ରହିଛନ୍ତି ଅନେକ ପ୍ରାଚୀନ ଜୈନ ମୂର୍ତ୍ତି। ଗବେଷକ ନାୟକ ଏହି ପ୍ରତିମା ସବୁକୁ ପାର୍ଶ୍ୱନାଥ, ଚନ୍ଦ୍ରପ୍ରଭା, ଋଷଭନାଥ, ଶାନ୍ତିନାଥ, ଅମ୍ବିକା ତଥା ଚକ୍ରେଶ୍ୱରୀ ରୂପେ ଚିହ୍ନଟ କରିଛନ୍ତି। ଏ ସମସ୍ତ ଦେବଦେବୀ ଜୈନଧର୍ମ ସହ ସମ୍ପର୍କିତ। ଅଡ଼ାର ନିକଟବର୍ତ୍ତୀ ଅଞ୍ଚଳ ଯେପରିକି ଚରମ୍ପା, କୁପାରୀ ତଥା ପୋଡ଼ସିଙ୍ଗିଡ଼ି ଆଦି ସ୍ଥାନରେ ଅନେକ ଜୈନ ପ୍ରତ୍ନତାତ୍ତ୍ୱିକ ଅବଶେଷ ଦେଖିବାକୁ ମିଳେ। ଏଥିରୁ ସ୍ପଷ୍ଟ ଯେ, ଏହି ଅଞ୍ଚଳରେ ପ୍ରାଚୀନ ସମୟରେ ଜୈନଧର୍ମ ପ୍ରଭାବ ବିସ୍ତାର କରିଥିଲା। ଏସବୁ ମୂର୍ତ୍ତିର ଗଠନ ସମୟ ୮ମରୁ ୧୦ମ ଶତାବ୍ଦୀ ନିକଟବର୍ତ୍ତୀ କାଳରେ ହୋଇପାରେ ବୋଲି ଗବେଷକ ନାୟକ ମତବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଅଧିବାସୀ ତଥା ଯୁବ ଐତିହ୍ୟପ୍ରେମୀ ମନୋଜ ପଣ୍ଡା କୁହନ୍ତି, ଏହି ଅଞ୍ଚଳରେ ପୂର୍ବରୁ ଭଞ୍ଜରାୟ ମହାପାତ୍ର ବଂଶର ରାଜାମାନେ ଶାସନ କରୁଥିଲେ ବୋଲି ଜନମତ ରହିଛି। ତେଣୁ ସେ ସମୟରେ ଏହି ମୂର୍ତ୍ତିଗୁଡ଼ିକ ହୋଇପାରେ। ଦୀର୍ଘବର୍ଷ ରହିବା ସହ ଖରା ଓ ବର୍ଷା ପ୍ରକୋପରେ ଅନେକ ମୂର୍ତ୍ତି ଭାଙ୍ଗିରୁଜି ଗଲାଣି। ଏପରି ବିରଳ ମୂର୍ତ୍ତି ସବୁର ସୁରକ୍ଷା ପାଇଁ ପ୍ରଶାସନ ଯତ୍ନବାନ ହେବା ଉଚିତ। ଅଡ଼ା ଗ୍ରାମବାସୀ ଉକ୍ତ ସ୍ଥାନରେ ଏକ ସଂଗ୍ରହାଳୟ ନିର୍ମାଣ କରି ମୂର୍ତ୍ତିଗୁଡ଼ିକୁ ସୁରକ୍ଷିତ କରି ରଖିବାକୁ ଦାବି କରିଛନ୍ତି। ସ୍ଥାନଟିର ପ୍ରତ୍ନତାତ୍ତ୍ୱିକ ଖନନ କରାଗଲେ ଏହି ସ୍ଥାନର ଇତିହାସ ସମ୍ପର୍କରେ ଆହୁରି ଅନେକ ତଥ୍ୟର ସନ୍ଧାନ ମିଳିପାରିବ ବୋଲି ଗବେଷକ ଦୀପକ ନାୟକ କହିଛନ୍ତି।






ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ମନ୍ତ୍ରଣାଳୟ ଭାରତ ସରକାର

**ସୂକ୍ଷ୍ମ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗଗୁଡ଼ିକର ବିକାଶ ପାଇଁ ଏକ ସ୍ୱତନ୍ତ୍ର ପଦକ୍ଷେପ**
**ପ୍ରଧାନମନ୍ତ୍ରୀ ସୂକ୍ଷ୍ମ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ଔପଚାରିକୀକରଣ (ପିଏମ୍‌ଏଫ୍‌ଏମ୍‌ଇ) ଯୋଜନା**

ନିଜର ସୂକ୍ଷ୍ମ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ସ୍ଥାପନ କିମ୍ବା ଅପ୍‌ଗ୍ରେଡ୍ କରିବା ନିମନ୍ତେ ୩୫% ସବ୍‌ସିଡି ପାଇବା ଲାଗି ଅନ୍‌ଲାଇନ୍ ଆବେଦନ କରନ୍ତୁ ।



"ଆମ ସରକାର ଖାଦ୍ୟ ପ୍ରକ୍ରିୟାକରଣ ସହ ଜଡ଼ିତ ଲଘୁ ଉଦ୍ୟୋଗଗୁଡ଼ିକୁ ସହଜ ଋଣ ଏବଂ ବୈଷୟିକ ସହାୟତା ଭଳି ଅନେକ ପଦକ୍ଷେପ ମାଧ୍ୟମରେ ନିରନ୍ତର ସଶକ୍ତ କରିଆସୁଛନ୍ତି, ଯାହାଦ୍ୱାରା ସେମାନେ ବିଶ୍ୱ ବଜାରରେ ପ୍ରତିଦ୍ୱନ୍ଦ୍ୱିତା କରିବାର ସାମର୍ଥ୍ୟ ଲାଭ କରିପାରିବେ ଓ ଆତ୍ମନିର୍ଭର ଭାରତ ଅଭିଯାନର ବଳିଷ୍ଠ ସହଭାଗୀ ହୋଇପାରିବେ ।"
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ





**ପିଏମ୍‌ଏଫ୍‌ଏମ୍‌ଇ ଯୋଜନା ପାଇଁ ଯୋଗ୍ୟତା**

ବ୍ୟକ୍ତିଗତ ସୂକ୍ଷ୍ମ ଉଦ୍ୟୋଗ, ଏଫ୍‌ପିଓ, ଏସ୍‌ଏଚ୍‌ଜି ଏବଂ ସମବାୟ ସମିତିର ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍

**ଯୋଜନାର ଲାଭ**

- 35% ବ୍ୟକ୍ତିଗତ ସୂକ୍ଷ୍ମ ଉଦ୍ୟୋଗଗୁଡ଼ିକ ନିମନ୍ତେ ୩୫% ସବ୍‌ସିଡି (ସର୍ବାଧିକ ₹୧୦ ଲକ୍ଷ)
- କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ), କୃଷକ ଉତ୍ପାଦକ କମ୍ପାନୀ (ଏଫ୍‌ପିସି), ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଇତ୍ୟାଦିଙ୍କ ପାଇଁ ସାଧାରଣ ଭିତ୍ତିଭୂମି ସ୍ଥାପନ ଲାଗି ୩୫% ସବ୍‌ସିଡି ଉପଲବ୍ଧ (ସର୍ବାଧିକ ₹୩ କୋଟି)
- ଅନ୍ୟାନ୍ୟ ଯୋଜନାର ହିତାଧିକାରୀମାନେ ମଧ୍ୟ ଏହି ଯୋଜନାର ଲାଭ ଉଠାଇପାରିବେ ।
- ଗୋଟିଏ ଜିଲ୍ଲା ଗୋଟିଏ ଉତ୍ପାଦ (ଓଡିଓପି) ଅଧୀନରେ ଆବେଦନ କରୁଥିବା ସୂକ୍ଷ୍ମ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗଗୁଡ଼ିକୁ ପ୍ରାଧାନ୍ୟ ଦିଆଯିବ

ଏହି ଯୋଜନା ଅଧୀନରେ ପାଖାପାଖି ୬୨୦୦୦ ହିତାଧିକାରୀଙ୍କୁ ସହାୟତା ଯୋଗାଇ ଦିଆଯାଇଛି

**ଅଧିକ ସୂଚନା ପାଇଁ ପରିଦର୍ଶନ କରନ୍ତୁ**

www.pmfme.mofpi.gov.in | 9254997101 9254997102

PMFME सूक्ष्म उद्यमों का संबल

Scan Now

CBC 16101/13/0003/2223

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୯ ଅକ୍ଟୋବର, ୨୦୨୨



**ଓର୍ଲେରେ ସମଲେଇ ପୂଜା**

ବିନିକା,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳ ୱାର୍ଡ ନମ୍ବର ୧୦ଓର୍ଲେଠାରେ ସମଲେଇ ପୂଜା ଯାଦବ ସମାଜ ତରଫରୁ ଅନୁଷ୍ଠିତ ହୋଇଯାଇଛି। ପରମ୍ପରା ଅନୁଯାଇ ସମାଜ ସଭାପତି ଧ୍ରୁବଚରଣ ହାତୀଙ୍କ ଘରେ ସମସ୍ତେ ବାଡ଼ି ଦେବତାଙ୍କ ପୂଜା କରିବା ପରେ ଶୋଭାଯାତ୍ରାରେ ଗାଁ ପରିକ୍ରମା କରିଥିଲେ। ରଘୁନାଥ ମନ୍ଦିର ପ୍ରାଙ୍ଗଣରେ ବାଡ଼ି ଖେଳ ଅନୁଷ୍ଠିତ ହୋଇଥିଲା। ଆରାଧ ଦେବୀ ମା ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା ପରେ ମହାନଦୀ ପାପକ୍ଷୟ ଘାଟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇ ମହାନଦୀରେ ମା'ଙ୍କ ସ୍ନାନ କରାଇଥିଲେ। ଧ୍ରୁବଲେଶ୍ୱର ନାଗ, ଜଗତ ନାଏକ, ନୀଳାଞ୍ଚଳ ବେହେରା ଉଦ୍ଧବ ହାତୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସ୍ୱପ୍ନ, ପରିଶ୍ରମ ଆଣିଛି ସଫଳତା

**ବରଗଡ଼ ଅଫିସ୍,୮।୧୦**

ଓଡ଼ିଶା ସିଭିଲ ସେବା ପରୀକ୍ଷା-୨୦୨୦ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ବରଗଡ଼ ଜିଲାର ପରୀକ୍ଷାର୍ଥୀ ମଧ୍ୟ ସଫଳତା ଅର୍ଜନ କରିଛନ୍ତି। ସଫଳତା ପରେ ପରିବାର ଏବଂ ଆତ୍ମୀୟସ୍ୱଜନଙ୍କ ମଧ୍ୟରେ ଖୁସି ଦେଖାଯାଇଛି। କିଛି ସଫଳ ପରୀକ୍ଷାର୍ଥୀଙ୍କୁ ଆମେ ଭେଟିଥିଲୁ। ସ୍ୱପ୍ନ, ସହଯୋଗ ଥିଲେ ଏବଂ ପରିଶ୍ରମ କଲେ ସଫଳତା ମିଳେ ବୋଲି ସେମାନେ କହିଥିଲେ।

## ସଫଳତା ପଛରେ ସ୍ୱାମୀଙ୍କ ସହଯୋଗ



"ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ କୁଶନପୁରୀ ଗ୍ରାମର ବାସିନ୍ଦା। ଓଡ଼ିଶା ସିଭିଲ ସେବା ପରୀକ୍ଷା-୨୦୨୦ ପରୀକ୍ଷାଫଳରେ ମୁଁ ୩୨୮ ର୍ୟାଙ୍କ ରଖି ସଫଳ ହୋଇଛି । ବହୁ ପୂର୍ବରୁ ସିଭିଲ୍ ସର୍ଭିସ ପରୀକ୍ଷାର ସଫଳତା ସ୍ୱପ୍ନ ଥିଲା। ଓଡ଼ିଶା ସିଭିଲ ସର୍ଭିସ୍-୨୦୧୫ ପରୀକ୍ଷା ମୋର ପ୍ରଥମ ପ୍ରୟାସ ଥିଲା। କିନ୍ତୁ ପରୀକ୍ଷାର ଅନ୍ତିମ ପର୍ଯ୍ୟାୟ ତଥା ସାକ୍ଷାତକାରରେ ମୁଁ ଉତ୍ତୀର୍ଣ୍ଣ ହୋଇ ପାରି ନ ଥିଲି। ଏହାସତ୍ତ୍ୱେ ଲକ୍ଷ୍ୟଚ୍ୟୁତ ହୋଇ ନ ଥିଲି । ପରିଶ୍ରମ କରିଥିଲି ଏବଂ ସ୍ୱାମୀ ପ୍ରଶାନ୍ତ କୁମାର ମେହେର ବହୁତ ସହଯୋଗ କରିଥିଲେ। ତାଙ୍କର ସହଯୋଗ ବିନା ଆଜି ଏହି ସଫଳତା ମିଳି ନ ଥାନ୍ତା। ସଫଳତା ପଛରେ ମା' ବାପା, ଶାଶୁଙ୍କ ଆଶୀର୍ବାଦ ଏବଂ ଶିକ୍ଷକଙ୍କ ଗାଇଡାନ୍ସ ମଧ୍ୟ ରହିଛି । ମୁ ୨୦୧୪ ନଭେମ୍ବରରୁ ବରଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ସରକାରୀ ଚାକିରି ଜୀବନ ଆରମ୍ଭ କରିଥିଲି। ଏବେ ବରଗଡ଼ ଜିଲା ଯୋଗାଣ କାର୍ଯ୍ୟାଳୟରେ ବରିଷ୍ଠ ରାଜସ୍ୱ ସହାୟିକା ଭାବେ କାର୍ଯ୍ୟ କରୁଛି । ସିଭିଲ୍ ସର୍ଭେଣ୍ଟ ଭାବେ ଜନସାଧାରଣଙ୍କ ପାଇଁ ଭଲ କାର୍ଯ୍ୟ କରିବି ଏବଂ ସମସ୍ତ ଅସୁବିଧା ଦୂର କରିବାକୁ ଚେଷ୍ଟା କରିବି ।

**ମମତା ମେହେର**

## ଆଇଏଏସ୍ ଲକ୍ଷ୍ୟରେ ପ୍ରାତ୍ୟୁର୍ଯ୍ୟ

"ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳର ପ୍ରାତ୍ୟୁର୍ଯ୍ୟ ପ୍ରଧାନ। ଓଡ଼ିଶା ସିଭିଲ ସେବା ପରୀକ୍ଷା-୨୦୨୦ ପରୀକ୍ଷାଫଳରେ ସେ ୨୯୨ ର୍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ପ୍ରାତ୍ୟୁର୍ଯ୍ୟ ଜନ୍ମରୁ ଦୃଷ୍ଟିବାଧିତ। ରବି ରଞ୍ଜନ ପ୍ରଧାନଙ୍କ ପୁଅ ପ୍ରାତ୍ୟୁର୍ଯ୍ୟ ଅନ୍ତର୍ଜାତୀୟ ଚେସ୍ ଖେଳାଳି ଭାବେ ବେଶ୍ ପରିଚିତ। ସେ ଆଗକୁ ଅନ୍ତର୍ଜାତୀୟ ଚେସ୍ ଟାଇଟଲ ରଖିବାକୁ ଲକ୍ଷ୍ୟ ରଖିଥିବାବେଳେ ଓଡ଼ିଶା ସିଭିଲ ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଜିଲା ପାଇଁ ଗୌରବ ଆଣିଛନ୍ତି। ତେବେ ତାଙ୍କ ଲକ୍ଷ୍ୟ ପୂରଣ ହୋଇପାରିନାହିଁ। ଆଇଏଏସ୍ ହିଁ ତାଙ୍କ ଲକ୍ଷ୍ୟ ବୋଲି ପ୍ରାତ୍ୟୁର୍ଯ୍ୟ କହିଛନ୍ତି। ସେ ଆହୁରି କହିଛନ୍ତି, ସଫଳତା ହାସଲ ପାଇଁ ସବୁବେଳେ ବଡ଼ ସ୍ୱପ୍ନ ଦେଖିବା ଦରକାର। ପୃଥିବୀ ଯେଭଳି ବୃହତ୍, ସମସ୍ତେ ସେଭଳି ସ୍ୱପ୍ନ ଦେଖନ୍ତୁ, ଦିନେନା ଦିନେ ସଫଳତା ନିଶ୍ଚୟ ମିଳିବ ବୋଲି ପ୍ରାତ୍ୟୁର୍ଯ୍ୟ କହିଛନ୍ତି। ତାଙ୍କ ସଫଳତା ପଛରେ ମା' ବାପା ଏବଂ ବଡ଼ବାପାଙ୍କ ପ୍ରେରଣା ରହିଛି ଏବଂ ନିଜ ବନ୍ଧୁମାନଙ୍କୁ ମଧ୍ୟ ସେ ଶ୍ରେୟ ଦେଇଛନ୍ତି । ପରୀକ୍ଷାର ୪/୫ମାସ ପୂର୍ବରୁ ସେ ଦୈନିକ ୪/୫ଘଣ୍ଟା ପରୀକ୍ଷା ପ୍ରସ୍ତୁତିରେ ସମୟ ଦେଉଥିବା ପ୍ରାତ୍ୟୁର୍ଯ୍ୟ କହିଛନ୍ତି ।



**-ପ୍ରାତ୍ୟୁର୍ଯ୍ୟ ପ୍ରଧାନ**

## ପୂରଣ ହୋଇଛି ମା' ବାପାଙ୍କ ଇଚ୍ଛା

"ରାଷ୍ଟ୍ରୀୟ ହସ୍ତତନ୍ତ ଉନ୍ନୟନ ନିଗମ ଲିମିଟେଡ୍ ଅଧୀନରେ ବରଗଡ଼ରେ କାର୍ଯ୍ୟରତ ଅଛନ୍ତି ନୀଳମାଧବ ପାତ୍ର। ସେ କଳାହାଣ୍ଡି ଜିଲା ମଦନପୁର ରାମପୁର ବ୍ଲକ ମୋହନଗିରି ଗ୍ରାମର ମୂଳବାସିନ୍ଦା। ୨୦୧୪ରୁ ସେ ରାଷ୍ଟ୍ରୀୟ ହସ୍ତତନ୍ତ ଉନ୍ନୟନ ଲିମିଟେଡ୍ ଅଧୀନରେ ବରଗଡ଼ରେ ବାଣିଜ୍ୟ ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି। କଠିନ ପରିଶ୍ରମ ଯୋଗୁ ସେ ଓଡ଼ିଶା ସିଭିଲ ସେବା ପରୀକ୍ଷାରେ ୩୪୪ ର୍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଥିବା ନୀଳମାଧବ କହିଛନ୍ତି। ମା' ବାପା, ଭାଇ, ଭଉଣୀ, ଗୁରୁଜନ ମଣ୍ଡଳୀ ଏବଂ ସେ କାର୍ଯ୍ୟ କରୁଥିବା ବିଭାଗୀୟ ଅଧିକାରୀଙ୍କୁ ସଫଳତାର ଶ୍ରେୟ ଦେଇଛନ୍ତି। ସେ ଚାଷୀ ପରିବାରର। କିଭଳି ବଡ଼ ଅଫିସର ହେବେ ତାଙ୍କ ମା' ବାପା ସବୁବେଳେ ଚାହୁଁଥିଲେ। ତାଙ୍କର ସେହି ଭାବନା ଆଜି ଏହି ସ୍ଥାନରେ ପହଞ୍ଚାଇଛି। ସନ୍ଧ୍ୟାରେ ଅଫିସ୍‌ରୁ ଫେରିବା ପରେ ୭ରୁ ୮ଘଣ୍ଟା ପରୀକ୍ଷା ପ୍ରସ୍ତୁତି କରୁଥିଲି। ସଫଳତା ପାଇ ଖୁସି ଅଛି। ଆଗକୁ ଆହୁରି ବଡ଼ ଲକ୍ଷ୍ୟ ରହିଛି। ସରକାର ଯେଉଁ ଦାୟିତ୍ୱ ଦେବେ, ନିଷ୍ଠାପର ଭାବେ ତାହା ସମ୍ପାଦନ କରିବି।



**-ନୀଳମାଧବ ପାତ୍ର**

(ଉପସ୍ଥାପନା: ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ୍)

# ରାଜଗାଙ୍ଗପୁର ଡିବିସିଏଲର ରାବଣ ଦହନ ଉତ୍ସବ



**ରାଜଗାଙ୍ଗପୁର, ୮।୧୦(ଡି.ଏନ.ଏ.)**

ରାଜଗାଙ୍ଗପୁର ସ୍ଥିତ ଡାଲମିଆ ଭାରତ ସିମେଣ୍ଟର ଦୁର୍ଗାପୂଜା ଉତ୍ସବ ଓ ରାବଣ ଦହନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ନବରାତ୍ରି, ଦୁର୍ଗା ପୂଜା, ଦଶରା, ବିଜୟ ଯାତ୍ରା, ରାବଣ ଦହନ ଏବଂ ବିସର୍ଜନ ସହ ସମାପ୍ତ ହୋଇଥିଲା । ରାଜଗାଙ୍ଗପୁର ଦୁର୍ଗା ପୂଜା ପାଳନ ସମୟରେ ଡାଲମିଆ ସିମେଣ୍ଟ ଗ୍ରାମବାସୀ, ସ୍ଥାନୀୟ କଳାକାର, ବୁଣାକାର ଇତ୍ୟାଦିଙ୍କୁ ଏହାର ସାମାଜିକ ଦାୟିତ୍ୱବୋଧ ବିଭାଗ (ସିଏସଆର) ନିର୍ଦ୍ଦେଶନାରେ ପ୍ରସ୍ତୁତ ବିଭିନ୍ନ ପ୍ରକାରର ହସ୍ତତନ୍ତ ସାମଗ୍ରୀ ପ୍ରଦର୍ଶନ ଏବଂ ବିକ୍ରୟ ପାଇଁ ଏକ ନିଆରା ମଞ୍ଚ ପ୍ରଦାନ କରିଥିଲା। କୁକୁଡ଼ା, କେଶରାମାଲ, କୁଞ୍ଜୁପଡା, ଆଲାଣ୍ଡା ଏବଂ ଲାଞ୍ଜିବେର୍ଣା ଗ୍ରାମବାସୀ ବହୁ ସଂଖ୍ୟାରେ ଦୁର୍ଗା ପୂଜା ପେଣ୍ଡାଲ ପରିଦର୍ଶନ କରିଥିଲେ। ନବରାତ୍ରୀ ସମୟରେ ଦାଣ୍ଡିଆ ପ୍ରତିଯୋଗିତା, ଭଜନ ସମରୋହ, ଓଡ଼ିଶୀ ନୃତ୍ୟ, ସ୍ଥାନୀୟ ଲୋକ ନୃତ୍ୟ ଏବଂ ଅର୍କେଷ୍ଟ୍ରା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟତୀତ ଭକ୍ତି ସଙ୍ଗୀତରେ ଲୋକପ୍ରିୟ ନାମ ଅନୀଲ ବାୱାରା ଏବଂ ତାଙ୍କ ଦଳ ଦ୍ୱାରା ମହା ଆରତୀ ଓ ମହା ଜଗ୍ରତା ଅନୁଷ୍ଠିତ ହୋଇଥିଲା। ନବରାତ୍ରିର ଶେଷ ଦିନରେ ଡାଲମିଆ ସିମେଣ୍ଟ, ରାଜଗାଙ୍ଗପୁରସ୍ଥିତ ବୀର ବିର୍ସା ଷ୍ଟାଡିୟମରେ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗଣେଶ ଡକ୍ଟ୍ର ଜିରକୁଣ୍ଡୱାର, ସେଲଭା ମୁଥୁକୁମାର କେ, ଚେତନ ଶ୍ରୀବାସ୍ତବ ଏବଂ ସେମାନଙ୍କ ପରିବାର ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

# ପ୍ରଥମ ଟାଏକୋଣ୍ଡୋ ପ୍ରତିଯୋଗିତା

**ବଲାଙ୍ଗୀର ଅଫିସ, ୮।୧୦**

ବଲାଙ୍ଗୀର ରିଜର୍ଭ ପୋଲିସ ଇଣ୍ଡୋର ହଲଠାରେ ଶନିବାର ବଲାଙ୍ଗୀର ଜିଲା ଟାଏକୋଣ୍ଡୋ ସଂଘ ପକ୍ଷରୁ ପ୍ରଥମ ଜିଲାସ୍ତରୀୟ ପୁମସେଇ ଓ ଖିରୋଗୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଅରବିନ୍ଦ ଦାସ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତା ଶୁଭାରମ୍ଭ କରିଥିଲେ। ଏଥିରେ ବଲାଙ୍ଗୀର ଜିଲାର ବିଭିନ୍ନ କୋଣରୁ ୯୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ପୁମସେଇ ଓ ଖିରୋଗୀ ଦୁଇଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା । ଏଥିରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରମାନେ ଆଗାମୀ ଦିନରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଜିଲା ଟାଏକୋଣ୍ଡୋ ସଂଘ ସାଧାରଣ ସମ୍ପାଦକ ତଥା କୋଚ ଅସୀମ କୁମାର ଭୋଇ ସୂଚନା ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ସଭା ସସଦ୍ୟ ନିରଞ୍ଜନ ବିଶି ମୁଖ୍ୟଅତିଥି, ସମ୍ମାନିତ ଅତିଥି ସିଆରପିଏଫ୍ କମାଣ୍ଡାଣ୍ଟ ପବନ ତିୱାରି ଓ ମ୍ୟୁନିସିପାଲଟି ଅଧ୍ୟକ୍ଷା ଲିକା ସାହୁ ଯୋଗଦେଇ କୃତୀ ଛାତ୍ରୀଛାତ୍ରୀଙ୍କୁ ମେଡାଲ ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ ମନପ୍ରୀତ କୌର ପରିଚାଳନା କରିଥିଲେ। ସୁଶାନ୍ତ ମୁଗ୍ରୀ, କରଣ ନନ୍ଦ, ଭୁବନେ ଭୋଇ, ଅମିତ ବାରିକ, ନିତିନ ସ୍ୱାଇଁ, ଜୟକୃଷ୍ଣ ଶବର, ମୁକେଶ ପଧାନ, ନରେନ୍ଦ୍ର ବରାଡ ସହଯୋଗ କରିଥିଲେ।




ଟାଏକୋଣ୍ଡୋ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କ ସହ ଅତିଥି।

# ଶିକ୍ଷକ ପାଇଲେ ଓଏଏସ୍

**ଲହୁଣୀପଡ଼ା, ୮।୧୦(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଖୁଣ୍ଟୁଗାଁ ପଞ୍ଚାୟତ ପୁଇଗାଁ ନିବାସୀ ଅବସରପ୍ରାପ୍ତ କନଷ୍ଟେବଳ ପିତାମ୍ବର ବରିହା ଓ ଜମ୍ବୀର ବରିହାଙ୍କ ସାନ ପୁଅ ସୂର୍ଯ୍ୟକାନ୍ତ ବରିହା ସଦ୍ୟ ପ୍ରକାଶିତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୩୧୬ ର୍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡିଛି। ଏ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟୁଥିବା ଜଣାପଡିଛି। ଆଦିବାସୀ ହରିଜନଙ୍କର ଉନ୍ନତି କରିବା ସହିତ ଅପହଞ୍ଚ ଅଞ୍ଚଳର ଗରିବ ଆଦିବାସୀ ଛାତ୍ରୀଛାତ୍ର କେମିତି ଗୁଣାତ୍ମକ ଶିକ୍ଷା ପାଇପାରିବେ ସେ ଦିଗରେ ଆପ୍ରାଣ ଉଦ୍ୟମ କରିବି ବୋଲି କହିଛନ୍ତି ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ହାସଲ କରିଥିବା ସୂର୍ଯ୍ୟକାନ୍ତ ବରିହା। ସେ ରାଜାମୁଣ୍ଡା ନିକଟସ୍ଥ ଶରଧାପୁରସ୍ଥିତ ଏକାଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢି ୭୬% ନମ୍ବର ରଖି ପ୍ରଥମ ଶ୍ରେଣୀରେ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ରାଉରକେଲା ସରକାରୀ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ଓ ବଣାଇ କଲେଜରେ ଯୁକ୍ତ ତିନିରେ ପାଠପଢି ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଅନୁଗୋଳସ୍ଥିତ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ବିଇଡି ଶେଷ କରି ସମ୍ବଲପୁର ଜିଲା କୁସୁମୀସ୍ଥିତ ବଳରାମ ସରକାରୀ ଉଚ୍ଚ ବିଦ୍ୟାଳୟ ରେ ଗତ ଅଗଷ୍ଟ ମାସରେ ଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ। ଶିକ୍ଷକତା ଚାକିରୀ କରି ମଧ ପ୍ରତ୍ୟେକ ଦିନ ୪/୫ ଘଣ୍ଟା କଠିନ ପରିଶ୍ରମ କରି ପାଠ ପଢିବାକୁ ପଡୁଥିଲା। ବିଇଡି ଟ୍ରେନିଂ ନେଲାବେଳେ ସିନିୟର ବ୍ୟାଚର ଛାତ୍ରୀଛାତ୍ର ବିଇଡି ପାଠ ପଢିବା ସହିତ ଓଏଏସ ଓ ଆଇଏଏସ ପାଇଁ ଅକ୍ଲାନ୍ତ ପରିଶ୍ରମ କରି ନିଜକୁ ପ୍ରସ୍ତୁତ କରୁଥିବା ଜାଣି ମୁଁ ବି କାହିଁକି ଓଏଏସ ଓ ଆଇଏଏସ ନ ହେବି ବୋଲି ମନରେ ସଂକଳ୍ପ ନେଇଥିଲି।ଆଜି ତାହା ସଫଳ ହୋଇଛି ବୋଲି ପ୍ରକାଶ କରିଛନ୍ତି।



# ସରିଲା ଚୁଡାଖାଇ ଲୋକ ମହୋତ୍ସବ

**ତରଭା, ୮।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଚୁଡାଖାଇରେ ଚାଲିଥିବା ଲୋକ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଛି । ଏ ଉପଲକ୍ଷେ ହୋଇଥିବା ସଭାରେ ମୁଖ୍ୟ ଅତିଥିଭାବେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ଅତିରିକ୍ତ ଜିଲପାଳ ସୂର୍ଯ୍ୟନାରାୟଣ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କମ୍ପ, ଗଗନ ଅଗ୍ରୱାଲ, ସଭାପତି ଦଶରଥ ସାହୁ, ବିଡିଓ ବିନୟ ପଟେଲ ଯୋଗଦେଇଥିଲେ। ରୂପଶ୍ରୀ କଳା ପରିଷଦ, ସୋନପୁର ସାଂସ୍କୃତିକ ଦଳ ନୃତ୍ୟ ପରିବେଷଣ କରିଥିଲେ। ମାନଭଞ୍ଜନ ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

Ref: No.: SO/II/2022-23/79/456 Date: 07.10.2022

Startup Odisha [2nd Floor, Tower-A, Odisha Startup Incubation Centre (O-Hub), Special Economic Zone, Infocity, Patia, Bhubaneswar- 751024]

**Invitation of application for the Internship Programme of Startup Odisha (2022-23)**

No.h-13:- Startup Odisha invites applications from students/ scholars those who are pursuing or have completed their Graduation / Post Graduation for the "Internship Programme of Startup Odisha (2022-2023)" for a period of 6 months to 1 year at Startup Odisha, Bhubaneswar. Interested candidates may download details of advertisement and apply / register for the internship programme by visiting the official website of Startup Odisha- www.startupodisha.gov.in (career menu) from 09.10.2022. The last date to register / apply for the internship programme is 28.10.2022 by 11:59 P.M. The selection of the interns will be made on merit of academic performance, extra-curricular achievement, the presentation submitted in the application form and personal interview. The applicants are further advised to keep referring Startup Odisha website (www.startupodisha.gov.in) for any updates in reference to this advertisement.

Sd./- (Evangelist, STARTUP ODISHA)

OIPR-43007/11/0014/2223

# ପୁରୁଣା ପେନସନ ଦାବି ନେଇ ୧୫ରେ ବ୍ଲକ ଘେରାଉ

**ବଲାଙ୍ଗୀର ଅଫିସ,୮।୧୦**

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ (ଏନ୍‌ପିଏସ୍) ପକ୍ଷରୁ ଆର୍ଯ୍ୟ ମନ୍ଦିରରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସଂଘ ପକ୍ଷରୁ ପୁରୁଣା ପେନସନ ଦାବି ନେଇ ଅକ୍ଟୋବର ୧୫ରେ ବ୍ଲକ୍ ଘେରାଉ ନିଷ୍ପତ୍ତି ହୋଇଥିଲା। ସଂଘ ସଦସ୍ୟାସଦସ୍ୟମାନେ ସରକାରଙ୍କ ନୂତନ ପେନସନ ଯୋଜନାକୁ ବିରୋଧ କରିଥିଲେ। ଆଗାମୀ ୧୫ ତାରିଖରେ ବ୍ଲକ ଶିକ୍ଷାଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଅର୍ଥମନ୍ତ୍ରୀ, ଆଇନମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ୨୦୦୫ ପୂର୍ବରୁ ନିଯୁକ୍ତ ସରକାରୀ କର୍ମଚାରୀ ପେନସନ ପାଇବା ପାଇଁ ହକଦାର ଥିବା ବେଳେ ସରକାର ୨୦୦୫ ପରେ ଚାକିରି କରୁଥିବା ସମସ୍ତ ସରକାରୀ କର୍ମଚାରୀଙ୍କ ପାଇଁ ନୂତନ ପେନସନ ଯୋଜନା କାର୍ଯ୍ୟକାରୀ କରିବା ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ପୁରୁଣା ପେନସନ ସରକାରୀ କର୍ମଚାରୀଙ୍କୁ ବଞ୍ଚିତ କରି ନୂତନ ପେନସନ ଯୋଜନା ପ୍ରଚଳନ ସରକାରଙ୍କ ଷଡଯନ୍ତ୍ର। ୨୦୦୫ ମସିହା ପରଠାରୁ ସରକାରୀ କର୍ମଚାରୀଙ୍କୁ ପୁରୁଣା ପେନସନ ନ ଦେଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ବ୍ଲକର ସମସ୍ତ ପ୍ରାଥମିକ ଶିକ୍ଷକ (ଏନ୍‌ପିଏସ୍, ଏକ୍ସକ୍ୟାଡର, କନିଷ୍ଠ ଶିକ୍ଷକ) ୧୫ ଅକ୍ଟୋବରରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିବେ। ୨୯ରେ ଜିଲା ର୍ୟାଲିରେ ଯୋଗଦେବେ ବୋଲି ଏନ୍‌ପିଏସ୍ ଶିକ୍ଷକ ସଂଘ ସଭାପତି ଶିତୋଷ କୁମାର ପାଣିଗ୍ରାହୀ, ସମ୍ପାଦକ ଅଞ୍ଜନ ସାଏ, ଏକ୍ସକ୍ୟାଡର ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତରଣୀସେନ ପଧାନ, ସମ୍ପାଦକ ଉକାଲୁ ସା, କନିଷ୍ଠ ଶିକ୍ଷକ ସଂଘ ସଭାପତି ମନସ ପାଣିଗ୍ରାହୀ ପ୍ରେସ ବିବୃତିରେ ଜଣାଇଛନ୍ତି ।

# ଉପନିର୍ବାଚନ ପାଇଁ ବିଜେଡିର ଶକ୍ତି ପ୍ରଦର୍ଶନ

**ଧାମନଗର,୮।୧୦(ଡି.ଏନ.ଏ/ ସ୍ୱ.ପ୍ର.)**

ଭଦ୍ରକ ଜିଲା ଧାମନଗର ନିର୍ବାଚନମଣ୍ଡଳୀ ଅଧୀନ ଦୋବଲ ଜୋନ୍ ସ୍ତରୀୟ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶନିବାର ମୁସ୍ତାଫାପୁର ପଞ୍ଚାୟତର ଦୋବଲ କାଳୀପଡ଼ିଆଠାରୁ ବାହାରି ବଜାର, ଗ୍ରାମ ପରିକ୍ରମା କରିଥିଲା। ପରେ ଦୋବଲ ପଞ୍ଚାୟତ ସୋଧ ଧରମପଦା ପଡ଼ିଆରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବିଜେଡି ଜନସମ୍ପର୍କ ପଦଯାତ୍ରା ସହ ଆଗାମୀ ଉପନିର୍ବାଚନ ପାଇଁ ଲୋକଙ୍କୁ ଏକାଠି କରି ଏକପ୍ରକାର ଶକ୍ତି ପ୍ରଦର୍ଶନ କରିଛି। ଉମେଶ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ସଂସ୍କୃତି, ପର୍ଯ୍ୟଟନ ଓ ଅବକାରୀ ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଉପସ୍ଥିତ କର୍ମୀ ଓ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଜିଲା ପର୍ଯ୍ୟବେକ୍ଷକ ତଥା ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ରାଜ୍ୟସଭା ସଦସ୍ୟ ମୁନା ଖାଁ, ଭଦ୍ରକ ବିଧାୟକ ସଞ୍ଜୀବ ମଲିକ, ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର ଦାସ, ବିଜେଡି ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

# ଉଗ୍ର ଜାତୀୟତାବାଦ, ଧର୍ମାନ୍ଧତା ମଣିଷ ସମାଜର ଶତ୍ରୁ




ଗାଳ୍ପିକ ମନୋଜ ପଣ୍ଡା ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଆଲୋଚକ ଓ ଅତିଥି।

**ବଲାଙ୍ଗୀର ଅଫିସ,୮।୧୦**

## ମନୋଜ ପଣ୍ଡା ସ୍ମାରକୀ ବକ୍ତୃତା

ବିଶେଷ ରଚନା ସନ୍ଧ୍ୟା କାର୍ଯ୍ୟକ୍ରମରେ ଶନିବାର ବଲାଙ୍ଗୀର ସାମ୍ବାଦିକ ଭବନ ଠାରେ ଗାଳ୍ପିକ ମନୋଜ କୁମାର ପଣ୍ଡା ପୁରସ୍କାର ସମାରୋହ ଓ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରଚନା ସଭାପତି ସନାତନ ଠାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମାରକୀ ବକ୍ତୃତାରେ ମୁଖ୍ୟ ଆଲୋଚକଭାବେ ପ୍ରଖ୍ୟାତ ଲେଖକ ପ୍ରଫେସର ଧନେଶ୍ୱର ସାହୁ ଯୋଗଦେଇ ସଭ୍ୟତାର ଯାତ୍ରାରେ ମଣିଷ ଶୀର୍ଷକରେ ଆଲୋଚନା କରିଥିଲେ। ପ୍ରଫେସର ସାହୁ ତାଙ୍କ ସାରଗର୍ଭକ ବକ୍ତବ୍ୟରେ ମଣିଷ ସମାଜର ପରିକଳ୍ପନା ଓ ଏହାର ଯାତ୍ରା ସମ୍ପର୍କରେ ତଥ୍ୟାତ୍ମକ ବିଶ୍ଳେଷଣ କରିଥିଲେ। ମଣିଷ ଧର୍ମ ଓ ସମାଜ ନିର୍ମାଣ କରିବା ପଛରେ ଥିବା ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ସେ କହିଥିଲେ ଯେ, ଉଗ୍ରଜାତୀୟତାବାଦ ଓ ଉଗ୍ର ଧର୍ମାନ୍ଧତା ହେଉଛି ମଣିଷ ସମାଜର ଶତ୍ରୁ। ସାମ୍ପ୍ରତିକ ସମାଜରେ ଏଭଳି ଉଗ୍ର ମାନସିକତା ସକଳ ଅଶାନ୍ତି ଓ ଦ୍ୱନ୍ଦ୍ୱର କାରଣ ପାଲିଟିଛି ବୋଲି କହିଥିଲେ। ଏହି ସଭାରେ ସେ ଦିବଙ୍ଗତ ଗାଳ୍ପିକ ମନୋଜ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କ ଗଳ୍ପରେ ଥିବା ମାନବବାଦୀ ଆବେଦନ ସମ୍ପର୍କରେ କହିଥିଲେ।

ସଭା ପ୍ରାରମ୍ଭରେ ରଚନା ସମ୍ପାଦକ ଭାଗିରଥି ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହାପରେ ଗାଳ୍ପିକ ପଣ୍ଡାଙ୍କ ଜୀବନ କୃତି ସମ୍ପର୍କରେ ଡ. ସନ୍ତୋଷ କୁମାର ରଥ ବକ୍ତବ୍ୟ ରଖିଥିଲେ। ଗାଳ୍ପିକ ପଣ୍ଡାଙ୍କ ଗଦ୍ୟ ସଂଗ୍ରହ ବହୁଧା ଅବିଭକ୍ତକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଉନ୍ମୋଚିତ ପୁସ୍ତକ ବହୁଧା ଅବିଭକ୍ତର ସମ୍ପାଦକ ତଥା ସଂକଳକ କବି ପ୍ରଦୀପ କୁମାର ପଣ୍ଡା ଉନ୍ମୋଚିତ ଗଦ୍ୟ ସଂଗ୍ରହ ଉପରେ ଆଲୋଚନା କରିଥିଲେ। କବି ରତ୍ନମୟ ତ୍ରିପାଠୀ ବହୁଧା ଅବିଭକ୍ତରୁ କିୟଦଂଶ ପାଠ କରିଥିଲେ। ଏହି ଅବସରରେ ଗାଳ୍ପିକ ଆଦିତେଶ୍ୱର ମିଶ୍ରଙ୍କୁ ମନୋଜ କୁମାର ପଣ୍ଡା ସର୍ଜନ ପୁରସ୍କାର ଅର୍ପଣ କରାଯାଇଥିଲା। ପରେ ସ୍ମାରକୀ ବକ୍ତୃତା ଉପରେ ପ୍ରଫେସର ସାହୁ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ବନ୍ଦନା ପଟ୍ଟନାୟକ ସଂଯୋଜନା କରିଥିଲେ। ସଭାପତି ଠାକୁରଙ୍କ ସଭାପତୀୟ ଅଭିଭାଷଣ ପରେ ସହସମ୍ପାଦକ ଲକ୍ଷ୍ମଣ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହରର ବହୁ ସାହିତ୍ୟିକ, ବୁଦ୍ଧିଜୀବୀ ଓ ସାହିତ୍ୟପ୍ରେମୀ ଉପସ୍ଥିତ ଥିଲେ।

**Government of Odisha**
**Higher Education Department**

**Timeline for Phase-II Admission into U.G. Courses under SAMS in the Higher Education Institutions for the Academic Year 2022-23**

No.N-47:- Timeline for e-Admission in all (+3) Degree Colleges including Self Financing (Degree) / Sanskrit (Shastri) Colleges of the State under Student Academic Management System (SAMS) is given below. Any changes in the timelines will be published in the newspapers as well as in the website www.samsodisha.gov.in. Kindly refer the Common Prospectus (CP) before filling up the CAF.

| Sl# | Activities | Timeline |
| --- | --- | --- |
| 1 | Availability of online Common Application Form (CAF) in the website www.samsodisha.gov.in | 13th Oct. 2022 (11:00 A.M.) |
| 2 | Last date of applying online CAF through www.samsodisha.gov.in | 19th Oct. 2022 (11:45 P.M.) |
| 3 | Publication of First Merit List in SAMS Portal | 27th Oct. 2022 (02:00 P.M.) |
| 4 | Reporting of Applicants at allotted institutions for taking admission | 28th Oct. 2022, 29th Oct. 2022 & 31st Oct. 2022 (5:00 P.M.) |
| 5 | Error Correction and Data updation of applicants selected in Phase-II Selection | 28th Oct. 2022, 29th Oct. 2022 & 31st Oct 2022 (7.00 P.M.) |
| 6 | Filling up of Slide-up Option Form online by admitted students | 28th Oct. 2022 to 1st Nov. 2022 (11:45 P.M.) |
| 7 | Publication of Second Merit List in SAMS Portal | 7th Nov. 2022 (02:00 P.M.) |
| 8 | Reporting of Applicants at allotted institutions for taking admission | 9th Nov.-2022 to 11th No. 2022 (5:00 P.M.) |
| 9 | Data updation of applicants selected in Phase-II Selection | 9th Nov. 2022 to 12th Nov. 2022 (5:00 P.M.) |
| 10 | Collection of Admission Fees at the respective HEIs (After completion of all phases of e-Admission Process for the session 2022-23) | Dates will be notified by the Higher Education Department later |

**For more details please contact: e-Admission Helpline (Toll Free) Number 155335 / 1800-345-6770**

N.B.: Please go through the detailed U.G. Phase-II Guidelines available in U.G. SAMS website (https://samsodisha.gov.in/ DegreeNew/index.aspx)

Sd./- Deputy Director
PTC Section

OIPR-11001/11/0035/2223

## ଢାବାରେ ଚଢ଼ାଉ, ୨ ଗିରଫ

**ରାଉରକେଲା ଅଫିସ:** ବେଆଇନ ମଦ କାରବାର ଅଭିଯୋଗରେ ରାଉରକେଲା ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ତିଳକାନଗର ଅଞ୍ଚଳରେ ଥିବା ଏକ ଢାବାରେ ପୋଲିସ ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କୋଇଲାଗେଟ୍ ଅଞ୍ଚଳର ଚନ୍ଦନ ସୋନୀ ଓ ତିଳକାନଗରର ମଦନ ଚୌଧୁରୀ। ଉଭୟଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୭୩।୨୨) ରୁଜୁ ହୋଇଛି। ସୂଚନା ଅନୁସାରେ, ମଦନ ଢାବା କରି ବେଆଇନ ବିଦେଶୀ ମଦ ବିକ୍ରି କରୁଥିବା ବେଳେ ଶନିବାର ଅପରାହ୍ନ ସାଢ଼େ ୨ଟାରେ ପୋଲିସ ଚଢ଼ାଉ କରି ବିଦେଶୀ ମଦ ଜବତ କରିଥିଲା।

## ସଂକ୍ଷେପରେ

### ପ୍ରେମ ପ୍ରତାରଣା, ଜଣେ ଗିରଫ

**ରାଉରକେଲା ଅଫିସ,୮।୧୦:** ରାଉରକେଲା ଟାଙ୍ଗରପାଲି ଥାନା ଅନ୍ତର୍ଗତ ଫର୍ଟିଲାଇଜର ଅଞ୍ଚଳର ଜଣେ ମହିଳାଙ୍କୁ ପ୍ରେମ ପ୍ରତାରଣା ଅଭିଯୋଗରେ ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପାୟୁସ ଓରାମ(୨୯)। ତାଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୬୧।୨୨) ରୁଜୁ କରିଛି। ବିଶ୍ରା ଏରଲା ଗ୍ରାମର ପାୟୁସ ଗତ ବର୍ଷେ ହେଲା ଉକ୍ତ ମହିଳାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଆସୁଥିଲେ। ମହିଳା ଜଣଙ୍କ ଉକ୍ତ ଯୁବକଙ୍କ ସହ ରହିବା ପାଇଁ ଜିଦ୍ କରିବାରୁ ପାୟୁସ ତାଙ୍କୁ ମନା କରି ଦେଇଥିଲେ। ଫଳରେ ମହିଳା ଜଣଙ୍କ ଟାଙ୍ଗରପାଲି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ କରି ବିଶ୍ରା ଅଞ୍ଚଳରୁ ପାୟୁସଙ୍କୁ ଗିରଫ କରିଥିଲା।

### ମଇଁଷି ଆକ୍ରମଣରେ ଯୁବକ ଗୁରୁତର

**ଦେବଗଡ଼, ୮।୧୦(ଡି.ଏନ୍.ଏ):** ଦେବଗଡ ଥାନା ଅନ୍ତର୍ଗତ କାଉଁଶିବାହାଲ ଗ୍ରାମରେ ମଇଁଷି ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଶନିବାର କାଉଁଶିବାହାଲ ଗ୍ରାମର ବିଜୟ ନାୟକ(୩୦) ଓ ବାବୁଲା ଛେଳି ଚରାଇବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ତେବେ ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ଜଙ୍ଗଲ ମଧରେ ଏକ ଉନ୍ମତ୍ତ ମଇଁଷି ବିଜୟ ଏବଂ ବାବୁଲାଙ୍କୁ ଆକ୍ରମଣ ପାଇଁ ଗୋଡାଇବାରୁ ବାବୁଲା ଏକ ଗଛ ଉପରକୁ ଚଢ଼ିଯାଇଥିଲେ। ତେବେ ଉକ୍ତ ମଇଁଷିଟି ବିଜୟଙ୍କୁ ଗୋଡାଇ ଗୋଡାଇ ଆକ୍ରମଣ କରିଥିଲା। ଏପରିକି ବିଜୟ ତଳେ ପଡି ଚିତ୍କାର କରୁଥିଲେ ହେଁ ମଇଁଷିଟି ତାଙ୍କ ଉପରେ ଆକ୍ରମଣ ଜାରି ରଖିଥିଲା। ତେବେ ବିଜୟ ଚେତାଶୂନ୍ୟ ହୋଇପଡିବାରୁ ମହିଁଷି ବାବୁଲା ଚଢିଥିବା ଗଛ ମୂଳରେ ଠିଆ ହୋଇ ଉପରକୁ ଅନାଇ ରହିଥିଲା। ଏହାଦେଖି ଗଛ ଉପରେ ଥିବା ବାବୁଲା ଏନେଇ ମୋବାଇଲ ଫୋନରେ ସୂଚନା ଦେବାରୁ ଗ୍ରାମବାସୀ ମିଳିତ ଭାବେ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ମଇଁଷିକୁ ଘଉଡାଇବା ସହ ବିଜୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ହେଁ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

### ରାଉରକେଲାରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

**ରାଉରକେଲା ଅଫିସ,୮।୧୦:** ଇଦ୍ ମିଲାଦିନ୍ ନବି ପାଳନ ଅବସରରେ ରାଉରକେଲା ସହରରେ କୌଣସି ସାମ୍ପ୍ରଦାୟିକ ପରିସ୍ଥିତି ନ ଉପୁଜିବା ପାଇଁ ପ୍ଲାଣ୍ଟସାଇଟ୍ ପୋଲିସ ଶନିବାର ସନ୍ଧ୍ୟାରେ ଫ୍ଲାଗ ମାର୍ଚ୍ଚ କରିଛି। ଏଥିରେ ଓଏସ୍ଏଫ ଯବାନଙ୍କ ସମେତ ୫ ପ୍ଲାଟୁନ ପୋଲିସ ଫୋର୍ସ ସାମିଲ ହୋଇଥିଲେ। ସେମାନେ ବିଶ୍ରା ରୋଡ୍‌ରୁ ବାହାରି ମେନ୍ ରୋଡ, ନାଲାରୋଡ, କଚେରି ରୋଡ, ଜିଟି ଲାଇନ୍, ଭଟି ରୋଡ୍, ଡେଲି ମାର୍କେଟ ଦେଇ ଯାଇଥିଲେ। ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁଙ୍କ ନିର୍ଦ୍ଦେଶକ୍ରମେ ଫ୍ଲାଗମାର୍ଚ୍ଚ ହୋଇଥିଲା। ଏଥିରେ ପ୍ଲାଣ୍ଟସାଇଟ୍ ଥାନାଧକାରୀ ସନ୍ତୋଷ କୁମାର ଜେନା, ଅତିରିକ୍ତ ଏସ୍‌ପି ବିକ୍ରମ କେଶରୀ ଭୋଇଙ୍କ ସମେତ ଅନ୍ୟ ବହୁ ବରିଷ୍ଠ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

### ନାଗରିକ ସଚେତନ ହେଲେ ଦେଶର ପ୍ରଗତି ହେବ

**ରାଉରକେଲା ଅଫିସ,୮।୧୦:** ହାପି ମୁମେଣ୍ଟ ଇଣ୍ଡିଆ ଓ ଆଇବା ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ରାଉରକେଲାର ଏକ ଘରୋଇ ହୋଟେଲରେ ଶନିବାର ନାଗରିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ. ଭାଗୀରଥି ଯୋଶୀ ମୁଖ୍ୟ ଅତିଥି, ଅନିତା ଅଗ୍ରୱାଲ, ସସ୍ମିତା ବାବୁ, ନରେଶ ଆରିୟା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଶାସନିକ ସେବା, ଅର୍ଥନୈତିକ ସେବା, ଗଣମାଧ୍ୟମ ଓ ସମାଜସେବା କ୍ଷେତ୍ରରେ ପାରିଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହାପି ମୁମେଣ୍ଟର ପ୍ରତିଷ୍ଠାତା ରାଜେନ୍ଦ୍ର ପ୍ରସାଦ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଆଇନଜୀବୀ ରମେଶ ବଳଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଦିବାକର ଦାସ, ରବୋଟ ହାଇହିଲ ପ୍ରମୁଖ ସହଯୋଗ କରିଥିଲେ। କଲ୍ୟାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଘଟଣା ଚାପି ଦେବାକୁ ଉଦ୍ୟମ

**ଲେଫ୍ରିପଡ଼ା, ୮।୧୦(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ଗିରିଙ୍ଗକେଲା ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ବାତୁନଝରିଆ ମୁଖ୍ୟ କେନାଲ ଠାରୁ ମାଝିକୁଦର ରାସ୍ତାକୁ ଗାର୍ଡୱାଲ ଏବଂ ସିଡ଼ି ନିର୍ମାଣ କାର୍ଯ୍ୟରେ ବିନା କାମରେ ଶ୍ରମିକଙ୍କ ନାମରେ ଟଙ୍କା ଉଠିବା ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ଆରମ୍ଭ ହୋଇଛି। ଫଳରେ ଯୁଦ୍ଧକାଳୀନ ଭିତ୍ତିରେ ମାଟିବୁହା କାମ ଆରମ୍ଭ ହୋଇଛି। ସୂଚନାଫଳକ ନ ଥିବାବେଳେ ଶନିବାର ସୂଚନା ଫଳକ ମଧ୍ୟ ତିଆରି ଚାଲିଛି। ବିନା କାମରେ ଶ୍ରମିକଙ୍କ ନାମରେ ଟଙ୍କା ଉଠିବା ନେଇ ଶୁକ୍ରବାର ଦୈନିକ ଖବର କାଗଜ ଧରିତ୍ରୀରେ ଖବର ପ୍ରସାରଣ ହୋଇଥିଲା। ଖବର ପ୍ରସାରଣ ପରେ ଉକ୍ତ କାର୍ଯ୍ୟକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଗାମୀ ସୋମବାର ତଦନ୍ତ କରିବା କାର୍ଯ୍ୟକ୍ରମ ରହିଥିବା ବେଳେ ସମ୍ପୃକ୍ତ ଥିବା କର୍ମଚାରୀ ଏବଂ ଦୁର୍ନୀତି ଖୋର ବ୍ୟକ୍ତି ବିଶେଷ ଘଟଣାକୁ ବାଟବଣା କରି ଚପାଇବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଫଳରେ ଶନିବାର ଉକ୍ତ କାର୍ଯ୍ୟରେ ପ୍ରାୟ ଷାଠିଏରୁ ଉର୍ଦ୍ଧ୍ୱ ଶ୍ରମିକ ଲଗାଇ ଯୁଦ୍ଧକାଳୀନ ଭିତ୍ତିରେ ଦୋଷ ଲୁଚାଇବା ସକାଶେ ରାସ୍ତାରେ ମାଟିବୁହା ଆରମ୍ଭ ହୋଇଛି ଏବଂ ସୂଚନା ଫଳକ ତିଆରି ଚାଲିଛି। ପୂର୍ବରୁ କୌଣସି ପ୍ରକାରେ ଏହି ରାସ୍ତାରେ ମାଟିବୁହା ହୋଇ ନ ଥିଲା। ଏହି କାର୍ଯ୍ୟ ପାଇଁ ୨୦୨୧-୨୨ଆର୍ଥିକ ବର୍ଷରେ ୯ଲକ୍ଷ ୯୯ହଜାର ଟଙ୍କା ମଞ୍ଜୁରୀ ହୋଇଛି। ଏଥିରେ କୌଣସି କାମ ନ ହୋଇ ପ୍ରାୟୋଜିତ ଭାବେ ବାତୁନଝରିଆ ଗ୍ରାମର ୧୭ଜଣ ଶ୍ରମିକ ନାମରେ ୨୨ଜୁନ ଠାରୁ ୨୮ସେପ୍ଟେମ୍ବର ପର୍ଯ୍ୟନ୍ତ ୨୯ଗୋଟି ମାଷ୍ଟର ରୁଲ ପ୍ରୟୋଗ କରି ୨ଲକ୍ଷ ୮ହଜାର ୭ଶହ ଏକାନବେ ଟଙ୍କା ହଡପ କରାଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ନିୟମ ଅନୁଯାୟୀ ଶ୍ରମିକଙ୍କ ପକ୍ଷରୁ ଗାଁ ସାଥୀ ମାଧ୍ୟମରେ କାମ ଡିମାଣ୍ଡ କରାଯାଇଥାଏ। ଡିମାଣ୍ଡ ଅନୁମୋଦନ ହେଲା ପରେ ଡିମାଣ୍ଡ କରିଥିବା ଶ୍ରମିକଙ୍କ ନାମରେ ମଷ୍ଟର ରୁଲ ଦ୍ୱାରା ନାମିତ ହୋଇ ଆସିଥାଏ । ପରେ ମଷ୍ଟର ରୁଲରେ ନାମିତ ବ୍ୟକ୍ତିଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇ ଶ୍ରମିକମାନଙ୍କର କାର୍ଯ୍ୟ ସ୍ଥଳୀର ପ୍ରତିଦିନର ଫଟୋ ଏବଂ ମଷ୍ଟର ରୁଲ ଦ୍ୱାରା ଶ୍ରମିକଙ୍କ ହାଜିରା ପାଇଁ ଜିଆରଏସଙ୍କ ମାଧ୍ୟମରେ ଅନୁମୋଦନ ପାଇଁ ପଠାଯାଉଥିବା ବେଳେ ଏଠାରେ କୌଣସି ଫଟୋ ନ ଥିବା ଦେଖାଦେଇଛି। ଅନ୍ୟପକ୍ଷରେ ଉକ୍ତ କାର୍ଯ୍ୟରେ ଶନିବାର କାମ କରିଥିବା ଶ୍ରମିକମାନଙ୍କ କୌଣସି କାମ ଡିମାଣ୍ଡ ନ ଥିବା ବେଳେ ଉକ୍ତ ଶ୍ରମିକମାନେ ସାଲେଟିକ୍ରା ଗ୍ରାମର ଅଟନ୍ତି। କିନ୍ତୁ ଏହି କାର୍ଯ୍ୟରେ ଅଦ୍ୟାବଧି ମାତ୍ର ବାତୁନ ଝରିଆ ଗ୍ରାମର ୧୭ଜଣ ଶ୍ରମିକ କାର୍ଯ୍ୟ କରିଥିବା ରେକର୍ଡ ରହିଛି । ବର୍ତ୍ତମାନ ଏହି କାର୍ଯ୍ୟ ସକାଶେ କୌଣସି କାମ ଡିମାଣ୍ଡ ନ ଥିବା ବେଳେ ମଷ୍ଟର ରୁଲ ମଧ ବାହାରି ନାହିଁ । ତେଣୁ ଏଠାରେ କେଉଁ ଶ୍ରମିକଙ୍କୁ କାମରେ ନିୟୋଜିତ କରାଯାଇଛି। ରାସ୍ତାରେ ପଡ଼ିଥିବା ମାଟି ପୁରୁଣା ନା ନୂଆ ଅଟେ । ଏହି ସବୁ ଅନେକ ଦିଗରେ ତଦନ୍ତ ସାପେକ୍ଷ ରହିଛି। ଏହି କାର୍ଯ୍ୟରେ ଗାଁ ସାଥୀ ଏବଂ ଜିଆରଏସ୍‌ଙ୍କ ଦୁର୍ନୀତି ଇଙ୍ଗିତ ହେଉଥିବା ବେଳେ ଜୀବନ ବିକଳରେ ଘଟଣାକୁ ଚପାଇବାକୁ ଘୋର ଉଦ୍ୟମ ଚଳାଇଛନ୍ତି। ଘଟଣା ଚପାଇବା ଦିଗରେ ଏଥିରେ ବ୍ଲକର ଜଣେ ବରିଷ୍ଠ ଅଧିକାରୀଙ୍କ ହାତ ରହିଥିବା ସୂଚନା ମିଳିଛି। ଅପରପକ୍ଷରେ ସଂପୃକ୍ତ ଜିଆର୍‌ଏସ ଶ୍ରମିକ ହାଜିରା ବଢ଼ାଇ ଅର୍ଥ ହଡ଼ପ କରିବା ପାଇଁ ଖୋଲା ଖୋଲି ଭାବେ ଚାପ ପ୍ରୟୋଗ କରୁଥିବା ଗାଁ ସାଥୀ ଏବଂ ୱାର୍ଡ ମେମ୍ବର ଅଭିଯୋଗ କରିଛନ୍ତି। ଲେଫ୍ରିପଡା ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଦୁର୍ନୀତି ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ବିଗତ ଦିନରେ ମଧ ଦୁର୍ନୀତିର କାର୍ଯ୍ୟ ଦେଖିବାକୁ ମିଳିଛି। ତେଣୁ ଏହାର ନିରପେକ୍ଷ ତଦନ୍ତ କରି ବ୍ଲକ ପ୍ରଶାସନ ଏବଂ ଜିଲା ପ୍ରଶାସନ ଦୁର୍ନୀତି ଖୋର ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଦାବି ହେଉଛି।


ଶନିବାର ଉକ୍ତ ରାସ୍ତାରେ ମାଟି ବୋହୁଥିବା ଶ୍ରମିକ।


ସୂଚନାଫଳକ ତିଆରି ଚାଲିଛି।

**ବିନା କାମରେ ଶ୍ରମିକଙ୍କ ନାଁରେ ଟଙ୍କା ଉଠିବା ଘଟଣା**
- ଯୁଦ୍ଧକାଳୀନ ଭିତ୍ତିରେ ମାଟିବୁହାକାମ ଆରମ୍ଭ
- ସୂଚନା ଫଳକ ନ ଥିବା ବେଳେ ସୂଚନାଫଳକ ତିଆରି

## ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଦେବଗଡ଼ ଜିଲାର ୩ ଜଣ

**ଦେବଗଡ଼ ୮।୧୦ (ଡି.ଏନ.ଏ)**

ଓଡିଶା ଲୋକସେବା ଆୟୋଗ ପକ୍ଷରୁ ଅନୁଷ୍ଠିତ ହୋଇଥିବା ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ଦେବଗଡ଼ ଜିଲାର ତିନିଜଣ କୃତିତ୍ୱ ହାସଲ କରିଥିବା ଜଣାପଡିଛି। ଏଥିମଧ୍ୟରୁ ଦୁଇ ଜଣ ମହିଳା ଓ ଜଣେ ପୁରୁଷ ଥିବା ଜଣାପଡିଛି। ଦୁଇଜଣ ବାରକୋଟ ବ୍ଲକର ହୋଇଥିବା ବେଳେ ଜଣେ ଦେବଗଡ଼ ପୌରାଞ୍ଚଳର ଅଛନ୍ତି। ସେମାନେ ହେଲେ ବାରକୋଟ ବ୍ଲକ କଣ୍ଢେଳ ପଞ୍ଚାୟତ ବିସିବାଲିପସି ଗ୍ରାମର ଅମୁଲ୍ୟ କୁମାର ସାହୁ ଓ ଡଅରା ପଞ୍ଚାୟତ ଝୁମ୍ପୁରା ଗ୍ରାମର ସୁପ୍ରିୟା ପ୍ରଧାନ ଓ ଦେବଗଡ଼ ପୌରାଞ୍ଚଳ ଜଗତିପାଲି ସାହିର ରଶ୍ମିରେଖା କିଷାନ ବୋଲି ଜଣାପଡିଛି। ସାହୁ ଏବେ ରିଆମାଳ ବ୍ଲକ ବୁଢ଼ାପାଳ ସ୍ଥିତ ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ ଅଛନ୍ତି। ଜିଲାରୁ ତିନିଜଣ ଓଏସ ପାଇଥିବା ଖବର ଜଣାପଡିବା ପରେ ବିଭିନ୍ନ ମହଲରେ ଖୁସି ପ୍ରକାଶ ପାଇଛି। କୃତିତ୍ୱ ହାସଲ କରିଥିବା ତିନି ଜଣଙ୍କୁ ବିଭିନ୍ନ ସଙ୍ଗଠନ, ରାଜନୈତିକ ଦଳ ଶୁଭେଚ୍ଛା ଜଣାଇଛନ୍ତି। ଦେବଗଡ଼ ଗଣେଶ ମେଳା କମିଟି, ଜିଲା ଲାଏନ୍ସ କ୍ଲବ, ଜିଲା ବିଜୁ ଜନତା ଦଳ ପକ୍ଷରୁ ପୁଷ୍ପଗୁଚ୍ଛ, ଉତ୍ତରୀ ଦେଇ ସ୍ୱାଗତ କରାଯାଇଛି।

## ଜୁଆଖେଳରୁ ୩୮ ହଜାର ଟଙ୍କା, ବାଇକ୍ ଓ କାର ଜବତ: ୩ ଗିରଫ

**କୁଆଁରମୁଣ୍ଡା,୮।୧୦(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅଞ୍ଚଳ ଏବେ ଅସାମାଜିକ ଓ ଆପରାଧିକ ଗୋଷ୍ଠୀଙ୍କ ଆଡ୍ଡାସ୍ଥଳ ପାଲଟିଛି। ଚାରିଆଡ଼େ କୁକୁଡା ଲଢେଇ ଓ ଜୁଆଖେଳ ଖୁଲମଖୁଲା ଚାଲୁଥିଲେ ମଧ୍ୟ ପୋଲିସ ସାଜିଛି ନୀରବଦ୍ରଷ୍ଟା। କାଁ ଭାଁ କେତେବେଳେ ଲୋକ ଦେଖାଣିଆଭାବେ ପୋଲିସ ଚଢାଉ କରି ବାହାବା ନେବାକୁ ଚାହୁଁଛି ଓ ଜିଲା ପୋଲିସ ନିକଟରେ ନିଜର ପାରିବାପଣିଆକୁ ସାବ୍ୟସ୍ତ କରିବାକୁ ଚେଷ୍ଟା କରୁଛି । ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ବୀରମିତ୍ରପୁର ଥାନା ଅନ୍ତର୍ଗତ ଚୁଟିଆଟୋଲି ନିକଟରେ ଥିବା ଫରେଷ୍ଟ ବିଟ୍ ହାଉସ୍ ପଛପଟେ ଶନିବାର ସନ୍ଧ୍ୟାରେ ଜୁଆଖେଳର ଆସର ଜମିଥିଲା ବେଳେ ବୀରମିତ୍ରପୁର ପୋଲିସ ସେଠାରୁ ମାତ୍ର ୩୮ ହଜାର ୬ଶହ ଟଙ୍କା ଜବତ କରିବା ସହ ମୁଠାଏ ତାସ୍,୧ଟି ପଟି, ୩ବାଇକ୍ ଓ ୨ଟି ଦାମୀ କାର ଓ ୧ଟି ବୋଲେରୋ ଜବତ କରିଛି। ଏହାସହ ଘଟଣାସ୍ଥଳରୁ ମାତ୍ର ୩ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ଉକ୍ତ ଜୁଆରେ ବହୁ ପ୍ରଭାବଶାଳୀ ବ୍ୟକ୍ତି ଥିଲେ ମଧ୍ୟ ସେମାନଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇପାର ନ ଥିବା ଅଞ୍ଚଳରେ ଚର୍ଚ୍ଚା ଚାଲିଛି। ଚଢାଉରେ ବୀରମିତ୍ରପୁର ଏସଡିପିଓ, ଆଇଆଇସି, ଓଆଇସି ପ୍ରମୁଖ ସାମିଲ ଥିଲେ ।

## ରାଷ୍ଟ୍ରପତିଙ୍କ ପ୍ରତି କଟୂକ୍ତି ପାଇଁ କଂଗ୍ରେସ କ୍ଷମା ମାଗୁ: ଜୁଏଲ

**ରାଉରକେଲା ଅଫିସ,୮।୧୦**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି କଂଗ୍ରେସ ନେତାମାନେ ଲଗାତର ଅପମାନଜନକ ଶବ୍ଦ ପ୍ରୟୋଗ କରିବାକୁ ବିରୋଧ କରି ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ଶନିବାର ରାଉରକେଲା ସେକ୍ଟର-୩ ସ୍ଥିତ ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ କ୍ଷୋଭ ପ୍ରକାଶ କରିଥିଲେ। ସେଥିପାଇଁ ସମ୍ପୃକ୍ତ ନେତାଙ୍କୁ ଦଳରୁ ବହିଷ୍କାର କରିବା ସହ କଂଗ୍ରେସ କ୍ଷମା ମାଗୁ ବୋଲି ଓରାମ ଦାବି କରିଥିଲେ।

ଏମ୍‌ପି ଓରାମ କହିଥିଲେ, ଗତ ଦୁଇ ଦିନ ତଳେ କଗ୍ରେସର ବରିଷ୍ଠ ନେତୃତ୍ୱ ଡ. ଉଦିତରାଜ ରାଷ୍ଟ୍ରପତି ମୁର୍ମୁଙ୍କୁ ତାସଲ୍ୟ କରି ଚାମଚାଗିରି ଶବ୍ଦ ପ୍ରୟୋଗ କରିବା ସାରା ଦେଶର ଆଦିବାସୀ ସମାଜ ପ୍ରତି ଘୋର ଅପମାନ। କଂଗ୍ରେସ ଦଳ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ପ୍ରାର୍ଥୀ ଚୟନଠାରୁ ଆରମ୍ଭ କରି ରାଷ୍ଟ୍ରପତି ନିର୍ବାଚିତ ହେବା ପର୍ଯ୍ୟନ୍ତ ବିଭିନ୍ନ ସମୟରେ କଟୂକ୍ତି ପ୍ରୟୋଗ କରିଆସୁଛି। ଏହା ପୂର୍ବରୁ କଂଗ୍ରେସର ବିରୋଧୀଦଳ ନେତା ଅଧୀର ରଞ୍ଜନ ଚୌଧୁରୀ ରାଷ୍ଟ୍ରପତି ବଦଳରେ ରାଷ୍ଟ୍ରପତ୍ନୀ ବୋଲି ସମ୍ବୋଧନ କରିବା ସାମ୍ବିଧାନିକ ପଦବୀର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିଛି। କଂଗ୍ରେସର ଏପରି ପ୍ରାୟୋଜିତ କଟୁ ମନ୍ତବ୍ୟ ଲଜ୍ଜାଜନକ। ନିଜର ପ୍ରତିଭା, କାର୍ଯ୍ୟ ଦକ୍ଷତା ଓ ନିଷ୍ଠା ବଳରେ ଜଣେ ଜନଜାତି ମହିଳା ଆଜି ଦେଶର ସର୍ବୋଚ୍ଚ ପଦବୀରେ ଆସୀନ ଥିବାବେଳେ ତାଙ୍କୁ ଏଭଳି ଅପମାନ ସୂଚକ ଶବ୍ଦ ପ୍ରୟୋଗ କରିବା କେତେ ଯଥାର୍ଥ ବୋଲି ଓରାମ ପ୍ରଶ୍ନ କରିଥିଲେ। କଂଗ୍ରେସର ଉକ୍ତ ନେତା ଉଦିତରାଜ ରବିବାର ରାଉରକେଲା ଗସ୍ତ କରୁଥିବାରୁ ତାଙ୍କୁ ଆଦିବାସୀ ସମାଜ ଓ ଭାଜପା ପକ୍ଷରୁ ଘୋର ବିରୋଧ କରାଯିବ ବୋଲି ଓରାମ କହିଥିଲେ। ଖବରଦାତା ସମ୍ମିଳନୀରେ ଦଳର ସଭାନେତ୍ରୀ ଲତିକା ପଟ୍ଟନାୟକ, ରାଜ୍ୟ ମୁଖପାତ୍ର ଧୀରେନ ସେନାପତି, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ରାଜ୍ୟ ଉପସଭାପତି ସୁକେଶୀ ଓରାମ, ନିହାର ରାୟ, ଭଗବାନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

## ଜାତୀୟ ସ୍ତରରେ ଚମକିଲେ ଓଡ଼ିଆ ବୋହୂ

**ରାଉରକେଲା ଅଫିସ,୮।୧୦**

ଜାତୀୟସ୍ତର ସୁନ୍ଦରୀ ପ୍ରତିଯୋଗିତାରେ ଭାଗନେଇ ରାଉରକେଲା ବାସନ୍ତୀ କଲୋନୀର ସ୍ୱପ୍ନା ଭାରତୀ ଫାଷ୍ଟ ରନର୍ସ ଅପ୍ ଟାଇଟଲ ଜିତି ସୁନ୍ଦରଗଡ଼ ଜିଲା ତଥା ସହର ପାଇଁ ଗୌରବ ଆଣିଛନ୍ତି। ନୂଆଦିଲ୍ଲୀରେ ଆୟୋଜିତ ହୋଇଥିବା ମିସ୍ ଇଣ୍ଡିଆ ଡିଭାସ ଟାଇଟଲରେ ଅଂଶଗ୍ରହଣ କରି ସେ ଏହି ସଫଳତା ପାଇଛନ୍ତି। ଏହି ପ୍ରତିଯୋଗିତାରେ ଭାରତର ବିଭିନ୍ନ ରାଜ୍ୟରୁ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟକୁ ୨ଶହ ପ୍ରତିଯୋଗୀ ଚୟନ ହୋଇଥିଲେ। ଦ୍ୱିତୀୟ ପର୍ଯ୍ୟାୟକୁ ୩୪ ଜଣ ଓ ଫାଇନାଲ ରାଉଣ୍ଡରେ ମାତ୍ର ୫ ଜଣ ମହିଳା ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା। ସ୍ୱପ୍ନା ତାଙ୍କ ସୌନ୍ଦର୍ଯ୍ୟ ଓ ବୃଦ୍ଧିମତାର ଦକ୍ଷତା ଦେଖାଇ ଏହି ଟାଇଟଲ ହାସଲ କରିଥିଲେ। ଏ ନେଇ ସ୍ୱପ୍ନାଙ୍କୁ ପଚାରିବାରୁ ସେ କହିଥିଲେ, ସେ ତାଙ୍କ ଝିଅ ଆଦିତିଙ୍କୁ ମଡେଲିଂ, ଡ୍ୟାନ୍ସିଂ ପାଇଁ ପ୍ରଶିକ୍ଷଣ ଦେଉଥିବାବେଳେ ତାଙ୍କୁ ଦିଲ୍ଲୀର ଉମ୍ରୋ ହୋଟେଲରେ ଏକ ସୁନ୍ଦରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ସୁଯୋଗ ମିଳିଥିଲା। ଏହି ପ୍ରତିଯୋଗିତା ଦିଲ୍ଲୀରେ ସେପ୍ଟେମ୍ବର ୨୧ରୁ ୨୫ ତାରିଖ ପର୍ଯ୍ୟନ୍ତ ମିସ୍ ମିଷ୍ଟର ଇଣ୍ଡିଆ ଦିବା ଅନୁଷ୍ଠାନ ପକ୍ଷରୁ ଆୟୋଜିତ ହୋଇଥିଲା। ଏଥିରେ ସ୍ୱପ୍ନା ରନର୍ସ ଅପ୍ ହୋଇଥିଲେ।



ସ୍ୱପ୍ନା ଭାରତୀ।

## ସୁନ୍ଦରଗଡ଼ ପୋଲିସ ଜିଲାରେ ଅଦଳବଦଳ

**ସୁନ୍ଦରଗଡ଼,୮।୧୦(ଡି.ଏନ.ଏ)**

ସୁନ୍ଦରଗଡ ପୋଲିସ ଜିଲାରେ ଇନ୍ସପେକ୍ଟର, ସବ୍‌ଇନ୍ସପେକ୍ଟର ଓ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ସ୍ତରରେ ଅଦଳବଦଳ କରାଯାଇଛି। ଏସ୍‌ପି ସାଗରିକା ନାଥ ଜିଲାର ଆଇନଶୃଙ୍ଖଳା ରକ୍ଷା ଓ ଖାଲି ପଡିଥିବା ପଦବୀ ପୂରଣ ପାଇଁ ଏହି ଅଦଳବଦଳ କରିଛନ୍ତି। ଏହି ଅଦଳବଦଳ ଆଦେଶ ଅନୁସାରେ ସୁନ୍ଦରଗଡ ଟାଉନ ଥାନା ଆଇଆଇସି ଇନ୍ସପେକ୍ଟର ଜଗଦୀଶ ବାରାଙ୍କୁ କିଞ୍ଜିରିକେଲା ଥାନା ଆଇଆଇସି ଭାବେ ,କୁତ୍ରା ଥାନା ଆଇଆଇସି ସୁଶାନ୍ତ କୁମାର ପରିଡାଙ୍କୁ ସୁନ୍ଦରଗଡ ଟାଉନ ଥାନା ଆଇଆଇସି ଭାବେ ବଦଳି ହୋଇଛି। ସେହିପରି ସବ୍‌ଇନ୍ସପେକ୍ଟର ସ୍ତରରେ ହେମଗିର କୋର୍ଟ ଅଫିସରେ ଥିବା ଏସଆଇ ପ୍ରକାଶ ନନ୍ଦଙ୍କୁ ସୁନ୍ଦରଗଡ ଟାଉନ ଥାନା, ସଦରଥାନାରେ ଥିବା ଏସଆଇ ବିଜୟଲକ୍ଷ୍ମୀ ରାଉତରାୟ ଓ ଭୁବନେଶ୍ୱର ମହନ୍ତ ଙ୍କୁପୂର୍ବ ଆଦେଶ ବାତିଲ କରାଯାଇ ସେଠାରେ ପୁନଃ ଅବସ୍ଥାପିତ କରାଯାଇଛି। ଜିଲା ପୋଲିସ ହେଡକ୍ୱାଟରେ ଥିବା ଚିତ୍ରଗୁପ୍ତ ଚମ୍ପିଆଙ୍କୁ ହେମଗିର ଥାନା,ଦୀନଦୟାଲ ମୋଦି ଙ୍କୁ ସୁନ୍ଦରଗଡ ସଦର କୋର୍ଟ,ପ୍ରୀତିରଞ୍ଜନ ପରିଡାଙ୍କୁ ରାଜଗାଙ୍ଗପୁର ଥାନା, ଖଗପତି ବିଶ୍ୱାଳଙ୍କୁ ରାଜଗାଙ୍ଗପୁର ଥାନାରୁ କାଂଶବାହାଲ ଫାଣ୍ଡି ଅଧିକାରୀ, ଜିଲା ପୋଲିସ ହେଡକ୍ୱାଟର ଥିବା ବିଜୟ କିଶୋର ଦାସଙ୍କୁ ବଡଗାଁ ଥାନା, ବୁଦ୍ଧନାଥ ବେହେରାଙ୍କୁ ରାଜଗାଙ୍ଗପୁର ଥାନାରୁ ହାତୀବାରୀ ଥାନା, ପି.ଆଶୁତୋଷଙ୍କୁ ରାଜଗାଙ୍ଗପୁର ଥାନାରୁ ରାଏବଗା ଥାନାକୁ ବଦଳି ହୋଇଛି। ଏଏସଆଇ ସ୍ତରରେ ବିଜୟ କୁମାର କରଙ୍କୁ ବଡ଼ଗାଁ ଥାନାରୁ କାଂଶବାହାଲ ଥାନା, ଉପେନ୍ଦ୍ର ନାଥ ନାଏକଙ୍କୁ ସୁନ୍ଦରଗଡରୁ ରାଜଗାଙ୍ଗପୁର ଥାନା, ଲିଙ୍ଗରାଜ ସାହୁଙ୍କୁ ସୁନ୍ଦରଗଡ ଟାଉନଥାନାରୁ ରାଜଗାଙ୍ଗପୁର ଥାନା, ପ୍ରଶାନ୍ତ କୁମାର ସେନାପତିଙ୍କୁ ଜିଲା ପୋଲିସ ମୁଖ୍ୟାଳୟରୁ ରାଜଗାଙ୍ଗପୁର ଥାନା, ଜିତେନ୍ଦ୍ର କୁମାର ମହାପାତ୍ରଙ୍କୁ କାଂଶବାହାଲ ଫାଣ୍ଡିରୁ ବଡଗାଁ ଏସଡିପିଓ ଅଫିସ, ଜିଲା ପୋଲିସ ମୁଖ୍ୟାଳୟରେ ଥିବା କରୁଣାକର ନାଏକଙ୍କୁ ବଲିଙ୍ଗା ଫାଣ୍ଡି, ସନ୍ତୋଷ କୁମାର ପଟେଲଙ୍କୁ ହେମଗିର କୋର୍ଟ ଅଫିସ, ଅମିତ କୁମାର ସେଠଙ୍କୁ ଲେଫ୍ରିପଡା ଥାନା ଓ ଭରତ ଚନ୍ଦ୍ର ନାଏକଙ୍କୁ ଭଷ୍ମା ଥାନାରୁ ହେମଗିର ଥାନାକୁ ବଦଳି ହୋଇଛି।

## ଯୁବକଙ୍କୁ ମାଡ଼ ଅଭିଯୋଗ

**ବଡ଼ଗାଁ, ୮।୧୦(ଡି.ଏନ୍.ଏ.)**

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଠାରୁ ୨୦୦ ମିଟର ଦୂରରେ ଅବସ୍ଥିତ କାହ୍ନୁ ହୋଟେଲ ଓ ଦାସ ହୋଟେଲ ପାର୍ଶ୍ୱ ଗଳିରେ ସୁନ୍ଦରଗଡର ଜଣେ ଯୁବକ ପରିସ୍ରା କରିବାରୁ ବଡ଼ଗାଁର କେତେକ ଯୁବକ ମାଡ଼ ମାରିବା ଘଟଣାକୁ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ସୁନ୍ଦରଗଡର ସଞ୍ଜୟ ଦାସଶର୍ମା, ସ୍ୱରୂପ ପାତ୍ର ତାଙ୍କ ଭଉଣୀଙ୍କୁ ରାଜଗାଙ୍ଗପୁରରେ ଛାଡ଼ିବାକୁ ଯାଉଥିଲେ। ଖାଇବା ପାଇଁ ସନ୍ଧ୍ୟା ସାଢ଼େ ସାତଟାରେ ହୋଟେଲରେ ଅଟକି ଥିଲେ। ଭଉଣୀଙ୍କୁ ହୋଟେଲରେ ଛାଡି ଅନ୍ଧାରୁଆ ଗଳିରେ ପରିସ୍ରା କରିଥିଲେ। ଏହି ସମୟରେ ବଡ଼ଗାଁର ବିନୟ ନାମକ ଯୁବକଙ୍କ ସହିତ କଥା କଟାକଟି ହୋଇଥିଲା। ଏହାପରେ କେତେକ ଯୁବକ ଲାଠିରେ ନିସ୍ତୁକ ମାଡ଼ ମାରିଥିଲେ। ଯୁବକମାନେ ଭଉଣୀଙ୍କୁ ରାଜଗାଙ୍ଗପୁରରେ ଛାଡ଼ି ଆସିବାପରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ବିନୟ ନାମକ ଯୁବକଙ୍କୁ ଖୋଜୁ ଥିଲାବେଳେ ଘଟଣାରେ କେଉଁମାନେ ସଂପୃକ୍ତ ସେ ନେଇ ତଦନ୍ତ କରୁଛି।

## ହିନ୍ଦୁ ଯୁବ ଜାଗରଣ ଉଦ୍ଦେଶ୍ୟରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ ପାଇଁ ପଦଯାତ୍ରା



**ବଡ଼ଗାଁ, ୮।୧୦(ଡି.ଏନ୍.ଏ.)**

ହିନ୍ଦୁ ଯୁବ ଜାଗରଣ ଉଦ୍ଦେଶ୍ୟରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ ପାଇଁ ରାଜସ୍ଥାନର ଝୁନଝୁନ ଜିଲାରୁ ପଦଯାତ୍ରାରେ ବାହାରିଛନ୍ତି ୩୫ ବର୍ଷୀୟ ସୁବାସ ନାଏକ। ୭ଅଗଷ୍ଟରୁ ପଦଯାତ୍ରାରେ ରାଜସ୍ଥାନ, ହରିୟାଣା, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ବିହାର, ଝାଡ଼ଖଣ୍ଡ ଦେଇ ଶୁକ୍ରବାର ଓଡ଼ିଶାରେ ପ୍ରବେଶ କରିଛନ୍ତି। ରାଉରକେଲାରେ ରାତ୍ରି ରହଣି ପରେ ଶନିବାର ବଡ଼ଗାଁରେ ପହଞ୍ଚିଛନ୍ତି। ବଡ଼ଗାଁରେ ତାଙ୍କୁ ଗ୍ରାମବାସୀ ସ୍ୱାଗତ କରି ଧର୍ମଶାଳାକୁ ନେଇଥିଲେ। ବଡ଼ଗାଁରେ ରାତ୍ରି ଯାପନ କରି ରବିବାର ପୁଣି ପଦଯାତ୍ରା ଆରମ୍ଭ କରିବେ। ଉତ୍ତରାଖଣ୍ଡରେ କେଦାରନାଥ, ଉତ୍ତରପ୍ରଦେଶରେ କାଶୀ ବିଶ୍ୱନାଥ, ଝାଡ଼ଖଣ୍ଡରେ ବୈଦ୍ୟନାଥ ଦର୍ଶନ କରିଥିବା ସୁବାସ ପରବର୍ତ୍ତୀ ଆନ୍ଧ୍ରପ୍ରଦେଶର ମଲ୍ଲିକାର୍ଜୁନ ଦର୍ଶନ କରିବେ। ୧୨ଟି ଜ୍ୟୋତିର୍ଲିଙ୍ଗ ଦର୍ଶନ ପାଇଁ ତାଙ୍କୁ ସାଢ଼େ ୩ ହଜାର କିଲୋମିଟର ପଦଯାତ୍ରା କରିବେ। ୨୦୦ ଦିନରେ ସମ୍ପୂର୍ଣ୍ଣ କରିବାକୁ ସଂକଳ୍ପ କରିଥିବା ସୁବାସ ଭ୍ୟାନ ସେକ୍ୟୁରିଟୀ କମ୍ପାନୀର ମାଲିକ ଓ ତାଙ୍କର ମା, ସ୍ତ୍ରୀ ଓ ୨ ସନ୍ତାନକୁ ନେଇ ପରିବାର।

## ଫୁଟବଲ ପ୍ରତିଯୋଗିତା : ସମ୍ବଲପୁର ଚାମ୍ପିୟନ

**ଦେବଗଡ, ୮।୧୦(ଡି.ଏନ.ଏ)**

ଦେବଗଡ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ ବଳମ ଗ୍ରାମରେ ଜାଗୃତି କ୍ଲବ ଆନୁକୂଲ୍ୟରେ ରାଜ୍ୟର ମୋଟ ୧୬ଟି ଦଳକୁ ନେଇ ଗତ ୪ ତାରିଖ ଠାରୁ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଶନିବାର ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ନଳବନ୍ଧର ଗୋପବନ୍ଧୁ କ୍ଲବକୁ ପରାସ୍ତ କରି ସମ୍ବଲପୁରର ସରସ୍ୱତୀ କ୍ଲବ ଚାମ୍ପିୟନ ହୋଇଛି। ମ୍ୟାଚଗୁଡିକୁ ରେଫରୀ ଭାବେ ତନ୍ମୟ କିସାନ, ପରେଶ ଭୋଇ, ଯଶୋବନ୍ତ ପ୍ରଧାନ, ପ୍ରଶାନ୍ତ ଭୋଇ, ଲିଙ୍ଗରାଜ ପ୍ରଧାନ ଓ ବିଜୟ ଓରାମ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ମହେନ୍ଦ୍ର ବେହେରା ଓ କୃଷ୍ଣଚନ୍ଦ୍ର ନାୟକ ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଆୟୋଜକ ଜାଗୃତି କ୍ଲବର ସଭାପତି ପ୍ରଦୀପ ମୁଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ବାରକୋଟ ବ୍ଲକ ବିଜେଡି ସଭାପତି ହିରାଲାଲ ସାହୁ ଓ ଗୁଣନିଧି ନାୟକ ଯୋଗଦେଇ ଚାମ୍ପିୟନ ସମ୍ବଲପୁରର ସରସ୍ୱତୀ କ୍ଲବକୁ ଟ୍ରଫି ସହ ନଗଦ ୪୦ ହଜାର ଟଙ୍କା ଓ ରନର୍ସ ଅପ୍ ନଳବନ୍ଧର ଗୋପବନ୍ଧୁ କ୍ଲବକୁ ଟ୍ରଫି ସହ ନଗଦ ୩୦ ହଜାର ଟଙ୍କା ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ । କ୍ଲବର ସମ୍ପାଦକ ଶ୍ରବଣ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ଜାଗୃତି କ୍ଲବର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ସକ୍ରିୟ ସହଯୋଗ କରିଥିଲେ।



ଫୁଟବଲ ପ୍ରତିଯୋଗିତାରେ ଅତିଥିଙ୍କ ସହ ଖେଳାଳି।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୯ ଅକ୍ଟୋବର, ୨୦୨୨



## ଆଜି କ’ଣ କେଉଁଠି

ସମ୍ବଲପୁର

- ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆତ୍ମନିର୍ଭର କୃଷକ ଅଭିଯାନ ଶୁଭାରମ୍ଭ, ଅଇଁଠାପାଲି ରୟାଲ ରିଟ୍ରିଟ ସଭା କକ୍ଷ, ପୂର୍ବାହ୍ନ ୧୦ଟା।
- ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ବ୍ୟାଖ୍ୟାନମାଳା, ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ପୂର୍ବାହ୍ନ ୧୧ଟା ।
- ବହୁଜନ ସମାଜ ପାର୍ଟିର କାର୍ଯ୍ୟକାରିଣୀ କମିଟି ବୈଠକ, ଜିଲା ସାମ୍ବାଦିକ ଭବନ, ଅପରାହ୍ନ ୨ଟା ।
- ସମଲେଇଙ୍କ ରାଜରାଜେଶ୍ୱରୀ ବେଶ, ସମଲେଇ ମନ୍ଦିର, ଅପରାହ୍ନ ସାଢ଼େ ୪ଟା ।
- ନୂତନ ଧ୍ୱଜାରୋହଣ କାର୍ଯ୍ୟକ୍ରମ, ସମଲେଇ ମନ୍ଦିର, ରାତି ସାଢ଼େ ୭ଟା।
- ଧ୍ୱଜାରୋହଣ କାର୍ଯ୍ୟକ୍ରମ, ପାଟଣେଶ୍ୱରୀ ମନ୍ଦିର, ରାତି ୭ଟା ।

# ବିଷକ୍ରିୟା ଅନୁମାନକୁ ବିଶ୍ୱାସ ହେଉନି: ଟାସ୍କଫୋର୍ସ

## ତିଲେଇମାଲରେ ୨ ହାତୀ ମୃତ୍ୟୁ ଘଟଣା

- ପୋତିଦେଇ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ
- ବିଦ୍ୟୁତ୍ ଆଘାତ ଲାଗିଥିବା ଆଲୋଚନା

ସମ୍ବଲପୁର/ଜମନକିରା,୮।୧୦ (ବ୍ୟୁରୋ/ଡି.ଏନ.ଏ.)

ସମ୍ବଲପୁର ଜିଲା ବାମରା ବନଖଣ୍ଡ ଭୁତେଲ ରେଞ୍ଜ ତିଲେଇମାଲ ଗ୍ରାମ ନିକଟରୁ ଗତ ୫ ତାରିଖରେ ଦୁଇଗୋଟି ହାତୀ ମୃତଦେହ ଉଦ୍ଧାର ହୋଇଥିଲା। ଏହି ଘଟଣାରେ ଶନିବାର ବନ ବିଭାଗର ସ୍ୱତନ୍ତ୍ର ଟାସ୍କଫୋର୍ସ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଟାସ୍କଫୋର୍ସ ଟିମ୍ ସଦସ୍ୟ ବନ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ମୃତ୍ୟୁର କାରଣ ଜାଣିବାକୁ ପ୍ରମାଣ ସଂଗ୍ରହ କରିଛନ୍ତି। ବନ ବିଭାଗ ତରବରିଆ ଭାବେ ଦୁଇ ହାତୀକୁ ପୋତିଦେବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ବିଷ କ୍ରିୟା ଜନିତ ମୃତ୍ୟୁ ଅନୁମାନକୁ ବିଶ୍ୱାସ କରି ହେଉ ନାହିଁ ବୋଲି ଟାସ୍କଫୋର୍ସ ଟିମ୍ ମୁଖ୍ୟ ରାମପଦ ଆଚାର୍ଯ୍ୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସେ କହିଥିଲେ, ଘଟଣାର ତଦନ୍ତ ଚାଲିଛି। ବିଭିନ୍ନ ଦିଗ ଉପରେ ନଜର ରଖାଯାଇଛି। ଆବଶ୍ୟକ ପଡିଲେ ପର୍ଯ୍ୟାୟକ୍ରମେ ଆହୁରି ଟିମ୍ ଆସିବେ। ହାତୀ ଦୁଇଟିର ମୃତ୍ୟୁର କାରଣ ଜଣାପଡିବା ପରେ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବନ ବିଭାଗ ଅବହେଳା କିମ୍ବା ଶିକାରୀ ଯେଉଁମାନଙ୍କ ସମ୍ପୃକ୍ତି ଥିବ ନିଶ୍ଚିତ ଭାବେ ଦଣ୍ଡ ପାଇବେ ବୋଲି କହିଥିଲେ। ଅନ୍ୟପଟେ ହାତୀ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ କଥା ଆଲୋଚନା ହେଉଛି। ବିଷକ୍ରିୟା ଜନିତ ମୃତ୍ୟୁ ହୋଇଥିଲେ ହାତୀପଲରେ ଥିବା ଅନ୍ୟ ହାତୀ ମଧ୍ୟ ମୃତ୍ୟୁବରଣ କରିଥାନ୍ତେ। କୀଟନାଶକ ଔଷଧ ଗନ୍ଧ ଥିଲେ ହାତୀ ପାଣି କିମ୍ବା ଖାଦ୍ୟ ଖାଇବ ନାହିଁ। ତେଣୁ କୀଟନାଶକ ଖାଇବା ଦ୍ୱାରା ହାତୀଙ୍କ ମୃତ୍ୟୁ ହୋଇ ନାହିଁ। ବନ୍ୟପ୍ରାଣୀ ଶିକାର ପାଇଁ ସଂଯୋଗ ହୋଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀ ମୃତ୍ୟୁ ଘଟିଥିବା ଆଲୋଚନା ହେଉଛି। ଘଟଣାସ୍ଥଳରୁ ବିଦ୍ୟୁତ୍ ଖୁଣ୍ଟ ପ୍ରାୟ ୭ଶହରୁ ୮ଶହ ମିଟର ଦୂରରେ ରହିଛି। ହେଲେ ମଧ୍ୟ ଶିକାରୀମାନେ ଲମ୍ବା ଜିଆଇ ତାର ବିଛାଇ ବିଦ୍ୟୁତ୍ ସଂଯୋଗ ଦେଇଥିଲେ। ଏହି ଘଟଣାରେ ସ୍ଥାନୀୟ ଲୋକ ଓ ଶିକାରୀମାନଙ୍କ ସମ୍ପୃକ୍ତି ରହିଥିବା ସନ୍ଦେହ କରାଯାଉଛି। ଅନ୍ୟପକ୍ଷେ ଶୁକ୍ରବାର ପ୍ରାଣୀଧନ ବିଭାଗ ଜଣେ ଅତିରିକ୍ତ ଭିଏସ୍ ବ୍ୟବଚ୍ଛେଦ କରିଥିଲେ। ହେଲେ ହାତୀ ଦେହରେ ଗୁଳି କିମ୍ବା ବିଦ୍ୟୁତ୍ ତାର ଲାଗିଥିବା ନେଇ ଠିକ୍ ଭାବେ ଯାଞ୍ଚ କରାଗଲା ନାହିଁ ବୋଲି ଅଭିଯୋଗ ହେଉଛି। ଘଟଣାସ୍ଥଳରେ ବାମରା ଡିଏଫ୍ଓ ଫାଲଗୁନି ସାରଥୀ ମଲ୍ଲିକ, ରେଞ୍ଜର ଗଜେନ୍ଦ୍ର ନାୟକ, ଫରେଷ୍ଟର ଉପସ୍ଥିତ ଥିଲେ। ମୃତ୍ୟୁର କାରଣକୁ ନେଇ ବନବିଭାଗ ସ୍ପଷ୍ଟ କରୁ ନାହିଁ। ସୂଚନାଯୋଗ୍ୟ, ତିଲେଇମାଲ ନିକଟସ୍ଥ ପତ୍ରା ଜଙ୍ଗଲରେ ଗତ ବୁଧବାର ବିଳମ୍ବିତ ରାତିରେ ୧୫ରୁ ଅଧିକ ହାତୀପଲ ଆସି ଧାନ ଖାଇଥିଲେ। ସେଥିରୁ ଗୋଟିଏ ଦନ୍ତା ଓ ଗୋଟିଏ ମାଈ ହାତୀର ମୃତ୍ୟୁ ହୋଇଥିଲା। ବନ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ସାଇଣ୍ଟିଫିକ ଦଳ ମଧ୍ୟ ପହଞ୍ଚି ତଦନ୍ତ କରିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଯାହାକିଛି କହିହେବ ବୋଲି ଉଭୟ ଡାକ୍ତର ଓ ବନ ବିଭାଗ ଅଧିକାରୀ ପ୍ରକାଶ କରିଥିଲେ।



ତିଲେଇମାଲ ହାତୀ ମୃତ୍ୟୁ ଘଟଣାର ତଦନ୍ତ କରାଯାଉଛି ।

## ଓସିଏସ୍ ପରୀକ୍ଷାରେ ଗୀତାଞ୍ଜଳିଙ୍କ ସଫଳତା



ଝାରସୁଗୁଡ଼ା ଅଫିସ,୮।୧୦

ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍) ପରୀକ୍ଷାରେ ଝାରସୁଗୁଡା ଜିଲା ଝରିଆନାଏର୍ ଗ୍ରାମର ଶିକ୍ଷୟିତ୍ରୀ ଗୀତାଞ୍ଜଳି ନାୟକ ୩୦୯ର୍ୟାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ଗୀତାଞ୍ଜଳି ଲଖନପୁର ସରକାରୀ ପଞ୍ଚାୟତ ହାଇସ୍କୁଲ୍‌ରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି। ତାଙ୍କ ବାପଘର ଗ୍ରାମ ଲଇକେରା ବ୍ଲକ୍ ସାହସପୁର ଚାନ୍ଦିନୀମାଲ ହୋଇଥିବାବେଳେ ଶାଶୁଘର ଗ୍ରାମ ଝରିଆନାଏର୍। ସେ ପ୍ରଥମେ ପ୍ରାଥମିକ ସ୍କୁଲ୍‌ରେ ଶିକ୍ଷକତା କରିଥିଲେ ଓ ପରେ ହାଇସ୍କୁଲ୍‌ରେ ଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ପାଇଥିଲେ । ଶିକ୍ଷକତା କରୁଥିଲେ ମଧ ଓଏଏସ୍ ହୋଇ ଲୋକଙ୍କ ସେବା କରିବା ତାଙ୍କର ସ୍ୱପ୍ନ ଥିଲା। ଏହି ସଫଳତା ପାଇଁ ସେ ତାଙ୍କ ମା’ ବାପା ଓ ସ୍ୱାମୀଙ୍କୁ ଶ୍ରେୟ ଦେଇଛନ୍ତି। ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଚାକିରି ଓ ସାଂସାରିକ ଜଞ୍ଜାଳ ମଧ୍ୟରେ ରାତିରେ ୫ରୁ ୬ଘଣ୍ଟା ପାଠ ପଢୁଥିଲେ। ଏଥିରେ ତାଙ୍କ ସ୍ୱାମୀ ଅରୁଣ କୁମାର ପଟେଲ ପୂର୍ଣ୍ଣ ସହଯୋଗ କରୁଥିଲେ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ପ୍ରମୋଦ ହତ୍ୟାକାଣ୍ଡ: ଅଭିଯୁକ୍ତ ଗିରଫ

ସମ୍ବଲପୁର,୮।୧୦(ବ୍ୟୁରୋ): ସମ୍ବଲପୁର ଜିଲା ସଦର ଥାନା ତାଲପାଲି ଗ୍ରାମର ମୂଳ ବାସିନ୍ଦା ପ୍ରମୋଦ ସାହୁଙ୍କୁ ଭୋଇପାଲି ସ୍କୁଲ ନିକଟରେ ଗତ ଗୁରୁବାର ରାତିରେ ହତ୍ୟା କରାଯାଇଥିଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ସମ୍ପର୍କୀୟ ଭାଇ ଜଗନ୍ନାଥ ସାହୁ(୪୨)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ନିକଟରୁ ହତ୍ୟାରେ ବ୍ୟବହୃତ ରକ୍ତଲଗା ଟାଙ୍ଗିଆ ଜବତ ହୋଇଛି। ଜମିବାଡ଼ିକୁ କେନ୍ଦ୍ର କରି ପ୍ରାୟ ୨ବର୍ଷ ହେଲା ସମ୍ପର୍କୀୟ ଭାଇ ପ୍ରମୋଦଙ୍କ ସହ ଜଗନ୍ନାଥଙ୍କ ପରିବାର ମଧ୍ୟରେ ତିକ୍ତତା ରହିଥିଲା। ଜମି ଭାଗବଣ୍ଟାକୁ ନେଇ ଜଗନ୍ନାଥ ରାଗ ରଖିଥିଲେ। ଅନେକ ଥର ଜୀବନରେ ମାରିଦେବାକୁ ମଧ ଧମକ ଦେଇଥିଲେ। ଗୁରୁବାର ରାତ୍ରି ପ୍ରାୟ ସାଢ଼େ ୮ଟା ସମୟରେ ସମ୍ପର୍କୀୟ ଘରକୁ ପ୍ରମୋଦ ପରିବାର ସହ ଏକ ଗାଡ଼ିରେ ଯାଇଥିଲେ। ସେ ଗାଡ଼ିରୁ ଓହ୍ଲାଇବା ସମୟରେ ଜଗନ୍ନାଥ ହଠାତ୍ ପହଞ୍ଚି ତାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ।



### ସେଣ୍ଟ ଜୋନ୍ସ ସ୍କୁଲରେ ବାସ୍କେଟବଲ ଟୁର୍ନାମେଣ୍ଟ

ସମ୍ବଲପୁର,୮।୧୦(ବ୍ୟୁରୋ): ଚତୁର୍ଥ ଫାଦର ଜନ ଉଇଲିୟମ ମିଞ୍ଜ ସ୍ମାରକୀ ବାସ୍କେଟବଲ ଟୁର୍ନାମେଣ୍ଟ ସମ୍ବଲପୁର ସେଣ୍ଟ ଜୋନ୍ସ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଉରକେଲା ପାଓଲିନ କ୍ଲବ, ବୁର୍ଲା ଭିମ୍‌ସାର, ସମ୍ବଲପୁର ଏଲିଟ୍ସ, ବିକାଶ ଦ କନସେପ୍ଟ ସ୍କୁଲ, ଖ୍ରୀଷ୍ଟଜ୍ୟୋତି ମହାବିଦ୍ୟାଳୟ, ଜ୍ୟୋତି ଭବନ, ଦେବେଇପାଲି ଦିବ୍ୟଜ୍ୟୋତି, ବୈଦିକ ଇଣ୍ଟରନ୍ୟାଶନାଲ ସ୍କୁଲ, ଭିଆନି କ୍ଲବ, ଯୋସେଫାଇଟ ଜୋର୍ଡାନ, ସମ୍ବଲପୁର ଲିଟ୍ସ, କେନ୍ଦ୍ରାପଡ଼ା ଜିରୋ ଷ୍ଟ୍ରାଇକର, ଝାଡ଼ଖଣ୍ଡର ଟିମ୍ ଚାଇବାସା, ରାଞ୍ଚିର ବ୍ଲେକ ମାମ୍ବା, ଭୁବନେଶ୍ୱରର ଟାଇମ୍ସ ସ୍କୁଲସ ଗୁରୁକୁଳ, ବିକାଶ ଦ କନସେପ୍ଟ ସ୍କୁଲ-ବି ଦଳ ଭାଗ ନେଇଛନ୍ତି। ଶନିବାର ହୋଇଥିବା ମ୍ୟାଚରେ ଯୋଶେଫାଇଟ ଜୋର୍ଡାନ, ଜିରୋ ଷ୍ଟ୍ରାଇକର, ସମ୍ବଲପୁର ଏଲିଟ୍ସ, ବିକାଶ ଦ କନସେପ୍ଟ ସ୍କୁଲ -ବି, ଟିମ୍ ଚାଇବାସା ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି।

# ସାହିତ୍ୟ ଜୀବନ ପକ୍ଷରୁ ଶାରଦୀୟ ଉତ୍ସବ

ସମ୍ବଲପୁର,୮।୧୦(ବ୍ୟୁରୋ)

ସମ୍ବଲପୁର ରେଢ଼ାଖୋଲ ରାଣୀ ଅନ୍ନପୂର୍ଣ୍ଣା ବାଳିକା ବିଦ୍ୟାଳୟଠାରେ ଶାରଦୀୟ ସାହିତ୍ୟ ଉତ୍ସବ-୨୦୨୨ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ଜୀବନ ସାହିତ୍ୟ ସଂସଦ ପ୍ରତିଷ୍ଠାତା ପବିତ୍ର ବେହେରାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଝାରସୁଗୁଡ଼ା ଅର୍ଡା ମହାବିଦ୍ୟାଳୟ ଇଂରାଜୀ ଅଧାପକ ଶ୍ରୀକାନ୍ତ ବଲ୍ଲଭ ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟରେ ସାହିତ୍ୟିକଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ସମ୍ବଲପୁର ଜିଏମ୍‌ୟୁ ଓଡ଼ିଆ ବିଭାଗ ମୁଖ୍ୟ ଡଃ ଲକ୍ଷ୍ମୀପ୍ରିୟା ବେହେରା ଓଡ଼ିଆ ଭାଷା ସାହିତ୍ୟ ଉପରେ ମତ ରଖିଥିଲେ। ସମ୍ମାନିତ ବକ୍ତା ସୁଚିତ୍ରାର ସମ୍ପାଦକ କନ୍ଦର୍ପ ବେହେରା ବିବରଣୀ ପ୍ରଦାନ କରିବା ସହ ଓଡ଼ିଆ ଭାଷା ସାହିତ୍ୟ ଉନ୍ନତି ନିମନ୍ତେ ଦିଗଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନ୍ନପୂର୍ଣ୍ଣା ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟାନନ୍ଦ ପ୍ରଧାନତ୍‌ଯୋଗଦେଇଥିଲେ। ସାହିତ୍ୟ ଜୀବନ ତରଫରୁ କିଛି ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ସାହିତ୍ୟ ଭାରତୀ ସମ୍ମାନ ଡ. ଲକ୍ଷ୍ମୀପ୍ରିୟା ବେହେରା, କବି ପ୍ରତିନିଧି ସମ୍ମାନ ଶୋଭାଗିନୀ ନନ୍ଦ (ଜୟପୁର), ପିଙ୍କୁ ରଣବିଡା (ସମ୍ବଲପୁର), ଯୁବ ପ୍ରତିଭା ସମ୍ମାନ ବିଶ୍ୱଜିତ ପୁରୋହିତ (ସମ୍ବଲପୁର), ଶାରଦୀୟ ସମ୍ମାନରେ ସୁଜ୍ଞାନ ବାଘ (ବୌଦ୍ଧ), ପଙ୍କଜିନୀ ବେହେରା (ଦେବଗଡ଼), କନ୍ଦର୍ପ ବେହେରା (ରେଢ଼ାଖୋଲ), ବବୁନ ଦଣ୍ଡସେନା (ସମ୍ବଲପୁର) ଓ ଅନୁଗୋଳ ଜିଲାର ଚତୁର୍ଭୁଜ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୫୦ରୁ ଉର୍ଦ୍ଧ୍ୱ କବୟିତ୍ରୀ କବି କବିତା ପାଠ କରିଥିଲେ। ସମ୍ପାଦକ ଯୋଗେଶ୍ୱର ଲୁହା ଓଡ଼ିଆ ଭାଷା କିପରି ବଞ୍ଚିରହିବ ସେ ସମ୍ପର୍କରେ ଅବଗତ କରାଇଥିଲେ।



ସମ୍ବଲପୁରରେ ସାହିତ୍ୟ ସଂସଦର କାର୍ଯ୍ୟକ୍ରମ ।

# ପେଞ୍ଚକ ସିଲାଟ ଚାମ୍ପିୟନଶିପ ଉଦ୍‌ଘାଟିତ

ଝାରସୁଗୁଡ଼ା ଅଫିସ,୮।୧୦

ଓଡ଼ିଶା ପେଞ୍ଚକ ସିଲାଟ ଆସୋସିଏଶନ ତରଫରୁ ଶନିବାର ଝାରସୁଗୁଡ଼ା ପୌର ପରିଷଦ ସ୍ପୋର୍ଟ୍ସକମ୍ପ୍ଲେକ୍ସ ଅଡିଟୋରିୟମରେ ୨ ଦିନିଆ ଆନ୍ତଃ ଜିଲା ପେଞ୍ଚକ ସିଲାଟ ଚାମ୍ପିୟନଶିପ ଆରମ୍ଭ ହୋଇଛି। ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏଥିରେ ଆସୋସିଏଶନ ସଭାପତି ତାପସ ରାଏ ଚୌଧୁରୀ, ଉପସଭାପତି ଅରବିନ୍ଦ ବାରିକ, ମନୋରଞ୍ଜନ ଭଞ୍ଜ ଓ ସାଧାରଣ ସମ୍ପାଦକ ପ୍ରେମସିଂହ ଥାପା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ୧୫ ଜିଲାରୁ ୩ ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ୫୦ରୁ ଉର୍ଦ୍ଧ୍ୱ କୋଚ ଓ ପ୍ରଶିକ୍ଷକ ସାମିଲ ହୋଇଛନ୍ତି। ରବିବାର ଉଦ୍‌ଯାପନୀ ଦିବସରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବୋଲି ଆୟୋଜକଙ୍କ ତରଫରୁ ଜଣାପଡିଛି। ପେଞ୍ଚକ ସିଲାଟ ବିଦେଶର କ୍ରୀଡ଼ା ହୋଇଥିବାବଳେ ଏବେ ଭାରତବର୍ଷରେ ଏହା ଆଦୃତ ହୋଇପାରିଛି ବୋଲି ଅତିରିକ୍ତ ଜିଲାପାଳ ନାୟକ କହିଛନ୍ତି।




ଉଦ୍‌ଘାଟନୀ ଉତ୍ସବରେ ପ୍ରତିଯୋଗୀଙ୍କ ସହ ଅତିଥିମାନେ।

## ଗରିବଙ୍କ ସେବାକୁ ପ୍ରାଥମିକତା ଦେବି



ଆକାଶ କୁମାର ପ୍ରଧାନ।

ନାକଟିଦେଉଳ,୮।୧୦(ଡି.ଏନ.ଏ.)

ଓଡ଼ିଶା ଲୋକସେବା ଆୟୋଗ ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍) ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ନାକଟିଦେଉଳ ବ୍ଲକ ମୁଷାକାନୀ ଗ୍ରାମର ଆକାଶ କୁମାର ପ୍ରଧାନ ୨୧୬ ର୍ୟାଙ୍କ ସହ କୃତକାର୍ଯ୍ୟ ହୋଇଛନ୍ତି। ୟୁକୋ ବ୍ୟାଙ୍କର ଅବସରପ୍ରାପ୍ତ ମ୍ୟାନେଜର ହେମନ୍ତ କୁମାର ପ୍ରଧାନ ଓ ଗୃହିଣୀ ସଂଯୁକ୍ତା ପ୍ରଧାନଙ୍କ ପୁତ୍ର ଆକାଶ ଏସ୍ଆର୍‌ଏମ୍ ୟୁନିଭର୍ସିଟି ଅଫ ଚେନ୍ନାଇରୁ ବି-ଟେକ୍ ପାସ କରିବା ପରେ ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆ ଭୁବନେଶ୍ୱର ଜୋନାଲ ଅଫିସରେ ମ୍ୟାନେଜର ଭାବେ କାର୍ଯ୍ୟରତ ଅଛନ୍ତି। ଆକାଶଙ୍କ ଏହି ସଫଳତା ନେଇ ବ୍ଲକ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଏହି ସଫଳତା ପଛରେ ଭଗବାନଙ୍କ ସମେତ ବାପା, ମାଆ, ସହଧର୍ମିଣୀ, ଶିକ୍ଷକ, ଗୁରୁଜନ ଓ ପରିବାର ବର୍ଗଙ୍କ ଆଶୀର୍ବାଦ ରହିଥିବାବେଳେ ସମାଜର ତଳ ସ୍ତରରେ ରହିଥିବା ଅସହାୟ ଗରିବ ଜନସାଧାରଣଙ୍କ ସେବାକୁ ସେ ପ୍ରାଥମିକତା ଦେଇ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି।

# ଏସ୍‌ଏସ୍‌ଭିଏମ୍‌ରେ ପୁରାତନ ଛାତ୍ର ସମ୍ମିଳନୀ

ଝାରସୁଗୁଡ଼ା ଅଫିସ,୮।୧୦

ଝାରସୁଗୁଡ଼ା ଜିଲା ବନ୍ଧବାହାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର (ଏସ୍‌ଏସ୍‌ଭିଏମ୍)ରେ ଶନିବାର ପୁରାତନ ଛାତ୍ରୀଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଅଭିନ୍ନ ରାଉତ ମୁଖ୍ୟଅତିଥି, ଯୋଗେଶ ପ୍ରଧାନ ମୁଖ୍ୟବକ୍ତା ଓ ଯଶୋବନ୍ତ ପାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ରାକେଶ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ଓ ପୁରାତନ ଛାତ୍ର ପରିଷଦ ସମ୍ପାଦକ ଦୁର୍ଲଭ ଶେଖର ପଟେଲ ଅତିଥି ପରିଚୟ ଦେଇଥିଲେ। ମୁଖ୍ୟବକ୍ତା ପ୍ରଧାନ ପୁରାତନ ଛାତ୍ରୀଛାତ୍ରଙ୍କୁ ରାଷ୍ଟ୍ରନିର୍ମାଣରେ ସେମାନଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିବା ସହ ଗୁରୁମା ଗୁରୁଜୀ ଛାତ୍ରୀଛାତ୍ରଙ୍କ ସହିତ ରହିଥିବା ଅନୁଭୂତି ମନେପକାଇଥିଲେ। ପୁରାତନ ଛାତ୍ରୀଛାତ୍ର ମଧ୍ୟ ସେମାନଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ। ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଏହି ବିଦ୍ୟାଳୟର ପୁରାତନ ଛାତ୍ରୀ ତୃପ୍ତି ଦାଶଙ୍କୁ ବିଦ୍ୟାଳୟ ତରଫରୁ ଉତ୍ତରୀୟ ସହ ସ୍ମୃତିଫଳକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଲକ୍ଷ୍ୟ ନେଇ ପାଠପଢିଲେ ନିଶ୍ଚିତ ସଫଳତା ମିଳିବ ବୋଲି ତୃପ୍ତି ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଥିଲେ । ପୁରାତନ ଛାତ୍ର ଆକାଶ ପାଢୀ ଧନ୍ୟବାଦ ଦେଇଥିଲେ।




ସମ୍ମିଳନୀରେ ତୃପ୍ତି ଦାଶଙ୍କୁ ଉତ୍ତରୀୟ ପ୍ରଦାନ କରାଯାଉଛି ।

# ଇମର୍ଜିଂ କପ୍ କ୍ରିକେଟ୍ ଉଦ୍‌ଘାଟିତ

ଝାରସୁଗୁଡ଼ା ଅଫିସ,୮।୧୦

ଝାରସୁଗୁଡ଼ା ବିଟିଏମ୍ ଖେଳପଡିଆରେ ଫ୍ରଣ୍ଟଫୁଟ୍ କ୍ରିକେଟ୍ ଏକାଡେମୀ ତରଫରୁ ଶନିବାର ଇମର୍ଜିଂ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ ମୁଖ୍ୟଅତିଥି ଓ ହକି ଆସୋସିଏଶନ ରାଜ୍ୟ ଉପସଭାପତି ଜୀବନ ମହାନ୍ତି, ଜିଲା କ୍ରୀଡା ସାଧାରଣ ସମ୍ପାଦକ ତାପସ ରାୟ ଚୌଧୁରୀ, ଜିଲା କ୍ରିକେଟ୍ ଆସୋସିଏଶନ ସଭାପତି ପ୍ରଜ୍ୱଳ ପଟେଲ, ବ୍ରିଜେଶ ଶର୍ମା, ପୂର୍ବତନ କାଉନସିଲର ପ୍ରତାପ ନନ୍ଦ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ବିଭିନ୍ନ ଜିଲାରୁ ୧୯ବର୍ଷରୁ କମ୍ ୧୦ଟିମ୍ ଅଂଶଗ୍ରହଣ କରିଛନ୍ତି। ଝାରସୁଗୁଡା ସାଇନିଂ ଷ୍ଟାର ଓ ଶିକ୍ଷା ଏକାଡେମୀ ଟିମ୍ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯାଇଥିଲା। ଶିକ୍ଷା ଏକାଡେମୀ ଟସ୍‌ଜିତି ପ୍ରଥମେ ବ୍ୟାଟିଂକରି ୩୫ ଓଭରରେ ୧୨୬ରନ୍ କରିଥିଲା। ପ୍ରତିପକ୍ଷ ଦଳ ସମସ୍ତ ଉଇକେଟ୍ ହରାଇ ୧୨୫ରନ୍ କରି ପରାଜୟ ବରଣ କରିଥିଲା। ଶିକ୍ଷା ଏକାଡେମୀ ଟିମ୍‌ର ଆୟୁଷ ଚୌଧୁରୀ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏହି ଟୁର୍ନାମେଣ୍ଟ ଆସନ୍ତା ୧୬ତାରିଖ ପର୍ଯ୍ୟନ୍ତ ଚାଲିବ।

# ସମ୍ବଲପୁରରେ ଗ୍ରାଣ୍ଡ ଭିଟାରା ଗାଡ଼ି ବିକ୍ରି ଆରମ୍ଭ

ସମ୍ବଲପୁର,୮।୧୦(ବ୍ୟୁରୋ)

ସମ୍ବଲପୁର ରେମେଡ ଛକ ନିକଟ ନେକ୍ସା ଶୋ’ରୁମଠାରେ ଗ୍ରାଣ୍ଡ ଭିଟାରା କାର ବିକ୍ରି ଶୁଭାରମ୍ଭ ହୋଇଛି। ସମ୍ବଲପୁରର ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି ଓ ଭାରତୀୟ ଜୀବନ ବୀମା ନିଗମ ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ବିଏଲ୍ ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇ ଗ୍ରାହକମାନଙ୍କୁ ଚାବି ପ୍ରଦାନ କରିଥିଲେ। ଓଡ଼ିଶୀ ମୋଟର୍ସ ନିର୍ଦ୍ଦେଶିକା ରୁଚି ଜଲାନ ଓ ଅନ୍ୟତମ ନିର୍ଦ୍ଦେଶିକା ପ୍ରୀତି ଚୌଧୁରୀ ଯୋଗଦେଇ ଗ୍ରାହକମାନଙ୍କ ସହ ଆଲୋଚନା କରିଥିଲେ। ନେକ୍ସା ଶୋରୁମ ମ୍ୟାନେଜର ନିତ୍ୟାନନ୍ଦ ରାଉତ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ପ୍ରଥମ ଦିନରେ ବାବୁରାମ ଚୌଧୁରୀ ଓ ଅନୀଲ କୁମାର ରାଜୋଲିଆ ଗ୍ରାଣ୍ଡ ଭିଟାରା ଗାଡ଼ି କ୍ରୟ କରିଥିଲେ। ଏହି ଗାଡ଼ିର ଏକ୍ସ ଶୋରୁମ ମୂଲ୍ୟ ୧୦ଲକ୍ଷ ୪୫ହଜାର ଟଙ୍କା ରହିଛି। ୬ଟି ରଙ୍ଗ ସହ ଡୁଆଲ ଟୋନର ଗାଡ଼ି ମହଜୁଦ ରହିଛି। ଗୋଟିଏ ଲିଟର ପେଟ୍ରୋଲରେ ୨୭.୮୯ କି.ମି. ଏହାର ମାଇଲେଜ ରହିଛି।




ନେକ୍ସା ଶୋରୁମଠାରେ ଗ୍ରାଣ୍ଡ ଭିଟାରା ଗାଡ଼ିକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି ।

# ଲୋକେ ଯୋଜନାର ସୁଫଳ ପାଇବା ଉପରେ ଗୁରୁତ୍ୱ

## ଚାରମାଳରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ରେଢାଖୋଲ,୮।୧୦(ଡି.ଏନ.ଏ.)

ବିଜୁ ଜନତା ଦଳ ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ଆରମ୍ଭ ହୋଇଥିବା ଜନସମ୍ପର୍କ ପଦଯାତ୍ରା ଶନିବାର ରେଢାଖୋଲ ନିର୍ବାଚନ ମଣ୍ଡଳୀର ଚାରମାଳ ପଞ୍ଚାୟତରେ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଇଂ ରୋହିତ ପୂଜାରୀଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଚାରମାଳ ଛକରୁ ପଦଯାତ୍ରାରେ ବୁଲିଥିଲେ। ପରେ ଚାରମାଳ କଲ୍ୟାଣ ମଣ୍ଡପଠାରେ ବିଜେଡିର ପୂର୍ବତନ ବ୍ଲକ ସଭାପତି ଉଦିତ ତ୍ରିପାଠୀଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ପୂଜାରୀ ଯୋଗଦେଇ ରାଜ୍ୟ ସରକାର ନିର୍ବାଚନ ମଣ୍ଡଳୀରେ କରିଥିବା ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ଦେବାସହ ଜନକଲ୍ୟାଣ ଯୋଜନାରୁ ସାଧାରଣ ଲୋକେ କିଭଳି ଉପକୃତ ହେବେ ସେ ଦିଗରେ କର୍ମୀମାନେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବ୍ଲକ ଅଧକ୍ଷ ପ୍ରଦୀପ ପ୍ରଧାନ, ଜିଲା ପରିଷଦ ସଭ୍ୟା ଶ୍ରାବଣୀ ଭୋଇ, ଜିଲା ଉପସଭାପତି ଅନାଦି ସାହୁ ପ୍ରମୁଖ ଦଳର ସଙ୍ଗଠନ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମାକାନ୍ତ ଗଡନାୟକ, ଉମାକାନ୍ତ ପ୍ରଧାନ, ଈଶ୍ୱର ବିଶ୍ୱାଳ, କାର୍ତ୍ତିକ ବିଶ୍ୱାଳ, ସୌମିତ୍ରୀ ଜେନା, ଅଜିତ ଦେଓ, ରାଧାକାନ୍ତ ନନ୍ଦଙ୍କ ସମେତ ୧୯ନଂ ଜିଲା ପରିଷଦ ଜୋନ ଅଧୀନ ୮ ପଞ୍ଚାୟତରୁ ଶତାଧିକ କର୍ମୀ ଯୋଗଦେଇଥିଲେ।



ପଦଯାତ୍ରାରେ ସାମିଲ ହୋଇଥିବା ଦଳୀୟ ନେତା, କର୍ମୀ।

**ବିକ୍ରି ହେବ ଆଇଡିବିଆଇ ଅଂଶଧନ**

**ନୂଆଦିଲ୍ଲୀ:** ଆଇଡିବିଆଇ ବ୍ୟାଙ୍କର ଘରୋଇକରଣ ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି। ଫଳରେ ଉକ୍ତ ବ୍ୟାଙ୍କର ମୋଟ ୬୦.୭୨% ଅଂଶଧନ ବିକ୍ରି ହେବ ବୋଲି ଜଣାପଡ଼ିଛି। ସେଥିମଧ୍ୟରୁ ଏଲ୍ଆଇସିର ୩୦.୨୪% ଏବଂ ସରକାରଙ୍କ ୩୦.୪୮% ଅଂଶଧନ ବିକ୍ରି ହେବ ବୋଲି କୁହାଯାଇଛି। ବିଶେଷକରି କେନ୍ଦ୍ର ସରକାର ଏବଂ ଏଲ୍ଆଇସିର ମିଳିତ ୬୦.୭୨% ର ଅଂଶଧନ ବିକ୍ରି ହେବ ବୋଲି ସୂଚନା ମିଳିଛି। ବର୍ତ୍ତମାନ ଉକ୍ତ ବ୍ୟାଙ୍କରେ ଏଲ୍ଆଇସିର ୪୯.୨୪% ଏବଂ କେନ୍ଦ୍ର ସରକାରଙ୍କର ୪୫.୪୮%ର ଅଂଶଧନ ରହିଛି। ବ୍ୟାଙ୍କର ବର୍ତ୍ତମାନ ଶେୟାର ମୂଲ୍ୟ ୬୦.୭୨% ଅଂଶଧନରେ ମୂଲ୍ୟ ୨୭,୮୦୦ କୋଟି ଟଙ୍କାରୁ ଅଧିକ ହେବ ବୋଲି କୁହାଯାଇଛି।

# ତୈଳ କ୍ରୟକୁ ନେଇ ନୀତି ସ୍ପଷ୍ଟ କରିଛି ଭାରତ

ନୂଆଦିଲ୍ଲୀ,୮।୧୦


ହରଦୀପ ସିଂ ପୁରୀ

**ରୁଷିଆ ସମେତ ଅନ୍ୟ ଉତ୍ପାଦାନକାରୀ ରାଷ୍ଟ୍ରଠାରୁ ତୈଳ କ୍ରୟ କରିପାରେ ଭାରତ**

ଅଶୋଧିତ ତୈଳ ଉତ୍ପାଦନ ହ୍ରାସ ସାଙ୍ଗକୁ ତେଲ ଦର ବୃଦ୍ଧି କରିବାକୁ ତୈଳ ଉତ୍ପାଦନକାରୀ ଦେଶଗୁଡ଼ିକ ଘୋଷଣା କରିଛନ୍ତି। ଏପରିକି ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଏବଂ ଓପେକ୍ ପ୍ଲସ୍ ରାଷ୍ଟ୍ରର ମିଳିତ ଘୋଷଣା ପରେ ଭାରତ ମଧ୍ୟ ତା'ର ନୀତି ସମ୍ପର୍କରେ ସ୍ପଷ୍ଟ କରିଛି। ଏପରିକି ବର୍ତ୍ତମାନ ମଧ୍ୟ ସୁଯୋଗ ହାତଛଡ଼ା କରିନାହିଁ ବୋଲି ଭାରତ ମତବ୍ୟକ୍ତ କରିଛି। ବିଶେଷକରି ଓପେକ୍ ପ୍ଲସ୍‌ର ନିଷ୍ପତ୍ତି ଅନୁଯାୟୀ ଦିନକୁ ଦୁଇ ନିୟୁତ ବ୍ୟାରେଲ ତୈଳ ହ୍ରାସ କରିବାକୁ ଘୋଷଣା କରିବା ପରେ ଭାରତ ମଧ୍ୟ ରୁଷିଆ ଭଳି ଦେଶରୁ ତୈଳ ଆମଦାନୀ କରିବାର ପସନ୍ଦକୁ ପୁନରାବୃତ୍ତି କରିପାରେ ବୋଲି କେନ୍ଦ୍ର ମନ୍ତ୍ରୀ ହରଦୀପ ସିଂ ପୁରୀ ଶନିବାର ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି କହିଛନ୍ତି। ସେହିଭଳି ମନ୍ତ୍ରୀଙ୍କ ଆମେରିକା ଗସ୍ତ ସମୟରେ ୱାଶିଂଟନ୍ ଡିସିଠାରେ ସାମ୍ବାଦିକମାନଙ୍କୁ ଉପରୋକ୍ତ ବିଷୟରେ ବିସ୍ତୃତ ମତବ୍ୟକ୍ତ କରିବା ସହ ଓପେକ୍ ପ୍ଲସ୍ ତୈଳ ଉତ୍ପାଦନ ହ୍ରାସ, ଶକ୍ତିର ବିବିଧତା-ଇକ୍ୱିଟି ଇନ୍‌ଫ୍ୟୁଜନ୍, ବାୟୋ ଇନ୍ଧନ ସହ ଭାରତ କିପରି ସନ୍ତୁଳିତ ହେବ ସେ ସମ୍ପର୍କରେ ମଧ୍ୟ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି ଏବଂ ଭାରତ ସରକାରଙ୍କ ସ୍ପଷ୍ଟ ନୀତି ନେଇ ଅନେକ ପ୍ରସଙ୍ଗ ଉପରେ ସେ ସ୍ପଷ୍ଟ କରିଛନ୍ତି। ଏପରିକି ମିଶ୍ରଣ ଏବଂ ସବୁଜ ହାଇଡ୍ରୋଜେନ ବିଶ୍ୱର ଥିବା ଶକ୍ତିର ଆବଶ୍ୟକତା ସହ ଓପେକ୍ ଉତ୍ପାଦନ ହ୍ରାସର ଆବଶ୍ୟକତା ସମ୍ପର୍କରେ ମଧ୍ୟ ମନ୍ତ୍ରୀ କହିଛନ୍ତି। ସେହିପରି ବିଶ୍ୱର ତୃତୀୟ ବୃହତ୍ତମ ତୈଳ ଆମଦାନୀକାରୀ ଭାରତ ପରି ଦେଶ ଉପରେ ଏହା କିଭଳି ପ୍ରଭାବ ପକାଇପାରେ, ସେ ବିଷୟରେ ମଧ୍ୟ ପୁରୀ ସ୍ପଷ୍ଟ କରିଛନ୍ତି। ଅପରପକ୍ଷରେ ତୈଳ ରପ୍ତାନି କରୁଥିବା ଦେଶ ତଥା ଆମେରିକାରୁ ଆମଦାନୀକୁ ସନ୍ତୁଳିତ କରିବା ପ୍ରସଙ୍ଗରେ ପୁରୀ କହିଛନ୍ତି, ଯଦି ତୁମେ ତୁମର ନୀତି ବିଷୟରେ ସ୍ପଷ୍ଟ, ଅର୍ଥାତ୍ ତୁମେ ଶକ୍ତି ସୁରକ୍ଷା, ଶକ୍ତି ସୁଲଭତା ଉପରେ ବିଶ୍ୱାସ କରୁଛ ତା' ହେଲେ ଯେଉଁଠାରୁ ଆବଶ୍ୟକ କରନ୍ତି ସେହି ସ୍ଥାନରୁ କିଣନ୍ତୁ। ସେହିପରି ଭାରତ ଏ ସମସ୍ତ ଘଟଣା ସମ୍ପର୍କରେ କିପରି ବୁଝାମଣା କରିବ ସେ ନେଇ ମଧ୍ୟ ଏକ ବିଶେଷଜ୍ଞ ଦଳ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ କିଛି ମାସ ମଧ୍ୟରେ ୧.୬ ବିଲିୟନ ଡଲାର ଇକ୍ୱିଟି ଇନ୍‌ଫ୍ୟୁଜନ୍ କରିଥିଲୁ। ଆଫ୍ରିକାର ସମ୍ପତ୍ତି ଉପରେ ଆମେ ଦୃଷ୍ଟି ରଖିଛୁ ବୋଲି ପୁରୀ ସ୍ପଷ୍ଟ କରିଛନ୍ତି। ତୈଳ ରପ୍ତାନି କରୁଥିବା ଦେଶଗୁଡ଼ିକ କ୍ରେତା ଆବଶ୍ୟକ କରନ୍ତି, କାରଣ ସେମାନଙ୍କୁ ବଜାରରେ ସେମାନଙ୍କର ଉତ୍ପାଦ ବିକ୍ରୟ କରିବାକୁ ପଡ଼ିବ ବୋଲି ପୁରୀ ମତବ୍ୟକ୍ତ କରିଛନ୍ତି।

## ଷ୍ଟାର୍ଟଅପ୍‌କୁ ମିଳିବ ବନ୍ଧକମୁକ୍ତ ଋଣ

ନୂଆଦିଲ୍ଲୀ,୮।୧୦

ସରକାର ଷ୍ଟାର୍ଟଅପ୍ କ୍ଷେତ୍ରକୁ ବଢ଼ାଇବା ସହ ଏଥିପ୍ରତି ସବୁ ବର୍ଗଙ୍କୁ ଆକୃଷ୍ଟ କରାଇବା ଲାଗି ବିଭିନ୍ନ ସୁବିଧା ପ୍ରଣୟନ କରିଛନ୍ତି। ବିଶେଷକରି ଦେଶରେ ଷ୍ଟାର୍ଟଅପ୍ ଉଦ୍ୟୋଗୀଙ୍କୁ ଯେଭଳି ସହଜରେ ଋଣ ମିଳିପାରିବ ସେ ନେଇ ମଧ୍ୟ ସରକାର ଅନେକ ବ୍ୟବସ୍ଥା କରୁଛନ୍ତି। ଏପରିକି ବିନା କୌଣସି ବନ୍ଧକରେ ସେମାନଙ୍କୁ ଋଣ ଯୋଗାଇଦେବା ଲାଗି ମଧ୍ୟ ସରକାର ସେମାନଙ୍କୁ କ୍ରେଡିଟ୍ ଗ୍ୟାରେଣ୍ଟି ସ୍କିମ୍ ପରିସରଭୁକ୍ତ କରିଛନ୍ତି। ସେହିଭଳି ଶିଳ୍ପ ପ୍ରୋତ୍ସାହନ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ (ଡିପିଆଇଆଇଟି) ବା ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ମଧ୍ୟ ବିଜ୍ଞପ୍ତି ଜାରି କରାଯାଇଛି। ସରକାରଙ୍କ ଏଭଳି ନିଷ୍ପତ୍ତି ଷ୍ଟାର୍ଟଅପ୍ ଉଦ୍ୟୋଗୀଙ୍କୁ ବିଶେଷ ସହାୟକ ହେବ ବୋଲି କୁହାଯାଉଛି। ଗୋଟିଏ ସଂସ୍ଥାକୁ ସର୍ବାଧିକ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଗ୍ୟାରେଣ୍ଟି ସୁବିଧା ପ୍ରଦାନ କରାଯାଇପାରିବ ବୋଲି ଜଣାପଡିଛି।

## ସେପ୍ଟେମ୍ବରରେ ସୋନାଲିକାର ୨୬.୨% ଅଭିବୃଦ୍ଧି

ନୂଆଦିଲ୍ଲୀ,୮।୧୦


ରମଣ ମିତ୍ତଲ

ଦେଶର ପ୍ରମୁଖ ଟ୍ରାକ୍ଟର ରପ୍ତାନିକାରୀ ବ୍ରାଣ୍ଡ୍ ସୋନାଲିକା ଟ୍ରାକ୍ଟର୍ସ ଚଳିତ ପାର୍ବଣ ଋତୁରେ ରେକର୍ଡ ବିକ୍ରି ହାସଲ କରିଛି। ଏପରିକି କମ୍ପାନୀ ଗତ ସେପ୍ଟେମ୍ବର ମାସରେ ୧୮,୬୧୯ ଟ୍ରାକ୍ଟର ବିକ୍ରି କରିବା ସହ ୧୫% ବଜାର ଅଂଶ ହାସଲ କରିଛି। ଏହି ବର୍ଦ୍ଧିତ ବିକ୍ରି କମ୍ପାନୀର ଅଭିବୃଦ୍ଧିକୁ ୨୬.୨%ରେ ପହଞ୍ଚାଇଛି, ଯାହାକି ଶିଳ୍ପ ଅଭିବୃଦ୍ଧି (ହାରାହାରି ୧୮.୯%)କୁ ପଛରେ ପକାଇଛି। ସେହିପରି ସୋନାଲିକା ଟ୍ରାକ୍ଟର ଗତ ମାସରେ ସର୍ବାଧିକ ୧୫,୫୬୩ ଟ୍ରାକ୍ଟର ଉତ୍ପାଦନ କରିଛି। ଏଗୁଡିକୁ କୃଷକଙ୍କ ସ୍ୱତନ୍ତ୍ର ଆବଶ୍ୟକତା ଅନୁସାରେ କଷ୍ଟମାଇଜ୍ କରାଯାଇଛି ଏବଂ ଏହା କମ୍ପାନୀକୁ ପାର୍ବଣ ଋତୁ ଚାହିଦାକୁ ପୂରଣ କରିବା ପାଇଁ କମ୍ପାନୀକୁ ସକ୍ଷମ କରିବ। ଆଲୋଚ୍ୟ ମାସରେ କମ୍ପାନୀ ପ୍ରତିଦିନ ସର୍ବାଧିକ ୭୦୨ ଟ୍ରାକ୍ଟର ଉତ୍ପାଦନ କରିଛି। ସୋନାଲିକାର ଅତ୍ୟାଧୁନିକ ଟ୍ରାକ୍ଟରଗୁଡିକ ଉପରେ ଏବେ ୧୪୦ ଦେଶର ୧୪ ଲକ୍ଷ କୃଷକ ବିଶ୍ୱାସ କରୁଛନ୍ତି ଏବଂ ଏଗୁଡିକ ବିଶ୍ୱବ୍ୟାପୀ ଚାଷଜମିରେ ଚମତ୍କାର ପ୍ରଦର୍ଶନ ପାଇଁ ସୁପରିଚିତ। ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ପାର୍ବଣଋତୁ ଉତ୍ସାହଜନକ ସମୟ ଆଣିଛି ଯାହା ସମ୍ପୂର୍ଣ୍ଣ ସକାରାତ୍ମକ। ଆମର କଷ୍ଟମାଇଜ୍‌ଡ ଟ୍ରାକ୍ଟର ରେଞ୍ଜ୍ ପାଇଁ ଏକ ଉତ୍ସାହଜନକ ପ୍ରତିକ୍ରିୟା ହାସଲକରି ଏବଂ ଆମର ଉତ୍ପାଦନ ବୃଦ୍ଧି କରି ଆମେ ଖୁସି ଅନୁଭବ କରୁଛୁ।

## ଗୁଗଲ ଟ୍ରେଣ୍ଡରେ ଦିଭମଙ୍କ ନୂଆ ରେକର୍ଡ

ନୂଆଦିଲ୍ଲୀ,୮।୧୦


ଦିଭମ ଜୁନେଜା

ଉଦୀୟମାନ ଯୁବ କଳାକାର ଦିଭମ ଜୁନେଜା ଗୁଗଲ ଟ୍ରେଣ୍ଡରେ ଏକ ନୂଆ ରେକର୍ଡ ହାସଲ କରିଛନ୍ତି। ଏପରିକି ସେ ଗୁଗଲ ଟ୍ରେଣ୍ଡରେ ଦେଶର ପ୍ରମୁଖ ସେଲିବ୍ରିଟ ଓ ଅନ୍ୟମାନଙ୍କୁ ମଧ୍ୟ ପଛରେ ପକାଇଦେଇଥିଲେ। ବିଶେଷକରି ଫାୟାର ଏଗେନ ଏବଂ ନୟି ଆୟେଗୀ ଭଳି ସୁମଧୁର ଗୀତ ସହ ନୃତ୍ୟରେ ମଧ୍ୟ ରୁଚି ରଖିଛନ୍ତି। ଦିଭମ ନୋକଝୋକ,ଭାଇଦୋଜ,କୋର୍ଟମାର୍ସଲ ଏବଂ ରାକ୍ଷୀ ଭଳି ଡ୍ରାମାରେ ମଧ୍ୟ ଅଭିନୟ କରିଛନ୍ତି। ଏପରିକି ତାଙ୍କ ଗୀତ ଓ ନୃତ୍ୟ ସହ ଅଭିନୟ ଏବଂ ଅନ୍ୟ କାମଗୁଡ଼ିକୁ ମଧ୍ୟ ଦର୍ଶକ ବେଶ୍ ପସନ୍ଦ ସହ ଭଲ ପାଇବା ମଧ୍ୟ ଦେଇଛନ୍ତି। ସେହିଭଳି ଦିଭମ ଜୁନେଜା ହେଉଛନ୍ତି ବିଶିଷ୍ଟ ଶିଳ୍ପପତି ତଥା ଜଣାଶୁଣା ବ୍ୟବସାୟୀ ଏବଂ ନିବେଶକ ସଞ୍ଜୀବ ଜୁନେଜାଙ୍କ ପୁତ୍ର। ଏପରିକି ନିଜ ପରିବାରର ଏନ୍‌ଜିଓ ଆଇଜିକେ ଫାଉଣ୍ଡେଶନ ଦ୍ୱାରା ସେ ବିଭିନ୍ନ ପ୍ରକାର ସମାଜ କଲ୍ୟାଣ କାର୍ଯ୍ୟ କରୁଛନ୍ତି। ଏ ସମ୍ପର୍କରେ ସଞ୍ଜୀବ କହିଛନ୍ତି, ଆଗାମୀ ଦିନ ଲାଗି ଦିଭମଙ୍କୁ ଶୁଭେଚ୍ଛା ଜଣାଉଛି। ଭବିଷ୍ୟତରେ ସେ ଜଣେ ଭଲ ମଣିଷ ସହ ନିଜ ସାମର୍ଥ୍ୟରେ ଏକ ପରିଚୟ ସୃଷ୍ଟି କରୁ ବୋଲି ମୋର ଆଶା।

## ଆଜି ଜୀ ସାର୍ଥକର ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ନବଦୁର୍ଗା'

ଭୁବନେଶ୍ୱର,୮।୧୦




ରାଜ୍ୟର ପ୍ରମୁଖ ଓଡ଼ିଆ ମନୋରଞ୍ଜନ ଚ୍ୟାନେଲ ଜୀ ସାର୍ଥକ ପକ୍ଷରୁ ଏକ ଅଭିନବ ପ୍ରୟାସ କରାଯାଇଛି। ଚଳିତ ପାର୍ବଣ ଅବସରରେ ଦର୍ଶକମାନଙ୍କୁ ମା'ଙ୍କର ମହିମା ସମ୍ପର୍କରେ ଅବଗତ କରାଇବା ପାଇଁ ରବିବାର ସନ୍ଧ୍ୟା ୬ଟା ୩୦ରେ ଜୀ ସାର୍ଥକର ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ନବଦୁର୍ଗା'ର ପ୍ରସାରଣ ହେବ ବୋଲି ଜଣାପଡ଼ିଛି। ବିଶେଷକରି ମା' ଦଶଭୁଜା ଦୁର୍ଗା ସୃଷ୍ଟିକୁ ରକ୍ଷା କରିବାକୁ ଧରାପୃଷ୍ଠରେ ଅବତରଣ କରିଛନ୍ତି। ଏପରିକି ବିଭିନ୍ନ ରୂପରେ ଅବତାର ନେଇ ମା' ଭକ୍ତଙ୍କୁ ଦର୍ଶନ ଦେବା ସହ ମନସ୍କାମନା ମଧ୍ୟ ପୂରଣ କରିଥାନ୍ତି। ଅପରପକ୍ଷରେ ଜୀ ସାର୍ଥକରେ ପ୍ରସାରିତ ହେଉଥିବା ବିଭିନ୍ନ ଧାରାବାହିକୀର ନାରୀ ଚରିତ୍ରମାନେ 'ନବଦୁର୍ଗା' ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ବିଜୟିନୀ ଧାରାବାହିକୀର ଦୁର୍ଗାଦେବୀ କାଳରାତ୍ରି ଓ ସ୍ମୃତିଦେବୀ ସ୍କନ୍ଦମାତା ଭୂମିକାରେ ରହିଥିବା ବେଳେ ଝିଲି ଧାରାବାହିକୀର ଝିଲି ଦେବୀ ବ୍ରହ୍ମଚାରିଣୀ ଭୂମିକାରେ ନଜର ଆସିଛନ୍ତି। ସେହିଭଳି ସୁନାଝିଅ ଧାରାବାହିକୀର ପ୍ରିୟା ଦେବୀ କାତ୍ୟାୟନୀ ଓ ଗୀତା ଦେବୀ ଶୈଳପୁତ୍ରୀ ଭୂମିକାରେ ନଜର ଆସିଛନ୍ତି। ସେହିପରି ସର୍ବଜିତା ଅନୁ ଧାରାବାହିକୀର ସାରା ଦେବୀ ସିଦ୍ଧିଦାତ୍ରୀ ଓ ମା' ଯାହାର ସାହା ଧାରାବାହିକୀର ପାର୍ବତୀ ଦେବୀ ମହାଗୌରୀ ଭୂମିକାରେ ଅଭିନୟ କରିଛନ୍ତି। ମୋ ଅଗଣାର ତୁଳସୀ ତୁ ଧାରାବାହିକୀର ତୁଳସୀ ଦେବୀ ଚନ୍ଦ୍ରଘଣ୍ଟା, ସୁନାଝିଅ ଧାରାବାହିକୀର ପଲ୍ଲବୀ ଦେବୀ କୁଷ୍ମାଣ୍ଡା ଭୂମିକାରେ ଏବଂ ଦିଦି ନମ୍ବର ୱାନ୍‌ର ଲିପି ଦେବୀ ଦୁର୍ଗାଙ୍କ ଭୂମିକାରେ ନଜର ଆସିବେ। ଅକ୍ଟୋବର ୯ ତାରିଖ ସନ୍ଧ୍ୟା ୬ ଟା୩୦ ମିନିଟ୍‌ରେ ଜୀ ସାର୍ଥକରେ 'ନବଦୁର୍ଗା' ପ୍ରସାରିତ ହେବ ବୋଲି ଚ୍ୟାନେଲ ପକ୍ଷରୁ ସୂଚନା ଦିଆଯାଇଛି।

## ବେଦାନ୍ତ ପକ୍ଷରୁ 'ରାଷ୍ଟ୍ରୀୟ ପୋଷଣ ମାସ'

ଭୁବନେଶ୍ୱର,୮।୧୦:

ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ା ୟୁନିଟ୍ ପକ୍ଷରୁ ନିକଟରେ ରାଷ୍ଟ୍ରୀୟ ପୋଷଣ ମାସ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଅଞ୍ଚଳର ମା'ମାନଙ୍କୁ ସୁସ୍ଥ ଅଭ୍ୟାସ ସାଙ୍ଗକୁ ସୁଷମ,ସନ୍ତୁଳିତ ଓ ସ୍ୱଦେଶୀ ଖାଦ୍ୟର ମହତ୍ତ୍ୱ ସମ୍ପର୍କରେ ସଚେତନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ୧୨୫ ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହୋଇଥିଲା ଓ ଏଥିରେ ୨୦୦୦ରୁ ଅଧିକ ମହିଳା ଓ ଶିଶୁ ସାମିଲ ହୋଇଥିଲେ। ଅଙ୍ଗନୱାଡି କର୍ମଚାରୀ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନର ସଦସ୍ୟଙ୍କ ଜରିଆରେ ସ୍ଥାନୀୟ ଗୋଷ୍ଠୀଙ୍କୁ ପୋଷଣ ଉପରେ ବିଭିନ୍ନ ପରାମର୍ଶ ଦେବା ସହ ଶିଶୁ, ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମହିଳାଙ୍କ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲା। ସେହିପରି ଆଶା ଓ ଏଏନ୍‌ଏମ୍ କର୍ମଚାରୀଙ୍କ ସହାୟତାରେ ଗର୍ଭବତୀମାନଙ୍କ ପାଇଁ ପରୀକ୍ଷାର ମଧ୍ୟ ଆୟୋଜନ କରାଯାଇଥିଲା। ପରିଶେଷରେ କମ୍ପାନୀ ଦ୍ୱାରା 'ପୋଷଣ ବାଟିକା' ବା ପୋଷଣ ବଗିଚା ସୃଷ୍ଟି କରାଯାଇଥିଲା।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍ ଝାରସୁଗୁଡ଼ାର ସିଇଓ ସୁନୀଲ ଗୁପ୍ତା କହିଛନ୍ତି, ଆମେ କ୍ଷୁଧା ନିବାରଣ ଓ କୁପୋଷଣ ବିରୋଧରେ ବିଶ୍ୱସ୍ତରୀୟ ଅଭିଯାନ ସହ ସାମିଲ ଅଛୁ। ଉତ୍ତମ ଅଭ୍ୟାସ ବଳରେ ଆମେ ଏହି ସମସ୍ୟା ଦୂରକରିପାରିବା। ବିଶେଷକରି ପୋଷଣ ମାସ ପାଳନ ଅବସରରେ ଆମ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ପୋଷଣ ଉପରେ ସଚେତନ କରାଉଛୁ। ଆଶାକରୁ ଆମର ଏହି ଅଭିଯାନ ଦ୍ୱାରା ପରିବାର ଲୋକମାନଙ୍କ ଭିତରେ ଉପଯୁକ୍ତ ସଚେତନତା ସୃଷ୍ଟି ହୋଇପାରିବ।

**ଫୁରସତ୍**

## ୧୫ ମିନିଟ୍‌ର ଟ୍ରିପ୍ ପାଇଁ ୩୨ ଲକ୍ଷ




ୱାଶିଂଟନ୍

ଇଂଲଣ୍ଡର ୨୨ ବର୍ଷୀୟ ଓଲିଭର କାପଲାନ ହାଇଡ୍‌ରୁ ଗ୍ରେଟର ମାଞ୍ଚେଷ୍ଟର ଯିବା ଲାଗି ଏକ ଉବର କ୍ୟାପ୍ ବୁକ୍ କରିଥିଲେ। ୬.୪ କି.ମି ଦୂର ଅତିକ୍ରମ ପାଇଁ ପାଖାପାଖି ୧୫ ମିନିଟ ସମୟ ଲାଗିଥିଲା। ସାଙ୍ଗକୁ ଭେଟିବା ପାଇଁ ଯାଇଥିବା ଓଲିଭର ପରଦିନ ଜାଣିବାକୁ ପାଇଥିଲେ ଯେ, ଉବର ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୩୨ ଲକ୍ଷ ଟଙ୍କା ନେବାକୁ ଚେଷ୍ଟା କରିଥିଲା। ଅର୍ଥାତ୍ ୧୫ ମିନିଟ୍‌ର ଟ୍ରିପ୍ ପାଇଁ ଉବର ତାଙ୍କୁ ୩୨ ଲକ୍ଷ ଟଙ୍କା ପୈଠ ପାଇଁ କହିଥିଲା। ଓଲିଭର ତାଙ୍କ ପ୍ରତ୍ୟେକ ଉବର ଟ୍ରିପ ପିଛା ୯୦୦ରୁ ହଜାରେ ଟଙ୍କା ଖର୍ଚ୍ଚ କରୁଥିବା ସେ କହିଛନ୍ତି। ସାଙ୍ଗଙ୍କ ସହ ପାର୍ଟି କରି ପରଦିନ ଫୋନ୍ ମେସେଜ୍ ଚେକ୍ କରିବା ସମୟରେ ସେ ଦେଖିଥିଲେ, ୧୫ ମିନିଟ ଟ୍ରିପ୍ ପାଇଁ ଉବର ତାଙ୍କଠାରୁ ୩୨ ଲକ୍ଷ ଟଙ୍କା ଚାର୍ଜ କରିଛି। ଏହାପରେ ସେ ତୁରନ୍ତ ଉବର ହେଲ୍ପ ସେଣ୍ଟରକୁ ଫୋନ୍ କରି ଏ ବିଷୟରେ ଜଣାଇଥିଲେ। କର୍ତ୍ତୃପକ୍ଷ ଖବର ବାବଦରେ ଜାଣିବା ପରେ ଆଶ୍ଚର୍ଯ୍ୟ ହୋଇଥିଲେ। ଓଲିଭର ଗ୍ରେଟର ମାଞ୍ଚେଷ୍ଟରର ଆଷ୍ଟୋନ ଅଣ୍ଡର ଲାଇନ୍ ଯାଇଥିଲେ। ଅଷ୍ଟ୍ରେଲିଆର ଆଡିଲେଡରେ ସମାନ ନାମରେ ଏକ ସ୍ଥାନ ରହିଛି, ଯାହା ଇଂଲଣ୍ଡରୁ ୧୬୦୦୦ କି.ମି ଦୂର। ଏ ନେଇ ଭୁଲ୍ ବୁଝାମଣା ହେବା କାରଣରୁ ୩୨ ଲକ୍ଷର ବିଲ୍ ତିଆରି ହୋଇଥିବା ଉବର ହେଲ୍ପ ଲାଇନ୍ ପକ୍ଷରୁ କୁହାଯାଇଥିଲା। ତେବେ ଓଲିଭରଙ୍କ ଆକାଉଣ୍ଟରେ ଏତେମାତ୍ରାରେ ଟଙ୍କା ନ ଥିବା କାରଣରୁ ଉବର ୩୨ ଲକ୍ଷ ତାଙ୍କ ଆକାଉଣ୍ଟରୁ ନେଇପାରି ନ ଥିବା ସେ କହିଛନ୍ତି।

### ୫୮ ମିଲିୟନ୍ ଡଲାରରେ ନିଲାମ ହେଲା ବିରଳ ହୀରା



**ହଂକଂ:** ହଂକଂରେ ୱିଲିୟମ୍‌ସନ୍ ପିଙ୍କ ବା ଗୋଲାପି ହୀରା ୫୭.୭ ମିଲିୟନ୍ ଡଲାରରେ ନିଲାମ ହୋଇଛି। ୧୧.୧୫ କ୍ୟାରେଟ୍‌ର ଏହି ବିରଳ ହୀରାକୁ ଫ୍ଲୋରିଡାରର ଜଣେ ବ୍ୟକ୍ତି କିଣିଛନ୍ତି। ନିଲାମି କାର୍ଯ୍ୟକ୍ରମରେ ଏହା ଥିଲା ଦ୍ୱିତୀୟ ବୃହତ୍ତମ ଗୋଲାପି ହୀରା। ବିଶ୍ୱରେ ମିଳୁଥିବା ରତ୍ନପଥର ଭିତରୁ ଗୋଲାପି ହୀରା ଦୁର୍ଲଭ କହିଲେ ଚଳେ। ୨୦୧୭ରେ ଗୋଲାପି ରଙ୍ଗର ସିଟିଏଫ୍ ପିଙ୍କ ଷ୍ଟାର ପ୍ରଥମ କରି ନିଲାମ ହୋଇଥିଲା, ଯାହାକୁ ୭୧.୨ ମିଲିୟନ୍ ଡଲାର ଦେଇ ଜଣେ ବ୍ୟକ୍ତି କିଣିଥିଲେ।

## ଇତିହାସ ରଚିଲେ ନୋରା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ତଥା ଡାନ୍ସ ଶୋ' ଜଜ୍ ଭାବେ ଜଣାଶୁଣା ନୋରା ଫତେହିଙ୍କ ଏକ ନୂଆ ଗୀତ ରିଲିଜ୍ ହୋଇଛି। ଫିଫା ୱାର୍ଲ୍ଡ କପ୍ ପାଇଁ ତିଆରି ହୋଇଥିବା 'ଲାଇଟ୍ ଦ ସ୍କାଏ'ରେ ନୋରାଙ୍କୁ ତାଙ୍କ ପ୍ରଶଂସକମାନେ ଦେଖିପାରିବେ। ସେ ହେଉଛନ୍ତି ପ୍ରଥମ ହିନ୍ଦୀ ଚଳଚ୍ଚିତ୍ର ଅଭିନେତ୍ରୀ ଯିଏ, ଫିଫାରେ ସାମିଲ ହୋଇ ଇତିହାସ ରଚିବାକୁ ଯାଉଛନ୍ତି। ୱାର୍ଲ୍ଡ କପ୍ ପାଇଁ ଇଂଲିଶ, ଫ୍ରେଞ୍ଚ, ସ୍ପାନିସ୍ ଏବଂ ଆରବିକ୍ ଭାଷାରେ ଗୀତ ଲେଖାଯାଇଛି। ବିଭିନ୍ନ ଦେଶର କଳାକାର ଏହି ଗୀତରେ ଅଭିନୟ କରିବେ। ଚଳିତ ବର୍ଷ ଆରବ କଣ୍ଟ୍ରି ଫିଫା ୱାର୍ଲ୍ଡକପ୍‌ର ଆୟୋଜନ କରୁଛି। ମରକୋ- କାନାଡିଆନ୍ ଅଭିନେତ୍ରୀ ଭାବେ ମଧ୍ୟ ନୋରା ଜଣାଯାନ୍ତି। ଏହି ଗୀତର ପ୍ରଯୋଜନା ଭାର ରେଡ୍‌ୱାନ୍ ନେଇଥିବାବେଳେ ଏହାପୂର୍ବରୁ କଲୋମ୍ବିଆନ୍ ସିଙ୍ଗର ଶକିରାଙ୍କୁ ନେଇ ୱାକା ୱାକା ଓ ଲାଲା ଗୀତ ପ୍ରସ୍ତୁତ କରିଥିଲା ଏହି ସଂସ୍ଥା। ୨୦୨୦ରେ ନୋରା ପ୍ୟାରିସ୍‌ରେ ଅନୁଷ୍ଠିତ ଲୋଲିମ୍ପିଆ ବ୍ରୁନୋ କୋକ୍ୱାଟ୍ରିକ୍ସ ସମାରୋହରେ ଭାରତ ପକ୍ଷରୁ ଭାଗ ନେଇଥିଲେ। ଘରୋଇ ଟିଭି ଚ୍ୟାନେଲରେ ପ୍ରସାରିତ ଡ୍ୟାନ୍ସ ଦିୱାନେ ଜୁନିୟର୍‌ର ଜଜ୍ ଭାବେ ସେ କାର୍ଯ୍ୟ କରୁଛନ୍ତି । ନିକଟରେ ରିଲିଜ୍ ହୋଇଥିବା 'ଥ୍ୟାଙ୍କ ଗଡ୍' ଫିଲ୍ମର ଏକ ଗୀତରେ ଏହି ବୋଲ୍ଡ ନାୟିକାଙ୍କୁ ଦେଖିବାକୁ ମିଳିଥିଲା।



## ଡିଜିଟାଲ ଯୁଗରେ ବି ଚିଠିର ଗୁରୁତ୍ୱ




**ବିଶ୍ୱ ଡାକ ଦିବସ**

ଏବେ ଡିଜିଟାଲର ଯୁଗ। ଆଖି ପିଛୁଳାକେ ପୃଥିବୀର ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତକୁ ଖବର ପଠାଯାଇ ପାରୁଛି। ଇଣ୍ଟରନେଟ ଖବର ଆଦାନ ପ୍ରଦାନର ମାଧ୍ୟମକୁ ଅଧିକ ସହଜ କରିଛି। ହେଲେ ଏବେ ମଧ୍ୟ ଚିଠିର ଗୁରୁତ୍ୱ ରହିଛି। ବର୍ତ୍ତମାନ ବହୁ ସଂଖ୍ୟକ ଲୋକ ଚିଠିରେ ଭାବର ଆଦାନ ପ୍ରଦାନ କରିଥା'ନ୍ତି। ଭାବର ଆଦାନ ପ୍ରଦାନରେ ଚିଠିର ଗୁରୁତ୍ୱକୁ ଉପଲବ୍ଧ କରିବା ପାଇଁ ପ୍ରତିବର୍ଷ ଅକ୍ଟୋବର ୯ରେ ବିଶ୍ୱ ଡାକ ଦିବସ ପାଳନ କରାଯାଇଥାଏ। ୟୁନିଭର୍ସାଲ ପୋଷ୍ଟାଲ ୟୁନିୟନ ୧୮୭୪ରେ ସ୍ୱିଜରଲାଣ୍ଡରେ ଆରମ୍ଭ ହୋଇଥିଲା। ୟୁନିଭର୍ସାଲ ପୋଷ୍ଟାଲ ୟୁନିୟନ ପକ୍ଷରୁ ବିଶ୍ୱ ଯୋଗାଯୋଗ ବିପ୍ଳବର ଆରମ୍ଭ କରାଯାଇଥିଲା, ଯାହାକି ସମଗ୍ର ବିଶ୍ୱରେ ଅନ୍ୟମାନଙ୍କୁ ଚିଠି ଲେଖିବାକୁ ପ୍ରୋତ୍ସାହିତ କରିଥାଏ। ପରବର୍ତ୍ତୀ ସମୟରେ ବିଶ୍ୱ ଡାକ ଦିବସ ୧୯୬୯ରେ ଆରମ୍ଭ ହୋଇଥିଲା। ସେହି ଦିନଠାରୁ, ବିଶ୍ୱର ବିଭିନ୍ନ ଦେଶ ଡାକସେବାର ଗୁରୁତ୍ୱକୁ ଉପଲବ୍ଧି କରିବାକୁ ଏହି ଦିବସ ପାଳନ କରିଥା'ନ୍ତି। କେତେକ ଦେଶରେ ଏହି ଦିବସ ପାଳନ ଅବସରରେ ଡାକଘରଗୁଡ଼ିକରେ ସ୍ୱତନ୍ତ୍ର ଷ୍ଟାମ୍ପ ସଂଗ୍ରହ ପ୍ରଦର୍ଶନୀ ଆୟୋଜନ କରାଯାଇଥାଏ।

## ପଜଲ୍ ସଂଗ୍ରହ କରି ରେକର୍ଡ

**ବର୍ଲିନ୍:** ଜର୍ମାନର ଜଣେ ବ୍ୟକ୍ତି ରୁବିକ୍ସ କ୍ୟୁବ୍ ସଂଗ୍ରହ କରି ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି। ବାଭାରିଆର ୪୦ ବର୍ଷୀୟ ଫ୍ଲୋରିଆନ୍ କାଷ୍ଟେନ୍‌ମେରଙ୍କ ପସନ୍ଦ ରୋଟେଟିଂ ପଜଲ୍ ସଂଗ୍ରହ କରିବା ବିଶ୍ୱର ବିଭିନ୍ନ ସ୍ଥାନରୁ ପାଖାପାଖି ୧,୫୧୯ଟି ପଜଲ ସଂଗ୍ରହ କରିପାରିଛନ୍ତି କାଷ୍ଟେନ୍‌ମେର। ତାଙ୍କ ପାଖରେ ବର୍ଗାକାରଠାରୁ ଆରମ୍ଭ କରି ଘର ଏବଂ ଫଳ ଆକାରର ପଜଲ୍ ରହିଥିବା କୁହାଯାଉଛି। ପଜଲ୍ ପାଇଁ ସେ ଏକ ସ୍ୱତନ୍ତ୍ର କୋଠରି ତିଆରି କରିଛନ୍ତି। ପଜଲ ରଖିବା ପାଇଁ ଏବେ ଘରେ ଜାଗା କମ୍ ପଡ଼ିବା କଥା ମଧ୍ୟ ସେ କହିଛନ୍ତି। ଏଥିସହ ଏ ପ୍ରକାର ଅସୁବିଧା ତାଙ୍କ ରୁଚିରେ କୌଣସି ପ୍ରକାର ବାଧା ସୃଷ୍ଟି କରିପାରିବ ନାହିଁ ବୋଲି କାଷ୍ଟେନ୍‌ମେର କହିଛନ୍ତି। ଗିନିଜ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମକୁ ସ୍ଥାନୀତ କରିବା ପରେ କାଷ୍ଟେନ୍‌ମେରଙ୍କ ପରିବାର ଓ ବନ୍ଧୁ ବର୍ଗ ତାଙ୍କୁ ଶୁଭେଚ୍ଛା ଜଣାଇଥିବାବେଳେ କାଷ୍ଟେନ୍‌ମେର ବେଶ୍ ଉତ୍ସାହିତ ଥିବା କହିଛନ୍ତି।



## ସଂକ୍ଷେପରେ

### ଫିଫା ମହିଳା ବିଶ୍ୱକପ୍‌ର ପ୍ରଥମ ଟିକେଟ ପାଇବେ ପ୍ରେମଲତା



**ପାରାଦୀପ,୮।୧୦ (ସ୍ୱ.ପ୍ର.):** ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସରକାରୀ ସ୍ୱାସ୍ଥ୍ୟକର୍ମୀ ପ୍ରେମଲତା ବାରିକଙ୍କୁ କେନ୍ଦ୍ର ସରକାର ଚଳିତ ଫିଫା ମହିଳା ବିଶ୍ୱକପ୍‌ର ପ୍ରଥମ ଟିକେଟ ଦେବାପାଇଁ ଚିଠି କରିଛନ୍ତି। ଆସନ୍ତା ୧୧ ତାରିଖରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ମରକ୍କୋ ବ୍ରାଜିଲ ମ୍ୟାଚର ପ୍ରଥମ ଟିକେଟ ପ୍ରେମଲତା ପାଇବେ। ଏନେଇ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁରଙ୍କ ପାଖରୁ ଚିଠି ମିଳିଛି ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ପ୍ରେମଲତା ପାରାଦୀପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଓଡ଼ିଶାର ଏକମାତ୍ର ସ୍ୱାସ୍ଥ୍ୟକର୍ମୀ ଭାବେ ୨୦୨୧ରେ ରାଷ୍ଟ୍ରପତି ପୁରସ୍କାର ମିଳିଥିଲା।

### ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ଏସିଡ୍ ମାଡ଼

**କଟକ ଅଫିସ,୮।୧୦:** କଟକ ଜିଲା ଲାଲବାଗ ଥାନା ଅଧୀନ ବାଲୁବଜାର ଅଞ୍ଚଳର ସତ୍ୟବାନ୍ ସାହୁ(୨୦)ଙ୍କୁ ଶନିବାର ଏସିଡ୍ ମାଡ ହୋଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସତ୍ୟବାନ୍‌ଙ୍କୁ ଚିକିତ୍ସା ପାଇଁ ସିଟି ହସ୍ପିଟାଲ ପଠାଇଛି। ଆଇଆଇସି ରବିନାରାୟଣ ଭଞ୍ଜଙ୍କ ସୂଚନା ଅନୁଯାୟୀ, ମଧ୍ୟାହ୍ନ ପ୍ରାୟ ୧୨ଟାରେ ବାଲୁବଜାର ଅଞ୍ଚଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସତ୍ୟବାନ୍‌ଙ୍କୁ ରଙ୍ଗ କାମ କରୁଥିବା ଜଣେ ଯୁବକ ଏସିଡ୍ ମାଡ଼ କରିଥିଲେ। ଫଳରେ ତାଙ୍କ ଶରୀରର କିଛି ଅଂଶ ପୋଡ଼ିଯାଇଛି। ରିପୋର୍ଟ ଲେଖାଯିବାବେଳକୁ ଥାନାରେ ଏ ନେଇ ଅଭିଯୋଗ ହୋଇନାହିଁ। ତେବେ ଅଭିଯୋଗ ହେଲେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଭଞ୍ଜ କହିଛନ୍ତି।

### ଏମ୍‌କେସିଜିରେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୮।୧୦:** ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସାଧୀନ ଜଣେ ବିଚାରାଧୀନ ବନ୍ଦୀ (ୟୁଟିପି)ଙ୍କର ଶନିବାର ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ପୁରୁଣା ଗୋଛାବାଡ଼ି ଗ୍ରାମର ଡୁଙ୍ଗେଇ ବେହେରା (୬୦)। ବୈଦ୍ୟନାଥପୁର ଥାନା ପୋଲିସ ମୃତଦେହ ଜବତ କରିଛି। ମୃତକଙ୍କ ପରିବାର ସଦସ୍ୟ, ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ପଞ୍ଚନାମା କରିଛି। ପରେ ପୋଲିସ ନଂ. ୫୫୯/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପ୍ରକାଶ ଯେ, ଡୁଙ୍ଗେଇ ଜଗନ୍ନାଥପ୍ରସାଦରେ ହୋଇଥିବା ଏକ ହତ୍ୟା ମାମଲାରେ ଗିରଫ ହୋଇଥିବା ବେଳେ ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତ ଜଣଙ୍କ ୨୦୧୮ ଅଗଷ୍ଟ ୧୯ରୁ ଭଞ୍ଜନଗର ଉପକାରାଗାରରେ ୟୁଟିପି ଭାବେ ଥିଲେ। ଶୁକ୍ରବାର ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ଭଞ୍ଜନଗର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ଗୁରୁତର ଥିବା ଜଣାପଡିବା ପରେ ତାଙ୍କୁ ଏମ୍‌କେସିଜି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ନେଇ ଡାକ୍ତର ଘୋଷଣା କରିଥିଲେ।

### ସ୍ତ୍ରୀଙ୍କୁ ପଥରରେ ଛେଚି ହତ୍ୟା

**ଚିତ୍ରକୋଣ୍ଡା,୮।୧୦(ଡି.ଏନ.ଏ.):** ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ଯୋଡ଼ାମ୍ବ ପଞ୍ଚାୟତ ଶିମିଳିପଦର ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଯୋଡ଼ାମ୍ବ ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡିଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଶିମିଳିପଦର ଗ୍ରାମର ସବନା ଖିଲ (୫୦) ସ୍ତ୍ରୀ ବୁଦ୍ରୀ ଖିଲ (୪୦)ଙ୍କ ପାଇଁ କାନ ଏବଂ ନାକ ପାଇଁ କିଛି ସୁନା ଗହଣା କରି ଦେଇଥିଲେ। ମାତ୍ର ଏହି ସୁନାଗହଣା କେଉଁଠି ପଡି ହଜିଯାଇଥିଲା। ସବନା ସ୍ତ୍ରୀଙ୍କ ନାକ ଓ କାନରେ ଗହଣା ନ ଥିବା ଦେଖି ବିରକ୍ତି ହୋଇଥିଲେ। ତେବେ ହଜିଗଲା ତ ହଜିଗଲା ସବୁବେଳେ ସେ କଥା କେତେ କହୁଛ ବୋଲି ବୁଦ୍ରୀ କହିଥିଲେ। ଏହାକୁ ନେଇ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ କଥା କଟାକଟି ହୋଇ ଝଗଡା ଲାଗିଥିଲା। ଏଥିରେ ସବନା ରାଗିଯାଇ ୫ ତାରିଖ ରାତି ୮ଟାରେ ବୁଦ୍ରୀଙ୍କୁ ଦରଲାବେଡାରୁ ଶିମିଳିପଦର ଜଙ୍ଗଲକୁ ନେଇ ପଥରରେ ଛେଚି ହତ୍ୟା କରିଥିଲେ। ୬ତାରିଖ ସକାଳେ ସେହି ରାସ୍ତାରେ ଯାତାୟାତ କରୁଥିବା ଲୋକେ ବୁଦ୍ରୀଙ୍କୁ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖି ଗ୍ରାମ ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ଯୋଡ଼ାମ୍ବ ଥାନା ଅଧିକାରୀ ତାଣ୍ଡି ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। କେସ ନମ୍ବର ୦୭/୨୨। ବୁଦ୍ରୀଙ୍କ ସ୍ୱାମୀ ସବନାଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରାଯାଇଛି।

# ଲାଠିରେ ବ୍ୟାପିଲା ଝାଡ଼ାବାନ୍ତି

## ୩୭ ଆକ୍ରାନ୍ତ, ଜଳ ଯୋଗାଣ ବନ୍ଦ

**ବ୍ରହ୍ମପୁର ଅଫିସ,୮।୧୦**

ଗଞ୍ଜାମ ଜିଲାରେ ଗତ କିଛିମାସ ହେଲା ଲଗାଣ ବର୍ଷା ଜାରି ରହିଛି। ଫଳରେ ଜିଲାର କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଠି ଗ୍ରାମରେ ଗତ ୧ ତାରିଖଠାରୁ ଝାଡ଼ାବାନ୍ତି ବ୍ୟାପିଛି । ୩୭ଜଣ ଶିଶୁ, ମହିଳା ଓ ବୃଦ୍ଧ ଏବେ ଆକ୍ରାନ୍ତ ହୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଆରଡବ୍ଲ୍ୟୁଏସ୍ଏସ୍ ବିଭାଗ ତରଫରୁ ଗାଁକୁ ଯୋଗାଣ ହେଉଥିବା ପାଇପ୍ ପାଣି ବ୍ୟବହାର ପରେ ବହୁ ଗ୍ରାମବାସୀ ଆକ୍ରାନ୍ତ ହୋଇଥିଲେ। ସେଠାକାର ପରିସ୍ଥିତି ଜଟିଳ ହେବାରୁ ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଲାଠି ଗାଁରେ ପହଞ୍ଚି ରୋଗୀଙ୍କ ଚିକିତ୍ସା କରିଛନ୍ତି। ଏହା ସହିତ ଗାଁକୁ ପାଇପ୍ ଜଳ ଯୋଗାଣ ବନ୍ଦ କରାଯାଇଥିବା ଏଡିଏମ୍ଓ ଡା. ଆର୍. ଜଗଦୀଶ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହାସହିତ କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ବ୍ଲକରେ କାମ କରୁଥିବା ସମସ୍ତ ସ୍ୱାସ୍ଥ୍ୟ ଟିମ୍ ୨୪ ଘଣ୍ଟିଆ ଆଲର୍ଟ ରହିବାକୁ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ସେହିପରି ଦିଗପହଣ୍ଡି ବ୍ଲକ ଭୀଷ୍ମଗିରିରେ ମଧ ଝାଡ଼ାବାନ୍ତି ବ୍ୟାପିଥିବା ଖବର ଆସିବା ପରେ ସେଠାକୁ ଏକ ଟିମ୍ ଯାଇ ସ୍ଥିତି ଅନୁଧ୍ୟାନ କରିଥିବା ଡା. ପଟ୍ଟନାୟକ ସୂଚନା ଦେଇଛନ୍ତି। ପ୍ରାୟ ୧୧ଜଣ ଆକ୍ରାନ୍ତ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ପ୍ରକାଶ। ଲାଠି ଗାଁର କିଛି ଲୋକ ଗତ ୧ ତାରିଖରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଏହାପରେ ଗାଁର ବିଭିନ୍ନ ସାହିକୁ ଝାଡ଼ାବାନ୍ତି ବ୍ୟାପିଥିଲା। ପ୍ରତିଦିନ କିଛି କିଛି ଲୋକ ଝାଡ଼ାବାନ୍ତି ସମସ୍ୟା ନେଇ ଲାଠି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ଦିନକୁ ଦିନ ରୋଗୀଙ୍କ ସଂଖ୍ୟା ବଢ଼ିବାରୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଉମା ଶଙ୍କର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଲାଠି ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହିତ ରୋଗୀଙ୍କ ଚିକିତ୍ସା କରିଥିଲା। ଲାଠି ସ୍ୱାସ୍ଥ୍ୟକେନ୍ଦ୍ରରେ କୁକୁଡ଼ାଖଣ୍ଡି ବ୍ଲକର ମେଡିକାଲ ଟିମ୍ ରହିଛନ୍ତି। ଗତ ୧ତାରିଖରୁ ଏଯାବତ ୩୭ ଜଣ ଆକ୍ରାନ୍ତ ହୋଇଥିବା ଡା. ପଟ୍ଟନାୟକ କହିଛନ୍ତି। ଚିକିତ୍ସା ପରେ ସମସ୍ତେ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ଦୁଇଜଣ ଲାଠି ସ୍ୱାସ୍ଥ୍ୟକେନ୍ଦ୍ର ଡାଇରିଆ ୱାର୍ଡରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଆର୍‌ଡବ୍ଲ୍ୟୁଏସ୍ଏସ୍ ବିଭାଗ ପକ୍ଷରୁ ଲାଠି ଗାଁର ବିଭିନ୍ନ ଘରକୁ ପାଇପ୍ ଯୋଗେ ପାଣି ଯୋଗାଣ ହେଉଛି। ବିଭିନ୍ନ ସ୍ଥାନରେ ପାଇପ୍ ଫାଟିବାରୁ ପାଣି ପ୍ରଦୂଷିତ ହେଉଛି। ସେହି ପାଣି ବ୍ୟବହାର କରିବା ଦ୍ୱାରା ଝାଡ଼ାବାନ୍ତି ବ୍ୟାପିଥିବା ଡା. ପଟ୍ଟନାୟକ କହିଛନ୍ତି। ଲୋକମାନେ ଏ ଦିଗରେ ଅଧିକ ସଚେତନ ରହିବା ପାଇଁ ମାଇକ ଯୋଗେ ପ୍ରଚାର କରାଯାଉଛି ବୋଲି ଲାଠି ସରପଞ୍ଚ ରାଧାମୋହନ ସେଠୀ କହିଛନ୍ତି।



**ଏବେ ଯତ୍ନ ନେବାର ବେଳ:** ପୁରୀ ଜିଲା ପିପିଲି ବାଇପାସ୍ ପାର୍ଶ୍ୱ ଏକ ଧାନ କ୍ଷେତରେ ଚାଷୀମାନେ ସାର ପକାଉଛନ୍ତି।

# ୩୯ ଲକ୍ଷ ହାତେଇ ଫେରାର

## ମହିଳା ଆକାଉଣ୍ଟାଣ୍ଟଙ୍କ କଳାକାରନାମା

**ଭବାନୀପାଟଣା,୮।୧୦(ସ୍ୱ.ପ୍ର.)**

### ଜାଣିପାରିଲାନି ଶିକ୍ଷା ବିଭାଗ



ଆକାଉଣ୍ଟାଣ୍ଟ ଶୁଚିସ୍ମିତା ସୁଆର

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଜଣେ ମହିଳା ଆକାଉଣ୍ଟାଣ୍ଟଙ୍କ କଳାକାରନାମା ସାମ୍ନାକୁ ଆସିଛି। ସମ୍ପୃକ୍ତ ଆକାଉଣ୍ଟାଣ୍ଟ ଶିକ୍ଷକଙ୍କ ଦରମା ବାବଦ ପ୍ରାୟ ୩୯ ଲକ୍ଷରୁ ଅଧିକ ଟଙ୍କା ନିଜ ବ୍ୟକ୍ତିଗତ ଆକାଉଣ୍ଟକୁ ଟ୍ରାନ୍ସଫର କରି ହଡ଼ପ କରିଥିବା ଅଭିଯୋଗ ହୋଇଛି। ଏ ନେଇ ସ୍ଥାନୀୟ ବିଇଓ ଠାକୁର ସାହୁ ଭବାନୀପାଟଣା ଟାଉନ ଥାନାରେ ଅଭିଯୋଗ କରିବା ପରେ ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପକ୍ଷରେ ସମ୍ପୃକ୍ତ ମହିଳା କର୍ମଚାରୀ ଜଣକ ଅଫିସରେ ସ୍କୁଟି ରଖି ଫେରାର ହୋଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଏହି ମହିଳା ଜଣକ ହେଲେ ଭବାନୀପାଟଣା ବିଇଓ ଅଫିସରେ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟରତ ଥିବା ଶୁଚିସ୍ମିତା ସୁଆର। ସେ ଜଣେ ଅସ୍ଥାୟୀ କର୍ମଚାରୀ। ଏକ୍ସ କ୍ୟାଡର ଶିକ୍ଷକଙ୍କ ଗୋଟିଏ ମାସର ଦରମା ଓ ଅନ୍ୟାନ୍ୟ ବାବଦ ପ୍ରାୟ ୩୯ ଲକ୍ଷ ୩୦ ହଜାର ୪୬୮ ଟଙ୍କା ପିଏଫ୍ଏମ୍ଏସ୍ ଜରିଆରେ ନିଜ ବ୍ୟକ୍ତିଗତ ଆକାଉଣ୍ଟକୁ ଟ୍ରାନ୍ସଫର କରି ହଡ଼ପ କରିଥିବା ନେଇ ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ଭବାନୀପାଟଣା ସଦର ବ୍ଲକରେ ୧୭୧ ଜଣ ଏକ୍ସ କ୍ୟାଡର ଶିକ୍ଷକ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୨୧ଜଣ ଓଟିଇଟି ପାସ୍ କରିଥିବା ଯୋଗୁ ମାସକୁ ୩୬ ହଜାର ୬୪ ଟଙ୍କା ଦରମା ଓ ୧୫୦ ଶିକ୍ଷକ ଓଟିଇଟି ପାସ୍ କରି ନ ଥିବାରୁ ମାସକୁ ୩୩ ହଜାର ୨୦ ଟଙ୍କା ଦରମା ପାଇଥାନ୍ତି। ଗତ ସେପ୍ଟେମ୍ବର ମାସର ସମୁଦାୟ ୫୭ ଲକ୍ଷ ୧୦ ହଜାର ୩୪୪ ଟଙ୍କା ଦରମା ବକେୟା ରହିଥିଲା। ୯ ଜଣ ଶିକ୍ଷକ ଅଫିସ୍ ଯାଇ ଦରମା ପାଇଁ ଅଡ଼ି ବସିବା ପରେ ସେମାନଙ୍କୁ ଚେକ୍ ମାଧ୍ୟମରେ ୩ ଲକ୍ଷ ୧ ହଜାର ୨୨୪ ଟଙ୍କା ଦରମା ବାବଦରେ ପ୍ରଦାନ କରାଯାଇଥିଲା। ତେବେ ପିଏଫ୍ଏମଏସ୍ ଜରିଆରେ ଦରମା ନ ଦେଇ ଚେକ୍ ମାଧ୍ୟମରେ ଟଙ୍କା ପ୍ରଦାନ କରିବା ଘଟଣା ତଦନ୍ତସାପେକ୍ଷ। ସେହିପରି ଏତେ ବଡ଼ କେଲେଙ୍କାରୀ ପରେ ବି ବିଇଓ କାର୍ଯ୍ୟାଳୟ ଅଧିକାରୀ କିଭଳି ଜାଣିପାରିଲେ ନାହିଁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ ମହିଳା କର୍ମଚାରୀ ଶୁଚିସ୍ମିତାଙ୍କ ବ୍ୟକ୍ତିଗତ ଆକାଉଣ୍ଟରେ ମାତ୍ର ୭୯ ହଜାର ଟଙ୍କା ଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଟାଉନ ଥାନା ପକ୍ଷରୁ ଏକ ମାମଲା (ନଂ.୪୩୧/୨୨) ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଆଇଆଇସି ପ୍ରଦୀପ ଧରୁଆ ସୂଚନା ଦେଇଛନ୍ତି। ଜିଲା ଶିକ୍ଷାଧିକାରୀଙ୍କ ଜିଲା ଶିକ୍ଷା ବିଭାଗ ଉପରେ କୌଣସି ଲଗାମ ନ ଥିବାରୁ ଏପରି ଘଟଣା ଘଟିଥିବା ନେଇ ସାଧାରଣରେ ଆଲୋଚନା ହେଉଛି।

# ୩ ମାସ ମିଳିନି କଳାକାର ଭତ୍ତା

**ଭଞ୍ଜନଗର,୮।୧୦(ଡି.ଏନ.ଏ)**

### ଚିନ୍ତାରେ ଗଞ୍ଜାମ ଜିଲାର ୧୮ଶହ ପରିବାର

ଗଞ୍ଜାମ ଜିଲାର ପ୍ରାୟ ୧୮ଶହ କଳାକାରଙ୍କୁ ୩ ମାସ ହେଲା କଳାକାର ଭତ୍ତା ମିଳିନାହିଁ। ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଭତ୍ତା ପାଉଥିବା ଏହି କଳାକାରମାନଙ୍କ ପରିବାର ଏବେ ଚିନ୍ତାରେ ଅଛନ୍ତି।

ଗତ ଜୁଲାଇରେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ କଳାକାରମାନଙ୍କୁ ଲାଇଫ୍ ସାର୍ଟିଫିକେଟ ସମେତ ଅନ୍ୟାନ୍ୟ କିଛି ପ୍ରମାଣପତ୍ର ମଗାଯାଇଥିଲା। ପ୍ରମାଣପତ୍ର ସଂଗ୍ରହ ପ୍ରକ୍ରିୟା ସରିବା ପରେ ରାଜ୍ୟ ସରକାର ସିଧା କଳାକାରମାନଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଥାନ୍ତେ। ପ୍ରମାଣପତ୍ର ଶତପ୍ରତିଶତ ସଂଗ୍ରହ ହୋଇପାରୁନାହିଁ। ତେଣୁ ଭତ୍ତା ବଣ୍ଟନ ପ୍ରକ୍ରିୟା ବିଳମ୍ବ ହେଉଥିବା ଅନୁମାନ କରାଯାଉଛି। ଗଞ୍ଜାମ ଜିଲାରେ ୧୮ଶହ ହିତାଧିକାରୀଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୭ଶହ ଲାଇଫ୍ ସାର୍ଟିଫିକେଟ ଦାଖଲ କରିଥିବା ଜଣାପଡ଼ିଛି। ୨୦୧୮ରେ ଜିଲାର ପ୍ରାୟ ୪ ହଜାର କଳାକାରଙ୍କୁ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଭତ୍ତା ଦେବାପାଇଁ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ସେ ସମୟରେ ରାଜସ୍ୱ ନିରୀକ୍ଷକମାନେ ଆନ୍ଦୋଳନ କରୁଥିବା ଯୋଗୁ ଅନେକ କଳାକାର ବାର୍ଷିକ ଆୟ ପ୍ରମାଣପତ୍ର ଯୋଗାଡ଼ କରିପାରି ନ ଥିଲେ। ତେଣୁ ପ୍ରାୟ୨୧ଶହ ଆବେଦନ ପଡ଼ିଥିଲା। ସେଥିମଧ୍ୟରୁ କେତେକ ଆବେଦନରେ ତ୍ରୁଟି ଓ ଅନ୍ୟାନ୍ୟ କାରଣ ଯୋଗୁ ନାକଚ ହୋଇଯାଇଥିଲା। ଶେଷରେ ୧୮ଶହରୁ ଉର୍ଦ୍ଧ୍ୱ କଳାକାରଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ବଳକା ୨୨ଶହ କଳାକାରଙ୍କୁ ନୂଆ ଭତ୍ତା ଦେବାପାଇଁ ଯୋଜନା ଚାଲିଛି। ଏ ନେଇ ଆବେଦନ ପ୍ରକ୍ରିୟା ମଧ ସରିଛି। ଜିଲାରେ ପ୍ରାୟ ୭ ହଜାରରୁ ଉର୍ଦ୍ଧ୍ୱ କଳାକାର ଭତ୍ତା ପାଇଁ ଆବେଦନ କରିଛନ୍ତି। ଅନ୍ୟପଟେ ଜିଲାରେ ଦୁଃସ୍ଥ କଳାକାର ଭତ୍ତା ମଧ ଶତାଧିକ ଲୋକ ପାଉଛନ୍ତି। ସେମାନଙ୍କ ଭତ୍ତା ଟଙ୍କା ଇତିମଧ୍ୟରେ ଆସିଥିବା ଜଣାପଡ଼ିଛି। ଭଞ୍ଜନଗର ବ୍ଲକ ଲମ୍ବେଇର ବରିଷ୍ଠ କଳାକାର ସୁବାସ ଚନ୍ଦ୍ର ବେହେରା କହିଛନ୍ତି, ଭତ୍ତା ଆସି ନ ଥିବାରୁ ଚଳିବାରେ ଅସୁବିଧା ହେଉଛି। ସରକାର ତୁରନ୍ତ ଟଙ୍କା ପ୍ରଦାନ କଲେ ଭଲ ହୁଅନ୍ତା। ଏନେଇ ଜିଲା କଳାକାର ସଂଘ ଉପସଭାପତି ସନ୍ତୋଷ ପାଢ଼ୀ କହିଛନ୍ତି, ଆସନ୍ତା ସପ୍ତାହରେ ପୁରୁଣା ସମସ୍ତ ପ୍ରାୟ ୧୮ଶହ କଳାକାରଙ୍କୁ ଭତ୍ତା ପ୍ରଦାନ କରିବା ପାଇଁ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତି ଚାଲିଛି। ଚଳିତଥର ଜିଲା କାର୍ଯ୍ୟାଳୟ ପକ୍ଷରୁ ଭତ୍ତା ଦିଆଯିବ। ଏପଟେ ଅନେକ ସମୟରେ ଯୋଗ୍ୟ କଳାକାର ଭତ୍ତା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ତେଣୁ ଭତ୍ତା ପାଇଁ ନୂଆ କଳାକାର ଚିହ୍ନଟ ସମୟରେ କଳାକାରଙ୍କ ବୟସକୁ ଦେଖି ଦକ୍ଷତା ମପାଯିବା ଯୋଜନା ଅଛି। ଏଥିପାଇଁ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ଚୟନ ଶିବିର ହେବ ବୋଲି ପାଢ଼ୀ ସୂଚନା ଦେଇଛନ୍ତି।

# ମହିଳାଙ୍କୁ ଚାପୁଡ଼ା ମାରିଲେ ଧାରଣାରତ ଯୁବତୀ

## ପ୍ରେମିକଙ୍କ ଘର ଆଗରେ ଧାରଣା ଘଟଣା

**ବ୍ରହ୍ମପୁର ଅଫିସ,୮।୧୦**

ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ଦେଶୀବେହେରା ସାହିରେ ଥିବା ପ୍ରେମିକ କେ. ଦିନେଶଙ୍କ ଘର ଆଗରେ ତାଙ୍କ ପ୍ରେମିକା କେ.ଦୀପିକା ତାଙ୍କ ଶିଶୁର ପିତୃତ୍ୱ ପରିଚୟ ନେଇ ଅଗଷ୍ଟ ୨ରୁ ଧାରଣାରେ ବସିଛନ୍ତି। ଶନିବାର ଜଣେ ମହିଳା ଉକ୍ତ ଧାରଣାସ୍ଥଳକୁ ଯାଇ ଧାରଣାରେ ବସିଥିବା କେ.ଦୀପିକାଙ୍କୁ କିଛି ପଚାରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ସେ ସମ୍ପୃକ୍ତ ମହିଳାଙ୍କୁ ଚାପୁଡ଼ା ମାରିଥିଲେ। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। କିନ୍ତୁ ଏନେଇ କାହାରି ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି। ସେଠାରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସ ମୁତୟନ ରହିଥିବା ମଧ ସେ କହିଛନ୍ତି। ଉକ୍ତ ମାମଲା କୋର୍ଟରେ ବିଚାରାଧୀନ ଥିବା ଯୋଗୁ ପୋଲିସ ଶାନ୍ତି ବଜାୟ ରଖିବାକୁ କହୁଛି।

# ଚିକେନ୍ ନ ଦେବାରୁ ମା'ଙ୍କୁ ପିଟି ହତ୍ୟା: ପୁଅ ଅଟକ

**ଭଞ୍ଜନଗର,୮।୧୦(ଡି.ଏନ୍.ଏ)**



ପୋଲିସ ଘଟଣାସ୍ଥଳରେ ତଦନ୍ତ କରୁଛି।

ରାତିରେ ଚିକେନ ଖାଇବାକୁ ନ ଦେବାରୁ ମା'ଙ୍କୁ ଠେଙ୍ଗାରେ ପିଟି ହତ୍ୟା କରିଛନ୍ତି ପୁଅ। ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ଗଜାପଦର ଗ୍ରାମରେ ଶୁକ୍ରବାର ରାତିରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତ ମହିଳା ଜଣଙ୍କ ହେଲେ ତ୍ରିବେଣୀ ନାୟକ। ଶନିବାର ସକାଳେ ପୋଲିସ ମୃତଦେହ ଜବତ କରିବା ସହ ଅଭିଯୁକ୍ତ ପୁଅ ସନା ନାୟକଙ୍କୁ ଅଟକ ରଖିଛି।

ସନା ଅଧିକାଂଶ ସମୟରେ ନିଶାସକ୍ତ ହୋଇ ସ୍ତ୍ରୀ ଓ ମା'ଙ୍କୁ ମାରଧର କରନ୍ତି। କିଛିମାସ ହେଲା ସ୍ତ୍ରୀ ତାଙ୍କ ବାପଘରକୁ ଚାଲିଯାଇ ଥିବା ବେଳେ ମା' ତ୍ରିବେଣୀ ମଧ ନିର୍ଯାତନା ସହି ନ ପାରି ନବରଙ୍ଗପୁରରେ ତାଙ୍କ ଦିଅରଙ୍କ ଘରେ ରହୁଥିଲେ। ୪ ଦିନ ତଳେ ତ୍ରିବେଣୀ ଗାଁକୁ ଆସିଥିଲେ। ଶୁକ୍ରବାର ରାତିରେ ସନା ନିଶାସକ୍ତ ଅବସ୍ଥାରେ ଘରକୁ ଆସି ମା'ଙ୍କୁ ଅଣ୍ଡା କିମ୍ବା ଚିକେନ୍ ଆଣି ଦେବାକୁ କହିଥିଲେ। ତେବେ ବର୍ଷା ଲାଗି ରହିବାରୁ ତ୍ରିବେଣୀ ବାହାରକୁ ଯାଇ ପାରି ନ ଥିଲେ। ଏଥିରେ ଉତ୍ୟକ୍ତ ହୋଇ ସନା ତାଙ୍କୁ ଠେଙ୍ଗାରେ ପିଟି ହତ୍ୟା କରିଥିବା ପ୍ରାଥମିକ ତଦନ୍ତ ପରେ ସନ୍ଦେହ କରାଯାଉଛି। ଏନେଇ ତାରସିଂ ଥାନାରେ ନଂ.୩୨୧/୨୨ରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ଥାନାଧିକାରୀ ପି.କେ. ଦାସ ସୂଚନା ଦେଇଛନ୍ତି।

# ସିଆର୍‌ପିଏଫ୍ କନ୍‌ଷ୍ଟେବଲ ବହିଷ୍କୃତ

## ଜାଲ୍ ଜାତିଗତ ପ୍ରମାଣପତ୍ରରେ ଚାକିରି

**ଜଗତ୍‌ସିଂହପୁର ଅଫିସ, ୮।୧୦**

ଜାଲ୍ ଜାତିଗତ ପ୍ରମାଣପତ୍ର ଦେଇ ସିଆର୍‌ପିଏଫ୍ (ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ)ରେ କନ୍‌ଷ୍ଟେବଲ ଭାବେ ନିଯୁକ୍ତି ପାଇଥିବା ଜଗତ୍‌ସିଂହପୁର ଜିଲାର ଜଣେ ବ୍ୟକ୍ତି ଚାକିରିରୁ ବହିଷ୍କୃତ ହୋଇଛନ୍ତି। ସେ ହେଲେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ବେଗୁନିଆ କୋର୍କର ଗ୍ରାମର ପ୍ରଭାତ କୁମାର ନାୟକ। ସିଆର୍‌ପିଏଫ୍ ରାଜସ୍ଥାନ ସେକ୍ଟର ପୋଲିସ ଆଇଜିଙ୍କ କାର୍ଯ୍ୟାଳୟ ପକ୍ଷରୁ ଡିଆଇଜିପି (ଆଡମିନ୍) କେ. ଥୋମାସ ଜବ୍ ଅଭିଯୋଗକାରୀ ବୋଗୁନିଆ ଗ୍ରାମର ଜ୍ୟୋତିରଞ୍ଜନ ନାୟକଙ୍କୁ ୨୭।୯।୨୨ରେ ଚିଠି ନଂ.ସିଆଇଭି-୧୭୨୦୨୧-ଆର୍‌ଏସ୍-ଏଡିଏମ୍-୩ ମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ଏଥିରେ ଉଲ୍ଲେଖ ରହିଛି, ୨୮।୭।୨୧ରେ ଜ୍ୟୋତିଙ୍କ ଅଭିଯୋଗ ଆଧାରରେ ଅଭିଯୁକ୍ତ ପ୍ରଭାତ (୧୬୩ ବିଏନ୍ ସିଆର୍‌ପିଏଫ୍, ନଂ. ୧୧୫୦୪୧୮୯୨ ସିଟି/ଜିଡି)ଙ୍କ ଜାତିଗତ ପ୍ରମାଣପତ୍ର ଉପରେ ବିଭାଗୀୟ ତଦନ୍ତ ହୋଇଥିଲା। ନିଯୁକ୍ତି ସମୟରେ ସେ ଦାଖଲ କରିଥିବା ଜାତିଗତ ପ୍ରମାଣପତ୍ରର ତନଖି କରାଯାଇଥିଲା। ତଦନ୍ତ ପାଇଁ ତିର୍ତ୍ତୋଲ ତହସିଲଦାରଙ୍କୁ ଚିଠି କରାଯାଇଥିଲା। ତାଙ୍କ ପକ୍ଷରୁ ୧୬।୨।୨୨ରେ ଚିଠି ସଂଖ୍ୟା ୪୨୨ରେ ଯାଞ୍ଚ ସୂଚନା ମିଳିବା ପରେ ସତ୍ୟ ପଦାକୁ ଆସିଛି। ଜ୍ୟୋତିଙ୍କ ଅଭିଯୋଗ ସତ୍ୟ ଥିବା ଜଣାପଡ଼ିଛି। ତା'ପରେ ଠିକ ଭାବେ ବିଭାଗୀୟ ତଦନ୍ତ ପରେ ପ୍ରଭାତଙ୍କୁ ସିଆର୍‌ପିଏଫ୍ ୧୬୩ ବିଏନ୍ କମାଣ୍ଡାଣ୍ଟ ୧୫।୯।୨୨ରେ ଚାକିରିରୁ ବହିଷ୍କାର କରିଛନ୍ତି। ଏ ସମ୍ପର୍କରେ ଅଭିଯୋଗକାରୀ ଜ୍ୟୋତି କହିଛନ୍ତି, ସେ ୨୮।୭।୨୧ରେ ନୂଆଦିଲ୍ଲୀସ୍ଥିତ ସିଆର୍‌ପିଏଫ୍ ମୁଖ୍ୟାଳୟ ଡିଜିଙ୍କୁ ମିଥ୍ୟା ଜାତିଗତ ପ୍ରମାଣପତ୍ର ବଳରେ ପ୍ରଭାତ ଚାକିରି କରିଥିବା ନେଇ ଅଭିଯୋଗ କରିଥିଲେ। ଏଥିରେ ସେ ଦର୍ଶାଇଥିଲେ, ସିଆର୍‌ପିଏଫ୍ କନ୍‌ଷ୍ଟେବଲ ପ୍ରଭାତ ଜମ୍ମୁ ଓ କାଶ୍ମୀରରେ ଚାକିରି କରିଛନ୍ତି। ପାଖାପାଖି ୫ରୁ ୭ ବର୍ଷ ହେବ ସେ ଦେଶର ବିଭିନ୍ନ ସ୍ଥାନରେ କାମ କରିଛନ୍ତି। ମାତ୍ର ନିଯୁକ୍ତି ପୂର୍ବରୁ ପ୍ରଭାତ ଜାତିଗତ ପ୍ରମାଣପତ୍ର ଦେଉଥିବା ଅଧିକାରୀଙ୍କୁ ପ୍ରଭାବିତ କରି ଅନୁସୂଚିତ ଜାତି (ଏସ୍‌ସି) ବର୍ଗର ପ୍ରମାଣପତ୍ର ହାସଲ କରିଥିଲେ। ଏହାପରେ ସଂରକ୍ଷିତ ବର୍ଗର ଦର୍ଶାଇ ନିଯୁକ୍ତି ପାଇଥିଲେ। ବାସ୍ତବରେ ସେ ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ (ଏସ୍‌ଇବିସି)ର ହୋଇଥିଲେ ସୁଦ୍ଧା ଏସ୍‌ସି ସାର୍ଟିଫିକେଟ୍ ବଳରେ ସିଆର୍‌ପିଏଫ୍‌ରେ ନିଯୁକ୍ତିପାଇଛନ୍ତି। ଜାଲ ଜାତିଗତ ପ୍ରମାଣପତ୍ର ସମ୍ପର୍କରେ ପ୍ରଭାତଙ୍କୁ ପଚାରିବାରୁ ସେ ପ୍ରସଙ୍ଗକୁ ଭିନ୍ନ ମୋଡ଼ ଦେଇ ଚାକିରି ଚାଲିଯିବାରୁ ଆର୍ଥିକ ଓ ସାମାଜିକସ୍ତରରେ ପ୍ରଭାବିତ ହୋଇଥିବା କହିଛନ୍ତି।

# ଆମାଜନ୍‌ରେ ୬୦୦ ବର୍ଷର ଗଛ

**ୱାଶିଂଟନ୍, ୮।୧୦**



- ବୃକ୍ଷ ସନ୍ଧାନ ପାଇଁ ୩ ବର୍ଷର ଅଭିଯାନ
- ୨୦୧୯ରେ ସାଟେଲାଇଟ ଫଟୋରେ ଚିହ୍ନଟ ହୋଇଥିଲା

ଦକ୍ଷିଣ ଆମେରିକାରେ ଅବସ୍ଥିତ ବିଶ୍ୱର ବୃହତ୍ ରେନ୍‌ଫରେଷ୍ଟରୁ ବିଶେଷଜ୍ଞମାନେ ସବୁଠାରୁ ବିଶାଳ ବୃକ୍ଷ ଠାବ କରିଛନ୍ତି। ଏହି ବୃକ୍ଷର ସନ୍ଧାନ ପାଇଁ ପ୍ରାୟ ୩ ବର୍ଷ ପୂର୍ବରୁ ଅଭିଯାନ ଆରମ୍ଭ ହୋଇଥିଲା। ଏଥିଲାଗି ପାଖାପାଖି ୫ଟି ଯୋଜନା କରାଯାଇଥିବାବେଳେ ଦୁଇ ସପ୍ତାହର କଠିନ ଟ୍ରେକ୍ (ପର୍ବତାରୋହଣ କରିବା) ବିଶେଷଜ୍ଞମାନଙ୍କୁ କରିବାକୁ ପଡ଼ିଛି।

ଆମାଜନ୍ ଜଙ୍ଗଲରେ ଥିବା ୪୦୦ରୁ ୬୦୦ ବର୍ଷ ପୁରୁଣା ଏହି ବୃକ୍ଷର ଉଚ୍ଚତା ୮୮.୫ ମିଟର, ଯାହାର ସାଇଣ୍ଟିଫିକ୍ ନାମ ଡିନିଜିଆ ଏକ୍ସସେଲସା। ଏହାର ସନ୍ଧାନ ପାଇଁ ରିସର୍ଚ୍ଚରମାନେ ବୋଟ୍ ଯୋଗେ ୨୫୦ କି.ମି. ଦୂର ଯାତ୍ରା କରିଥିବାବେଳେ ଚାଲିକରି ପ୍ରାୟ ୨୦ କି.ମି. ଦୁର୍ଗମ ଜଙ୍ଗଲ ଅତିକ୍ରମ କରିବାକୁ ପଡ଼ିଥିଲା। ଏହା ପୂର୍ବରୁ ବ୍ରାଜିଲର ଉତ୍ତରାଞ୍ଚଳରେ ଥିବା ଇରାଟାପୁରୁ ରିଭର୍ ନେଚର୍ ରିଜର୍ଭରେ ଏକ ବିରାଟ କ୍ୟାନୋପି ବୃକ୍ଷ ଠାବ କରାଯାଇଥିଲା।

୨୦୧୯ରେ ପ୍ରଥମେ ସାଟେଲାଇଟ୍ ଇମେଜ୍‌ର ଥ୍ରୀ-ଡି ମ୍ୟାପିଙ୍ଗ୍ ପ୍ରୋଜେକ୍ଟ ଜରିଆରେ ଆମାଜନ୍ ଜଙ୍ଗଲରୁ ଏହି ବିଶାଳ ବୃକ୍ଷ ଦୃଷ୍ଟିଗୋଚର ହୋଇଥିଲା। ସେହିବର୍ଷ ପରିବେଶବିତ୍‌ଙ୍କ ଏକ ଦଳ ଓ ସ୍ଥାନୀୟ ଗାଇଡ୍ ଡିନିଜିଆ ବୃକ୍ଷ ସନ୍ଧାନରେ ବାହାରିଥିଲେ। କିନ୍ତୁ ୧୦ ଦିନର ଅଭିଯାନରେ ଟିମ୍ ମେମ୍ବର ଅସୁସ୍ଥ ହୋଇପଡ଼ିଥିଲେ ଓ ଅଭିଯାନରୁ ଓହରି ଜଙ୍ଗଲରୁ ଫେରିଆସିଥିଲେ। ଆମାପା ଏବଂ ପାରା ଅଞ୍ଚଳରେ ଅବସ୍ଥିତ ଜାରି ଘାଟି ରିଜିଅନ୍‌ରେ ବିଶେଷଜ୍ଞମାନଙ୍କ ଦ୍ୱାରା ୩ଟି ଅଭିଯାନ କରାଯାଇଥିଲେ ହେଁ ସେଗୁଡ଼ିକ ସଫଳ ହୋଇ ପାରି ନ ଥିଲା। ବିଶାଳ ଗଛ ଅନ୍ୱେଷଣରେ ରିସର୍ଚ୍ଚରମାନଙ୍କୁ ବ୍ରାଜିଲ୍‌ର ଉଚ୍ଚତମ ନଟ୍ ଟ୍ରିର ସନ୍ଧାନ ମିଳିଥିଲା ଯାହାର ଉଚ୍ଚତା ଥିଲା ୬୬ ମିଟର।

ଏହି ଟ୍ରିପ୍‌କୁ ସଫଳ କରିବାରେ ଇଞ୍ଜିନିୟର ଡିଇଗୋ ଅରମାଣ୍ଡୋ ସିଲ୍‌ଭାଙ୍କ ବଡ଼ ଭୂମିକା ରହିଛି। ବୃକ୍ଷ ବାବଦରେ ଅଧିକ ତଥ୍ୟ ସଂଗ୍ରହ କରିବା ନେଇ ଏହା ମୂଳରୁ ମାଟି, ପତ୍ର ଓ ଅନ୍ୟ ନମୁନା ସବୁ ସଂଗ୍ରହ କରାଯାଇଥିବା ସିଲ୍‌ଭା କହିଛନ୍ତି। ୧୯ ଜଣିଆ ସନ୍ଧାନକାରୀ ଟିମ୍‌ର ଜଣେ ସଦସ୍ୟଙ୍କୁ ବିଷାକ୍ତ ବୁଢ଼ିଆଣୀ କାମୁଡ଼ି ଥିବା କୁହାଯାଉଛି।

ଜଙ୍ଗଲରେ ଥିବା ଅନ୍ୟ ବିଶାଳକାୟ ବୃକ୍ଷମାନ ବାୟୁମଣ୍ଡଳରୁ ପ୍ରଚୁରମାତ୍ରାରେ ଅଙ୍ଗାରକାମ୍ଳ ଗ୍ରହଣ କରୁଥିବାବେଳେ ଏହା ଜଳବାୟୁ ପରିବର୍ତ୍ତନ ପରି ସମସ୍ୟାରୁ ରକ୍ଷା କରିବ। ଆମାଜନ୍ ଜଙ୍ଗଲ ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି, ଯାହାର କାରଣ ହେଉଛି ଜଙ୍ଗଲ କ୍ଷୟ। ଆମାଜନ୍‌ରେ ୩ ବର୍ଷ ମଧ୍ୟରେ ବାର୍ଷିକ ବୃକ୍ଷକାଟ ୭୫% ବୃଦ୍ଧି ପାଇଛି।

# ଶିବସେନା ନିର୍ବାଚନୀ ଚିହ୍ନ ରଦ୍ଦ





ଉଦ୍ଧବ ଠାକ୍‌ରେ ଏକନାଥ ଶିନ୍ଦେ

## ‘ଧନୁତୀର’ ବଦଳରେ ନୂଆ ଚିହ୍ନ ବାଛିବାକୁ ଉଭୟ ଗୋଷ୍ଠୀଙ୍କୁ କହିଲେ ଇସି

ନୂଆଦିଲ୍ଲୀ, ୮।୧୦

ପ୍ରକୃତ ଶିବସେନା ଦାବି ନେଇ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ଗୋଷ୍ଠୀ ଏବଂ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗିରହିଥିବାବେଳେ ନିର୍ବାଚନ କମିଶନ (ଇସି) ଶନିବାର ଏହି ଦଳର ନିର୍ବାଚନୀ ଚିହ୍ନ ‘ଧନୁତୀର’କୁ ରଦ୍ଦ କରିଦେଇଛନ୍ତି। ଆସନ୍ତା ୧୧ ତାରିଖ ଅପରାହ୍ନ ୧ଟା ସୁଦ୍ଧା ଉଭୟ ଗୋଷ୍ଠୀ ନିଜ ନିଜର ଦଳୀୟ ଚିହ୍ନ ଦାଖଲ କରିବା ଲାଗି ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକୃତ ଶିବସେନା ଦାବି ଉପରେ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିବାବେଳେ ସୁପ୍ରିମକୋର୍ଟ ଏହାର ନିଷ୍ପତ୍ତି ନିର୍ବାଚନ କମିଶନଙ୍କ ଉପରେ ଛାଡ଼ିଥିଲେ। ଅନ୍ଧେରୀ ଇଷ୍ଟ ଆସନରେ ନଭେମ୍ବର ୩ରେ ହେବାକୁ ଯାଉଥିବା ବିଧାନସଭା ଉପନିର୍ବାଚନ ଲାଗି ଶିନ୍ଦେ ଗୋଷ୍ଠୀ ଧନୁତୀର ଚିହ୍ନ ଦାବି କରିଥିଲେ। ତେବେ ଏକନାଥ ଓ ତାଙ୍କ ସମର୍ଥକ ବିଧାୟକମାନେ ସ୍ୱେଚ୍ଛାକୃତ ଭାବେ ଶିବସେନା ଛାଡ଼ିଥିବାରୁ ସେମାନେ ଦଳୀୟ ଚିହ୍ନ ଧନୁତୀର ଦାବି କରିପାରିବେ ନାହିଁ ବୋଲି ଠାକ୍‌ରେ ଦିନକ ପୂର୍ବରୁ ନିର୍ବାଚନ କମିଶନଙ୍କୁ ଶୁକ୍ରବାର ଜଣାଇଥିଲେ। ଶିବସେନାରେ ବିଭାଜନ ପରେ ଭାଜପା ସମର୍ଥନରେ ଏକନାଥ ଶିନ୍ଦେ ସରକାର ଗଢ଼ିଥିବାବେଳେ ତାଙ୍କ ପଛରେ ସଂଖ୍ୟାଧିକ ଦଳୀୟ ବିଧାୟକ ଓ ଏମ୍‌ପିଙ୍କ ସମର୍ଥନ ରହିଛି। ତେଣୁ ତାଙ୍କ ଗୋଷ୍ଠୀକୁ ପ୍ରକୃତ ଶିବସେନା ଭାବେ ସ୍ୱୀକୃତି ଦେବା ସହ ଧନୁତୀର ଚିହ୍ନ ପ୍ରଦାନ ଲାଗି ଶିନ୍ଦେ ଦାବି କରୁଥିଲେ। ଅନ୍ୟପକ୍ଷରେ ଶିନ୍ଦେ ଗୋଷ୍ଠୀ ବିଧାୟକମାନଙ୍କ ବିରୋଧରେ ଅଯୋଗ୍ୟ ଘୋଷଣା ଆବେଦନ ସୁପ୍ରିମକୋର୍ଟଙ୍କ ବିଚାରାଧୀନ ରହିଥିବାରୁ ସେମାନଙ୍କୁ ଦଳର ସଦସ୍ୟ ଭାବେ ଗଣାଯିବା ଉଚିତ ନୁହେଁ ବୋଲି ଠାକ୍‌ରେ ଗୋଷ୍ଠୀ ଯୁକ୍ତି ଦର୍ଶାଇଥିଲେ।

# ନୂଆ ଅଧ୍ୟକ୍ଷ ଗାନ୍ଧୀ ପରିବାରର ରିମୋଟ କଣ୍ଟ୍ରୋଲ ହେବେ ନାହିଁ: ରାହୁଲ

ତୁରୁଭେକେରେ,୮।୧

କଂଗ୍ରେସର ପରବର୍ତ୍ତୀ ଅଧ୍ୟକ୍ଷ ଗାନ୍ଧୀ ପରିବାର ଦ୍ୱାରା ରିମୋଟ କଣ୍ଟ୍ରୋଲ ହେବେ ବୋଲି କେତେକ ମହଲରେ ସମାଲୋଚନା କରାଯାଉଥିବା ଖବରକୁ ଦଳର ନେତା ରାହୁଲ ଗାନ୍ଧୀ ଶନିବାର ଖଣ୍ଡନ କରିଛନ୍ତି। ଉଭୟ ନେତା ମଲ୍ଲିକାର୍ଜୁନ ଖାର୍ଗେ ଏବଂ ଶଶୀ ଥରୁର ସୁପ୍ରତିଷ୍ଠିତ ଓ ଉତ୍ତମ ବୁଝାମଣାର ବ୍ୟକ୍ତିତ୍ୱ। ସେମାନେ କଦାପି ଗାନ୍ଧୀ ପରିବାର ଦ୍ୱାରା ନିୟନ୍ତ୍ରିତ ହୋଇପାରିବେ ନାହିଁ। ଏଭଳି ଶବ୍ଦ ବ୍ୟବହାର କରିବା ସେମାନଙ୍କ ପ୍ରତି ଅପମାନ ବୋଲି ବୋଲି ରାହୁଲ କହିଛନ୍ତି। ଭାରତ ଯୋଡ଼ୋ ଯାତ୍ରା ଅବସରରେ କର୍ଣ୍ଣାଟକର ତୁରୁଭେକେରେଠାରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ରାହୁଲ କହିଥିଲେ, ବେରୋଜଗାରୀ, ଦରଦାମ୍ ବୃଦ୍ଧି ଏବଂ ଅସମାନତାରେ ଅତିଷ୍ଠ ଲକ୍ଷ ଲକ୍ଷ ଲୋକେ ଏହି ଯାତ୍ରାରେ ତାଙ୍କ ସହ ସାମିଲ ହୋଇଛନ୍ତି।

ରାହୁଲ କହିଛନ୍ତି, ସେ ତପସ୍ୟାରେ ବିଶ୍ୱାସ କରନ୍ତି ଏବଂ ଭାରତ ଯୋଡ଼ୋ ଯାତ୍ରା ଜରିଆରେ ଲୋକମାନଙ୍କ ସହ ଯୋଗାଯୋଗରେ ରହିବାକୁ ଚାହୁଁଛନ୍ତି। ୩,୫୦୦ କିଲୋମିଟର ବ୍ୟାପୀ ଏହି ପଦଯାତ୍ରା କନ୍ୟାକୁମାରୀରୁ କଶ୍ମୀର ପର୍ଯ୍ୟନ୍ତ ପରିକ୍ରମା କରିବ। ସମାଜରେ ଘୃଣା ଓ ହିଂସା ପ୍ରସାର କରିବା ଜାତୀୟତା ବିରୋଧୀ କାର୍ଯ୍ୟ ଏବଂ ଯେଉଁମାନେ ଏଥିରେ ସମ୍ପୃକ୍ତ ସେମାନଙ୍କ ବିରୋଧରେ କଂଗ୍ରେସ ଲଢ଼େଇ ଜାରି ରଖିବ ବୋଲି ରାହୁଲ କହିଛନ୍ତି। ଇତିହାସ ଓ ପରମ୍ପରାକୁ ବିକୃତ କରୁଥିବା ନୂଆ ଶିକ୍ଷାନୀତିକୁ ଆମେ ବିରୋଧ କରି ଶିକ୍ଷା ବ୍ୟବସ୍ଥାର ବିକେନ୍ଦ୍ରୀକରଣ ଚାହୁଁଛୁ ବୋଲି ସେ କହିଥିଲେ। ଭାଜପା-ଆର୍‌ଏସ୍‌ଏସ୍ ଦେଶକୁ ବିଭାଜନ କରିବାକୁ ଯୋଜନା ଚଳାଇଥିବାବେଳେ ଲୋକଙ୍କୁ ଏକାଠି କରିବା ଲାଗି ଭାରତ ଯୋଡ଼ୋ ଯାତ୍ରା କରାଯାଉଥିବା ରାହୁଲ କହିଛନ୍ତି।



ଭାରତ ଯୋଡ଼ୋ ଯାତ୍ରା ଅବସରରେ ଶନିବାର କର୍ଣ୍ଣାଟକର ତୁମାକୁରୁ ଜିଲାରେ ଜଣେ ପୂଜକ ରାହୁଲ ଗାନ୍ଧୀଙ୍କୁ ତିଲକ ଲଗାଉଛନ୍ତି।

# ୧୪୪ ଆସନ ଉପରେ ଭାଜପାର ଫୋକସ୍

ନୂଆଦିଲ୍ଲୀ,୮।୧୦

## ମେଗା ରାଲି କରିବେ ମୋଦି



୨୦୨୪ ଲୋକ ସଭା ନିର୍ବାଚନକୁ ଆଉ ପାଖାପାଖି ୨ ବର୍ଷ ଥିବାବେଳେ ଶାସକ ଭାଜପା କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହୁଁନାହିଁ। ୨୦୧୯ ନିର୍ବାଚନରେ ଦଳ ଯେଉଁ ୧୪୪ଟି ଆସନରେ ପରାଜିତ ହୋଇଥିଲା, ସେହି ନିର୍ବାଚନ ମଣ୍ଡଳୀଗୁଡ଼ିକ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ଅନେକ କେନ୍ଦ୍ରମନ୍ତ୍ରୀଙ୍କୁ ଉକ୍ତ ନିର୍ବାଚନ ମଣ୍ଡଳୀ ଗସ୍ତ କରି ଭାଜପା କର୍ମୀ ଓ ବିଭିନ୍ନ ବର୍ଗର ଲୋକଙ୍କ ସହ ବୈଠକ କରିବା ଲାଗି କୁହାଯାଇଛି। ଉକ୍ତ ଆସନଗୁଡ଼ିକରେ ଦଳୀୟ ସ୍ଥିତିରେ ଉନ୍ନତି ଉପରେ ନଜର ରଖିବା ପାଇଁ ଏକ କମିଟି ଗଠନ କରାଯାଇଛି। ଏହାବ୍ୟତୀତ ଉକ୍ତ ୧୪୪ ନିର୍ବାଚନ ମଣ୍ଡଳୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ମେଗା ରାଲି କରିବା ପାଇଁ ଦଳ ଯୋଜନା କରିଛି।

ଗତ ମାସରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ବିଭିନ୍ନ କେନ୍ଦ୍ରମନ୍ତ୍ରୀଙ୍କ ସହ ସମୀକ୍ଷା ବୈଠକ କରି ଉପରୋକ୍ତ ନିର୍ବାଚନମଣ୍ଡଳୀଗୁଡ଼ିକର ସ୍ଥିତି ଅନୁଧ୍ୟାନ କରିଥିଲେ। ଗତ କିଛି ମାସ ମଧ୍ୟରେ ପ୍ରଧାନମନ୍ତ୍ରୀ ବିଭିନ୍ନ ରାଜ୍ୟରେ ୩୦ଟି ପ୍ରକଳ୍ପର ଶିଳାନ୍ୟାସ କଲେଣି। ୨୦୧୯ ସାଧାରଣ ନିର୍ବାଚନରେ ମୋଟ ୫୪୩ ଆସନରୁ ଭାଜପା ୩୦୩ ଆସନରେ ବିଜୟୀ ହୋଇଥିଲା।

# ଶୈଳେଶ ଦାନିଙ୍କ ଉପରୁ ନିଲମ୍ବନ ହଟାଇଲା ବିଜେଡି

ଭୁବନେଶ୍ୱର,୮।୧୦(ବ୍ୟୁରୋ)

ସମ୍ବଲପୁର ଜିଲା ବିଜେଡି ନେତା ଶୈଳେଶ ଦାନିଙ୍କ ଉପରୁ ନିଲମ୍ବନ ହଟାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି ନିଲମ୍ବନ ଉଠାଯାଇଥିବା ଶନିବାର ବିଜେଡି ସାଧାରଣ ସମ୍ପାଦକ ମାନସ ମଙ୍ଗରାଜ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଦାନିଙ୍କୁ ୨୦୨୧ ଅକ୍ଟୋବରରେ ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ବିଜେଡିରୁ ନିଲମ୍ବନ କରାଯାଇଥିଲା।

# କଂସ ବଂଶଜଙ୍କୁ ଶେଷ କରିବି : କେଜରିୱାଲ

ଅହମଦାବାଦ,୮।୧୦

ଗୁଜରାଟର କେତେକ ପ୍ରମୁଖ ସହରରେ ଏଏପି ମୁଖ୍ୟ ଅରବିନ୍ଦ କେଜରିୱାଲଙ୍କୁ ହିନ୍ଦୁ ବିରୋଧୀ ବୋଲି କୁହାଯାଇ ପୋଷ୍ଟର-ବ୍ୟାନର ଲଗାଯାଇଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜରିୱାଲ ଗୁଜରାଟରେ ତାଙ୍କ ବିରୋଧରେ ଲଗାଯାଇଥିବା ହିନ୍ଦୁ ବିରୋଧୀ ପୋଷ୍ଟରର ଜବାବ ଦେଇଛନ୍ତି। ବଡୋଦରାରେ ଶନିବାର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତ,ଜନ୍ମାଷ୍ଟମୀରେ ମୋର ଜନ୍ମ। ମତେ କଂସ ବଂଶଜଙ୍କୁ ଧ୍ୱଂସ କରିବା ପାଇଁ ଭଗବାନ ପଠାଇଛନ୍ତି । ମୁଁ ଏହାକୁ ସମ୍ପୂର୍ଣ୍ଣ ଭାବେ ଶେଷ କରିବି। ମୋ ବିରୋଧରେ ଲଗାଯାଇଥିବା ପୋଷ୍ଟର ଦ୍ୱାରା ଭଗବାନଙ୍କୁ ଅପମାନିତ କରାଯାଇଛି। ଏଭଳି କରିଥିବା ଲୋକେ କଂସଙ୍କ ବଂଶଜ। ସେମାନଙ୍କୁ ନଷ୍ଟ କରିବା ପାଇଁ ମୁଁ ହନୁମାନଙ୍କ ଭକ୍ତଭାବେ ଜନ୍ମ ହୋଇଛି। ମୋର ଗୁଜରାଟ ଗସ୍ତକୁ ନେଇ କେତେକ ଅସହିଷ୍ଣୁ ଏଭଳି ପୋଷ୍ଟର ଲଗାଇଛନ୍ତି କହିବା ସହ ସେ ‘ଜୟ ଶ୍ରୀରାମ’ ଧ୍ୱନିମଧ୍ୟ ଦେଇଥିଲେ।

**୧୩ତମ ଜନ୍ମବାର୍ଷିକୀ**



**ସ୍ନେହାଶ୍ରୀ (ତିତିଲି)**
ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର
ଆଜି ତୋର ୧୩ତମ ଜନ୍ମବାର୍ଷିକୀ ଅବସରରେ ପ୍ରଭୁ ସାଇବାବାଙ୍କ ନିକଟରେ ଏତିକି କାମନା କରୁଛୁ ଯେ, ତୋର ଚଲାପଥ କୁସୁମିତ ହେଉ ଓ ତୋର ଭବିଷ୍ୟତ ଉଜ୍ଜ୍ୱଳ ହେଉ।
-:ଶୁଭେଚ୍ଛା ସହ:- ଅଜା, ଆଈ, ମମି, ଶ୍ରୀରାମ ମଉସା, ମାମା, ମାମୁ, ମାଈଁ, ସାଇ, ଶ୍ରଦ୍ଧା ଓ ଇଶାନ୍।
ଧ-୭୩୭୨୩

# ଧାମନଗର:ଛିଡ଼ୁନି ଅଙ୍କକଷା



ସ୍ୱର୍ଗତ ବିଧାୟକ ବିଷ୍ଣୁ ସେଠୀଙ୍କ ପୁଅ ସୂର୍ଯ୍ୟବଂଶୀ ସୁରଜ ଗାଁ ବୁଲି ଲୋକଙ୍କୁ ଭେଟୁଛନ୍ତି।

ଭଦ୍ରକ ଅଫିସ/ ଧାମନଗର, ୮।୧୦ (ଡି.ଏନ.ଏ)

## ସୂର୍ଯ୍ୟବଂଶୀଙ୍କ ପାଇଁ ଅନୁକମ୍ପା ବିକଳ୍ପ

ଧାମନଗର ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ରାଜନୈତିକ ପାଣିପାଗ ସରଗରମ ହୋଇଛି। ରାଜ୍ୟର ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ଏହି ଆସନକୁ ନିଜ ଅକ୍ତିଆରକୁ ନେବାକୁ ପୂରା ଦମ ଲଗାଇବାକୁ ରଣନୀତି ପ୍ରସ୍ତୁତ କରିଛନ୍ତି। ବିଜେଡି ଓ କଂଗ୍ରେସ ପ୍ରାର୍ଥୀ ଚୟନ କରି ନ ଥିବା ବେଳେ ଭାଜପା ପୂର୍ବତନ ବିଧାୟକ ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ପୁଅ ସୂର୍ଯ୍ୟବଂଶୀ ସୁରଜଙ୍କୁ ଦଳ ପ୍ରାର୍ଥୀ କରିବା ଏକ ପ୍ରକାର ନିଶ୍ଚିତ ହୋଇଥିବା କୁହାଯାଉଛି । ତେବେ ଏହି ଆସନରେ ମୁଖ୍ୟତଃ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହେବା ନେଇ ଚର୍ଚ୍ଚା ଜୋର ଧରିଛି। ରାଜନୈତିକ ବିଶ୍ଳେଷକଙ୍କ କହିବା କଥା, ବିଜେଡି ଏହି ଆସନକୁ ନିଜ ସପକ୍ଷରେ ନେବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରିବ। ଗତ ୫ଟି ବିଧାନସଭା ଉପନିର୍ବାଚନରେ ବିଜେଡି ସମସ୍ତ ସିଟ୍ ନିଜ କବ୍‌ଜାରେ ରଖିଥିବା ବେଳେ ଭାଜପା ହାତରେ ଥିବା ବାଲେଶ୍ୱର ସଦର ଭଳି ଧାମନଗର ସିଟ୍‌କୁ ଭାଜପାଠାରୁ ଛଡାଇ ନେବାକୁ ଯୋଜନା ପ୍ରସ୍ତୁତ କରିଛି। ବାଲେଶ୍ୱର ସଦର ଉପନିର୍ବାଚନରେ ଭାଜପା ବିଧାୟକ ମଦନ ମୋହନ ଦତ୍ତଙ୍କ ବିୟୋଗ ପରେ ତାଙ୍କ ପୁତ୍ର ମାନସ ଦତ୍ତ ଅନୁକମ୍ପା ଭୋଟ ହାସଲ କରିବାରେ ବିଫଳ ହୋଇଥିଲେ। ଦଳୀୟ ଅବହେଳା ଯୋଗୁ ଭାଜପା ହାତରୁ ସେହି ସିଟ୍ ବିଜେଡି କରାୟତ୍ତ କରିଥିବା ନେଇ ସେତେବେଳେ ଚର୍ଚ୍ଚା ହୋଇଥିଲା । ଭୁଲ ରଣନୀତି ଯୋଗୁ ୨୦୧୯ ସାଧାରଣ ନିର୍ବାଚନରେ ୨୩ଟି ସିଟ୍‌ରୁ ଭାଜପା ୨୨କୁ ଖସି ଯାଇଛି। ଏବେ ଭାଜପା ପାଇଁ ସମାନ ପରିସ୍ଥିତି ସୃଷ୍ଟି ହୋଇଛି। ଧାମନଗର ପାଇଁ ସ୍ୱର୍ଗତ ବିଷ୍ଣୁଙ୍କ ଅନୁକମ୍ପା ଭୋଟ ସୂର୍ଯ୍ୟବଂଶୀଙ୍କ ପାଇଁ ଏକମାତ୍ର ବିକଳ୍ପ। ସୂର୍ଯ୍ୟବଂଶୀ ଯଦି ଭାଜପା ପ୍ରାର୍ଥୀ ହୁଅନ୍ତି ତେବେ ଦଳ ତରଫରୁ ତାଙ୍କୁ ସମ୍ପୂର୍ଣ୍ଣ ସହଯୋଗ ମିଳିବ ନା ବାଲେଶ୍ୱର ସଦର ଭଳି ପରିସ୍ଥିତି ଭୋଗିବାକୁ ପଡ଼ିବ ସେ ନେଇ ଚର୍ଚ୍ଚା ଚାଲିଛି।

ଧାମନଗର ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଭାଜପା, ବିଜେଡି ଓ କଂଗ୍ରେସ ଏଯାଏ ପ୍ରାର୍ଥୀ ଘୋଷଣା କରିନାହାନ୍ତି। ପ୍ରାର୍ଥୀ ଚୟନ ନେଇ ଅଙ୍କକଷା ଚାଲିଛି। ବିଭିନ୍ନ ଦଳ ପକ୍ଷରୁ ସ୍ଥାନୀୟ ନେତା ଓ କର୍ମୀଙ୍କୁ ନେଇ ଘନଘନ ବୈଠକ ଚାଲିଛି। ସ୍ୱର୍ଗତ ସେଠୀଙ୍କ ପୁଅ ସୂର୍ଯ୍ୟବଂଶୀ ସୁରଜଙ୍କୁ ଭାଜପା ପ୍ରାର୍ଥୀ କରିବା ନିଶ୍ଚିତ ବୋଲି ଦଳୀୟ କର୍ମୀ ମହଲରେ ଚର୍ଚ୍ଚା ଚାଲିଥିବା ବେଳେ ଏଯାଏ ବିଧିବଦ୍ଧ ଭାବେ ଘୋଷଣା କରାଯାଇ ନାହିଁ। ଅପରପକ୍ଷେ ସୁରଜ ଦଶହରାଠାରୁ ବିଭିନ୍ନ ପଞ୍ଚାୟତ ବୁଲି ଲୋକଙ୍କୁ ଭେଟିବା ଆରମ୍ଭ କରି ଦେଇଛନ୍ତି। ସୁରଜଙ୍କ ପ୍ରତି ଧାମନଗର ଲୋକଙ୍କ ସମବେଦନା ମଧ୍ୟ ରହିଛି। ଅନ୍ୟପକ୍ଷେ ବିଜେଡି ଏହି ଆସନକୁ ଦଖଲ କରିବା ପାଇଁ ଗୋଟିଚାଳନା ଆରମ୍ଭ କରିଥିବା ବେଳେ ଏଯାଏ ଦଳୀୟ ପ୍ରାର୍ଥୀ କିଏ ହେବେ, ତାହା ଘୋଷଣା କରାଯାଇନାହିଁ। ବିଜେଡି ପୁରୁଣାଙ୍କୁ ପ୍ରାର୍ଥୀ କରିବ ନା ନୂଆ ମୁହଁ ନେଇ ଉପନିର୍ବାଚନ ବୈତରଣୀ ପାରି ହେବ ସେନେଇ ମାନସମନ୍ଥନ କରୁଛି। ଆଶାୟୀ ସଂଖ୍ୟା ବଢୁଥିବାରୁ ପ୍ରାର୍ଥୀ ମନୋନୟନ ନେଇ ଅଡୁଆ ବଢୁଛି । ୨୦୧୯ରେ ଦଳୀୟ ପ୍ରାର୍ଥୀ ରାଜେନ୍ଦ୍ର ଦାସ ପରାଜିତ ହେବା ପରେ ଧାମନଗର ଆସନକୁ ନେଇ ଦଳ ଚିନ୍ତାରେ ରହିଛି। ଅନୁକମ୍ପା ଭୋଟକୁ ପ୍ରତିହତ କରିବା ପାଇଁ ବିଜେଡି ଯୋଜନା ପ୍ରସ୍ତୁତ କରୁଛି। ଦଳୀୟ ନେତୃତ୍ୱ ଓ ଜିଲାର ୪ ବିଧାୟକଙ୍କ ମଧ୍ୟରେ ଘନ ଘନ ବୈଠକ ଚାଲିଥିବା ବେଳେ ଗୋଇନ୍ଦା ତଥ୍ୟକୁ ତର୍ଜମା କରାଯାଉଛି। ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ଓ ମୁକ୍ତିକାନ୍ତ ମଣ୍ଡଳ ପୁରୁଣା ମୁହଁ ଥିବା ବେଳେ ନୂଆ ମୁହଁ ଭାବେ ସଞ୍ଜୟ ଦାସ ଓ ଶରତ ଦାସ ଆଶାୟୀ ଥିବା ଚର୍ଚ୍ଚା ହେଉଛି। ଧାମନଗର ରାଜନୀତିରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବର୍ତ୍ତମାନର ଅଧ୍ୟକ୍ଷାଙ୍କ ସ୍ୱାମୀ ଅଶୋକ ନାୟକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଧାମନଗରରେ ବିଜେଡିର ବିଧାୟକ ନ ଥିଲେ ମଧ୍ୟ ସେ ପଞ୍ଚାୟତ ସମିତିର ମଙ୍ଗ ଧରି ଅଘୋଷିତ କ୍ଷମତାରେ ରହିଛନ୍ତି। ଅପରପକ୍ଷେ କଂଗ୍ରେସ ମଧ୍ୟ ପ୍ରାର୍ଥୀ ଚୟନ ନେଇ ଅଙ୍କକଷା ଆରମ୍ଭ କରିଦେଇଛି। କଂଗ୍ରେସର ୩ ଜଣିଆ ବରିଷ୍ଠ ନେତୃମଣ୍ଡଳୀ ପର୍ଯ୍ୟବେକ୍ଷକ ଭାବେ ଆସି ଧୂଷୁରି ବାହାରବିଲଠାରେ ଦଳୀୟ ସ୍ଥିତି ପରଖିଛନ୍ତି। ଉକ୍ତ ଟିମ୍‌ରେ ଆସିଥିବା ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ଲଲାଟେନ୍ଦୁ ମହାପାତ୍ର, ଚିନ୍ମୟ ବେହୁରିଆ ପ୍ରମୁଖ ଧାମନଗର କଂଗ୍ରେସ ଦଳର ବହୁ ବରିଷ୍ଠ ନେତା ଓ କର୍ମୀମାନଙ୍କ ସହ ଦଳର ପ୍ରାର୍ଥିତ୍ୱ ନେଇ ଆଲୋଚନା କରିଛନ୍ତି। ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ ଏବଂ ୨୦୧୯ରେ ଏମ୍‌ପି ପ୍ରାର୍ଥୀ ହୋଇଥିବା ତାଙ୍କ ଝିଅ ମଧୁମିତାଙ୍କ ସମେତ ୩ରୁ ୪ଜଣ ଆଶାୟୀଙ୍କୁ ନେଇ ଆଲୋଚନା ଚାଲିଛି। ତେବେ ଖୁବ୍‌ଶୀଘ୍ର ପ୍ରାର୍ଥୀଙ୍କ ନାମ ଘୋଷଣା ହେବ ବୋଲି ଜିଲା ସଭାପତି ସୁବ୍ରତ ଦାସ କହିଛନ୍ତି।

# ତେଜସ୍ୱୀଙ୍କୁ ଟାର୍ଗେଟ କଲେ ପ୍ରଶାନ୍ତ କିଶୋର

ପାଟନା,୮।୧୦

## ଲାଲୁଙ୍କ ପୁଅ ବୋଲି ତେଜସ୍ୱୀ ଉପମୁଖ୍ୟମନ୍ତ୍ରୀ ହୋଇଛନ୍ତି



ପ୍ରଶାନ୍ତ କିଶୋର

ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର ତାଙ୍କ ରାଜ୍ୟବ୍ୟାପୀ ‘ପଦଯାତ୍ରା’ ସମୟରେ ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କୁ ଟାର୍ଗେଟ କରିଛନ୍ତି। ବିହାର ପଶ୍ଚିମ ଚମ୍ପାରଣ ଜିଲାରେ ଶୁକ୍ରବାର ଆୟୋଜିତ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ପ୍ରଶାନ୍ତ କହିଛନ୍ତି, ନବମ ପାସ୍ କରିଥିବା ତେଜସ୍ୱୀ କେବଳ ଲାଲୁ ପ୍ରସାଦ ଯାଦବଙ୍କ ପୁଅ ହୋଇଥିବାରୁ ତାଙ୍କୁ ରାଜ୍ୟର ଉପମୁଖ୍ୟମନ୍ତ୍ରୀ କରାଯାଇଛି। ଯେଉଁମାନଙ୍କ ବାପା ମୁଖ୍ୟମନ୍ତ୍ରୀ କିମ୍ବା ଉପମୁଖ୍ୟମନ୍ତ୍ରୀ ବା ବିଧାୟକ ସେମାନଙ୍କ ପିଲାମାନେ ନବମ ଫେଲ୍ ହୋଇଥିଲେ ମଧ୍ୟ ସେମାନଙ୍କୁ ଚାକିରି ମିଳିଯିବ। ତେଣୁ ଏବେ ଏହି ବ୍ୟବସ୍ଥାରେ ପରିବର୍ତ୍ତନ ଦରକାର । ଯଦି ସାଧାରଣ ଲୋକ ସେମାନଙ୍କ ମଧ୍ୟରୁ ଜଣଙ୍କୁ ନିର୍ବାଚିତ କରିପାରିବେ ତେବେ ବାହାର ରାଜ୍ୟରେ ଦାଦନ ଖଟିବାକୁ ଯାଇଥିବା ଲୋକଙ୍କୁ ଘରକୁ ଫେରାଇ ଆଣିବାକୁ ସେ ଚେଷ୍ଟା କରିବେ ବୋଲି କହିଥିଲେ । ପ୍ରଶାନ୍ତ ୩ଟି ଲକ୍ଷ୍ୟ ନେଇ ପଦଯାତ୍ରା ଆରମ୍ଭ କରିଥିବା କହିଥିଲେ । ସେଗୁଡ଼ିକ ହେଲା ସମାଜର ବିଭିନ୍ନ ବର୍ଗରେ ରହିଥିବା ଉଚିତ ଲୋକଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ କମନ୍ ଡେମୋକ୍ରାଟିକ ପ୍ଲାଟଫର୍ମକୁ ଆଣିବା, ପଞ୍ଚାୟତ ଏବଂ ସହରରେ ଥିବା ମୌଳିକ ସମସ୍ୟାକୁ ଚିହ୍ନଟ କରି ସେଗୁଡ଼ିକର ସମାଧାନ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବା ଏବଂ ଆସନ୍ତା ୧୫ବର୍ଷ ମଧ୍ୟରେ ବିହାରରେ ୧୦ଟି ପ୍ରମୁଖ କ୍ଷେତ୍ରର ବିକାଶ କରାଇ ରାଜ୍ୟକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା । ଆଉ ସେହି ଲକ୍ଷ୍ୟ ପୂରଣ ପାଇଁ ସେ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ପ୍ରଶାନ୍ତ କହିଛନ୍ତି।

CLASSIFIED DISPLAY
MORE SPACE • SAME PRICE
TARIFF
GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

NATIONAL FINANCE
DIWALI DHAMAKA LOAN
ପର୍ସନାଲ, ମାର୍କଶିଟ୍, ଆଧାରକାର୍ଡ, ପ୍ରପର୍ଟି, ଏଜୁକେଶନ୍, ସବୁପ୍ରକାର ଋଣ ।
48 hours ଲୋନ୍ ପାଇଁ Agent ଆମନ୍ତ୍ରିତ ।
2% interest 40% discount
under all Government schemes
9126461403

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକ**



**ଂରମାକାନ୍ତ ମହାନ୍ତି**
ଗ୍ରାମ/ପୋ- ଶୁକ୍ଳେଶ୍ୱର, ଜିଲ୍ଲା- କଟକ
ଆବିର୍ଭାବ-୧୫।୦୫।୧୯୩୭
ତିରୋଧାନ- ୧୯।୧୦।୨୦୨୧
ବାପା, ଚାହୁଁ ଚାହୁଁ ଦୀର୍ଘ ଏକ ବର୍ଷ ବିତିଗଲା, ତୁମ୍ଭର ଅନୁପସ୍ଥିତି ଆମ୍ଭମାନଙ୍କ ଜୀବନରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି, ଯାହା ଅପୂରଣୀୟ। ତୁମ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଭଲପାଇବା ଆମ୍ଭମାନଙ୍କ ପାଇଁ ଚିର ସ୍ମରଣୀୟ। ତୁମ୍ଭେ ଯେଉଁଠି ବି ଥାଅ ତୁମର ଆଶୀର୍ବାଦ ଆମ୍ଭମାନଙ୍କ ଉପରେ ସଦାସର୍ବଦା ରହିଥାଉ।
ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ।
ଧ-୧୭୩୦

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**ଂଅଭିଷେକ ମହାନ୍ତି (ରିକି)**
ସାଇନିମାଇଁ ରେସିଡେନ୍ସି, ଦକ୍ଷିଣକାଳୀ, ଢେଙ୍କାନାଳ
ଆବିର୍ଭାବ-୦୬।୦୪।୧୯୮୪/ ତିରୋଧାନ- ୦୯।୧୦।୨୦୨୦
(କାହିଁକିରେ ସମୟ ତୁ ହୋଇଲୁ ନିଷ୍ଠୁର, ଶୁଖୁନାହିଁ ପିତାମାତା ଲୋତକର ଧାର। ଅବେଳରେ ଟାଣି ନେଲୁ ହୃଦୟର ମଣି, ଶୂନ୍ୟ ହୃଦୟ କାନ୍ଦୁଛି ବାହୁନି ବାହୁନି)
ଚାହୁଁ ଚାହୁଁ ଦୁଇବର୍ଷ ବିତିଗଲା, ରିକି ତୋର ଅନୁପସ୍ଥିତିରେ ସବୁ କିଛି ନୀରବ ମର୍ମାହତ, ଏକ ଅପୂରଣୀୟ ଆଘାତର ଶୂନ୍ୟସ୍ଥାନ। ତୋର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଭକ୍ତିପୂତ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ବାପା: ଆଲୋକ, ମାମି: ସୁପ୍ରିୟା, ପତ୍ନୀ: ଅମ୍ରିତା, ପୁଅ: ଆଭିକ, ସାନଭାଇ: ଅଭିନବ, ଭାଇବୋହୂ: ଅତାସୀ ଏବଂ ସମସ୍ତ ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁ ।
ଧ-୭୪୦୨୦

**୨୪ତମ ଶ୍ରାଦ୍ଧ ଦିବସ**



**ସ୍ୱର୍ଗତ ବାଜ ପୃଷ୍ଟି**
ଜନ୍ମ: ୨୨।୧୧।୧୯୧୬
ତିରୋଧାନ: ୦୬।୧୦।୧୯୯୮
ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁତ୍ର: ଶରତ ପୃଷ୍ଟି, ପୁତ୍ରବଧୂ: ନିୟତି ପୃଷ୍ଟି, ନାତି: ସଞ୍ଜୟ ପୃଷ୍ଟି, ବୋହୂ: ଅମିତା ପୃଷ୍ଟି, ଅଜୟ ପୃଷ୍ଟି, ବୋହୂ: ପୂର୍ଣ୍ଣିମା ପୃଷ୍ଟି ।
ଧ-୧୭୨୭

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



**ଂଯଶୋଦାନନ୍ଦ ମହାନ୍ତି**
ବଇଣ୍ଡା, ଅନୁଗୋଳ
ଆବିର୍ଭାବ: ୧୬।୦୯।୧୯୩୭
ତିରୋଧାନ: ୨୪।୧୦।୨୦୧୮
ଆପଣଙ୍କ ଦୃଷ୍ଟିରେ ପାରିବାରିକ ସତ୍‌ସଙ୍ଗ ଦ୍ୱାରା ପରସ୍ପର ଭିତରେ ସ୍ନେହ, ଶ୍ରଦ୍ଧା, ଆନ୍ତରିକତା, ଦୟା, ଆଦର୍ଶ ଓ ପ୍ରତିବଦ୍ଧତା, ଆତ୍ମୀୟସ୍ୱଜନ ମାନଙ୍କୁ ସୁସମ୍ପର୍କରେ ବାନ୍ଧିରଖେ। ସେହି ପ୍ରେରଣା ସର୍ବଦା ଆମମାନଙ୍କୁ ପ୍ରେରଣା ଦେଉଥାଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କଠାରେ ବିନମ୍ର ପ୍ରାର୍ଥନା।
ସ୍ନେହର: କ୍ଷୀରୋଦ ବାସିନୀ ମହାନ୍ତି, ପୁତ୍ର: ରଣଜିତ୍, ବିଶ୍ୱଜିତ୍, ଜ୍ଞାନଜିତ୍, ସଞ୍ଜିତ, ଅଜିତ, ସ୍ମିତା, ପଟ୍ଟନାୟକ ପରିବାରବର୍ଗ ଏବଂ ସତ୍‌ସଙ୍ଗ ମା’ଓ ଗୁରୁଭାଇମାନେ ।
ଧ-୧୭୨୮




# ଫେକ୍ ଜବ୍ ଅଫର

**ଜବ୍ ଆଶାୟୀ ପ୍ରାର୍ଥୀ ଯେକୌଣସି ଜବ୍ ଅଫର୍ ପାଇଲେ ତାହା ଯେପରି ହାତଛଡ଼ା ନ ହୋଇଯାଉ ସେହି ଲକ୍ଷ୍ୟରେ ତୁରନ୍ତ ଆପ୍ଲାଏ କରିବାକୁ ପଛାନ୍ତି ନାହିଁ। ହେଲେ କେବେକେବେ ଏହା ଯେ ସେମାନଙ୍କୁ ଠକିବାର ଏକ ମାୟାଜାଲ, ତାହା ସେମାନେ ବୁଝିବା ବେଳକୁ ହୋଇସାରିଥାଏ ବିଳମ୍ବ। ଆଉ ଏମିତିରେ ମୁଣ୍ଡରେ ହାତ ରଖି ପଶ୍ଚାତ୍ତାପ କରିବା ଛଡ଼ା ନ ଥାଏ କିଛି ଉପାୟ। ତେଣୁ ଜବ୍ ପାଇବା ଆଳରେ ଯେପରି ଠକାମିର ଶିକାର ନ ହେବେ, ସେଥିପାଇଁ କେତେକ ଦିଗ ପ୍ରତି ସତର୍କ ରହିବା ଆବଶ୍ୟକ...**



### କେମିତି ହୁଏ ଠକେଇ...

ଜବ୍ ଆଶାୟୀ ପ୍ରାର୍ଥୀ ଯେକୌଣସି ଜବ୍ ଅଫର୍ ପାଇଲେ ତାହା ଯେପରି ହାତଛଡା ନ ହୋଇଯାଉ ସେହି ଲକ୍ଷ୍ୟରେ ତୁରନ୍ତ ଆପ୍ଲାଏ କରିବାକୁ ପଛାନ୍ତି ନାହିଁ। ହେଲେ କେବେକେବେ ଏହା ସେମାନଙ୍କୁ ଠକିବାର ମାଧ୍ୟମ ସାଜିଥାଏ, ସେ ଦିଗରେ ସେମାନେ ସତର୍କ ନ ଥାନ୍ତି। ହ୍ୟାକର୍‌ମାନେ ଠକେଇ କିଭଳି କରନ୍ତି, ଜାଣିରଖନ୍ତୁ ସେ ସମ୍ପର୍କରେ...

❖ସର୍ବପ୍ରଥମେ ସେମାନେ ମନ୍‌ଷ୍ଟର, ନୌକ୍ରି ଡଟ୍ କମ୍, ଟାଇମ୍ସ ଜବ୍, ଲିଙ୍କ୍‌ଡ ଇନ୍, ସାଇନ୍ ଭଳି ପ୍ରତିଷ୍ଠିତ ବିଭିନ୍ନ ରିକ୍ରୁଟ୍‌ମେଣ୍ଟ ସାଇଟ୍‌ରୁ ଜବ୍ ଆଶାୟୀ ପ୍ରାର୍ଥୀମାନଙ୍କର ପ୍ରୋଫାଇଲ୍ ସଂଗ୍ରହ କରିଥା'ନ୍ତି।

❖ବିଭିନ୍ନ କମ୍ପାନୀ ନାମରେ ଫେକ୍ ଆକାଉଣ୍ଟ ଖୋଲି ଜବ୍ ଖୋଜୁଥିବା ଯୁବତୀଯୁବକଙ୍କୁ ମେଲ୍ କରିଥା'ନ୍ତି। ନିଜକୁ ଜବ୍ କନ୍‌ସଲ୍‌ଟାଣ୍ଟ ଭାବେ ପରିଚୟ ଦେଇଥା'ନ୍ତି ଏବଂ ଉକ୍ତ ଜବ୍ କେବଳ ଆପଣ ହିଁ ପାଇବେ ବୋଲି ବିଶ୍ୱାସ ଯୋଗାଇଥା'ନ୍ତି।

❖ପ୍ରାର୍ଥୀଙ୍କୁ ବ୍ୟାଙ୍କ୍ ଟ୍ରାନ୍ସଫର ଜରିଆରେ ସିକ୍ୟୁରିଟି ଫି, ରେଜିଷ୍ଟ୍ରେଶନ୍ ଫି, ଇଣ୍ଟରଭ୍ୟୁ ଫି ଆଦି ଜମା କରିବାକୁ କହିଥା'ନ୍ତି।

❖ଯୁବତୀଯୁବକମାନଙ୍କୁ ଭ୍ରମିତ କରିବା ଲାଗି ସେମାନେ ନାମୀଦାମୀ କମ୍ପାନୀ, ଜବ୍ ପୋର୍ଟାଲ୍ ଏମିତିକି ସରକାରୀ ବିଭାଗଗୁଡ଼ିକର ମଧ୍ୟ ଡୁପ୍ଲିକେଟ୍ ଓ୍ୱେବ୍‌ସାଇଟ୍ କରିଥା'ନ୍ତି। ସେଥିରେ ଜବ୍ ଅଫର ପୋଷ୍ଟ କରି ବିଭିନ୍ନ ଖର୍ଚ୍ଚ ଆଳରେ ଟଙ୍କା ଲୁଟିଥା'ନ୍ତି।

❖ଅଫ୍‌ଲାଇନ୍ ବଦଳରେ ଅନ୍‌ଲାଇନ୍ କିମ୍ବା ଫୋନ୍‌ରେ ଇଣ୍ଟରଭ୍ୟୁ ନେବାକୁ କହିଥା'ନ୍ତି ଏବଂ ନକଲି ଆପଏଣ୍ଟମେଣ୍ଟ ଲେଟର ପଠାଇଥା'ନ୍ତି।

❖କେହି କେହି ଠକ କଲେଜ୍, ୟୁନିଭର୍ସିଟି ଆଦିକୁ ଯାଇ ଭଲ ଭଲ କମ୍ପାନୀର ଏଜେଣ୍ଟ ଭାବେ ନିଜର ପରିଚୟ ଦେଇଥା'ନ୍ତି। କ୍ୟାମ୍ପସ୍ ସିଲେକ୍ସନ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ଜବ୍ ଯୋଗାଇ ଦେବା ଲାଗି କହି ସେମାନଙ୍କ ନାମ, ଫୋନ୍ ନମ୍ବର ଆଦି ଡିଟେଲ୍ସ ସଂଗ୍ରହ କରିନିଅନ୍ତି। ସେମାନଙ୍କୁ ଯୋଗାଯୋଗ କରି ଭଲ ଜବ୍ କରାଇଦେବାର ପ୍ରଲୋଭନ ଦେଇ ଟଙ୍କା ଲୁଟି ଥାଆନ୍ତି।

## ଏମାନେ କ'ଣ କୁହନ୍ତି



**ବିଶ୍ୱରଞ୍ଜନ ମହାନ୍ତି**(ତାଳଚେର)– ମୋର ଜଣେ ଘନିଷ୍ଠ ବନ୍ଧୁ ଆର୍ଥିକ ପରିସ୍ଥିତି ଦୁର୍ବଳ ହୋଇଥିବାରୁ ପାଠପଢ଼ା ସହ ନିଜର ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ ପାର୍ଟଟାଇମ୍ ଜବ୍ ଖୋଜୁଥିଲା। ଖବରକାଗଜରୁ ଏକ ଘରୋଇ ସଂସ୍ଥାର ବିଜ୍ଞପ୍ତି ଦେଖି ଯୋଗାଯୋଗ କରି ଜଏନ୍ କରିଥିଲା, କାର୍ଯ୍ୟ କରିବାର ଦୁଇ–ତିନି ମାସ ପରେ ଦରମା ନ ମିଳିବାରୁ ଜାଣିଲା ଯେ ସଂସ୍ଥାର ନିଜସ୍ୱ ସ୍ଥାୟୀ ଭିତ୍ତିଭୂମି ନାହିଁ। ସଂପୃକ୍ତ ବ୍ୟକ୍ତିବିଶେଷ ମିଥ୍ୟା ପ୍ରଲୋଭନ ଦେଖାଇ ଚାକିରି ପାଇଁ ଆଶାୟୀ ଯୁବତୀଯୁବକଙ୍କୁ ସେମାନଙ୍କ ପାଇଁ କାମ କରାଇ ଲୁଟୁଛନ୍ତି। ତେଣୁ ସମସ୍ତଙ୍କୁ ଏ ଦିଗରେ ସଚେତନ ହେବା ଦରକାର। କୌଣସି ସ୍ଥାନରେ ଚାକିରି କରିବା ପୂର୍ବରୁ ଉକ୍ତ ସଂସ୍ଥା ବିଷୟରେ ସଠିକ୍ ତଥ୍ୟ ସଂଗ୍ରହ କରନ୍ତୁ ଏବଂ ଚାକିରି ପାଇବା ଆଶାରେ ଟଙ୍କା ଦେଇ ଠକାମିର ଶିକାର ହୁଅନ୍ତୁ ନାହିଁ।



**ପ୍ରଣୟ ଠାକୁର ମହାପାତ୍ର**(ଖୋର୍ଦ୍ଧା)– ଭଲ ଜବ୍‌ଟିଏ ପାଇବାକୁ କିଏ ବା ନ ଚାହେଁ। ସେଥିପାଇଁ ଅନେକ କଷ୍ଟ କରିବାକୁ ହୁଏ। ହେଲେ କେବେକେବେ ଫେକ୍ ଅଫର୍ ବା ଦଲାଲଙ୍କ ହାବୁଡେ ପଡି ଠକାମିର ଶିକାର ହେବାକୁ ପଡିଥାଏ। ଗତ ବର୍ଷ ବିଭିନ୍ନ ସ୍ଥାନରେ ଜବ୍ ପାଇଁ ଆପ୍ଲାଏ କରିଥିଲି। କେତେକ ଲୋକାଲ ସହିତ ଲଣ୍ଡନ୍‌ର ଏକ କମ୍ପାନୀ ପକ୍ଷରୁ ମଧ୍ୟ ଜବ୍ ଅଫର ଆସିଥିଲା। ମେଲ୍‌ରେ ଲେଖାଥିଲା ମାସିକ ଦରମା ପ୍ରାୟ ୮ ଲକ୍ଷ। ଉକ୍ତ କମ୍ପାନୀର ଏଜେଣ୍ଟଙ୍କ ସହ କଥା ହେବାରୁ ସେମାନେ ପ୍ରଥମ ୬ ମାସ ଅନ୍‌ଲାଇନ୍‌ରେ କାମ କରିବାକୁ କହିଲେ। ସେଥିପାଇଁ ଦରମା ପଠାଇବାକୁ ବ୍ୟାଙ୍କ୍ ଡିଟେଲ୍ସ ସହ ଭିସା ପାଇଁ ଏକ ଲକ୍ଷ ଟଙ୍କା ସିକ୍ୟୁରିଟି ମନି ଡିପୋଜିଟ୍ କରିବାକୁ କହିଲେ। ସନ୍ଦେହ ଉପୁଜିବାରୁ ଜଣେ ଏକ୍ସପର୍ଟଙ୍କ ପରାମର୍ଶ ନେଇ କମ୍ପାନୀ ବିଷୟରେ ଜାଣିବାକୁ ଚେଷ୍ଟା କଲି ଏବଂ ତାହା ଏକ ଫେକ୍ ମେଲ୍ ବୋଲି ମଧ୍ୟ ବୁଝିପାରିଲି। ମୋ ମତରେ ସଭିଏଁ ଏଭଳି ଫେକ୍ ଜବ୍ ପ୍ରତି ସତର୍କ ରହିଲେ ଠକେଇ ଧୀରେ ଧୀରେ କମିପାରିବ।

### ହୁଅନ୍ତୁ ସତର୍କ:

❖ବର୍ତ୍ତମାନ ହ୍ୟାକର୍‌ମାନେ ଇ–ମେଲ୍ ଜରିଆରେ ଫେକ୍ ଜବ୍ ଅଫର ଦେଇ ଅନେକଙ୍କୁ ଲୁଟୁଥିବାର ଦେଖିବାକୁ ମିଳୁଛି। ତେଣୁ ଇ–ମେଲ୍‌କୁ କୌଣସି ଜବ୍ ଅଫର ଆସିଲେ ତୁରନ୍ତ ଆପ୍ଲାଏ କରି ନିଜର ପର୍ସନାଲ୍ ଡାଟା ଦେବାର ଭୁଲ ଆଦୌ କରନ୍ତୁ ନାହିଁ। ପ୍ରଥମେ ଭଲ ଭାବେ ଦେଖନ୍ତୁ ତାହା ଏକ ଠିକ୍ ତଥା ରେଜିଷ୍ଟର୍ଡ ଆଇଡି କି ନୁହେଁ। କାରଣ ଅନେକ ନାମୀଦାମୀ କମ୍ପାନୀ ନାଁରେ ସାମାନ୍ୟ ସ୍ପେଲିଙ୍ଗ୍ ଭୁଲ୍ ଥିବା ଡୋମେନ୍ ନେମ୍ ଅବା ଇ–ମେଲ୍ ଆଡ୍ରେସ୍‌ରେ ଆସୁଥିବା ଜବ୍ ଅଫର ଦେଖିଲେ ଯେ କେହିବି ଧୋକା ଖାଇଯିବେ। ତେଣୁ ଏଥିପ୍ରତି ସତର୍କ ରହିବା ସହ କେବଳ କମ୍ପାନୀର ନିଜସ୍ୱ କ୍ୟାରିୟର୍ ପେଜ୍‌କୁ ଯାଇ ଆବେଦନ କରନ୍ତୁ।

❖ଯଦି ବିଦେଶୀ କମ୍ପାନୀରେ କୌଣସି ଜବ୍ ପାଇଁ ଆପ୍ଲାଏ କରୁଛନ୍ତି, ତେବେ ସିଧାସଳଖ ଯୋଗାଯୋଗ କରନ୍ତୁ। କାରଣ କୌଣସି ଏଜେଣ୍ଟଙ୍କ ମାଧ୍ୟମରେ ଗଲେ ଆପଣ ଠକାମିର ଶିକାର ହୋଇପାରନ୍ତି।

❖କୌଣସି ଜବ୍ ପାଇଁ ଯଦି ଆପଣଙ୍କୁ ଆବଶ୍ୟକତାଠାରୁ ଖୁବ୍ ଅଧିକ ପ୍ୟାକେଜ୍ ଦିଆଯିବାକୁ କୁହାଯାଏ, ତେବେ ଜାଣିରଖନ୍ତୁ ଏହା ଆପଣଙ୍କୁ ଠକିବାର ଚାଲ୍ ହୋଇପାରେ। ବିଶେଷକରି କମ୍ ଶିକ୍ଷାଗତ ଯୋଗ୍ୟତା ଥିବା ଯୁବତୀଯୁବକଙ୍କୁ ବାହାର ରାଜ୍ୟ ବା ଦେଶରେ ଅଧିକ ଦରମାରେ ଚାକିରି କରାଇଦେବା, ରହିବା, ଖାଇବା ମାଗଣା ଭଳି ଲୋଭ ଦେଖାଇ ଦଲାଲ୍‌ମାନେ ଲକ୍ଷ ଲକ୍ଷ ଟଙ୍କା ଠକେଇ କରୁଥିବାର ଅନେକ ଘଟଣା ନଜିର ରହିଛି। ଏଥିପ୍ରତି ସତର୍କ ରୁହନ୍ତୁ।

❖ଯଦି କୌଣସି ଜଣାଶୁଣା କମ୍ପାନୀ ଜବ୍ ଦେବା ପୂର୍ବରୁ ସିକ୍ୟୁରିଟି, ରେଜିଷ୍ଟ୍ରେଶନ୍, ଡକ୍ୟୁମେଣ୍ଟ ଭେରିଫିକେଶନ୍ ଇତ୍ୟାଦି ଲାଗି ଟଙ୍କା ମାଗୁଛନ୍ତି ତେବେ ତାହା ଫେକ୍। କାରଣ କୌଣସି କମ୍ପାନୀ ଜବ୍ ଦେବା ଲାଗି ଟଙ୍କା ମାଗି ନ ଥା'ନ୍ତି। ଏ କ୍ଷେତ୍ରରେ କମ୍ପାନୀର ପଞ୍ଜୀକୃତ ଲ୍ୟାଣ୍ଡଲାଇନ୍ ନମ୍ବରକୁ କଲ୍ କରି ମେଲ୍ କିମ୍ବା ଟେଲିଫୋନ୍ ଯୋଗେ ଆପଣଙ୍କୁ ଯୋଗାଯୋଗ କରିଥିବା ବ୍ୟକ୍ତି ସମ୍ପର୍କରେ ସତ୍ୟାସତ୍ୟ ଯାଞ୍ଚ କରିନେବା ଆବଶ୍ୟକ।

❖ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯଦି କେହି ଜବ୍ ଦେବା ପୂର୍ବରୁ ଆପଣଙ୍କ ବ୍ୟାଙ୍କ୍ ଡିଟେଲ୍ସ, ଆଧାରକାର୍ଡ ଭଳି ପର୍ସନାଲ୍ ଡାଟା ମାଗେ ତେବେ ସତର୍କ ରୁହନ୍ତୁ। ନଚେତ୍ ଏହାଦ୍ୱାରା ହ୍ୟାକର୍‌ଙ୍କୁ ଆପଣଙ୍କ ବ୍ୟାଙ୍କ୍ ଆକାଉଣ୍ଟ ହ୍ୟାକ୍ କରି ଟଙ୍କା ଚୋରି କରିବା ସହଜ ହୋଇଯିବ।





## ଏ ସପ୍ତାହର ପ୍ରଶ୍ନ

୧– ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ........... ସହରରେ ମହିଳାଙ୍କ ପାଇଁ ହର୍‌ଷ୍ଟାର୍ଟ ନାମରେ ଏକ ଷ୍ଟାର୍ଟଅପ୍ ଯୋଜନାର ଶୁଭାରମ୍ଭ କରିଛନ୍ତି ?

୨– ପିଏମ୍‌କେଭିଓ୍ୱାଇର ଫୁଲ୍‌ଫର୍ମ ............... ?

୩– ହ୍ୟୁମାନଏଡ୍ ରୋବୋଟ୍ ଅପ୍ଟିମସ୍ .............. କମ୍ପାନୀ ପ୍ରସ୍ତୁତ କରିଛି ?

୪– ନିକଟରେ ଉଦ୍‌ଘାଟିତ ହୋଇଥିବା ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ....... ଠାରୁ ....... ପର୍ଯ୍ୟନ୍ତ ଚଳାଚଳ କରିବ ?

୫– ପୃଥିବୀର ସବୁଠାରୁ ବଡ଼ ଆଗ୍ନେୟଗିରି .................... ?

## ଗତ ଥରର ଉତ୍ତର

୧ ଝାଡ଼ଖଣ୍ଡ

୨ ବ୍ରାଣ୍ଡେଡ୍ ରୟାଲ

୩ ରାମସେବକ ଶର୍ମା

୪ ଅକ୍ଟୋବର ୨୩

୫ ଏଲିଶା ଓଟିସ

## ଉତ୍ତରଦାତା



ଛବିଲାଲ୍ ଭାଟି, କଳାହାଣ୍ଡି



ଶେଖ୍ ୟାକୁବ୍, ଗୋପ



ନରେଶ କୁମାର କର, ହାଇଦ୍ରାବାଦ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଜାଣନ୍ତୁ ଦୁନିଆ

# ସ୍କୁଲ୍

**ବିଦ୍ୟାର ମନ୍ଦିର ହେଉଛି ବିଦ୍ୟାଳୟ। ଯେଉଁଠି ଶିକ୍ଷା ଗ୍ରହଣ କରି ବିଦ୍ୟାର୍ଥୀଟିଏ ବଡ଼ ମଣିଷ ହେବାର ସ୍ୱପ୍ନ ଦେଖେ। ତେବେ ପୃଥିବୀର ଅଧିକାଂଶ ସ୍ଥାନରେ ଛୋଟ ବଡ଼ ଅନେକ ସ୍କୁଲ ରହିଛି। ଆସନ୍ତୁ ଜାଣିବା ସେମାନଙ୍କ ମଧ୍ୟରୁ ସ୍ୱତନ୍ତ୍ର କେତୋଟି ସ୍କୁଲ୍ ସମ୍ପର୍କରେ...**



➤ଚାଇନାର ଚେଙ୍ଗ୍‌ଡୁଠାରେ ରହିଛି ପୃଥିବୀର ସର୍ବପୁରାତନ ସ୍କୁଲ୍, ଯାହାର ନାମ ଶିଶି ହାଇସ୍କୁଲ୍। ଏହି ସ୍କୁଲ୍ ୧୪୧–୧୪୩ ମସିହା ବେଳକୁ ଆରମ୍ଭ ହୋଇଥିଲା। ୧୯୦୨ ମସିହାରେ ଏହାକୁ ଆଧୁନିକୀକରଣ କରାଯାଇଥିଲା।

➤ପୃଥିବୀର ସବୁଠୁ ଉଚ୍ଚତମ ସ୍କୁଲ୍ ରହିଛି ତିବ୍ବତର ଫୁମା ଚାଙ୍ଗଥାଙ୍ଗ୍‌ରେ। ଏହା ସମୁଦ୍ରପତନଠାରୁ ପ୍ରାୟ ୫,୩୭୫ ମିଟର ଅର୍ଥାତ୍ ପୃଥିବୀର ଉଚ୍ଚତମ ଗିରିଶୃଙ୍ଗ ଏଭରେଷ୍ଟର ବେସ୍ କ୍ୟାମ୍ପଠାରୁ ୨୦୦ ମିଟର ଉଚ୍ଚତାରେ ଅବସ୍ଥିତ।

➤ବାଂଲାଦେଶରେ ଅଧିକାଂଶ ସମୟରେ ବନ୍ୟା ହେଉଥିବାରୁ ସେଠାରେ ପ୍ରାୟ ୧୦୦ରୁ ଅଧିକ ଭାସମାନ ସ୍କୁଲ୍ ବା ଡଙ୍ଗା ଉପରେ ସ୍କୁଲ ରହିଛି। ତେବେ ଏହି ସ୍କୁଲ୍‌ଗୁଡିକ ସୌରଶକ୍ତି ଦ୍ୱାରା ପରିଚାଳିତ ହେଉଥିବା ବେଳେ ସେଥିରେ ପାଠାଗାର ଏବଂ ଇଣ୍ଟରନେଟ୍‌ର ବ୍ୟବସ୍ଥା ମଧ୍ୟ ରହିଛି।

➤ପୃଥିବୀର ସର୍ବାଧିକ ସଂଖ୍ୟକ ଛାତ୍ରୀଛାତ୍ର ଥିବା ସ୍କୁଲ୍ ରହିଛି ଆମ ଦେଶରେ। ଉତ୍ତର ପ୍ରଦେଶ ରାଜ୍ୟର ଲକ୍ଷ୍ନୌଠାରେ ଥିବା ଏହି ସିଟି ମଣ୍ଟେଶ୍ୱରୀ ସ୍କୁଲ୍‌କୁ ପ୍ରତିଦିନ ୫୬ ହଜାରରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ପଢ଼ିବାକୁ ଆସନ୍ତି, ଯେଉଁଥିପାଇଁ ଏହି ସ୍କୁଲ୍‌ର ନାମ ୨୦୧୯ ମସିହାରେ ଗିନିଜ୍ ବୁକ୍ ଅଫ୍ ଓ୍ୱାର୍ଲ୍ଡରେ ସ୍ଥାନ ପାଇଛି।

➤ଇଟାଲୀରେ ଥିବା ଟ୍ୟୁରିନ୍‌ରେ ରହିଛି ପୃଥିବୀର ସବୁଠୁ ଛୋଟ ସ୍କୁଲ୍। ୨୦୧୪ ମସିହାରେ ଏହି ସ୍କୁଲ୍‌ରେ ମାତ୍ର ଜଣେ ଶିକ୍ଷକ ଏବଂ ଜଣେ ଛାତ୍ର ହିଁ ଥିଲେ।

➤ଫିଲିପାଇନ୍ସରେ ରହିଛି ଏକ ବଟଲ୍ ସ୍କୁଲ୍। ନାଁ ପଢ଼ି ଆଶ୍ଚର୍ଯ୍ୟ ଲାଗୁଥିବ ନିଶ୍ଚୟ। ତେବେ ଏହି ସ୍କୁଲ୍‌ର ଏପରି ନାମକରଣ କରାଯିବାର କାରଣ ହେଉଛି ଏହା ପ୍ରାୟ ୯୦୦୦ଟି ପୁନଃ ବ୍ୟବହାରଯୋଗ୍ୟ ପପ୍ ବୋତଲରେ ନିର୍ମାଣ କରାଯାଇଛି। ଏହି ବୋତଲକୁ ମଜଭୁତ କରିବା ଲାଗି ନଡ଼ା, ବାଲି ଏବଂ ସିମେଣ୍ଟ ବ୍ୟବହାର କରାଯାଇଛି।

# କୁଆଁରପୂନେଇଁ ସଜ



**କୁଆଁରପୂନେଇଁ ଦିନ ଝିଅମାନେ ନୂଆ ପୋଷାକ ପିନ୍ଧି ସଜେଇ ହୁଅନ୍ତି। ସକାଳୁ ଆଞ୍ଜୁଳିଟେକା ଏବଂ ସନ୍ଧ୍ୟାରେ ଚାନ୍ଦପୂଜା କରି ସାଙ୍ଗସାଥୀଙ୍କ ମେଳରେ ବେଶ୍ ମଜାମସ୍ତି କରନ୍ତି। ଆଉ ଏମିତିରେ ପରସ୍ପର ଭିତରେ କାହା ପୋଷାକ କେତେ ସୁନ୍ଦର ତାକୁ ନେଇ ହୁଏ ଚର୍ଚ୍ଚା। ତେଣୁ କୁଆଁରପୂନେଇଁରେ କେଉଁ ପୋଷକ ପିନ୍ଧିଲେ ଆଟ୍ରାକ୍ଟିଭ୍ ଲାଗିବେ, ଜାଣିରଖନ୍ତୁ କିଛି ଫ୍ୟାଶନ୍ ଟିପ୍ସ...**

★ଶାଢ଼ି କୁମାରପୂନେଇଁ ଲୁକ୍‌କୁ ବେଶ୍ ଆକର୍ଷଣୀୟ କରିଥାଏ। ଆପଣ ଚାହିଁଲେ ଫ୍ୟାନ୍ସି କିମ୍ବା ବିଭିନ୍ନ ପ୍ରକାରର ଟ୍ରାଡିସିନାଲ୍ ଶାଢ଼ି ଟ୍ରାଏ କରିପାରିବେ। ଏହା ସହ ଡିଜାଇନର ବ୍ଲାଉଜ୍ ଏବଂ ବେଲ୍‌ଟ ପିନ୍ଧି ଫ୍ୟାଶନେବଲ୍ ଲାଗିବେ।

★ଯଦି ଶାଢ଼ି ପିନ୍ଧିବେ ଭାବିଛନ୍ତି, ହେଲେ ଏହାକୁ କ୍ୟାରି କରିବା ଅସୁବିଧା ହେଉଛି, ତେବେ ଶାଢ଼ି ଗାଉନ୍ ଆପଣଙ୍କ ଲାଗି ବେଷ୍ଟ ଅପ୍ସନ। ଏହା ଦେଖିବାକୁ ଯେତିକି ସୁନ୍ଦର ପିନ୍ଧିବାକୁ ସେତିକି ସହଜ ମଧ୍ୟ।

★ବର୍ତ୍ତମାନ ଫ୍ୟୁଜନ୍ ଫ୍ୟାଶନ ଜମାନାରେ ଶାଢ଼ି ସହ ପ୍ୟାଣ୍ଟର ଫୁଜନ୍ ବେଶ୍ ଷ୍ଟାଇଲିଶ୍ ଲାଗୁଛି। ସୁନ୍ଦର ବର୍ଡ଼ର ଥିବା ସିଲ୍କ ଶାଢ଼ି ସହ ଷ୍ଟ୍ରେଟ୍ ପ୍ୟାଣ୍ଟ ପିନ୍ଧନ୍ତୁ। ଏହା ଆପଣଙ୍କୁ ମଡର୍ନ ଲୁକ୍ ଦେବ। ଏହା ସହ ମ୍ୟାଚିଂ କରି ଆପଣ ନେକ୍‌ଲେକ୍ସ ଓ ଇଅର ରିଂ ବି ପିନ୍ଧିପାରିବେ। ଫେଷ୍ଟିଭ୍ ଲୁକ୍ ଦବାପାଇଁ ଚାହୁଁଥିଲେ ଶାଢ଼ି ସହ ଆପଣ ଆଙ୍କେଲ୍ ଲେନ୍ଥ ଜିନ୍ସ ଟ୍ରାଏ କରିପାରିବେ। ଜିନ୍ସ ସହ ବେଲ୍ଟ ଏବଂ ହାଇନେକ୍ ବ୍ଲାଉଜ୍ ମଧ୍ୟ ପିନ୍ଧି ପାରିବେ।

★ଲଙ୍ଗ୍ କୁର୍ତ୍ତୀ କିମ୍ବା ମ୍ୟାକ୍ସି ଡ୍ରେସ୍ ସହିତ ପ୍ଲାଜୋ ପିନ୍ଧିଲେ ମଡର୍ନ ଲାଗିବେ। ଏହା ସହ ଏଥିନିକ୍ ଜୁଏଲେରୀ ଅଧିକ ଟ୍ରେଣ୍ଡି ଲୁକ୍ ଦେବ।

★ବର୍ତ୍ତମାନ ଫ୍ୟାଶନ୍ ଟ୍ରେଣ୍ଡରେ ଆଫ୍‌ଗାନୀ ସାଲ୍‌ଓ୍ୱାର୍ ବେଶ୍ ଚର୍ଚ୍ଚାରେ ଅଛି। ଆପଣ ଚାହିଁଲେ ଏହା ସହ ଶର୍ଟ କୁର୍ତ୍ତୀ କିମ୍ବା ଡିଜାଇନର ଟପ୍ସ ପିନ୍ଧି ପାରିବେ। ଏଭଳି ଗେଟ୍‌ଅପ୍ ସାଙ୍ଗକୁ ବଡ ହ୍ୟାଙ୍ଗିଙ୍ଗ୍ ଇୟରରିଂ, ଚୁଡି ଏବଂ ପଏଣ୍ଟେଡ୍ ବା ଓ୍ୱେଜ୍ ହିଲ୍ ଚପଲ ଟ୍ରାଏ କରନ୍ତୁ ଷ୍ଟାଇଲିଶ୍ ଲାଗିବେ।

★ଯଦି ଆପଣ ମଡର୍ନ ଲୁକ୍ ସାଙ୍ଗକୁ ଟ୍ରାଡିସିନାଲ୍ ଦେଖାଯିବାକୁ ଚାହୁଁଛନ୍ତି, ତେବେ ଲାଟେଷ୍ଟ ଟ୍ରେଣ୍ଡ ସାଜିଥିବା ସିଗାରେଟ୍ ପ୍ୟାଣ୍ଟ ଟ୍ରାଏ କରନ୍ତୁ। ଏହା ସହ ଫ୍ରଣ୍ଟ କଟ ଲଙ୍ଗ୍ କୁର୍ତ୍ତୀ ଭଲ ମାନିବ। ଆପଣ ଚାହିଁଲେ ଏହି ଡ୍ରେସ୍ ସହ ଏଥିନିକ୍ କିମ୍ବା ଡିଜାନର ବିଡ୍ସ ଜୁଏଲେରି ପିନ୍ଧିପାରିବେ।

★ ସେହିଭଳି ଧୋତି ପ୍ୟାଣ୍ଟ ସାଙ୍ଗକୁ ଫ୍ରଣ୍ଟ କଟ୍ କୁର୍ତ୍ତୀ, ଶର୍ଟ ହେଭି ଓ୍ୱର୍କ କୁର୍ତ୍ତୀ ଏବଂ ଏଥିନିକ୍ ଜୁତି, ଚଙ୍କି ଜୁଏଲେରିର ଫ୍ୟୁଜନ୍ ଆପଣଙ୍କୁ ଷ୍ଟାଇଲିଶ୍ ଲୁକ୍ ଦେବ।

★ଆପଣ ଚାହିଁଲେ ଅନାରକଲି ଗାଉନ୍, ଫ୍ଲୋର୍ ଲେନ୍ଥ ଅନାରକଲି, ଆସିମେଟ୍ରିକାଲ ଅନାରକଲି ମଧ୍ୟ ବାଛିପାରିବେ। ଏହା ସହ ହାଇ ହିଲ୍ ଏବଂ ପୋଲ୍‌କି କିମ୍ବା କୁନ୍ଦନ ଜୁଏଲେରି ପିନ୍ଧି ଆକର୍ଷଣୀୟ ଲାଗିପାରିବେ।





ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୨ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ୯ ଅକ୍ଟୋବର, ୨୦୨୨ Sambalpur, Sunday, October 9/2022



ଫିଫା ୧୭ ବର୍ଷରୁ କମ୍ ମହିଳା ଫୁଟବଲ ବିଶ୍ୱକପ ପୂର୍ବରୁ ଭୁବନେଶ୍ୱର ସ୍ଥିତ କ୍ୟାପିଟାଲ ଫୁଟବଲ ଆରେନାରେ ଅଭ୍ୟାସରତ ଆମେରିକୀୟ ଦଳ।

# ପଙ୍କଜ ଆଡଭାନୀଙ୍କୁ ୨୫ତମ ବିଶ୍ୱ ଟାଇଟଲ

**କୁଆଲାଲମ୍ପୁର, ୮।୧୦ (ପି.ଟି.)**

ଭାରତର ଅଗ୍ରଣୀ କ୍ୟୁଇଷ୍ଟ ପଙ୍କଜ ଆଡଭାନୀ ତାଙ୍କ କ୍ୟାରିୟରର ୨୫ତମ ବିଶ୍ୱ ଟାଇଟଲ ହାସଲ କରିଛନ୍ତି। ଏଠାରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍ ୧୫୦ ଅପ୍ ଫର୍ମାଟ ବିଲିୟାର୍ଡ୍ସ ଫାଇନାଲରେ ସେ ନିଜ ଦେଶର ସୌରଭ କୋଠାରୀଙ୍କୁ ୪-୦ରେ ହରାଇ ଦେଇଛନ୍ତି। ମୁକାବିଲାରେ କୋଠାରୀ ମାତ୍ର ୭୨ ପଏଣ୍ଟ ସ୍କୋର କରିଥିବା ବେଳେ ଆଡଭାନୀ ୬୦୦ରୁ ଅଧିକ ପଏଣ୍ଟ ଅର୍ଜନ କରିଥିଲେ। ସେ କ୍ରମାଗତ ଭାବେ ୫ଥର ବିଶ୍ୱ ଟାଇଟଲ ବଜାୟ ରଖିପାରିଛନ୍ତି। କରୋନା ମହାମାରୀ ଯୋଗୁ ଏହି ଇଭେଣ୍ଟ ୩ ବର୍ଷ ବ୍ୟବଧାନରେ ଆୟୋଜିତ ହୋଇଥିଲା। ଗତଥର ଏହା ୨୦୧୯ରେ ହୋଇଥିଲା। ଆଡଭାନୀ କହିଛନ୍ତି, କ୍ରମାଗତ ୫ଥର ବିଶ୍ୱ ଟାଇଟଲ ଜିତିବା ତାଙ୍କର ଏକ ସ୍ୱପ୍ନ ଥିଲା। ତାହା ସାକାର ହୋଇଥିବାରୁ ସେ ଖୁବ୍ ଆନନ୍ଦିତ। ଏହା ପୂର୍ବରୁ ୧୨ ମାସ ପୂର୍ବେ ସେ କାତାରରେ ଅନୁଷ୍ଠିତ ଆଇବିଏସ୍ଏଫ୍ ୬-ରେଡ୍ ସ୍ନୁକର ବିଶ୍ୱକପ୍‌ରେ ଟାଇଟଲ ବିଜୟୀ ହୋଇଥିଲେ। ଅନ୍ୟପକ୍ଷରେ ପ୍ରଥମ ଥର ଆଇବିଏସ୍ଏଫ୍ ବିଶ୍ୱ ଟାଇଟଲ ହାସଲ କରିବା ଲାଗି ଯେଉଁ ଆଶା ରଖିଥିଲେ ତାହା ଅଧୁରା ରହିଯାଇଥିଲା। ପ୍ରତିଯୋଗିତାରେ ଭାରତର ଏସ୍. ଶ୍ରୀକ୍ରିଷ୍ଣା ତୃତୀୟ ସ୍ଥାନ ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।




ଟ୍ରଫି ସହ ପଙ୍କଜ ଆଡଭାନୀ।

**ଆଜି ଦ୍ୱିତୀୟ ଦିନିକିଆ**

# ଭାରତ ପାଇଁ କର ବା ମର ସ୍ଥିତି

**ରାଞ୍ଚି,୮।୧୦(ପି.ଟି.)**

ଦକ୍ଷିଣ ଆଫ୍ରିକା ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜର ଦ୍ୱିତୀୟ ମ୍ୟାଚରେ ଭାରତ ପାଇଁ କର ବା ମର ପରିସ୍ଥିତି। ୩ ମ୍ୟାଚ ବିଶିଷ୍ଟ ସିରିଜର ପ୍ରଥମ ମୁକାବିଲାରେ ପରାଜିତ ହେବା ପରେ ରାଞ୍ଚିରେ ଭାରତ ପ୍ରତ୍ୟାବର୍ତ୍ତନ ପାଇଁ ଚେଷ୍ଟା କରିବ। ଏହି ମ୍ୟାଚକୁ ଜିତିବା ସହିତ ସିରିଜକୁ ବରାବର ସ୍ଥିତିକୁ ଆଣିବା ଲକ୍ଷ୍ୟରେ ରହିବ ଶିଖର ଧାୱନଙ୍କ ନେତୃତ୍ୱାଧୀନ ଭାରତ। ଅଲରାଉଣ୍ଡର ଦୀପକ ଚହର ଆହତ ହେବା ଭାରତ ପାଇଁ ଚିନ୍ତାର କାରଣ ହୋଇଥିବା ବେଳେ ଆଭେଶ ଖାଁ ଓ ମହମ୍ମଦ ସିରାଜଙ୍କ ବୋଲିଂ ଆଶାନୁରୂପ ହୋଇ ପାରିନାହିଁ। ଅନ୍ୟପକ୍ଷରେ ପ୍ରଥମ ଥର ପାଇଁ ଭାରତୀୟ ଦଳକୁ ଡାକରା ପାଇଥିବା ପେସର ମୁକେଶ କୁମାରଙ୍କୁ ମଧ୍ୟ ଏକ ସୁଯୋଗ ମିଳିପାରେ। ବୋଲିଂ ସନ୍ତୁଳନକୁ ନେଇ ଭିଭିଏସ୍ ଲକ୍ଷ୍ମଣଙ୍କ ପାଇଁ ଆତ୍ମଚିନ୍ତନର ଆବଶ୍ୟକତା ରହିଛି। ଗୁରୁବାର ମ୍ୟାଚରେ ଭାରତୀୟ ଟପ୍ ଅର୍ଡର ବ୍ୟାଟରଙ୍କ ପ୍ରଦର୍ଶନ ସବୁଠାରୁ ନୈରାଶ୍ୟଜନକ ରହିଥିଲା। ତେବେ ଶ୍ରେୟସ୍ ଆୟରଙ୍କ ଅର୍ଦ୍ଧଶତକ ଭାରତ ପାଇଁ ଏକ ସକାରାତ୍ମକ ଦିଗ ରହିଥିଲା। ଶର୍ଟ ବଲ ବିପକ୍ଷରେ ଦୁର୍ବଳ ପ୍ରଦର୍ଶନ କରୁଥିବା ତଥା ପେସ୍ ବୋଲିଂ ବିପକ୍ଷରେ ଦୁର୍ବଳ ଷ୍ଟ୍ରାଇକ୍ ରେଟ ପାଇଁ ସମାଲୋଚିତ ହେଉଥିବା ଆୟର କାଉଣ୍ଟର ଆଟାକ କରି ବ୍ୟାଟିଂ କରିଥିଲେ। ଧୂଆଁଧାର ଅର୍ଦ୍ଧଶତକ ସହିତ ସେ ଭାରତକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ଅନ୍ୟ ପକ୍ଷରେ ଉଇକେଟକିପର ସଞ୍ଜୁ ସାମସନଙ୍କ ବ୍ୟାଟିଂ କିନ୍ତୁ ସମସ୍ତଙ୍କୁ ପ୍ରଭାବିତ କରିଥିଲା। ସାମସନ ୬୩ ବଲରୁ ୮୬ ରନ୍ କରିବା ସହିତ ଏକ ଅସମ୍ଭବ ପରିସ୍ଥିତିରୁ ଭାରତକୁ ବିଜୟ ଆଡ଼କୁ ନେଇ ଯାଇଥିଲେ। ଦୀର୍ଘ ୭ ବର୍ଷ ଧରି ଭାରତୀୟ ଦଳରେ ନିଜ ସ୍ଥାନ ପକ୍କା କରିବାରେ ବିଫଳ ହୋଇଥିବା ସାମସନ ଏହି ଇନିଂସରେ ପରିପକ୍ୱତାର ନିଦର୍ଶନ ଦେଖାଇଥିଲେ। ଦୁଇ ସ୍ପିନର ରବି ବିଷ୍ଣୋଇ ଏବଂ କୁଲଦୀପ୍ ଯାଦବ ଭଲ ବୋଲିଂ କରିଥିଲେ ହେଁ ଇନିଂସର ଶେଷ ଆଡ଼କୁ ବିଷ୍ଣୋଇ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଓପନର ଶିଖର ଧାୱନ ଓ ଶୁବମନ ଗିଲ୍ ନିଜ ସ୍ଥାନ ସୁରକ୍ଷିତ କରିବାକୁ ପ୍ରୟାସ କରିବେ। ଅନ୍ୟପକ୍ଷରେ ପ୍ରଥମ ଦିନିକିଆରେ ଧିମା ଇନିଂସ ପରେ ଋତୁରାଜ ଗାଏକ୍ୱାଡ କିମ୍ବା ଇଶାନ କିଶନଙ୍କ ସ୍ଥାନରେ ରଜତ ପଟିଦାରଙ୍କୁ ସୁଯୋଗ ମିଳିପାରେ। ନ୍ୟୁଜିଲାଣ୍ଡ ଏ’ ବିପକ୍ଷ ସିରିଜରେ ପଟିଦାର ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ।

ଦକ୍ଷିଣ ଆଫ୍ରିକା ପକ୍ଷରୁ ଡେଭିଡ ମିଲର କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ରହିଛନ୍ତି। ଅନ୍ୟ ପକ୍ଷରେ ତାଙ୍କୁ ଭରପୂର ସହଯୋଗ କରିଥିଲେ ହେନରିକ୍ କ୍ଲାସେନ୍। ବିଫଳ ହେଉଥିବା ଅଧିନାୟକ ଟେମ୍ବା ବାଭୁମାଙ୍କ ନିକଟରୁ ଦଳ ଏକ ବଡ ଇନିଂସ ଆଶା କରିବ। ସ୍ପିନ ବିଭାଗରେ କେଶବ ମହାରାଜ ଚମତ୍କାର ଫର୍ମରେ ଥିବା ବେଳେ ଟାବରେଜ୍ ସାମସିଙ୍କଠାରୁ ସମାନ ପ୍ରଦର୍ଶନ ଆଶା କରିବ ଦଳ। ରାଞ୍ଚିର ପିଚ୍ ବ୍ୟାଟରଙ୍କୁ ସୁହାଉଥିବା ବେଳେ ଟସ୍ ଜିତିବା ଦଳ ପ୍ରଥମେ ବୋଲିଂ କରିବାର ସମ୍ଭାବନା ରହିବ।



ଅଭ୍ୟାସ ଅବସରରେ ଶ୍ରେୟସ୍ ଆୟର ଓ ରବି ବିଷ୍ଣୋଇ।

## ଚହରଙ୍କ ସ୍ଥାନରେ ସୁନ୍ଦର

**ରାଞ୍ଚି, ୮।୧୦ (ପି.ଟି.):** ଦକ୍ଷିଣ ଆଫ୍ରିକା ବିପକ୍ଷ ଅବଶିଷ୍ଟ ଦୁଇ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ପାଇଁ ବିସିସିଆଇ ସିନିୟର ସିଲେକ୍ସନ କମିଟି ଶନିବାର ଆଘାତପ୍ରାପ୍ତ ଦୀପକ ଚହରଙ୍କ ସ୍ଥାନରେ ୱାଶିଂଟନ ସୁନ୍ଦରଙ୍କୁ ଭାରତୀୟ ଦଳରେ ସାମିଲ କରିଛି। ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ଏଠାରେ ରବିବାର ଖେଳାଯିବ। ୩ ମ୍ୟାଚ ବିଶିଷ୍ଟ ସିରିଜରେ ଦକ୍ଷିଣ ଆଫ୍ରିକା ୧-୦ରେ ଆଗୁଆ ରହିଛି। ସୂଚନାଯୋଗ୍ୟ, ଇନ୍ଦୋରଠାରେ ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ତଥା ଅନ୍ତିମ ଟି୨୦ରେ ଖେଳୁଥିବା ବେଳେ ଚହରଙ୍କ ପିଠିରେ ଆଘାତ ଲାଗିଥିଲା। ଲକ୍ଷ୍ନୌଠାରେ ଅନୁଷ୍ଠିତ ପ୍ରଥମ ଦିନିକିଆରେ ତାଙ୍କୁ ଭାରତର ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇ ନ ଥିଲା। ସେ ବର୍ତ୍ତମାନେ ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏ) ଯିବେ। ସେଠାରେ ସେ ଏକ ମେଡିକାଲ ଟିମ୍ ତତ୍ତ୍ୱାବଧାନରେ ରହିବେ। ୨୩ ବର୍ଷୀୟ ୱାଶିଂଟନ ତାଙ୍କ ଯୁବ କ୍ୟାରିୟରରେ ଅନେକ ଆଘାତଜନିତ ସମସ୍ୟାରେ ରହିଛନ୍ତି। ସେ ଶେଷଥର ପାଇଁ ଏକ ଅନ୍ତର୍ଜାତୀୟ ଦିନିକିଆ ଗତ ଫେବୃୟାରୀରେ ଖେଳିଥିଲେ। ୱାଶିଂଟନ ଭାରତ ତରଫରୁ ୪ ଟେଷ୍ଟ, ୪ ଅନ୍ତର୍ଜାତୀୟ ଦିନିକିଆ ଓ ୩୧ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି।

# ଭାରତର ହ୍ୟାଟ୍ରିକ୍ ବିଜୟ

**୧୭ ବର୍ଷରୁ କମ୍ ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାୟର୍ସ**

**ଅଲ୍ ଖୋବାର (ସୌଦି ଆରବ), ୮।୧୦ (ପି.ଟି.)**

ଚଳିତ ୧୭ ବର୍ଷରୁ କମ୍ ଏଏଫ୍‌ସି ଏସିଆନ କପ୍ ୨୦୨୩ କ୍ୱାଲିଫାୟର୍ସ ପ୍ରତିଯୋଗିତାରେ ଭାରତ ୪-୧ ଗୋଲରେ ମ୍ୟାନମାରକୁ ପରାସ୍ତ କରିଛି। ଦଳର ଏହା ହେଉଛି କ୍ରମାଗତ ତୃତୀୟ ବିଜୟ। ଶୁକ୍ରବାର ରାତିରେ ଖେଳାଯାଇଥିବା ଏହି ମ୍ୟାଚରେ ଭାରତ ତରଫରୁ ଅଧିନାୟକ ଭାନ୍‌ଲାଲପେକା ଗୁଇଟେ ଓ ଫରୱାର୍ଡ ଥାଙ୍ଗ୍‌ଲାଲସୋନ୍ ଗାଙ୍ଗ୍‌ଟେ ୨ଟି ଲେଖାଏ ଗୋଲ ଦେଇଥିଲେ। ମ୍ୟାନମାର ପକ୍ଷରୁ ହୁ ୱାଇ ୟାନ ଗୋଟିଏ ଗୋଲ ଦେଇଥିଲେ। ଭାରତ ରବିବାର ଏହାର ପରବର୍ତ୍ତୀ ମ୍ୟାଚ ଆୟୋଜକ ସୌଦି ଆରବକୁ ଭେଟିବ।




# ନ୍ୟାଶନାଲ ସପୋର୍ଟର୍ସ ଗ୍ରୁପ୍ ଘୋଷିତ

**୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍**

**ଭୁବନେଶ୍ୱର, ୮।୧୦ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ଟୁରିଜମ୍, ହିରୋ ମୋଟୋକର୍ପ, ଏନ୍‌ଟିପିସି ଲିମିଟେଡ, ପାୱାର ଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଏବଂ ୟୁନାଇଟେଡ୍ ଫସ୍‌ଫରସ ଲିମିଟେଡ୍ (ୟୁପିଏଲ)କୁ ଶୁକ୍ରବାର ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ପାଇଁ ନ୍ୟାଶନାଲ ସପୋର୍ଟର୍ସ ଗ୍ରୁପ୍ ଘୋଷଣା କରାଯାଇଛି। ଏହି ଅବସରରେ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ସଭାପତି କଲ୍ୟାଣ ଚୌବେ, ଫିଫା ଡାଇରେକ୍ଟର ଅଫ୍ ୟୁଥ୍ ଟୁର୍ନାମେଣ୍ଟ ଜେମି ୟାରଜା ଓ ଏଆଇଏଫ୍ଏଫ୍ ସେକ୍ରେଟାରୀ ଜେନେରାଲ ଶାଜି ପ୍ରଭାକରନ ପ୍ରମୁଖ ଉପସ୍ଥିତ ଥିଲେ। ଘୋଷଣା ବେଳେ ଉପସ୍ଥିତ ଥିବା ଓଡ଼ିଶା ଟୁରିଜମ୍, ହିରୋ ମୋଟୋକର୍ପ, ଏନ୍‌ଟିପିସି ଲିମିଟେଡ ଓ ପାୱାର ଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆର ପ୍ରତିନିଧିମାନେ ଅକ୍ଟୋବର ୧୧ରୁ ୩୦ ପର୍ଯ୍ୟନ୍ତ ଦ୍ୱିବାର୍ଷିକୀ ୟୁଥ୍ ଟୁର୍ନାମେଣ୍ଟ ଭୁବନେଶ୍ୱର, ଗୋଆ ଓ ନଭି ମୁମ୍ବାଇରେ ଆୟୋଜନ ହେଉଥିବାରୁ ସେମାନଙ୍କର ଖୁସି ବ୍ୟକ୍ତ କରିଥିଲେ। ଏହି ଅବସରରେ ଓଡ଼ିଶା ଟୁରିଜମ୍‌ର ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱଜିତ୍ ରାଉତରାୟ କହିଥିଲେ, ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ଆୟୋଜନ ଦ୍ୱାରା ଆମର ବିବିଧତା ଓ ଅନନ୍ୟ ଆତିଥେୟ ପ୍ରଦାନ କରିବାର ସୁଯୋଗ ପ୍ରଦାନ କରିଛି।

## ବଧିର କ୍ରିକେଟ: ଫାଇନାଲରେ ଭାରତ

**ଅଜମନ (ୟୁଏଇ), ୮।୧୦ (ପି.ଟି.):** ଭାରତର ବଧିର କ୍ରିକେଟ ଦଳ ଡିଫ୍ ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ ଟି୨୦ ଚାମ୍ପିୟନ୍ସ ଟ୍ରଫି ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଏଠାରେ ଶନିବାର ଅନୁଷ୍ଠିତ କ୍ୱାଲିଫାୟର-୧ରେ ଭାରତ ୭ ଉଇକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଭାରତୀୟ ଦଳ ଏହା ପୂର୍ବରୁ ବାଂଲାଦେଶ, ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ସେମାନଙ୍କର ସମସ୍ତ ୩ ରାଉଣ୍ଡ ରବିନ ଲିଗ୍ ମ୍ୟାଚରେ ବିଜୟ ଲାଭ କରିଛି। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ମାତ୍ର ୧୦୦ରନ କରିଥିଲା। ଜବାବରେ ଭାରତ ୧୫.୫ ଓଭରରେ ମାତ୍ର ୩ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଭାରତର ଟପ୍ ସ୍କୋରର ସାଇ ଆକାଶ ୩୬ ରନ କରିଥିଲେ। ବୋଲରମାନଙ୍କ ମଧ୍ୟରେ କୁଲ୍‌ଦୀପ ସିଂ ୩ ଉଇକେଟ ଅକ୍ତିଆର କରି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।




# ଭାରତ ସେମିଫାଇନାଲରେ

**ମହିଳା ଟି୨୦ ଏସିଆ କପ୍**

**ସିଲ୍‌ହେଟ୍, ୮।୧୦(ପି.ଟି.)**

ବାଂଲାଦେଶକୁ ୫୯ରନରେ ପରାସ୍ତ କରିବା ପରେ ଭାରତ ଏଠାରେ ଚାଲିଥିବା ମହିଳା ଟି୨୦ ଏସିଆ କପ୍ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ କରିଛି। ଶନିବାର ଖେଳାଯାଇଥିବା ଏହି ମ୍ୟାଚରେ ଶେଫାଳୀ ବର୍ମାଙ୍କଠାରୁ ଆଉଥରେ ମ୍ୟାଚ ବିଜୟୀ ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ସେ ୪୪ବଲ୍‌ରେ ଆକର୍ଷଣୀୟ ୫୫ ରନ କରିଥିଲେ। ଗତ ପାକିସ୍ତାନ ବିପକ୍ଷ ପରାଜୟ ମ୍ୟାଚରେ ଖରାପ ବ୍ୟାଟିଂ କରିଥିବା ଭାରତର ପ୍ରଦର୍ଶନରେ ଉନ୍ନତି ପରିଲକ୍ଷିତ ହୋଇଥିଲା। ଶେଫାଳି ଓ କାମଚଳା ଅଧିନାୟିକା ସ୍ମୃତି ମନ୍ଧାନା (୩୮ ବଲ୍‌ରୁ ୪୭ରନ) ଓପନିଂ ଯୋଡ଼ିରେ ୯୬ରନ ସଂଗ୍ରହ କରି ଦଳର ବ୍ୟାଟିଂ ମୂଳଦୁଆ ପକାଇଥିଲେ। ଅନ୍ୟତମ ସଫଳ ବ୍ୟାଟର ଜେମିମା ରୋଡ୍ରିଗୁଏଜ ୨୪ ବଲ୍‌ରୁ ୩୫ ରନ କରି ଅପରାଜିତ ରହିଥିଲେ। ଭାରତ ୫ ଉଇକେଟ ବିନିମୟରେ ୧୫୯ ରନ କରିଥିଲା। ଜବାବରେ ବାଂଲାଦେଶ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୧୦୦ ରନ କରିବାରେ ସମର୍ଥ ହୋଇଥିଲା। ଫାର୍ଗାନ ହକ୍ (୪୦ ବଲ୍‌ରୁ ୩୦) ଓ ମୁର୍ଶିଦା ଖାତୁନ (୨୫ବଲ୍‌ରୁ ୨୧) ପ୍ରଥମ ୯ ଓଭରରେ ଓପନିଂ ଯୋଡ଼ିରେ ମାତ୍ର ୪୫ ରନ ଯୋଗ କରିଥିଲେ। ଭାରତର ଟାଇଟ୍ ବୋଲିଂ ଯୋଗୁ ବାଂଲାଦେଶ ଏହି ମ୍ୟାଚରେ ବିଜୟ ହାସଲ ପାଇଁ ଚେଷ୍ଟା କରି ନ ଥିଲା। ଭାରତର ସ୍ନେହ ରାଣା ତାଙ୍କ ୩ ଓଭର ବୋଲିଂରେ ୧୭ ରନ ଦେଇ ଗୋଟିଏ ଉଇକେଟ ନେଇଥିଲେ। ଦୀପ୍ତି ଶର୍ମା ୧୩ ରନ ବିନିମୟରେ ୨ଟି ଏବଂ ଶେଫାଳୀ ତାଙ୍କ ଲେଗ୍‌ବ୍ରେକ୍‌ରେ ୧୦ରନ ବିନିମୟରେ ୨ ଉଇକେଟ ସଫଳତା ପାଇଥିଲେ। ରାଉଣ୍ଡ ରବିନ ପର୍ଯ୍ୟାୟରେ ଭାରତ ଆଉ ଗୋଟିଏ ମ୍ୟାଚ ଖେଳିବାକୁ ବାକି ରହିଥିବା ବେଳେ ୫ଟି ଗେମ୍‌ରୁ ୮ ପଏଣ୍ଟ ସହ ୭ଟି ଦଳକୁ ନେଇ ଟେବୁଲର ଶୀର୍ଷ ସ୍ଥାନ ଅଧିକାର କରିଛି।



ପ୍ରଥମ ଉଇକେଟରେ ୯୬ ରନର ପାର୍ଟନରଶିପ୍ ଅବସରରେ ଶେଫାଳି ବର୍ମା ଓ ସ୍ମୃତି ମନ୍ଧାନା।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ଶତପଥୀ

**ଭର୍ଲେରେ ସମଲେଇ ପୂଜା**

ବିନିକା,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳ ୱାର୍ଡ ନମ୍ବର ୧୦ଭର୍ଲେଠାରେ ସମଲେଇ ପୂଜା ଯାଦବ ସମାଜ ତରଫରୁ ଅନୁଷ୍ଠିତ ହୋଇଯାଇଛି। ପରମ୍ପରା ଅନୁଯାଇ ସମାଜ ସଭାପତି ଧ୍ରୁବଚରଣ ହାତୀଙ୍କ ଘରେ ସମସ୍ତେ ବାଡ଼ି ଦେବତାଙ୍କ ପୂଜା କରିବା ପରେ ଶୋଭାଯାତ୍ରାରେ ଗାଁ ପରିକ୍ରମା କରିଥିଲେ। ରଘୁନାଥ ମନ୍ଦିର ପ୍ରାଙ୍ଗଣରେ ବାଡ଼ି ଖେଳ ଅନୁଷ୍ଠିତ ହୋଇଥିଲା। ଆରାଧ ଦେବୀ ମା ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା ପରେ ମହାନଦୀ ପାପକ୍ଷୟ ଘାଟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇ ମହାନଦୀରେ ମା'ଙ୍କ ସ୍ନାନ କରାଇଥିଲେ। ଧ୍ରୁବଲେଶ୍ୱର ନାଗ, ଜଗତ ନାଏକ, ନୀଳାଞ୍ଚଳ ବେହେରା ଉଦ୍ଧବ ହାତୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସ୍ୱପ୍ନ, ପରିଶ୍ରମ ଆଣିଛି ସଫଳତା

ବରଗଡ଼ ଅଫିସ୍,୮।୧୦

ଓଡ଼ିଶା ସିଭିଲ ସେବା ପରୀକ୍ଷା–୨୦୨୦ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ବରଗଡ଼ ଜିଲାର ପରୀକ୍ଷାର୍ଥୀ ମଧ୍ୟ ସଫଳତା ଅର୍ଜନ କରିଛନ୍ତି। ସଫଳତା ପରେ ପରିବାର ଏବଂ ଆତ୍ମୀୟସ୍ୱଜନଙ୍କ ମଧ୍ୟରେ ଖୁସି ଦେଖାଯାଇଛି। କିଛି ସଫଳ ପରୀକ୍ଷାର୍ଥୀଙ୍କୁ ଆମେ ଭେଟିଥିଲୁ। ସ୍ୱପ୍ନ, ସହଯୋଗ ଥିଲେ ଏବଂ ପରିଶ୍ରମ କଲେ ସଫଳତା ମିଳେ ବୋଲି ସେମାନେ କହିଥିଲେ।

## ସଫଳତା ପଛରେ ସ୍ୱାମୀଙ୍କ ସହଯୋଗ



ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ କୁଶନପୁରୀ ଗ୍ରାମର ବାସିନ୍ଦା। ଓଡ଼ିଶା ସିଭିଲ ସେବା ପରୀକ୍ଷା–୨୦୨୦ ପରୀକ୍ଷାଫଳରେ ମୁଁ ୩୨୮ ର୍ୟାଙ୍କ ରଖି ସଫଳ ହୋଇଛି । ବହୁ ପୂର୍ବରୁ ସିଭିଲ୍ ସର୍ଭିସ ପରୀକ୍ଷାର ସଫଳତା ସ୍ୱପ୍ନ ଥିଲା। ଓଡ଼ିଶା ସିଭିଲ ସର୍ଭିସ୍–୨୦୧୫ ପରୀକ୍ଷା ମୋର ପ୍ରଥମ ପ୍ରୟାସ ଥିଲା। କିନ୍ତୁ ପରୀକ୍ଷାର ଅନ୍ତିମ ପର୍ଯ୍ୟାୟ ତଥା ସାକ୍ଷାତକାରରେ ମୁଁ ଉତ୍ତୀର୍ଣ୍ଣ ହୋଇ ପାରି ନ ଥିଲି। ଏହାସତ୍ତ୍ୱେ ଲକ୍ଷ୍ୟଚ୍ୟୁତ ହୋଇ ନ ଥିଲି । ପରିଶ୍ରମ କରିଥିଲି ଏବଂ ସ୍ୱାମୀ ପ୍ରଶାନ୍ତ କୁମାର ମେହେର ବହୁତ ସହଯୋଗ କରିଥିଲେ। ତାଙ୍କର ସହଯୋଗ ବିନା ଆଜି ଏହି ସଫଳତା ମିଳି ନ ଥାନ୍ତା। ସଫଳତା ପଛରେ ମା' ବାପା, ଶାଶୁଙ୍କ ଆଶୀର୍ବାଦ ଏବଂ ଶିକ୍ଷକଙ୍କ ଗାଇଡାନ୍ସ ମଧ୍ୟ ରହିଛି । ମୁ ୨୦୧୪ ନଭେମ୍ବରରୁ ବରଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ସରକାରୀ ଚାକିରି ଜୀବନ ଆରମ୍ଭ କରିଥିଲି। ଏବେ ବରଗଡ଼ ଜିଲା ଯୋଗାଣ କାର୍ଯ୍ୟାଳୟରେ ବରିଷ୍ଠ ରାଜସ୍ୱ ସହାୟିକା ଭାବେ କାର୍ଯ୍ୟ କରୁଛି । ସିଭିଲ୍ ସର୍ଭେଣ୍ଟ ଭାବେ ଜନସାଧାରଣଙ୍କ ପାଇଁ ଭଲ କାର୍ଯ୍ୟ କରିବି ଏବଂ ସମସ୍ତ ଅସୁବିଧା ଦୂର କରିବାକୁ ଚେଷ୍ଟା କରିବି ।

**ମମତା ମେହେର**

## ଆଇଏଏସ୍ ଲକ୍ଷ୍ୟରେ ପ୍ରାଚୁର୍ଯ୍ୟ

ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳର ପ୍ରାଚୁର୍ଯ୍ୟ ପ୍ରଧାନ। ଓଡ଼ିଶା ସିଭିଲ ସେବା ପରୀକ୍ଷା–୨୦୨୦ ପରୀକ୍ଷାଫଳରେ ସେ ୨୯୨ ର୍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ପ୍ରାଚୁର୍ଯ୍ୟ ଜନ୍ମରୁ ଦୃଷ୍ଟିବାଧିତ। ରବି ରଞ୍ଜନ ପ୍ରଧାନଙ୍କ ପୁଅ ପ୍ରାଚୁର୍ଯ୍ୟ ଅନ୍ତର୍ଜାତୀୟ ଚେସ୍ ଖେଳାଳି ଭାବେ ବେଶ୍ ପରିଚିତ। ସେ ଆଗକୁ ଅନ୍ତର୍ଜାତୀୟ ଚେସ୍ ଟାଇଟଲ ରଖିବାକୁ ଲକ୍ଷ୍ୟ ରଖିଥିବାବେଳେ ଓଡ଼ିଶା ସିଭିଲ ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଜିଲା ପାଇଁ ଗୌରବ ଆଣିଛନ୍ତି। ତେବେ ତାଙ୍କ ଲକ୍ଷ୍ୟ ପୂରଣ ହୋଇପାରିନାହିଁ। ଆଇଏଏସ୍ ହିଁ ତାଙ୍କ ଲକ୍ଷ୍ୟ ବୋଲି ପ୍ରାଚୁର୍ଯ୍ୟ କହିଛନ୍ତି। ସେ ଆହୁରି କହିଛନ୍ତି, ସଫଳତା ହାସଲ ପାଇଁ ସବୁବେଳେ ବଡ଼ ସ୍ୱପ୍ନ ଦେଖିବା ଦରକାର। ପୃଥିବୀ ଯେଭଳି ବୃହତ୍, ସମସ୍ତେ ସେଭଳି ସ୍ୱପ୍ନ ଦେଖନ୍ତୁ, ଦିନେନା ଦିନେ ସଫଳତା ନିଶ୍ଚୟ ମିଳିବ ବୋଲି ପ୍ରାଚୁର୍ଯ୍ୟ କହିଛନ୍ତି। ତାଙ୍କ ସଫଳତା ପଛରେ ମା' ବାପା ଏବଂ ବଡ଼ବାପାଙ୍କ ପ୍ରେରଣା ରହିଛି ଏବଂ ନିଜ ବନ୍ଧୁମାନଙ୍କୁ ମଧ୍ୟ ସେ ଶ୍ରେୟ ଦେଇଛନ୍ତି । ପରୀକ୍ଷାର ୪/୫ମାସ ପୂର୍ବରୁ ସେ ଦୈନିକ ୪/୫ଘଣ୍ଟା ପରୀକ୍ଷା ପ୍ରସ୍ତୁତିରେ ସମୟ ଦେଉଥିବା ପ୍ରାଚୁର୍ଯ୍ୟ କହିଛନ୍ତି ।



**–ପ୍ରାଚୁର୍ଯ୍ୟ ପ୍ରଧାନ**

## ପୂରଣ ହୋଇଛି ମା' ବାପାଙ୍କ ଇଚ୍ଛା

ରାଷ୍ଟ୍ରୀୟ ହସ୍ତତନ୍ତ ଉନ୍ନୟନ ନିଗମ ଲିମିଟେଡ୍ ଅଧୀନରେ ବରଗଡ଼ରେ କାର୍ଯ୍ୟରତ ଅଛନ୍ତି ନୀଳମାଧବ ପାତ୍ର। ସେ କଳାହାଣ୍ଡି ଜିଲା ମଦନପୁର ରାମପୁର ବ୍ଲକ ମୋହନଗିରି ଗ୍ରାମର ମୂଳବାସିନ୍ଦା। ୨୦୧୪ରୁ ସେ ରାଷ୍ଟ୍ରୀୟ ହସ୍ତତନ୍ତ ଉନ୍ନୟନ ଲିମିଟେଡ୍ ଅଧୀନରେ ବରଗଡ଼ରେ ବାଣିଜ୍ୟ ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି। କଠିନ ପରିଶ୍ରମ ଯୋଗୁ ସେ ଓଡ଼ିଶା ସିଭିଲ ସେବା ପରୀକ୍ଷାରେ ୩୪୪ ର୍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଥିବା ନୀଳମାଧବ କହିଛନ୍ତି। ମା' ବାପା, ଭାଇ, ଭଉଣୀ, ଗୁରୁଜନ ମଣ୍ଡଳୀ ଏବଂ ସେ କାର୍ଯ୍ୟ କରୁଥିବା ବିଭାଗୀୟ ଅଧିକାରୀଙ୍କୁ ସଫଳତାର ଶ୍ରେୟ ଦେଇଛନ୍ତି। ସେ ଚାଷୀ ପରିବାରର। କିଭଳି ବଡ଼ ଅଫିସର ହେବେ ତାଙ୍କ ମା' ବାପା ସବୁବେଳେ ଚାହୁଁଥିଲେ। ତାଙ୍କର ସେହି ଭାବନା ଆଜି ଏହି ସ୍ଥାନରେ ପହଞ୍ଚାଇଛି। ସନ୍ଧ୍ୟାରେ ଅଫିସ୍‌ରୁ ଫେରିବା ପରେ ୭ରୁ ୮ଘଣ୍ଟା ପରୀକ୍ଷା ପ୍ରସ୍ତୁତି କରୁଥିଲି। ସଫଳତା ପାଇ ଖୁସି ଅଛି। ଆଗକୁ ଆହୁରି ବଡ଼ ଲକ୍ଷ୍ୟ ରହିଛି। ସରକାର ଯେଉଁ ଦାୟିତ୍ୱ ଦେବେ, ନିଷ୍ଠାପର ଭାବେ ତାହା ସମ୍ପାଦନ କରିବି।



**–ନୀଳମାଧବ ପାତ୍ର**

(ଉପସ୍ଥାପନା: ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ୍)

# ସଂସ୍କୃତ ଭାରତୀ ଭାଷା ପରିଚୟ ବର୍ଗ ଉଦ୍‌ଯାପିତ



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ଼ ଅଫିସ, ୮।୧୦

ବରଗଡ଼ ଜିଲା ଭଟଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆୟୋଜିତ ଦୁଇଦିନିଆ ଆବାସିକ ଭାଷା ପରିଚୟବର୍ଗ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଛି। ଶିବିରରେ ୫୦ରୁ ଊର୍ଦ୍ଧ୍ୱ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଆବାସିକ ପ୍ରଶିକ୍ଷଣ ନେଇଥିଲେ। ଡ଼ଃ ମାନସ ରଞ୍ଜନ ସାହୁ, ଅଜିତ ରଣା ଓ ଅଧ୍ୟାପକ ଅଜିତ ପଣ୍ଡା ପ୍ରମୁଖ ଶିବିର ପରିଚାଳନା କରି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ସଂସ୍କୃତ ଭାରତୀ ପ୍ରାନ୍ତୀୟ ଅଧ୍ୟକ୍ଷ ଆୟୁଷ୍ମାନ୍ତ ଷଡଙ୍ଗୀ ଅଧ୍ୟକ୍ଷତା କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ରାମଚନ୍ଦ୍ର ଡ଼ନସନା ମୁଖ୍ୟ ଅତିଥି, ଡ଼ଃ ଡୋଲାମଣି ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂସ୍କୃତ ଭାଷା କିପରି ଶବ୍ଦ ଭଣ୍ଡାରକୁ ସମୃଦ୍ଧ କରିଛି ଏବଂ ସଂସ୍କୃତ ଭାଷା ସମଗ୍ର ପୃଥିବୀରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି, ସେ ବିଷୟରେ ଆଲୋଚନା କରିଥିଲେ। ସମ୍ପାଦକ ଅଧ୍ୟାପକ ଅଜିତ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଂସ୍କୃତ ପ୍ରେମୀ ଗିରିଧାରୀ ବାରିକ, ଅଧ୍ୟାପକ ରାଜୀବ ସାହୁ, ପଣ୍ଡିତ ଗୋପବନ୍ଧୁ ପୁରୋହିତ ପ୍ରମୁଖ ଶିବିର ପରିଚାଳନା କରିଥିଲେ। କୁଳିତାପାଲି ଗ୍ରାମର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସମେତ ଆଖପାଖ ଅଞ୍ଚଳର ବହୁ ସଂସ୍କୃତପ୍ରେମୀ ଯୋଗ ଦେଇଥିଲେ।

# ପ୍ରଥମ ଟାଏକୋଣ୍ଡୋ ପ୍ରତିଯୋଗିତା

ବଲାଙ୍ଗୀର ଅଫିସ, ୮।୧୦

ବଲାଙ୍ଗୀର ରିଜର୍ଭ ପୋଲିସ ଇଣ୍ଡୋର ହଲଠାରେ ଶନିବାର ବଲାଙ୍ଗୀର ଜିଲା ଟାଏକୋଣ୍ଡୋ ସଂଘ ପକ୍ଷରୁ ପ୍ରଥମ ଜିଲାସ୍ତରୀୟ ପୁମସେଇ ଓ ଖିରୋଗୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଅରବିନ୍ଦ ଦାସ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତା ଶୁଭାରମ୍ଭ କରିଥିଲେ। ଏଥିରେ ବଲାଙ୍ଗୀର ଜିଲାର ବିଭିନ୍ନ କୋଣରୁ ୯୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ପୁମସେଇ ଓ ଖିରୋଗୀ ଦୁଇଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା । ଏଥିରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରମାନେ ଆଗାମୀ ଦିନରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଜିଲା ଟାଏକୋଣ୍ଡୋ ସଂଘ ସାଧାରଣ ସମ୍ପାଦକ ତଥା କୋଚ ଅସୀମ କୁମାର ଭୋଇ ସୂଚନା ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ମୁଖ୍ୟଅତିଥି, ସମ୍ମାନିତ ଅତିଥି ସିଆରପିଏଫ୍ କମାଣ୍ଡାଣ୍ଟ ପବନ ତିୱାରି ଓ ମ୍ୟୁନିସିପାଲଟି ଅଧ୍ୟକ୍ଷା ଲିକା ସାହୁ ଯୋଗଦେଇ କୃତୀ ଛାତ୍ରୀଛାତ୍ରୀଙ୍କୁ ମେଡାଲ ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ ମନପ୍ରୀତ କୌର ପରିଚାଳନା କରିଥିଲେ। ସୁଶାନ୍ତ ମୁଗ୍ରୀ, କରଣ ନନ୍ଦ, ଭୁବନେ ଭୋଇ, ଅମିତ ବାରିକ, ନିତିନ ସ୍ୱାଇଁ, ଜୟକୃଷ୍ଣ ଶବର, ମୁକେଶ ପଧାନ, ନରେନ୍ଦ୍ର ବରାଡ ସହଯୋଗ କରିଥିଲେ।




ଟାଏକୋଣ୍ଡୋ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କ ସହ ଅତିଥି।

# ୧୫ ଜୋନ ପାଇଁ ୪୫ ଜଣ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

ବୌଦ୍ଧ,୮।୧୦(ନି.ପ୍ର.)

**ବୌଦ୍ଧ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପଦବୀ ନିର୍ବାଚନ**

ବୌଦ୍ଧ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ପଦବୀ ପାଇଁ ନାମାଙ୍କନ ଦାଖଲ ପ୍ରକ୍ରିୟା ଶେଷ ହୋଇଛି। ବୌଦ୍ଧ ଓ କନ୍ଧମାଳ ଜିଲାରେ ଥିବା ୧୫ ଜୋନ ପାଇଁ ୪୫ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ୧ ନମ୍ବର ଜୋନ ପାଇଁ ଅଶ୍ୱିନୀ କୁମାର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଭୋଇ, ଭୂମିସୁତା ମେହେର ଓ ସୁଶାନ୍ତ ବାଘ ନାମାଙ୍କନପତ୍ର ଦାଖଲ କରିଛନ୍ତି। ୨ ନମ୍ବର ଜୋନ ପାଇଁ ଲିଙ୍ଗରାଜ ଜଗଦଲା, ଗଣେଶ୍ୱର ନାଏକ ଓ ମମତା ମେହେର, ୩ ନମ୍ବର ଜୋନ ପାଇଁ ପ୍ରମୋଦ କୁମାର ରଣା ଓ ନରେଶ ପ୍ରଧାନ, ୪ ନମ୍ବର ପାଇଁ ଅରୁଣ କୁମାର ପ୍ରଧାନ, ବିନୋଦ କୁମାର ସାହୁ, ଗିତାଳୀ ପ୍ରଧାନ, ନବୀନ କୁମାର ଦେହୁରୀ ଓ ବିକ୍ରମ ପ୍ରଧାନ, ୫ ନମ୍ବର ପାଇଁ ଫିଲିମିନା ପ୍ରଧାନ, ପଙ୍କଜିନୀ ପଟ୍ଟନାୟକ ଓ ପଦ୍ମାବତୀ ଭୋଇ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେହିପରି ୬ ନମ୍ବର ଜୋନ ପାଇଁ ଦିଲିପ କୁମାର ମେହେର,ବିମଳ ପ୍ରଧାନ, ନିରଞ୍ଜନ ଖମାରୀ ଓ ଗୋବିନ୍ଦ ଅମାତ, ୭ ନମ୍ବର ପାଇଁ ଦୁଗୁନୀ ଦିଗାଲ, ରିତ୍ ମହାନନ୍ଦିଆ,ଲୁଲୁ ସେଠୀ ଓ ମିନୁ ମହାଲିକ, ୮ ନମ୍ବର ପାଇଁ ସଙ୍ଗୀତା ନାଏକ, ସୁଶୀଳ କୁମାର ଜାନୀ ଓ ନବୀନ ପ୍ରଧାନ, ୯ ନମ୍ବର ପାଇଁ ସଚ୍ଚିଦାନନ୍ଦ ପ୍ରଧାନ ଓ ବସନ୍ତ କୁମାର ପ୍ରଧାନ, ୧୦ ନମ୍ବର ପାଇଁ ବୃଷଭ କହଁର, ବ୍ରହ୍ମାଶଙ୍କର କହଁର ଓ ଶତପଥୀ ପ୍ରଧାନ, ୧୧ ନମ୍ବର ପାଇଁ ଲିନା ମହାପାତ୍ର , ୧୨ ନମ୍ବର ପାଇଁ ସୁବୋଧ କୁମାର ପ୍ରଧାନ,ଗଣେଶ ମେହେର ଓ ଭଗବାନ ମେହେର , ୧୩ ନମ୍ବର ପାଇଁ ରାଜେନ୍ଦ୍ର କୁମାର ମେହେର ଓ ଶୈଳେନ୍ଦ୍ର ପ୍ରଧାନ,୧୪ ନମ୍ବର ପାଇଁ କିଶୋର କୁମାର ମେହେର,ବିଜୟ ପ୍ରଧାନ,ସୁରେଶ ପାଣ୍ଡେ ଓ ପ୍ରଫୁଲ୍ଲ କୁମାର ପ୍ରଧାନ ଏବଂ ୧୫ ନମ୍ବର ଜୋନ ପାଇଁ ଧନେଶ୍ୱରୀ ମେହେର ଓ ମମତା ପ୍ରଧାନ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ୧୧ ନମ୍ବର ଜୋନରେ ଲିନା ମହାପାତ୍ର ଜଣେ ମାତ୍ର ପ୍ରାର୍ଥିନୀ ଭାବରେ ନାମାଙ୍କନ ପତ୍ର ଦାଖଲ କରି ନିର୍ଦ୍ୱନ୍ଦ୍ୱରେ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଭାବରେ ନିର୍ବାଚିତ ହୋଇଛନ୍ତି। ଅନ୍ୟ ୧୪ଟି ଜୋନରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଦଳୀୟ ଚିହ୍ନରେ ନିର୍ବାଚନ ହେଉ ନ ଥିଲେ ମଧ୍ୟ ନିର୍ବାଚନରେ ସମବାୟ ବିଭାଗର ଗୁରୁତ୍ୱ ଯୋଗୁ ଶାସକ ଦଳ ସମସ୍ତ ୧୫ଟି ଜୋନ ଦଖଲ କରିବା ଲକ୍ଷ୍ୟରେ ରଣନୀତି ପ୍ରସ୍ତୁତ କରଛି।

# ସରିଲା ଚୁଡାଖାଇ ଲୋକ ମହୋତ୍ସବ

ତରଭା, ୮।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଚୁଡାଖାଇରେ ଚାଲିଥିବା ଲୋକ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଛି । ଏ ଉପଲକ୍ଷେ ହୋଇଥିବା ସଭାରେ ମୁଖ୍ୟ ଅତିଥିଭାବେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ଅତିରିକ୍ତ ଜିଲପାଳ ସୂର୍ଯ୍ୟନାରାୟଣ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କର୍ମ୍ମ, ଗଗନ ଅଗ୍ରୱାଲ, ସଭାପତି ଦଶରଥ ସାହୁ, ବିଡିଓ ବିନୟ ପଟେଲ ଯୋଗଦେଇଥିଲେ। ରୂପଶ୍ରୀ କଳା ପରିଷଦ, ସୋନପୁର ସାଂସ୍କୃତିକ ଦଳ ନୃତ୍ୟ ପରିବେଷଣ କରିଥିଲେ। ମାନଭଞ୍ଜନ ମିଶ୍ର ମଞ୍ଚ ପରିଚାଳନା କରିଥିଲେ।


Ref: No.: SO/II/2022-23/79/456 Date: 07.10.2022

Startup Odisha

[2nd Floor, Tower-A, Odisha Startup Incubation Centre (O-Hub), Special Economic Zone, Infocity, Patia, Bhubaneswar- 751024]

**Invitation of application for the Internship Programme of Startup Odisha (2022-23)**

No.h-13:- Startup Odisha invites applications from students/ scholars those who are pursuing or have completed their Graduation / Post Graduation for the "Internship Programme of Startup Odisha (2022-2023)" for a period of 6 months to 1 year at Startup Odisha, Bhubaneswar. Interested candidates may download details of advertisement and apply / register for the internship programme by visiting the official website of Startup Odisha- www.startupodisha.gov.in (in career menu) from 09.10.2022. The last date to register / apply for the internship programme is 28.10.2022 by 11:59 P.M. The selection of the interns will be made on merit of academic performance, extra-curricular achievement, the presentation submitted in the application form and personal interview. The applicants are further advised to keep referring Startup Odisha website (www.startupodisha.gov.in) for any updates in reference to this advertisement.

Sd./- (Evangelist, STARTUP ODISHA)

OIPR-43007/11/0014/2223


# ପୁରୁଣା ପେନସନ ଦାବି ନେଇ ୧୫ରେ ବ୍ଲକ ଘେରାଉ

ବଲାଙ୍ଗୀର ଅଫିସ,୮।୧୦

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ (ଏନ୍‌ପିଏସ୍) ପକ୍ଷରୁ ଆର୍ଯ୍ୟ ମନ୍ଦିରରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ସଂଘ ପକ୍ଷରୁ ପୁରୁଣା ପେନସନ ଦାବି ନେଇ ଅକ୍ଟୋବର ୧୫ରେ ବ୍ଲକ୍ ଘେରାଉ ନିଷ୍ପତ୍ତି ହୋଇଥିଲା। ସଂଘ ସଦସ୍ୟାସଦସ୍ୟମାନେ ସରକାରଙ୍କ ନୂତନ ପେନସନ ଯୋଜନାକୁ ବିରୋଧ କରିଥିଲେ। ଆଗାମୀ ୧୫ ତାରିଖରେ ବ୍ଲକ ଶିକ୍ଷାଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଅର୍ଥମନ୍ତ୍ରୀ, ଆଇନମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯିବା ପାଇଁ ନିଷ୍ପତ୍ତି ହୋଇଥିଲା । ୨୦୦୫ ପୂର୍ବରୁ ନିଯୁକ୍ତ ସରକାରୀ କର୍ମଚାରୀ ପେନସନ ପାଇବା ପାଇଁ ହକଦାର ଥିବା ବେଳେ ସରକାର ୨୦୦୫ ପରେ ଚାକିରି କରୁଥିବା ସମସ୍ତ ସରକାରୀ କର୍ମଚାରୀଙ୍କ ପାଇଁ ନୂତନ ପେନସନ ଯୋଜନା କାର୍ଯ୍ୟକାରୀ କରିବା ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ପୁରୁଣା ପେନସନ ସରକାରୀ କର୍ମଚାରୀଙ୍କୁ ବଞ୍ଚିତ କରି ନୂତନ ପେନସନ ଯୋଜନା ପ୍ରଚଳନ ସରକାରଙ୍କ ଷଡଯନ୍ତ୍ର। ୨୦୦୫ ମସିହା ପରଠାରୁ ସରକାରୀ କର୍ମଚାରୀଙ୍କୁ ପୁରୁଣା ପେନସନ ନ ଦେଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ବ୍ଲକର ସମସ୍ତ ପ୍ରାଥମିକ ଶିକ୍ଷକ (ଏନ୍‌ପିଏସ୍, ଏକ୍ସକ୍ୟାଡର, କନିଷ୍ଠ ଶିକ୍ଷକ) ୧୫ ଅକ୍ଟୋବରରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିବେ। ୨୯ରେ ଜିଲା ର୍ୟାଲିରେ ଯୋଗଦେବେ ବୋଲି ଏନ୍‌ପିଏସ୍ ଶିକ୍ଷକ ସଂଘ ସଭାପତି ଶିତୋଷ କୁମାର ପାଣିଗ୍ରାହୀ, ସମ୍ପାଦକ ଅଞ୍ଜନ ସାଏ, ଏକ୍ସକ୍ୟାଡର ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତରଣୀସେନ ପଧାନ, ସମ୍ପାଦକ ଉକାଲୁ ସା, କନିଷ୍ଠ ଶିକ୍ଷକ ସଂଘ ସଭାପତି ମନସ ପାଣିଗ୍ରାହୀ ପ୍ରେସ ବିବୃତିରେ ଜଣାଇଛନ୍ତି ।

# ଉପନିର୍ବାଚନ ପାଇଁ ବିଜେଡିର ଶକ୍ତି ପ୍ରଦର୍ଶନ

ଧାମନଗର,୮।୧୦(ଡି.ଏନ.ଏ/ ସ୍ୱ.ପ୍ର.)

ଭଦ୍ରକ ଜିଲା ଧାମନଗର ନିର୍ବାଚନମଣ୍ଡଳୀ ଅଧୀନ ଦୋବଲ ଜୋନ୍ ସ୍ତରୀୟ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶନିବାର ମୁସ୍ତାଫାପୁର ପଞ୍ଚାୟତର ଦୋବଲ କାଳୀପଡ଼ିଆଠାରୁ ବାହାରି ବଜାର, ଗ୍ରାମ ପରିକ୍ରମା କରିଥିଲା। ପରେ ଦୋବଲ ପଞ୍ଚାୟତ ସୋଧ ଧରମପଦା ପଡ଼ିଆରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବିଜେଡି ଜନସମ୍ପର୍କ ପଦଯାତ୍ରା ସହ ଆଗାମୀ ଉପନିର୍ବାଚନ ପାଇଁ ଲୋକଙ୍କୁ ଏକାଠି କରି ଏକପ୍ରକାର ଶକ୍ତି ପ୍ରଦର୍ଶନ କରିଛି। ଉମେଶ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ସଂସ୍କୃତି, ପର୍ଯ୍ୟଟନ ଓ ଅବକାରୀ ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଉପସ୍ଥିତ କର୍ମୀ ଓ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଜିଲା ପର୍ଯ୍ୟବେକ୍ଷକ ତଥା ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ରାଜ୍ୟସଭା ସଦସ୍ୟ ମୁନା ଖାଁ, ଭଦ୍ରକ ବିଧାୟକ ସଞ୍ଜୀବ ମଲିକ, ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର ଦାସ, ବିଜେଡି ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

# ଉଗ୍ର ଜାତୀୟତାବାଦ, ଧର୍ମାନ୍ଧତା ମଣିଷ ସମାଜର ଶତ୍ରୁ



ଗାଳ୍ପିକ ମନୋଜ ପଣ୍ଡା ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଆଲୋଚକ ଓ ଅତିଥି।

ବଲାଙ୍ଗୀର ଅଫିସ,୮।୧୦

**ମନୋଜ ପଣ୍ଡା ସ୍ମାରକୀ ବକ୍ତୃତା**

ବିଶେଷ ରଚନା ସନ୍ଧ୍ୟା କାର୍ଯ୍ୟକ୍ରମରେ ଶନିବାର ବଲାଙ୍ଗୀର ସାମ୍ବାଦିକ ଭବନ ଠାରେ ଗାଳ୍ପିକ ମନୋଜ କୁମାର ପଣ୍ଡା ପୁରସ୍କାର ସମାରୋହ ଓ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରଚନା ସଭାପତି ସନାତନ ଠାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମାରକୀ ବକ୍ତୃତାରେ ମୁଖ୍ୟ ଆଲୋଚକଭାବେ ପ୍ରଖ୍ୟାତ ଲେଖକ ପ୍ରଫେସର ଧନେଶ୍ୱର ସାହୁ ଯୋଗଦେଇ ସଭ୍ୟତାର ଯାତ୍ରାରେ ମଣିଷ ଶୀର୍ଷକରେ ଆଲୋଚନା କରିଥିଲେ। ପ୍ରଫେସର ସାହୁ ତାଙ୍କ ସାରଗର୍ଭକ ବକ୍ତବ୍ୟରେ ମଣିଷ ସମାଜର ପରିକଳ୍ପନା ଓ ଏହାର ଯାତ୍ରା ସମ୍ପର୍କରେ ତଥ୍ୟାତ୍ମକ ବିଶ୍ଳେଷଣ କରିଥିଲେ। ମଣିଷ ଧର୍ମ ଓ ସମାଜ ନିର୍ମାଣ କରିବା ପଛରେ ଥିବା ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ସେ କହିଥିଲେ ଯେ, ଉଗ୍ରଜାତୀୟତାବାଦ ଓ ଉଗ୍ର ଧର୍ମାନ୍ଧତା ହେଉଛି ମଣିଷ ସମାଜର ଶତ୍ରୁ। ସାମ୍ପ୍ରତିକ ସମାଜରେ ଏଭଳି ଉଗ୍ର ମାନସିକତା ସକଳ ଅଶାନ୍ତି ଓ ଦ୍ୱନ୍ଦ୍ୱର କାରଣ ପାଲିଟିଛି ବୋଲି କହିଥିଲେ। ଏହି ସଭାରେ ସେ ଦିବଙ୍ଗତ ଗାଳ୍ପିକ ମନୋଜ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କ ଗଳ୍ପରେ ଥିବା ମାନବବାଦୀ ଆବେଦନ ସମ୍ପର୍କରେ କହିଥିଲେ।

ସଭା ପ୍ରାରମ୍ଭରେ ରଚନା ସମ୍ପାଦକ ଭାଗିରଥି ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହାପରେ ଗାଳ୍ପିକ ପଣ୍ଡାଙ୍କ ଜୀବନ କୃତି ସମ୍ପର୍କରେ ଡ. ସନ୍ତୋଷ କୁମାର ରଥ ବକ୍ତବ୍ୟ ରଖିଥିଲେ। ଗାଳ୍ପିକ ପଣ୍ଡାଙ୍କ ଗଦ୍ୟ ସଂଗ୍ରହ ବହୁଧା ଅବିଭକ୍ତକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଉନ୍ମୋଚିତ ପୁସ୍ତକ ବହୁଧା ଅବିଭକ୍ତର ସମ୍ପାଦକ ତଥା ସଂକଳକ କବି ପ୍ରଦୀପ କୁମାର ପଣ୍ଡା ଉନ୍ମୋଚିତ ଗଦ୍ୟ ସଂଗ୍ରହ ଉପରେ ଆଲୋଚନା କରିଥିଲେ। କବି ରତ୍ନମୟ ତ୍ରିପାଠୀ ବହୁଧା ଅବିଭକ୍ତରୁ କିୟଦଂଶ ପାଠ କରିଥିଲେ। ଏହି ଅବସରରେ ଗାଳ୍ପିକ ଆଦିତେଶ୍ୱର ମିଶ୍ରଙ୍କୁ ମନୋଜ କୁମାର ପଣ୍ଡା ସର୍ଜନ ପୁରସ୍କାର ଅର୍ପଣ କରାଯାଇଥିଲା। ପରେ ସ୍ମାରକୀ ବକ୍ତୃତା ଉପରେ ପ୍ରଫେସର ସାହୁ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ବନ୍ଦନା ପଟ୍ଟନାୟକ ସଂଯୋଜନା କରିଥିଲେ। ସଭାପତି ଠାକୁରଙ୍କ ସଭାପତୀୟ ଅଭିଭାଷଣ ପରେ ସହସମ୍ପାଦକ ଲକ୍ଷ୍ମଣ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହରର ବହୁ ସାହିତ୍ୟିକ, ବୁଦ୍ଧିଜୀବୀ ଓ ସାହିତ୍ୟପ୍ରେମୀ ଉପସ୍ଥିତ ଥିଲେ।


**Government of Odisha**
**Higher Education Department**

**Timeline for Phase-II Admission into U.G. Courses under SAMS in the Higher Education Institutions for the Academic Year 2022-23**

No.N-47:- Timeline for e-Admission in all (+3) Degree Colleges including Self Financing (Degree) / Sanskrit (Shastri) Colleges of the State under Student Academic Management System (SAMS) is given below. Any changes in the timelines will be published in the newspapers as well as in the website www.samsodisha.gov.in. Kindly refer the Common Prospectus (CP) before filling up the CAF.

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) in the website www.samsodisha.gov.in | 13th Oct. 2022 (11:00 A.M.) |
| 2 | Last date of applying online CAF through www.samsodisha.gov.in | 19th Oct. 2022 (11:45 P.M.) |
| 3 | Publication of First Merit List in SAMS Portal | 27th Oct. 2022 (02:00 P.M.) |
| 4 | Reporting of Applicants at allotted institutions for taking admission | 28th Oct. 2022, 29th Oct. 2022 & 31st Oct. 2022 (5:00 P.M.) |
| 5 | Error Correction and Data updation of applicants selected in Phase-II Selection | 28th Oct. 2022, 29th Oct. 2022 & 31st Oct 2022 (7.00 P.M.) |
| 6 | Filling up of Slide-up Option Form online by admitted students | 28th Oct. 2022 to 1st Nov. 2022 (11:45 P.M.) |
| 7 | Publication of Second Merit List in SAMS Portal | 7th Nov. 2022 (02:00 P.M.) |
| 8 | Reporting of Applicants at allotted institutions for taking admission | 9th Nov.-2022 to 11th No. 2022 (5:00 P.M.) |
| 9 | Data updation of applicants selected in Phase-II Selection | 9th Nov. 2022 to 12th Nov. 2022 (5:00 P.M.) |
| 10 | Collection of Admission Fees at the respective HEIs (After completion of all phases of e-Admission Process for the session 2022-23) | Dates will be notified by the Higher Education Department later |

**For more details please contact: e-Admission Helpline (Toll Free) Number 155335 / 1800-345-6770**

N.B.: Please go through the detailed U.G. Phase-II Guidelines available in U.G. SAMS website (https://samsodisha.gov.in/ DegreeNew/index.aspx)

Sd./- Deputy Director
PTC Section

OIPR-11001/11/0035/2223

## ସଂକ୍ଷେପରେ

### ୪ ମାସ ପରେ ଫେରାର ଅଭିଯୁକ୍ତ ଗିରଫ

**ନାବାଳିକା ଅସଦାଚରଣ ମାମଲା**



**ବଲାଙ୍ଗୀର ଅଫିସ, ୮।୧୦:** ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ କରି ଫେରାର ଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ୪ ମାସ ପରେ ଗିରଫ କରିଛି ପୋଲିସ। ଅଭିଯୁକ୍ତ ହେଲେ ସର୍ଗିବାହାଲି ଗ୍ରାମର ରଙ୍କନିଧି ମହାକୁର (୪୯)। ଗତ ଜୁନ୍ ୧ରେ ଅସଦାଚରଣ କରିଥିବା ନେଇ ନାବାଳିକଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ସେହି ଦିନରୁ ଅଭିଯୁକ୍ତ ଜଣକ ଫେରାର ହୋଇଯାଇଥିଲେ। ପୋଲିସ ଘଟଣା ସମ୍ପର୍କରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ପୁଇଁତଲା ପୋଲିସ ଟିମ୍ କିରଟି ଚୌଧୁରୀଙ୍କ ନେତୃତ୍ୱରେ ଉଲ୍‌ବା ଗ୍ରାମରେ ଚଢ଼ାଉ କରି ଅଭିଯୁକ୍ତ ମହାକୁରଙ୍କୁ ଗିରଫ କରିଥିଲେ। ଶନିବାର ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇ କୋର୍ଟଚାଲାଣ କରାଯାଇଥିବା ସଦର ଏସ୍‌ଡିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି।

### ବିଭିନ୍ନ ଦାବି ନେଇ ଫାର୍ମାସିଷ୍ଟଙ୍କ ଆନ୍ଦୋଳନ ୪୦ ଦିନରେ

**ଖଡ଼ିଆଲ, ୮।୧୦(ଡି.ଏନ.ଏ.):** ବିଭିନ୍ନ ଦାବି ନେଇ ଓଡିଶା ଫାର୍ମାସିଷ୍ଟ ସେବା ସଂଘ ଗତ ସେପ୍ଟେମ୍ବର ଏକ ତାରିଖରୁ କଲାବ୍ୟାଜ୍ ପିନ୍ଧି ଆନ୍ଦୋଳନ କରୁଥିଲା। ଏଥିରେ ସାମିଲ ହୋଇଛନ୍ତି ଖଡ଼ିଆଲ ଅଞ୍ଚଳର ବିଭିନ୍ନ ଡାକ୍ତରଖାନାରେ କାର୍ଯ୍ୟରତ ଫାର୍ମାସିଷ୍ଟ। ସେମାନଙ୍କ ଅଭିଯୋଗ ହେଲା ଅନେକ ସ୍ଥାନରେ କର୍ମଚାରୀ ଅଭାବରୁ ଜଣେ ମାତ୍ର ଫାର୍ମାସିଷ୍ଟ କାମ କରୁଛନ୍ତି। ଫଳରେ ସେମାନେ ଶାରୀରିକ ଓ ମାନସିକ ଭାବରେ ଭାରାକ୍ରାନ୍ତ ହେଉଛନ୍ତି। ତେଣୁ ଅତିଶୀଘ୍ର ଖାଲି ପଡିଥିବା ପଦବୀ ପୂରଣ, ଚାକିରୀ ନିୟମିତ ହେବାର ଦୁଇ ବର୍ଷ ପରେ ସମସ୍ତଙ୍କୁ ପିବି ଦୁଇ ଜିପି ୪୨୦୦ ଟଙ୍କା ପ୍ରଦାନ, ପଦୋନ୍ନତି ପରେ ସିନିୟର ଫାର୍ମାସିଷ୍ଟଙ୍କୁ ନିଜ ଜିଲାରେ ନିଯୁକ୍ତି, ଫାର୍ମାସିଷ୍ଟ ବଦଳରେ ଫାର୍ମାସିଷ୍ଟ ଅଫିସର କୁହାଯିବା, ଫାର୍ମାସିଷ୍ଟ କ୍ୟାଡ଼ର ରେଜିଲେଶନ ୧।୧।୨୦୧୬ ବଦଳରେ ୨୪।୮।୧୩ ଠାରୁ ଲାଗୁ କରିବା ଭଳି ଦାବି କରିଛନ୍ତି।

### ୨୫ ବର୍ଷରେ ପଦାର୍ପଣ କଲା ରିଞ୍ଜା ଗଜଲକ୍ଷ୍ମୀ ପୂଜା

**କର୍ଲାମୁଣ୍ଡା,୮।୧୦ (ଡି.ଏନ.ଏ.):** କର୍ଲାମୁଣ୍ଡା ବ୍ଲକ ରିଞ୍ଜା (ବସ୍ତି) ଠାରେ ଗଜଲକ୍ଷ୍ମୀ ପୂଜା ପାଇଁ ଶନିବାର କଳସଯାତ୍ରା ଆରମ୍ଭ ହୋଇଛି। ପୂଜା କମିଟି ନେତୃତ୍ୱରେ ମହିଳା ପୁରୁଷ ଉତେଇନଦୀ ଠାରୁ କଳସରେ ପାଣି ନେଇ ପୂଜା ମଣ୍ଡପଠାରେ ପହଞ୍ଚି ଥିଲେ। ରବିବାରରୁ ମଙ୍ଗଳବାର ସୁନ୍ଦରାକାଣ୍ଡ ପାରାୟଣ ହେବ। ଏଥିରେ ପାରାୟଣ ଗାୟିକା ସୁଶ୍ରୀ ପ୍ରାପ୍ତି ଆଚାର୍ଯ୍ୟ , ପୂଜକ ସୁଧାଂଶୁ ଷଡଙ୍ଗୀ ଓ ଯଜ୍ଞ କର୍ତ୍ତା ଭାବେ ନୀଳମଣି ସାହୁ ଓ ତାଙ୍କ ସ୍ତ୍ରୀ ଲିଳାବତୀ ସାହୁ ରହିଛନ୍ତି। ଏଥର ପୂଜା ୨୫ ବର୍ଷରେ ପଦାର୍ପଣ କରୁଥିବାରୁ ଗ୍ରାମବାସୀ ଓ କର୍ମକର୍ତ୍ତାଙ୍କ ମନରେ ଉତ୍ସାହ ଦେଖାଦେଇଛି।

# ଅବହେଳିତ ଅବସ୍ଥାରେ ୪ ଗ୍ରାମାଞ୍ଚଳ ରାସ୍ତା

**ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଉନ୍ନତୀକରଣ ଦାବି**

**ଲୋଇସିଂହା, ୮।୧୦(ଡି.ଏନ୍.ଏ.)**



ବିପର୍ଯ୍ୟସ୍ତ ଅବସ୍ଥାରେ ଥିବା ଛେଲବହାଲ-କୁମୁଣ୍ଡେ ରାସ୍ତା।

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେତେକ ଗ୍ରାମାଞ୍ଚଳ ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡିଛି । ଲୋକେ କଚାରାସ୍ତାରେ ଯାତାୟାତ କରୁଛନ୍ତି। ବର୍ଷାଦିନେ ସମସ୍ୟା ସଙ୍ଗୀନ ହେଉଛି। ଅପରପକ୍ଷେ ପଞ୍ଚାୟତ ପକ୍ଷରୁ ଏସବୁ ରାସ୍ତାରେ ପ୍ରତିବର୍ଷ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ନାମକୁ ମାତ୍ର ମୋରମ ବିଛାଇ କାମ ସାରି ଦିଆଯାଉଛି। ଏସବୁ ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ସାମିଲ କରିବାକୁ ଦାବି ହେଉଛି।

ବୁର୍ଡା ପଞ୍ଚାୟତ ସଦର ଗାଁ ବୁଧୁମୁଣ୍ଡା ଦେଇ ଆଗାଲପୁର ବ୍ଲକ ନଅଗାଁ(ଖ)କୁ ଏକ ମାଟି ରାସ୍ତା ରହିଛି। ୧୫ ବର୍ଷ ତଳେ ପଞ୍ଚାୟତ ପକ୍ଷରୁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ମାଟି ପକାଇ ରାସ୍ତା ଉନ୍ନତୀକରଣ କରାଯାଇଥିଲା। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରେ ଜିଲା ପରିଷଦ ପାଣ୍ଠିରୁ ଅଳ୍ପ କଂକ୍ରିଟକରଣ କରାଯାଇଛି । ମାତ୍ର ନିମ୍ନମାନର କାମ ଯୋଗୁ ଅଳ୍ପଦିନରେ ଏଡି ରାସ୍ତା ଶୋଚନୀୟ ହୋଇ ପଡିଛି। ସେହିପରି ବାଦିବାହାଲ ପଞ୍ଚାୟତ ଯୋଗୀସର୍ଡା କଲେଜ ଛକରୁ ଭାଲିଆମୁଣ୍ଡା ରାସ୍ତା ତଦ୍ରୁପ । ୨୦୨୨-୨୩ ଆର୍ଥିକ ବର୍ଷରେ ଉକ୍ତ ରାସ୍ତାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମକୁ ନେଇ ଗାଁ ସାଥୀ ଓ ଯୁବଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ । ପରବର୍ତ୍ତୀ ସମୟରେ ଏହି କାମ ତ୍ୱରାନ୍ୱିତ କରାଯାଇଥିଲା । ପାର୍ଶ୍ୱଜମିରୁ ମାଟି ଉଠାଇ ରାସ୍ତାରେ ପକାଯାଇଥିଲା। ବର୍ଷାଦିନରେ କର୍ଦ୍ଦମାକ୍ତ ହୋଇ ଯାତାୟାତ ଅନୁପଯୋଗୀ ହୋଇପଡିଛି । ପଞ୍ଚାୟତର ଅଗଲାପାଲି, ଭାଲିଆମୁଣ୍ଡା ଗ୍ରାମବାସୀ ପଞ୍ଚାୟତ ମୁଖ୍ୟାଳୟକୁ ଯିବାକୁ ହଟହଟା ହେଉଛନ୍ତି। ସେହିପରି ଯୋଗୀସର୍ଡା ପଞ୍ଚାୟତର କେଉଁଟପାଲିରୁ ଛେଲବାହାଲ ପୋଖରୀ ହୁଡା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକ ରାସ୍ତା ହୋଇଛି । ହେଲେ ଛେଲବାହାଲ ପୋଖରୀ ହୁଡା ବସ୍ତି ଦେଇ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କୁମୁଣ୍ଡେକୁ ଏକ ରାସ୍ତା ସଂଯୋଗୀକରଣ ରହିଛି । ବ୍ଲକ ଓ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଉକ୍ତ ରାସ୍ତା ବର୍ଷବର୍ଷ ହେଲା ଅବହେଳିତ ହୋଇ ପଡିଛି । ସେହିପରି ଆଗଲପୁର ବ୍ଲକ ନଅଗାଁ(ଖ) ପଞ୍ଚାୟତ ସଦର ଗାଁର ବାଟମଙ୍ଗଳା ଦେଇ ବସ୍ତିକୁ ଯାଇଥିବା ମାଟି ରାସ୍ତା ଅବହେଳିତ ହୋଇ ପଡିଛି। ଜିଲା ପ୍ରଶାସନ, ଗ୍ରାମ୍ୟ ଉନ୍ନୟନ ବିଭାଗ ଏବଂ ସ୍ଥାନୀୟ ବିଧାୟକ ଅବହେଳିତ ଅବସ୍ଥାରେ ଥିବା ଉକ୍ତ ୪ ପ୍ରମୁଖ ରାସ୍ତାର ଉନ୍ନତୀକରଣ କରିବାକୁ ସାଧାରଣରେ ଦାବି ହେଉଛି ।

# ଓଡ଼ିଶା ସିଭିଲ ସର୍ଭିସରେ ସଫଳତା

## ୨୩୯ ର୍‍ୟାଙ୍କରେ ସୁଧୀର ନନ୍ଦ

**ଲୋଇସିଂହା, ୮।୧୦(ଡି.ଏନ.ଏ)**



ଓଡିଶା ସିଭିଲ ସର୍ଭିସ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି । ଏଥିରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ କେଉଁଟପାଲି ଗ୍ରାମର ସୁଧୀର କୁମାର ନନ୍ଦ ୨୩୯ ର୍‍ୟାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ମା ଝରଣା, ବାପା ଝାରୁଲାଲ ନନ୍ଦଙ୍କ ସାନପୁଅ ସୁଧୀର । ପ୍ରାଥମରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ତାଙ୍କର ଟିଟିଲାଗଡରେ ସରିଥିଲା। ୨୦୧୯ରେ ଭୁବନେଶ୍ୱରଠାରେ ସିଭିଲ ଇଞ୍ଜିନିୟରିଂ ସାରି ଦିଲ୍ଲୀରେ ଆଇଏଏସ ପ୍ରସ୍ତୁତି କରୁଥିଲେ । କୋଭିଡ ଯୋଗୁ ଗାଁକୁ ଫେରି ଆସି ୨୦୨୦ ଓଡିଶା ସିଭିଲ ସର୍ଭିସ ପରୀକ୍ଷା ଦେଇଥିଲେ । ପ୍ରଥମ ସୁଯୋଗରେ ସେ ଏହି ସଫଳତା ହାସଲ କରିଛନ୍ତି । ଏହି ସଫଳତାକୁ ନେଇ ଗ୍ରାମରେ ଖୁସିର ଲହରୀ ଖେଳି ଯାଇଛି । ଭାରତୀୟ ପ୍ରଶାସନିକ ସେବା ପରବର୍ତ୍ତୀ ଲକ୍ଷ୍ୟ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ସୁଧୀର।

## ୨୭୮ ର୍‍ୟାଙ୍କରେ ମଣ୍ଟୁ ଖମାରି

**ମୁରିବାହାଲ, ୮।୧୦(ଡି.ଏନ.ଏ.)**



ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ବଡ଼ସାଇମରା ପଞ୍ଚାୟତ ଅନ୍ତର୍ଗତ ଟେଙ୍ଗେରା(ଶାନ୍ତି ନଗର)ର ମଣ୍ଟୁ ଖମାରି ଓଡ଼ିଆ ସିଭିଲ ସର୍ଭିସ(ଓଏଏସ) ପରୀକ୍ଷାରେ ୨୭୮ ର୍‍ୟାଙ୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୦୧୯ରେ ପ୍ରଥମ ଥର ପାଇଁ ପ୍ରିଲିମିନାରୀ ଦେଇଥିଲେ ମଧ୍ୟ ପାସ୍ କରି ପାରି ନ ଥିଲେ। ଦ୍ୱିତୀୟ ଥର ପରୀକ୍ଷା ଦେଇ ସେ ଏହି ସଫଳତା ହାସଲ କରିଛନ୍ତି। ବର୍ତ୍ତମାନ ରାଜ୍ୟ ପଞ୍ଚାୟତିରାଜ ବିଭାଗରେ ମଣ୍ଟୁ ଏଏସଓଭାବେ କାର୍ଯ୍ୟ କରୁଛନ୍ତି। ସେ ଭବାନୀପାଟଣାରେ ମାଟ୍ରିକ, ଯୁକ୍ତ ୨ଓ ୩ ଭୁବନେଶ୍ୱର କିଟ୍‌ସରେ ପଢିଥିଲେ। ମୁରିବାହାଲ ଅଞ୍ଚଳର ପ୍ରଥମ ଆଦିବାସୀ ଯୁବକଭାବେ ମଣ୍ଟୁ ଏହି ସଫଳତା ପାଇଥିବାରୁ ବିଭିନ୍ନ ସଙ୍ଗଠନ ତରଫରୁ ଶୁଭେଚ୍ଛା ଜଣାଇଛନ୍ତି।

# ସଚେତନତା ରାଲି, ପଥପ୍ରାନ୍ତ ସଭା



ବନ ସୁରକ୍ଷା ସଚେତନତା ବାଇକ ରାଲିର ଶୁଭାରମ୍ଭ କରାଯାଉଛି।

**ଖପ୍ରାଖୋଲ, ୮।୧୦(ଡି.ଏନ.ଏ.)**

- ଖପ୍ରାଖୋଲରେ ବନ୍ୟପ୍ରାଣୀ ସପ୍ତାହ ପାଳିତ
- ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଶପଥ ପାଠ

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ରେଞ୍ଜ ତରଫରୁ ବନ୍ୟପ୍ରାଣୀ ସପ୍ତାହ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଖପ୍ରାଖୋଲ ବନବିଭାଗ କାର୍ଯ୍ୟାଳୟଠାରୁ ବାହାରି ଥିବା ବାଇକ ଶୋଭାଯାତ୍ରାକୁ ହରିଶଙ୍କର ରେଞ୍ଜ ଅଧିକାରୀ ଗିରଧାରୀ ନାଗ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ବଡ଼ଗୁର୍ଜିଭଟା, ଘୁନସର, ପୁଟକେଲଚୁଆଁ, ରେଙ୍ଗାଲି, ଖୁରିପାଣି, ସାପମୁଣ୍ଡ, ତେଲେନପାଲି, ବଲିଆବାହାଲ, ଜୁନାନୀବାହାଲ, ଡୁଡୁମଦର୍ହା, କନ୍ଦ୍ରାଭଟା, ନାନ୍ଦୁପଲା, ତୁର୍ଲା, ଝାକରପାଲି, ବୁରୋମାଲ, ଚାବରିପାଲି, ଭାନପୁର, ବ୍ରାହ୍ମଣୀ ଗାଁ ପରିକ୍ରମା କରିଥିଲା। ଶୋଭାଯାତ୍ରା କାଳରେ ବନ୍ୟପ୍ରାଣୀ ସୁରକ୍ଷା ଉପରେ ସଚେତନତା ବାର୍ତ୍ତା ସହ ପଥପ୍ରାନ୍ତ ସଭା ଆୟୋଜିତ ହୋଇଥିଲା। ପରେ ଏକ ଉଦ୍‌ଯାପନୀ ସଭା ରେଞ୍ଜ ଅଧିକାରୀ ନାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଖପ୍ରାଖୋଲ ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ସୁଜିତ ଶତପଥୀ, ମୁଖ୍ୟବକ୍ତା ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସୁରକ୍ଷା ଆୱାଡି ଅଭୟ ତ୍ରିପାଠୀ, ସମ୍ମାନିତ ଅତିଥି ପରିବେଶ କର୍ମୀ ଗୁପ୍ତେଶ୍ୱର କୁଅଁର, ହରିଶଙ୍କର ବନପାଳ ସନ୍ଧ୍ୟାରାଣୀ ସେଠ, ଧଣ୍ଡାମୁଣ୍ଡା ବନପାଳ ଅରବିନ୍ଦ ଧରୁଆ, ରେଙ୍ଗାଲି ବନପାଳ ଘାସିରାମ ଦୀକ୍ଷିତ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବନ୍ୟପ୍ରାଣୀ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଏଡି ଅବସରରେ ଶପଥ ପାଠ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବନରକ୍ଷୀ ମହେନ୍ଦ୍ର କାଳ ସାଏ, ମିଥୁନ ମିର୍ଦ୍ଧା, ସଞ୍ଜୀବ ପଧାନ, ପିତାମ୍ବର ମାଝି, ରାଜେନ୍ଦ୍ର ଧରୁଆ, ବିଶ୍ୱଜିତ ପଧାନ, ଅଶୋକ ବାଗ, ଜ୍ୟୋତି ରଞ୍ଜନ ପଣ୍ଡା, ତାପସ ରଞ୍ଜନ ବେହେରା, ଗଣେଶ ଦାସ, ଭୋଜରାଜ ବରିହା ସମେତ ବନସୁରକ୍ଷା ସମିତି ସଦସ୍ୟ, ପରିବେଶ ପ୍ରେମୀ, ବନ କର୍ମଚାରୀ ଉପସ୍ଥିତ ଥିଲେ।

# ନୂଆପଡ଼ା ଜିଲା ସମାଜବାଦୀ ପାର୍ଟିର ପ୍ରସ୍ତୁତି ବୈଠକ

**ଖଡ଼ିଆଲ,୮।୧୦(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ଦେଓବାହାଲ ଆମ୍ବ ବଗିଚା ଠାରେ ବେଣୁଧର ଗହୀରଙ୍କ ସଭାପତିତ୍ୱରେ ସମାଜବାଦୀ ପାଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଦଳକୁ ମଜଭୁତ କରିବା ସହ ଆଗାମୀ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିବା। ଏହି ବୈଠକରେ ଓଡିଶା ରାଜ୍ୟ ସଭାପତି ଲୋହିଆ ବାହିନୀ ଯୋଗଦେଇଥିବାବେଳେ ଜିଲା ସଭାପତି ଗଙ୍ଗାରାମ ବନ୍ଦୀଛୋର ସମାଜବାଦୀ ପାର୍ଟିର ଆଭିମୁଖ୍ୟ ଉପରେ ବୁଝେଇଥିଲେ। ଏହି ପ୍ରସ୍ତୁତି ବୈଠକରେ ନୂଆପଡା ଜିଲା ସଭାପତି ବେଣୁଧର ଗହୀର, ରାଜ୍ୟ ସଭାପତି ଲୋହିଆ ବାହିନୀ, ଗଙ୍ଗାରାମ ବନ୍ଦୀଛୋର, ଜିଲା ଉପସଭାପତି କାହ୍ନୁଚରଣ ଜଗତ, ସଭାପତି ତୁଳସୀ ଆଡବଙ୍ଗ, ଜିଲା ଯୁଥ ସଭାପତି ବୁଧାରୁ ବିହାରୀ, ରାଜ୍ୟ ଲୋହିଆ ବାହିନୀ ଉପସଭାପତି ରମେଶ ପୁଞ୍ଜି, ଜିଲା ଆଦିବାସୀ ମୋର୍ଚ୍ଚା ସଭାପତି ମନୁ ଶବର, ଜିଲା ଲୋହିଆ ବାହିନୀ ସଭାପତି ଆକାଶ ଜଗତ, ରାଜ୍ୟ ସଦସ୍ୟ ତେଜମୋହନ ତାଣ୍ଡି ବୈଠକରେ ଯୋଗଦେଇଥିଲେ।

# ସମ୍ପନ୍ନ ହେଲା ଜରାସିଂହା ପାଟଖଣ୍ଡା ଯାତ୍ରା

**ଦେଓଗାଁ, ୮।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହାଠାରେ ଚାଲିଥିବା ପାଟଖଣ୍ଡା ଯାତ୍ରା ସମାପନ ହୋଇଛି । ଗତ ଚାରି ଦିନ ଧରି ଚାଲିଥିବା ଯାତ୍ରାରେ ଭକ୍ତଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା । ଶୁକ୍ରବାର ରାତିରେ ନିଶିଗୁଡି ପୂଜା ସରିବା ପରେ ଶନିବାର ଯାତ୍ରା ହୋଇଥିଲା। ଏହି ଯାତ୍ରାରେ ଅନେକ ମାନସିକଧାରୀ ମାନସିକ କରିଥିବା ଦେଖିବାକୁ ମିଳିଥିଲା। ଶନିବାର ଅପରାହ୍ନରେ ଜରାସିଂହା ଜମିଦାର ଦୁର୍ଗାପ୍ରସାଦ ସିଂଦେଓଙ୍କ ନେତୃତ୍ୱ ୩୨ଦେହୁରୀଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ମୁଖ୍ୟ ବରୁଆ ସନ୍ତୋଷ ଥନାପତିଙ୍କ ସହ ବରୁଆ ବୁଡୁ ପତ୍ରିମାଲି, ଶଙ୍କର ସିଂ ବାବୁ, ରଘୁନାଥ ଝାଙ୍କର, ବେଣୁ ଦଣ୍ଡସେନା, ହେମନ୍ତ ଦିଗାଲ, ଶତ୍ରୁଘ୍ନ ଦଣ୍ଡସେନା, ରାଜ ଦଣ୍ଡସେନା, ମନୋଜ ସାହୁ, ଶ୍ରୀବଚ୍ଛ ସାହୁ ଦେବୀ ପୂଜାରେ ସହଯୋଗ କରିଥିଲେ । ଏହି ଯାତ୍ରାକୁ ଜରାସିଂହା ବିଏନଏନଏ କମିଟି ଓ ଗ୍ରାମବାସୀ ସହଯୋଗ କରିଥିଲେ ।

# ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ କଳସଯାତ୍ରା



ଗଜଲକ୍ଷ୍ମୀ ପୂଜା ଅବସରରେ ବାହାରିଥିବା କଳସ ଶୋଭାଯାତ୍ରା ।

**ଦେଓଗାଁ, ୮।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବନ୍ଧ ପଞ୍ଚାୟତ ଅନ୍ତର୍ଗତ କରୁଆଁଝରେ ଗ୍ରାମରେ ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଶନିବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗତ ତିନିଦିନ ଧରି ହେବାକୁ ଥିବା ପୂଜାରେ କର୍ତ୍ତାଭାବେ ସୁରେଶ ଚନ୍ଦ୍ର ଭୋଇ ଓ ତାଙ୍କ ଧର୍ମପତ୍ନୀ ରଶ୍ମିତା ଭୋଇ ଏବଂ ପ୍ରହରୀ ପୂଜାକର୍ତ୍ତା ଭାବେ ଜନତା ମହାଲିଂ ଓ ସ୍ତ୍ରୀ ଝରଣା ମହାଲିଂ ଦାୟିତ୍ୱ ତୁଲାଇବେ। ସେହିପରି ବଡବନ୍ଧ ଗଜଲକ୍ଷ୍ମୀ ପୂଜାରେ କର୍ତ୍ତାଭାବେ ଭବନୀ ଶଙ୍କର ବଗର୍ତ୍ତି ଓ ତାଙ୍କ ଧର୍ମପତ୍ନୀ ସସ୍ମିତା ବଗର୍ତ୍ତି ଦାୟିତ୍ୱ ଚଳାଉଛନ୍ତି ।

# ଶ୍ରମିକଙ୍କ ବୋନସ୍ ଟଙ୍କା ହଡ଼ପ ଅଭିଯୋଗ

**ଲାଠୋର, ୮।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲାଠୋର ଥାନା ଘୁନସର ଗ୍ରାମର ଶ୍ରମିକମାନଙ୍କ ନାମରେ ଜମା ହୋଇଥିବା ବୋନସ ଟଙ୍କାକୁ ଜଣେ ଯୁବକ ହଡ଼ପ କରି ନେଇଛନ୍ତି। ଏ ନେଇ ଶ୍ରମିକ ଟଙ୍କଧର ସ୍ୱାଇଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏପ୍ରିଲରୁ ଜୁଲାଇ ପର୍ଯ୍ୟନ୍ତ ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାମ କରିଥିବା ଶ୍ରମିକମାନଙ୍କୁ ଉତ୍ସାହିତ କରିବା ପାଇଁ କେନ୍ଦ୍ର ସରକାର ଏକ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରି ବୋନସ୍ ଆକାରରେ ପ୍ରଦାନ କରୁଛନ୍ତି। ସେହିକ୍ରମରେ ଘୁନସର ଗ୍ରାମର ଅନେକ ଶ୍ରମିକଙ୍କ ବ୍ୟାଙ୍କ ପାସ୍‌ବୁକରେ ଚଳିତ ବର୍ଷ ବୋନସ ଟଙ୍କା ଜମା ହୋଇଥିଲା। ଏହାକୁ ଝାଙ୍କ୍ରିପାଲି ଗ୍ରାମର ଜଣେ ବ୍ୟକ୍ତି ଚିନାରାମ ସ୍ୱାଇଁଙ୍କ ପାସ୍‌ବହିରୁ ୪୩୦୦, ଜାଗେ ସ୍ୱାଇଁଙ୍କ ୫୭୦୦, ଟଙ୍କଧର ସ୍ୱାଇଁଙ୍କ ୭୮୦୦ ଏବଂ ଆଉ ଜଣେ ମହିଳା ଶ୍ରମିକଙ୍କଠାରୁ ୧୨୦୦ ଟଙ୍କା ଏହିପରି ମୋଟ ୧୯, ୦୦୦ ଟଙ୍କା ଉଠାଇ ନେଇଛନ୍ତି। ଶ୍ରମିକମାନେ ପଚାରିଲେ ଏହା ତୁମ ବୋନସ୍ ଟଙ୍କା ନୁହେଁ, ମୋ ଜମି ଉନ୍ନତୀ କରଣ ଟଙ୍କା କହି ଚାଲି ଯାଇଥିଲେ। ଅନ୍ୟନୋପାୟ ହୋଇ ଶ୍ରମିକ ଟଙ୍କଧର ସ୍ୱାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ଲାଠୋର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ଉଭୟ ପକ୍ଷକୁ ଶୁକ୍ରବାର ଥାନାକୁ ଡ଼ାକିଥିଲେ। ଉଭୟ ପକ୍ଷ ଥାନାକୁ ଆସି ଏକ ବୁଝାମଣା ପତ୍ର ପ୍ରଦାନ କରିଥିବା ଥାନା ଅଧିକାରୀ ଝସକେତନ ଭୋଇ କହିଛନ୍ତି। ଅଭିଯୋଗ କରିଥିବା ଶ୍ରମିକମାନେ ସିନା ବୁଝାମଣା କଲେ, ହେଲେ ଟଙ୍କା ହରାଇଥିବା ଅନ୍ୟମାନଙ୍କ ଟଙ୍କା କିଏ ପ୍ରଦାନ କରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏହାର ବିଧବଦ୍ଧ ତଦନ୍ତ କଲେ ସତ୍ୟାସତ୍ୟ ସାମନାକୁ ଆସିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ଯନ୍ତ୍ରଣାରେ ଛଟପଟ ୮ ବର୍ଷର ବାଳକ

**ଲୋଇସିଂହା, ୮।୧୦(ଡି.ଏନ.ଏ)**

- ମେରୁଦଣ୍ଡ ରୋଗରେ ପୀଡ଼ିତ ରାକେଶ
- ଜମିବାଡି ବିକି ଚିକିତ୍ସା କଲେ ବି ଉପଶମ ହେଉନି
- ବିଜୁ ସ୍ୱାସ୍ଥ୍ୟକାର୍ଡର ଉପଯୋଗ କରି ପାରୁ ନାହାନ୍ତି



ମା'ବାପାଙ୍କ ସହ ରାକେଶ ଜୁଏଡ।

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ପଞ୍ଚାୟତ ଅନ୍ତର୍ଗତ ସାନଟିକା ଗାଁର ରାକେଶ ଜୁଏଡ । ୮ ବର୍ଷର ଏହି ବାଳକ ଜନ୍ମରୁ ମେରୁଦଣ୍ଡ ସମସ୍ୟା ଜନିତ ରୋଗରେ ପୀଡିତ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ତାଙ୍କର ଚିକିତ୍ସା କରାଇଛନ୍ତି। ବରଗଡ ଜିଲା ନୃସିଂହନାଥ ଆୟୁର୍ବେଦ ମେଡିକାଲ କଲେଜରେ ଚିକିତ୍ସା ପରେ ରାକେଶଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିଥିଲା । ହେଲେ ମାସକୁ ୨୦ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଥିଲା । ହେଲେ ଅର୍ଥାଭାବରୁ ଗତ ୨ବର୍ଷ ହେବ ତାଙ୍କ ଚିକିତ୍ସା ବନ୍ଦ ହୋଇଯାଇଛି । ବିଜୁ ସ୍ୱାସ୍ଥ୍ୟକାର୍ଡ ଥିଲେ ବି ଏହାର ସେ ଉପଯୋଗ କରି ପାରୁ ନାହାନ୍ତି। ବାହାରକୁ ନେଇ ଏହି କାର୍ଡର ଉପଯୋଗ କରିବାକୁ ବି ଗରିବ ମା'ବାପାଙ୍କ ପାଖରେ ଟଙ୍କା ନାହିଁ। ଏବେ ପୁଅର ସ୍ୱାସ୍ଥ୍ୟବସ୍ଥାକୁ ନେଇ ରାକେଶଙ୍କ ବାପା ନେହେରୁ ଜୁଏଡ ଓ ମା ବିଳାସିନୀ ଭାଙ୍ଗି ପଡିଛନ୍ତି। ୨୦୧୬ମସିହାରେ ବିଳାସିନୀ ଓ ନେହେରୁଙ୍କ କୋଳ ମଣ୍ଡନ କରିଥିଲେ ରାକେଶ । ଘରେ ସମସ୍ତେ ଖୁସି ହୋଇ ଯାଇଥିଲେ। ହେଲେ ଜନ୍ମରୁ ତାଙ୍କ ମେରୁଦଣ୍ଡରେ ସମସ୍ୟା ଥିବା ପରୀକ୍ଷା ନିରୀକ୍ଷା ପରେ ଜଣା ପଡିଥିଲା। ଜୁଏଡ ଦମ୍ପତି ବଲାଙ୍ଗୀର, ବୁର୍ଲା ଓ ବିଶାଖାପାଟଣ ନେଇ ପୁଅର ଚିକିତ୍ସା କରାଇଥିଲେ। ଏପରିକି ଅଧଏକର ଜମି ତାଙ୍କୁ ବିକ୍ରି କରିବାକୁ ପଡିଥିଲା। ପରେ ଖର୍ଚ୍ଚ ଅଧିକ ବଢିଯିବାରୁ ଅନ୍ୟ ଅଢେଇ ଏକର ଜମି ବନ୍ଧକ ପକାଇବାକୁ ପଡିଛି। ଏସବୁ ସତ୍ତ୍ୱେ ରୋଗ ଉପଶମ ହେଉନାହିଁ। ଏବେ ସର୍ବସ୍ୱ ହରାଇଥିବା ମା'ବାପ ପୁଅର ଚିକିତ୍ସା କରାଇ ପାରୁନାହାନ୍ତି। ଏପଟେ ଗାଁ ସ୍କୁଲରେ ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ରାକେଶଙ୍କ ପାଠପଢାରେ ଏକରକମ ଡୋରି ବନ୍ଧା ହୋଇଛି। ଜିଲା ପ୍ରଶାସନ ରାକେଶଙ୍କ ଚିକିତ୍ସା ପାଇଁ ଆଗେଇ ଆସିବାକୁ ନେହେରୁ ଓ ବିଳାସିନୀ ଅନୁରୋଧ କରିଛନ୍ତି।

# ଟିଟିଲାଗଡ଼ର ୧୬ ପ୍ରତିଯୋଗୀଙ୍କୁ ମେଡାଲ

**ରାଜ୍ୟସ୍ତରୀୟ କ୍ୱାନକିଡୋ ଚାମ୍ପିୟନଶିପ**

**ଟିଟିଲାଗଡ଼, ୮।୧୦(ଡି.ଏନ.ଏ.)**




କୃତୀ ପ୍ରତିଯୋଗୀଙ୍କ ଗହଣରେ ପ୍ରଶିକ୍ଷକ ଓ କର୍ମକର୍ତ୍ତା।

ରାଉରକେଲାସ୍ଥିତ ଦୀପିକା ଇଂରାଜୀ ସ୍କୁଲ ପରିସରରେ ତୃତୀୟ ରାଜ୍ୟସ୍ତରୀୟ କ୍ୱାନକିଡୋ ପ୍ରତିଯୋଗିତାରେ ଟିଟିଲାଗଡ଼ର ପ୍ରଶିକ୍ଷକ ରାଜେଶ ଛୁରାଙ୍କ ନେତୃତ୍ୱରେ ବାଳିକା, ବାଳକ ଯୋଗଦେଇ କୃତିତ୍ୱ ହାସଲ କରିଛନ୍ତି। ୮ରୁ ୧୦ ବର୍ଷ ବାଳିକା ବିଭାଗରେ ଅନଭି କୁମାରୀ ବ୍ରୋଞ୍ଜ, ୧୦ରୁ ୧୨ ବର୍ଷରେ ସୁପ୍ରିତା ସିହ୍ନା ଗୋଲଡ଼, ୧୩ରୁ ୧୫ ବର୍ଷରେ ଦେବାଂଶୀ ସାହୁ ଗୋଲଡ଼, ବବିତା ସାହୁ ସିଲଭର, ଦୋଳେଶ୍ୱରୀ ଛୁରା ସିଲଭର ଏବଂ ୧୫ରୁ ୧୭ ବର୍ଷରେ ପ୍ରଜ୍ଞାପାରମିତା ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ବାଳକ ବିଭାଗ ୮ରୁ ୧୦ ବର୍ଷରେ ରାହୁଲ ସେନାପତି ବ୍ରୋଞ୍ଜ, ୧୦ରୁ ୧୨ବର୍ଷରେ ନୀତିଶ ବାଗ ଗୋଲଡ଼, ଆରୟନ ମାଝି ସିଲଭର, ପ୍ରତୀକ କୁମାର ବ୍ରୋଞ୍ଜ, ୧୩ରୁ ୧୫ ବର୍ଷରେ ପି. ସାଇ ସାବକ ସିଲଭର, ହର୍ଷିତ କୌଶଳ ସିଲଭର, ଅଭିନ ବର୍ମା ସିଲଭର, ସଂକଳ୍ପ ପଟ୍ଟନାୟକ ବ୍ରୋଞ୍ଜ ପାଇଥିଛନ୍ତି। ସେହିପରି ୧୫ରୁ ୧୭ବର୍ଷରେ ଡ଼ି.ସି.ହୁଙ୍ଗରିଶ ହିଆଲ ବ୍ରୋଞ୍ଜ ଓ ରମାକାନ୍ତ ମିଶ୍ର ବ୍ରୋଞ୍ଜ ପଦକ ପାଇଛନ୍ତି। ବ୍ଲାକବେଲ୍ଟରେ ସୋମ୍ୟରଞ୍ଜନ ଛୁରା ଓ ମହେଶ ଛୁରା ସିଲଭର ମେଡାଲ ପାଇଛନ୍ତି। କୃତି ପ୍ରତିଯୋଗୀମାନଙ୍କୁ ସଭାପତି ପ୍ରମୋଦ ବଳବନ୍ତରାୟ, ଉପସଭାପତି ଜ୍ୟୋତି ପ୍ରକାଶ ଗଡ଼ତିଆ ଓ ସମ୍ପାଦକ ଉମାକାନ୍ତ ଷଡ଼ଙ୍ଗୀ ଅଭିନନ୍ଦନ ଜଣାଇଛନ୍ତି।

**ଜାଙ୍ଗେଡ ଗ୍ରାମରେ ସ୍ୱଚ୍ଛ ଭାରତ ଅଭିଯାନ**

ଜାମଟିକ୍ରା,(ଡି.ଏନ.ଏ.): ବରଗଡ଼ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଅତାବିରା ବ୍ଲକ ଅଧୀନ ଜାଙ୍ଗେଡ ଗ୍ରାମରେ ଶନିବାର ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ୱେଚ୍ଛାସେବୀମାନେ ପରିବେଶ ସୁରକ୍ଷା ଉପରେ ଲୋକମାନଙ୍କୁ ବୁଝାଇଥିଲେ। ସ୍ୱେଚ୍ଛାସେବୀ ମୁନା ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଇଲେଭେନ ଷ୍ଟାର୍ ଆଥ୍ଲେଟିକ ଆସୋସିଏଶନର ୨୫ଜଣ ଯୁବକ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ୪୦ ହଜାର ଟଙ୍କା ନେଇ ମାଇକ୍ରୋ ଫାଇନାନ୍ସ କର୍ମଚାରୀ ଫେରାର

**ବରପାଲି,୮।୧୦(ଡି.ଏନ.ଏ.):** ବରଗଡ଼ ଜିଲା ବରପାଲି ଅଞ୍ଚଳରେ ଥିବା ଅଧିକାର ମାଇକ୍ରୋ ଫାଇନାନ୍ସ କମ୍ପାନୀର ଜଣେ କର୍ମଚାରୀ ଗ୍ରାହକଙ୍କଠାରୁ ଆଦାୟ କରିଥିବା ୪୦ ହଜାର ଟଙ୍କା ନେଇ ଶୁକ୍ରବାର ସନ୍ଧ୍ୟାରୁ ଫେରାର ହୋଇଯାଇଛନ୍ତି। ଏ ନେଇ ଶାଖାର ଆସିଷ୍ଟାଣ୍ଟ ଏରିଆ ମ୍ୟାନେଜର ଉତ୍ତମ ସା ବରପାଲି ଥାନାରେ ଅଭିଯୋଗ କରିବା ପରେ ପୋଲିସ ତନାଘନା ଆରମ୍ଭ କରିଛି। ଅଭିଯୋଗ ଅନୁସାରେ, ଭଟଲି ଥାନା ସରଧାପାଲି ଗ୍ରାମର ଉକ୍ତ କର୍ମଚାରୀ ଜଣଙ୍କ ଏହି ଶାଖାରେ କ୍ରେଡିଟ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ସେ ଶୁକ୍ରବାର ରାମପୁର ନିକଟସ୍ଥ ଭବାନୀପାଲି, ବରପାଲି କପିଳେଶ୍ୱର ନଗର, ଟିଙ୍ଗିପାଲି ଗ୍ରାମର ଗ୍ରାହକମାନଙ୍କ ଠାରୁ ୪୦ ହଜାର ୮୫ ଟଙ୍କା ଆଦାୟ କରି ସନ୍ଧ୍ୟା ସୁଦ୍ଧା ଶାଖାକୁ ଫେରି ନ ଥିଲେ। ବ୍ୟାଙ୍କ ଶାଖାରୁ ତାଙ୍କୁ ଫୋନ ଯୋଗେ ସମ୍ପର୍କ ପାଇଁ ଚେଷ୍ଟା କରିବାରୁ ତାଙ୍କର ଦୁଇଟି ଯାକ ଫୋନ ସ୍ୱିଚ୍ ଅଫ୍ ଥିଲା। ତେଣୁ ଶନିବାର ସକାଳେ ଏହି ଘଟଣା ନେଇ ମାଇକ୍ରୋ ଫାଇନାନ୍ସ ଶାଖା ବରପାଲି ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ହେଲ୍ପ ଟୁ ଅଦର ପରିବାର ସମ୍ବର୍ଦ୍ଧିତ

**ବିନିକା,୮ ।୧୦(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବିନିକାର ସାମାଜିକ ସଂଗଠନ ହେଲ୍ପ ଟୁ ଅଦର ପରିବାରକୁ ରଘୁନାଥ ଯୁବକ ସଂଘ ଦୁର୍ଗାପୂଜା କମିଟି ମହାଦେବ ପାଲି ରାବଣ ଦରବାରରେ ସମ୍ମାନୀତ କରିଛି। ମହାମାରୀ କରୋନା ସମୟରେ ଶବ ସତ୍କାର, ଗରିବଙ୍କୁ ମେଡିକାଲ ସାହାଯ୍ୟ, କରୋନା ଗାଡି ଚାଳକଙ୍କୁ ଖାଦ୍ୟ ପୁଡିଆ ବଣ୍ଟନ, କୁଷ୍ଠରୋଗୀଙ୍କୁ ବସ୍ତ୍ର ବିତରଣ ଆଦି କାମ କରି ପ୍ରଶଂସା ସାଉଁଟି ଥିଲା। କମିଟି ତରଫରୁ ସଂଗଠନ ସଭାପତି ସୃଜନ କୁମାର ପଣ୍ଡା ରାବଣ ଦରବାରରେ ସମ୍ମାନ ଗ୍ରହଣ କରିଥିଲେ।

### ପଦ୍ମପୁର ବିଧାୟକଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**ପାଇକମାଳ,୮।୧୦(ଡି.ଏନ.ଏ.):** ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ବିୟୋଗରେ ପାଇକମାଳ ବ୍ଲକ ନୃସିଂହନାଥ ସ୍ଥିତ କପିଳମୁନି ଆଶ୍ରମରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର କେନ୍ଦ୍ରୀୟ ଆବାହକ ରବିନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଶନିବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ୮୦ ଦଶକର ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନରେ ସ୍ୱର୍ଗତ ବରିହଙ୍କ ଭୂମିକା ଥିଲା। ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଯୁବ ପରିଷଦର ସଭ୍ୟମାନେ ୧ ମିନିଟ ନିରବ ପ୍ରାର୍ଥନା କରିଥିଲେ। ସଭାରେ ପ୍ରଶାନ୍ତ କୁମାର ମାଝୀ, ରାଜକୁମାର ସେଠ, ଧବଳେଶ୍ୱର ସାହୁ, ବିଜୟ କୁମାର ସ୍ୱାଇଁ, ମାଲଖମ ସିଂ, ଫକିର ପଟେଲ, ରାଧେଶ୍ୟାମ ଶାନ୍ତ, ଗିରୀଶ ତନସନା, ଭୋଜରାଜ ପୁଟା, ଉଦୟଭାନୁ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ମୋହନ ଜଗତ ଧନ୍ୟବାଦ ଅର୍ପଣ କରିଥିଲେ।

### ଘଣ୍ଟାଶିନୀ ଦେବୀଙ୍କ ଦଶହରା ପୂଜା

**ବିନିକା,୮।୧୦(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ୱାର୍ଡ ନମ୍ବର ୧୨ ଅନ୍ତର୍ଗତ ନୁଆଁପାଲି ଗ୍ରାମ ସମୀପ ପାହାଡରେ ଥିବା ମା' ଘଣ୍ଟାଶିନୀଙ୍କ ଦଶହରା ପୂଜା ପଳିତ ହୋଇଯାଇଛି। ନୂଆଁପାଲି ଓ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ପାହାଡ଼ ଚଢି ପୀଠକୁ ଯାଇଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ଗୀତଯଜ୍ଞ ହୋଇଥିଲା। ପୂଜକଭାବେ ଦାୟିତ୍ୱ ସମ୍ପାଦନ କରିଥଇଲେ ଉମାବଲ୍ଲଭ ଷଡ଼ଙ୍ଗୀ। ନୂଆଁପାଲି ଗ୍ରାମ୍ୟ କମିଟି ସଭାପତି ଅଜିତ ଦାଶ ଗୀତପାଠ କରିଥିଲେ। ସନ୍ଧ୍ୟାରେ ବୈଠକି ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଏଥିରେ ନୁଆଁପାଲି ଯୁବକ ସଂଘ ସଭାପତି ଦୀପକ ବେହେରା, ସମ୍ପାଦକ ଉପେନ୍ଦ୍ର ଭୁଏ, କୋଷାଧକ୍ଷ ତାପସ ନାୟକ, ସହସମ୍ପାଦକ ପ୍ରଦୀପ ଖଣ୍ଡାୟତ, ଗ୍ରାମର ଦିଲ୍ଲୀପ ପଣ୍ଡା, ଚିତ୍ତରଞ୍ଜନ ଷଡ଼ଙ୍ଗୀ, ଅରୁଣ ପଣ୍ଡା, ଅଭିଳାଷ ବେହେରା, ଟୁଲୁ ପଣ୍ଡା, କରୁଣା ଭୁଏ, ବରୁଣ ଭୁଏ, ପବିତ୍ର ବଗର୍ତ୍ତା, ଭୀମସେନ ଭୁଏ, ଜଗନ୍ନାଥ ଭୁଏ, ଏନଏସି ଉପାଧାକ୍ଷା ତପସ୍ୱିନୀ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ୟପ୍ରାଣୀଙ୍କ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ

**ସୋନପୁର,୮।୧୦(ନି.ପ୍ର.)**



ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ସୁବର୍ଣ୍ଣପୁରରେ ୬୮ ତମ ବନ୍ୟପ୍ରାଣୀ ସପ୍ତାହ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଜିଲା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ବନଖଣ୍ଡ ଅଧିକାରୀ ନିତିଶ କୁମାର ମୁଖ୍ୟ ଅତିଥିଭାବେ ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ଆମ ସମସ୍ତଙ୍କର ପ୍ରମୁଖ ଦାୟିତ୍ୱ ବୋଲି କହିଥିଲେ। ଜୈବ ବିବିଧତାର ସୁରକ୍ଷା ପାଇଁ ବନ୍ୟଜନ୍ତୁ ଓ ଜଙ୍ଗଲର ସୁରକ୍ଷା ସମସ୍ତଙ୍କ କର୍ତ୍ତବ୍ୟ ହେବା ଉଚିତ ବୋଲି କୁମାର ମତପ୍ରକାଶ କରିଥିଲେ। ବନ୍ୟପ୍ରାଣୀ ୱାର୍ଡେନ୍ ତଥା ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ, ସହକାରୀ ବନ ସଂରକ୍ଷକ ପ୍ରଫୁଲ୍ଲ ଧରୁଆ ଓ ସାପ ଉଦ୍ଧାର କରୁଥିବା ପୁନେର ଆକାଶ ଯାଦବ ସମ୍ମାନିତ ଅତିଥିଭାବେ ଯୋଗଦେଇ ବନ୍ୟପ୍ରାଣୀ ଓ ପରିବେଶ ସୁରକ୍ଷା ପାଇଁ ଶପଥ ନେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବନ୍ୟପ୍ରାଣୀ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ସୋନପୁର ଥାନାରେ କାର୍ଯ୍ୟରତ ପୋଲିସ କର୍ମଚାରୀ ତଥା ରାମପୁରର ପ୍ରମୋଦ ଦାସିଆ ଓ ବୀରମହାରାଜପୁର ବ୍ଲକ କାନପୁରର ପବିତ୍ର ପଧାନଙ୍କୁ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସମ୍ମାନ, ଟ୍ରଫି ଓ ୫ ହଜାର ଟଙ୍କା ଲେଖାଏଁ ଚେକ୍ ପ୍ରଦାନ କରା ଯାଇଥିଲା। ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ପୂର୍ବରୁ ଅନୁଷ୍ଠିତ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ଛାତ୍ର ରୋହିତ କୁମାର ପାତ୍ର, ଛାତ୍ରୀ ଇପସିତା ଅନନ୍ୟା ସାହୁ, ଆର୍ଯ୍ୟ ନନ୍ଦିନୀ ମିଶ୍ର ଜୁନିଅର ବର୍ଗରେ ସୌର୍ଯ୍ୟମନ ପୂଜାହାରୀ, ଛାତ୍ରୀ ସୌମ୍ୟଶ୍ରୀ ମନିସା ଭୋଇ ଓ ଯୁକ୍ତାମୟୀ ଭୁଏଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ। ବନ ସୁରକ୍ଷା ସମିତି କର୍ମକର୍ତ୍ତା, ପକ୍ଷୀପ୍ରେମୀ ଦିନେଶ ରଞ୍ଜନ ମିଶ୍ର, ସୋନପୁର ବନାଞ୍ଚଳ ଅଧିକାରୀ ମନୋରଞ୍ଜନ ବାଗ, ବୀରମହାରାଜପୁର ବନାଞ୍ଚଳ ଅଧିକାରୀ ଅବିନାଶ ବରିହା, ଉଲୁଣ୍ଡା ବନାଞ୍ଚଳ ଅଧିକାରୀ ଦିଲ୍ଲିପ ପଧାନ, ବିନିକା ବନାଞ୍ଚଳ ଅଧିକାରୀ ଡମ୍ବରୁଧର ପଧାନ, ସୋନପୁର ବନପାଳ ଦେବରାଜ ଛତ୍ରିଆ, ବନଖଣ୍ଡର ସମସ୍ତ ବନପାଳ ଓ ବନରକ୍ଷୀ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଶିକ୍ଷୟିତ୍ରୀରୁ ଓଏଏସ୍ ହେଲେ ଲକ୍ଷ୍ମୀ

**ବରପାଲି,୮।୧୦(ଡି.ଏନ.ଏ.)**


ଲକ୍ଷ୍ମୀ ରୋହିଦାସ।

ବରଗଡ଼ ଜିଲା ବରପାଲିର ଜଣେ ଶିକ୍ଷୟିତ୍ରୀ ଓଡ଼ିଶା ପ୍ରଶାସନିକ ସେବାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବରପାଲି ନିକଟସ୍ଥ ବଡଗାଁ ଶିବ ମନ୍ଦିର ନିକଟରେ ରହୁଥିବା ଏବଂ ଜାଲପାଲି ହାଇସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଲକ୍ଷ୍ମୀ ରୋହିଦାସ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ପାଇବାରେ ସକ୍ଷମ ହୋଇଛନ୍ତି । ତାଙ୍କ ସଫଳତା ଉପରେ ପଚାରିବାରୁ ସେ କହିଥିଲେ, ସ୍କୁଲରୁ ଫେରି ଘର କାମ କରିବା ସହ ଦୁଇ ସନ୍ତାନଙ୍କ ପଢା କଥା ବୁଝିବାକୁ ପଡେ। ଏହାପରେ ମଧ୍ୟ ଓଏଏସ୍ ପ୍ରସ୍ତୁତି ପାଇଁ ମୁ ଦିନକୁ ପାଞ୍ଚ ଘଣ୍ଟା ସମୟ ଦେଉଥିଲି। ଶିକ୍ଷକ ସ୍ୱାମୀ ଭଜମନ ମେହେର ଓ ବାପା, ଶାଶୁ, ଶ୍ୱଶୁରଙ୍କ ଆଶୀର୍ବାଦ ଯୋଗୁ ସେ ଏଭଳି ସଫଳତା ହାସଲ କରିବା ସମ୍ଭବ ହୋଇଛି ବୋଲି ପ୍ରକାଶ କରିଥିଲେ। ଭବିଷ୍ୟତରେ ଗରିବ ଲୋକଙ୍କ ସେବା ସହ ସରକାରୀ ଯୋଜନାଗୁଡ଼ିକୁ ସଫଳତାର ସହ ସମ୍ପାଦନ କରିବେ ବୋଲି ଲକ୍ଷ୍ମୀ କହିଛନ୍ତି। ଲକ୍ଷ୍ମୀ ଗ୍ରିଞ୍ଜେଲ ଗ୍ରାମର ବାସିନ୍ଦା ହୋଇଥିବା ବେଳେ ସୋହେଲାରେ ଯୁକ୍ତ ୨ ଓ ସମ୍ବଲପୁର ଜିଏମ୍ କଲେଜରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟରୁ ଏମ୍ଏ ଓ ବି.ଇଡି ଡିଗ୍ରୀ ହାସଲ କରିଛନ୍ତି। ତାଙ୍କର ଗୋଟିଏ ଝିଅ ଓ ଗୋଟିଏ ପୁଅ ଅଛନ୍ତି । ତାଙ୍କର ଏହି ସଫଳତାରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଓସିଏସ୍ ପରୀକ୍ଷା: ରାମକୃଷ୍ଣ, ବର୍ଷା ଶୁଭଦର୍ଶିନୀଙ୍କୁ ସଫଳତା

**ସୋନପୁର,୮।୧୦(ନି.ପ୍ର.)**



ରାମକୃଷ୍ଣ ସତ୍ୟରାଜ ଗୁରୁ ଓ ବର୍ଷା ପ୍ରିୟଦର୍ଶିନୀ ପୂଜାହାରୀ।

ଓଡିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡିଶା ସିଭିଲ ସର୍ଭିସ ପରୀକ୍ଷା(ଓସିଏସ୍) ୨୦୨୦ ଫଳ ଶୁକ୍ରବାର ପ୍ରକାଶ ପାଇଛି। ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ହିକୁଡି ଗ୍ରାମର ଶିକ୍ଷୟିତ୍ରୀ ସତ୍ୟଭାମା ମିଶ୍ର ଓ ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ସାମାଜିକକର୍ମୀ ରାଜୀବ ଲୋଚନ ଗୁରୁଙ୍କ କନିଷ୍ଠ ପୁତ୍ର ରାମକୃଷ୍ଣ ସତ୍ୟରାଜ ଗୁରୁ(୨୮) ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ରାଜ୍ୟସ୍ତରରେ ୧୮ତମ ସ୍ଥାନ ଅଧିକାର କରିଛନ୍ତି। ରାମକୃଷ୍ଣ ବିନା କୋଚିଂରେ ପ୍ରଥମ ଆଟେମ୍ପ୍‌ଟରେ ଏହି ସଫଳତା ପାଇଛନ୍ତି। ତାଙ୍କ ସଫଳତାରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ରାମକୃଷ୍ଣ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ହିକୁଡି ପ୍ରାଥମିକ ସ୍କୁଲରେ ପାଠ ପଢିଛନ୍ତି। ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସୋନପୁର ସାହାରା ଟ୍ରଷ୍ଟ ହାଇସ୍କୁଲରେ ପଢିଥିଲେ। ଭୁବନେଶ୍ୱର ଗାୟତ୍ରୀ କଲେଜରେ ଯୁକ୍ତ ୨ବିଜ୍ଞାନ, ଭୁବନେଶ୍ୱର ଓୟୁଏଟିରେ ବିଏସସି(ଏଗ୍ରିକଲଚର), ରାୟପୁର ସ୍ଥିତ ଇନ୍ଦିରା ଗାନ୍ଧୀ କୃଷି ବିଶ୍ୱ ବିଦ୍ୟାଳୟରେ ଏମଏସସି(ଏଗ୍ରିକଲଚର) ଓ ପିଏଚଡି(ଏଗ୍ରୋନୋମି) କରିଛନ୍ତି। ରାମକୃଷ୍ଣ ଜଣେ ମେଧାବୀ ଛାତ୍ର। ଭବିଷ୍ୟତରେ ସେ ସାମାଜିକ ସୁରକ୍ଷା, ମିଶନ ଶକ୍ତି ସହିତ ଗ୍ରାମ୍ୟ ଅର୍ଥନୀତିର ବିକାଶ ଉପରେ ଗୁରୁତ୍ୱ ଦେବେ ବୋଲି ପ୍ରତିକ୍ରିୟାରେ କହିଛନ୍ତି।

ସେହିପରି ବିନିକା ବ୍ଲକ ସଂସାମୁରା ଗ୍ରାମର ନିଳିମା ପୂଜାହାରୀ(ଗୃହିଣୀ) ଓ ସୁଧାଂଶୁ ଶେଖର ପୂଜାହାରୀ(ବୌଦ୍ଧ ଜିଲା ସାମାଜିକ ସୁରକ୍ଷା ଅଧିକାରୀ)ଙ୍କ କନିଷ୍ଠ କନ୍ୟା ବର୍ଷା ଶୁଭ ଦର୍ଶିନୀ ପୂଜାହାରୀ(୨୬) ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ରାଜ୍ୟସ୍ତରରେ ୩୬୨ତମ ସ୍ଥାନ ଅଧିକାର କରିଛନ୍ତି। ଦ୍ୱିତୀୟ ଆଟେମ୍ପ୍‌ଟରେ ବର୍ଷା ଏହି ସଫଳତା ପାଇଛନ୍ତି। ବର୍ଷା ତରଭା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ହାଇସ୍କୁଲ ପର୍ଯ୍ୟନ୍ତ ପାଠ ପଢିଛନ୍ତି। ପରେ ସମ୍ବଲପୁରସ୍ଥିତ ନିଉଟନ କଲେଜରେ ଯୁକ୍ତ ୨ ବିଜ୍ଞାନ ପଢିଥିଲେ। ଭୁବନେଶ୍ୱର ଓୟୁଏଟିରେ ବିଏସସି(ଏଗ୍ରିକଲଚର)ରେ ସଫଳତା ପାଇବା ପରେ ଓସିଏସ୍ ପରୀକ୍ଷା ପାଇଁ କଠିନ ପରିଶ୍ରମ କରୁଥିଲେ। ବର୍ଷା ଜଣେ ମେଧାବୀ ଛାତ୍ରୀ। ତାଙ୍କ ପରିବାର କିଛି ବର୍ଷ ହେବ ସୋନପୁର ସହରର ପାଣିସିଆଲିରେ ରହୁଛନ୍ତି। ସରକାରୀ ଯୋଜନାର ଲାଭ ତୃଣମୂଳସ୍ତରରେ ପହଞ୍ଚାଇବା ଓ ସମାଜର ଅବହେଳିତଙ୍କ ପାଇଁ କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱ ଦେବେ ବୋଲି ପ୍ରତିକ୍ରିୟାରେ କହିଛନ୍ତି। ବର୍ଷା ଓ ରାମକୃଷ୍ଣଙ୍କୁ ପରୀକ୍ଷାରେ ଭଲ ର୍‍ୟାଙ୍କ ମିଳି ଥିବାରୁ ସୁବର୍ଣ୍ଣପୁର ଜିଲାବାସୀ ଓ ଶୁଭେଚ୍ଛୁମାନେ ଉଭୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ୧୯୬୮ ମାଟ୍ରିକ ବ୍ୟାଚ୍‌ର ବନ୍ଧୁ ମିଳନ

**ବୌଦ୍ଧ,୮।୧୦(ନି.ପ୍ର.)**

ବୌଦ୍ଧ ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟର ୧୯୬୮ ମାଟ୍ରିକ ବ୍ୟାଚ୍‌ର ଛାତ୍ରମାନଙ୍କ ଏକ ବନ୍ଧୁ ମିଳନ ଉତ୍ସବ ବୌଦ୍ଧ ଜଳସେଚନ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ କରୋନାରେ ପରଲୋକ ହୋଇଥିବା ବାମଦେବ ଛତ୍ର, ନିରୋଦ କୁମାର ପଣ୍ଡା,ଶିବ ନାରାୟଣ ଦାସ,ଭାଗବତ ପ୍ରସାଦ ସାହୁ, ହୃଦୟ ପ୍ରଧାନଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରଭାତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପୁରାତନ ଛାତ୍ରମାନେ ଯୋଗ ଦେଇଥିଲେ। ଏଥିରେ ଡା. ସଲିଲ କୁମାର ନାୟକ,ପ୍ରବୀଣ କୁମାର ଦେହୁରୀ, ସୁରେଶ ପଟ୍ଟନାୟକ,ଅଚ୍ୟୁତ ଷାଣ୍ଢ, ସୁଶୀଲ ମହାପାତ୍ର, ଓମ୍‌ପ୍ରକାଶ ମିଶ୍ର, ପ୍ରମୋଦ ବଡମାଳି, ବରଜ କୁମାର ବେହେରା, ରାଧାମାଧବ ମିଶ୍ର, ମହେଶ ପ୍ରସାଦ ଦଲାଲ, ଭୁବନ ଶତପଥୀ, ଗଣେଶ ମହାକୁଳ, ଘନଶ୍ୟାମ ପ୍ରଧାନ, ଋଷଭ ପାଣ୍ଡେ, ରଘୁନାଥ ପାଣିଗ୍ରାହୀ, ରାଧାକାନ୍ତ, ବିଜୟ ପ୍ରଧାନ,ସିଦ୍ଧେଶ୍ୱର ପୃଷ୍ଟି,ଭବାନୀଶଙ୍କର ରଥ ଓ ନେତ୍ରାନନ୍ଦ ବାରିକ ପ୍ରମୁଖ ଯୋଗଦେଇ ଛାତ୍ରଜୀବନର ସ୍ମୃତିଚାରଣ କରିଥିଲେ।

# ନୃସିଂହନାଥରେ ନୂଆଁଖାଇ ଭେଟ୍‌ଘାଟ୍



ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ପାଇକମାଳ, ୮।୧୦(ଡି.ଏନ.ଏ.)**

ନୃସିଂହନାଥ ବିନ୍ଧ୍ୟବାସିନୀ ଅତିଥି ଭବନ ପରିସରରେ ଶନିବାର ବରଗଡ଼ ଜନକଲ୍ୟାଣ ସେବା ଟ୍ରଷ୍ଟ ଆନୁକୂଲ୍ୟରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଟ୍ରଷ୍ଟ ସଭାପତି ମୁକୁନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି, ଅଧ୍ୟାପକ ଡ. ଅଜିତ କୁମାର ନାଥ ମୁଖ୍ୟ ବକ୍ତା, ସାମାଜିକ କର୍ମୀ ଦୁର୍ଗା ପାଢି, ନୃସିଂହନାଥ କଳାପରିଷଦର ସଭାପତି ସୁବୋଧ ପଣ୍ଡା ଓ ଡା. ଅଜିତ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଭାବେ ଯୋଗ ଦେଇଥିଲେ। ପାଇକମାଳ ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୨୦ଜଣ ମହିଳାପୁରୁଷଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଟ୍ରଷ୍ଟର ଆଜୀବନ ସଦସ୍ୟ ଭାବେ ବଡ ଶତପଥୀ, ବିଭୂତି ମୁଣ୍ଡ, ସ୍ନେହଲତା ଯାଦବଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ବଡ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ନୃସିଂହନାଥ କଳାପରିଷଦର କର୍ମକର୍ତ୍ତା ସହଯୋଗ କରିଥିଲେ।

# ଜିଲା ରେଡକ୍ରସକୁ ଦାନ କଲେ ଏସ୍‌ପି



ଜିଲାପାଳ ଅବୋଲି ସୁନିଲ ନରୱଣେଙ୍କୁ ଏସ୍‌ପି ଅମରେଶ କୁମାର ପଣ୍ଡା ଚେକ୍ ପ୍ରଦାନ କରୁଛନ୍ତି।

**ସୋନପୁର,୮।୧୦(ନି.ପ୍ର.)**

ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା ଜିଲା ରେଡକ୍ରସ ପାଣ୍ଠିକୁ ୧୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ଏସ୍‌ପି ୧୦ ହଜାର ଟଙ୍କାର ଚେକ୍ ଜିଲାପାଳ ତଥା ଜିଲା ରେଡକ୍ରସ ସୋସାଇଟି ଅଧକ୍ଷ ଅବୋଲି ସୁନିଲ ନରୱଣେଙ୍କୁ ତାଙ୍କ ପ୍ରକୋଷ୍ଠରେ ପ୍ରଦାନ କରିଛନ୍ତି। ଏହି ଅର୍ଥ ଜିଲାର ମାନସିକ ପକ୍ଷଘାତ ଶିଶୁଙ୍କ ବିକାଶ ଓ ସହାୟତା ପାଇଁ ପ୍ରଦାନ କରିଥିବା ଏସ୍‌ପି ପଣ୍ଡା କହିଛନ୍ତି। ବଦାନ୍ୟ ବ୍ୟକ୍ତି, ବ୍ୟବସାୟିକ ସଂସ୍ଥା ଓ ବିଭିନ୍ନ ଅନୁଷ୍ଠାନ ଜିଲା ରେଡକ୍ରସକୁ ସହାୟତା ରାଶି ପ୍ରଦାନ କରି ନିଜ ମନର କଥା କହି ପାରୁ ନଥିବା ମାନସିକ ପକ୍ଷଘାତ ଶିଶୁ ମାନଙ୍କ ମୁହଁରେ ହସ ଫୁଟାଇବାରେ ସହଯୋଗ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# ଅଦ୍ୱିକା-ପ୍ରତ୍ୟେକ ଝିଅ ଅନନ୍ୟା କାର୍ଯ୍ୟକ୍ରମ

**ଅମରପାଲି, ୮।୧୦(ଡି.ଏନ.ଏ)**


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଦୁର୍ଜନଟୈଲା ପଞ୍ଚାୟତର ମସିଣାପାଲି ଅଙ୍ଗନୱାଡି କେନ୍ଦ୍ର ପରିସରରେ ଅଦ୍ୱିକା- ପ୍ରତ୍ୟେକ ଝିଅ ଅନନ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୱାର୍ଡସଭ୍ୟ ପଞ୍ଚା ଚଉଲିଆ ମୁଖ୍ୟ ଅତିଥି, ଅଙ୍ଗନୱାଡି ଯାଞ୍ଚ କମିଟି ସଦସ୍ୟ ସୋନାଲି ମେଣ୍ଡଲି ସମ୍ମାନିତ ଅତିଥିଭାବେ ଯୋଗଦେଇ କିଶୋରୀଙ୍କ ସ୍ୱାସ୍ଥ୍ୟଗତ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ପରେ ଅଙ୍ଗନୱାଡି କର୍ମୀ ଲିଲିମା ବୋଡା କିଶୋରୀ ବାଳିକାମାନଙ୍କ ରକ୍ତହୀନତା ଓ ନିରାକରଣ ଉପରେ ବୁଝାଇଥିଲେ। ପିଣ୍ଟୁ ଛତ୍ରିଆଙ୍କ ସଂଯୋଜନାରେ ବିଭିନ୍ନ ଖେଳ ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମ୍ୟୁଜିକ ଚେୟାର ଖେଳରେ ପ୍ରତିକ୍ଷା ପାଢ଼ୀ ପ୍ରଥମ, ପ୍ରଜ୍ଞା ନାଏକ ଦ୍ୱିତୀୟ ଓ ଲଳିତା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସଙ୍ଗୀତରେ ସ୍ନେହଲତା ଗାନ୍ଧୀ ଓ ଅନୁପ୍ରିତି ଡୁଙ୍ଗଡୁଙ୍ଗ ଯଥାକ୍ରମେ ପ୍ରଥମ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ୱାର୍ଡସଭ୍ୟ ପଞ୍ଚା ଚଉଲିଆ ଓ ସ୍ୱେଚ୍ଛାସେବୀ ଉତ୍ତମ ପଧାନ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅଙ୍ଗନୱାଡ଼ି ସହାୟିକା ସଂଯୁକ୍ତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ରଏଲର କୁକୁଡା ଚାଷୀ ସଂଘର ବୈଠକ

**ସୋନପୁର,୮।୧୦(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ବ୍ରଏଲର କୁକୁଡା ଚାଷୀ ସଂଘର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୧ ମାସ ଧରି ସଂଘ ପକ୍ଷରୁ ଆନ୍ଦୋଳନ ଚାଲିଥିବା ବେଳେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସହ ବୈଠକ ଓ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ଇଣ୍ଟିଗ୍ରେଟେଡ୍ କମ୍ପାନୀମାନଙ୍କର ଶୋଷଣ ନୀତିକୁ ଉପସ୍ଥିତ ଚାଷୀମାନେ ସମାଲୋଚନା କରିଥିଲେ। ଜିଲାର ଶତାଧିକ କୁକୁଡା ଚାଷୀ ଲକ୍ଷାଧିକ ଟଙ୍କା ବ୍ୟାଙ୍କରୁ ଋଣ କରି ଫାର୍ମ କରିଛନ୍ତି। କିନ୍ତୁ ଏହି ଚାଷରେ କିଛି ଲାଭ ପାଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ସଂଘର ସଭାପତି ପ୍ରିୟବ୍ରତ ସାହୁ, ସମ୍ପାଦକ ଅବଦୁଲ ମାଜିଦ ଖାନ୍, ସଭ୍ୟ ବଳଦେବ ପଧାନ, ବଲ୍ଲଭ ଖେତି, ଅଶୋକ କୁମାର ବାରିକ, ଅଶୋକ ବାଗ, ପ୍ରଦ୍ୟୁମ୍ନ ପୋଢ, ବିଜୟ ସାହୁ, ଚିତ୍ତରଞ୍ଜନ ସାହୁ, ବଶିଷ୍ଠ ମହାକୁର, ନବୀନ ଦାସ, ବିପିନ ଭୋଇ ଓ ଅମରେଶ ଷାଣ୍ଢ ପ୍ରମୁଖ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


ବୈଠକରେ ଉପସ୍ଥିତ ଜିଲାର କୁକୁଡା ଚାଷୀ।

# କୃଷକ ସଂଗଠନ ମଜଭୁତ କରିବାକୁ ଶପଥ

**ଅମରପାଲି, ୮।୧୦(ଡି.ଏନ.ଏ)**


ତେଲିପାଲିରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଚାଷୀମାନେ।

**କୃଷକ ସତ୍ୟାଗ୍ରହ ପାଇଁ ପ୍ରସ୍ତୁତି ବୈଠକ**

ନବନିର୍ମାଣ କୃଷକ ସଂଗଠନ ଆହ୍ୱାନକ୍ରମେ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ସ୍ଥାନରେ କୃଷକ ସତ୍ୟାଗ୍ରହ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଲୁଣ୍ଡା ବ୍ଲକ କୋଟସମଲାଇ, ଖୁଣ୍ଟୁଲାପାଲି, କାଦୋବର, ଜାଲୋଏ, କଳାପଥର, ବୀରମହାରାଜପୁର ବ୍ଲକର ମୁର୍ଷୁଣ୍ଡି, ତେଲିପାଲି, ମାଣିକପୁର, କର୍ଡାପାଲରେ ବୈଠକ କରାଯାଇଥିଲା। ପ୍ରାଇସ, ପ୍ରେଷ୍ଟିଜ ଓ ପେନସନ ଦାବି, ଧାନ କୁଇଣ୍ଟାଲ ପ୍ରତି ୩ହଜାର ଟଙ୍କା, ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ଓ ଚାଷୀ ସୁରକ୍ଷା ଭତ୍ତା ୫ହଜାର ଟଙ୍କା ସହିତ ଅନ୍ୟାନ୍ୟ ୨୪ ଦଫା ଦାବି ନେଇ ଅକ୍ଟୋବର ୧୪ରେ ଭୁବନେଶ୍ୱରରେ କୃଷକ ପଦଯାତ୍ରା ଓ ଚାଷୀ ସତ୍ୟାଗ୍ରହ ହେବ। ଏହାକୁ ସାଫଲ୍ୟ କରିବାକୁ ସୁବର୍ଣ୍ଣପୁର ଜିଲା ଯୁବ ସଂଯୋଜକ ପ୍ରଦ୍ୟୁମ୍ନ କୁମାର ପାଢିଙ୍କ ନେତୃତ୍ୱରେ ପାତାଳି ଶ୍ରୀକ୍ଷେତ୍ରଠାରୁ ସଚେତନାତ୍ମକ ବାଇକ ଯାତ୍ରା ଆରମ୍ଭ କରାଯାଇଥିଲା। ଉଭୟ ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକର ବିଭିନ୍ନ ଗ୍ରାମରେ ଅନୁଷ୍ଠିତ ବୈଠକରେ ଯୁବ ସ୍ୱେଚ୍ଛାସେବୀ କାହ୍ନା ଗଡୁଆ, ମଣ୍ଟୁ ମନ୍ଦା, ରାମ ଗୋପାଳ ସେଠୀ ପ୍ରମଖ ନେତୃତ୍ୱ ନେଇ ବୈଠକରେ ଉପସ୍ଥିତ ଚାଷୀଙ୍କୁ ସଚେତନ କରିଥିଲେ। ମୁର୍ଷୁଣ୍ଡି ଗଜଲକ୍ଷ୍ମୀ ପୂଜା ମଣ୍ଡପରେ ଅନୁଷ୍ଠିତ ବୈଠକରେ ବୀରମହାରାଜପୁର ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ, ବୀରମହାରାଜପୁର ବ୍ଲକ ଯୁବ କଂଗ୍ରେସ ସଭାପତି ବିଦ୍ୟାଧର ଖୁର୍ଡିଆ ଯୋଗଦେଇ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ବୈଠକରେ ଉପସ୍ଥିତ ଚାଷୀମାନେ କୃଷକ ସଂଗଠନ ମଜଭୁତ କରିବାକୁ ଶପଥ ନେଇଥିଲେ। ଶେଷରେ ପୂର୍ଣ୍ଣଚନ୍ଦ୍ର ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଫୁର୍ଲିଝରନ ରାସ୍ତାରେ ବୁଲୁଛି ଗଣେଶ: ଭିଡିଓ ଭାଇରାଲ


ଫୁର୍ଲିଝରନ ରାସ୍ତାରେ ଗଣେଶ ବୁଲୁଛି ।

**ଭବାନୀପାଟଣା,୮।୧୦(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣା ନିକଟସ୍ଥ ଫୁର୍ଲିଝରନ ରାସ୍ତାରେ ଏବେ ଗଣେଶ ନାମକ ଏକ ହାତୀ ଚଳପ୍ରଚଳ କରୁଥିବା ଦେଖିବାକୁ ମିଳିଛି। ଫଳରେ ସ୍ଥାନୀୟ ଲୋକେ ଦୂରରୁ ଲୁଚିକି ବେଶ ଉତ୍ସାହର ସହ ଏହି ଦୃଶ୍ୟକୁ ନିଜ ମୋବାଇଲ କ୍ୟାମେରାରେ ଉଠାଉଛନ୍ତି। ଯାହାର ଏକ ଭିଡିଓ ଭାଇରାଲ ହୋଇଛି। ଏହି ହାତୀର ଗୋଟିଏ ପଟର ଦାନ୍ତ (କିସା)ରହି ଥିବା ବେଳେ ଅନ୍ୟ ପଟର ନାହିଁ। ତେଣୁ ଗୋଟିଏ ଦାନ୍ତ ଥିବାରୁ ବନବିଭାଗ ଏହି ହାତୀର ନାମ ଗଣେଶ ଦେଇଛି। ଏହି ହାତୀ ଜଙ୍ଗଲରେ ରାସ୍ତାରେ ବୁଲୁଥିବା ବେଳେ କାହାରିକୁ ଆକ୍ରମଣ କିମ୍ବା କ୍ଷୟକ୍ଷତି କରିନାହିଁ ବୋଲି ବିଭାଗ ପକ୍ଷରୁ ଜଣାପଡ଼ିଛି।

### ସ୍ମାର୍ଟକାର୍ଡରେ ମାଗଣା ଅସ୍ତ୍ରୋପଚାର



**ଲାଞ୍ଜିଗଡ,୮।୧୦(ଡି.ଏନ.ଏ.):** ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାଟ କାର୍ଡ ଜରିଆରେ କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଜେପୁର ପଞ୍ଚାୟତ ଜଳକ୍ରୀଡା ଗ୍ରାମର ବାଲି ନାଏକ (୩୦)ଙ୍କ ମାଗଣାରେ ହିପ୍ ରିପ୍ଲେସମେଣ୍ଟ ଅସ୍ତ୍ରୋପଚାର ହୋଇଛି। ବିଶାଖାପାଟଣାର ଏକ ଘରୋଇ ଡାକ୍ତରଖାନାରେ କରାଯାଇଥିବା ଏହି ବ୍ୟୟବହୁଳ ଅସ୍ତ୍ରୋପ୍ରଚାର ସଫଳ ହୋଇଛି। ଫଳରେ ଯୁବକ ଜଣକ ଦୀର୍ଘଦିନର ଯନ୍ତ୍ରଣାରୁ ମୁକ୍ତି ପାଇ ଆରୋଗ୍ୟ ଲାଭ କରିଛନ୍ତି। ବାଲିଙ୍କର ଅଣ୍ଟାରୁ ହିପ୍ ଖସି ଯିବା ଯୋଗୁ ସେ ଗତ ୫ ବର୍ଷ ଧରି ଭୀଷଣ ଯନ୍ତ୍ରଣା ଭୋଗ କରି ଆସୁଥିଲେ। ସ୍ତ୍ରୀ ମମତା ନିଜ ସୁନା ଗହଣା ବନ୍ଧକ ରଖି ସେହି ଅର୍ଥରେ ଭବାନୀପାଟଣା ଡାକ୍ତରଖାନାକୁ ନେଇଥିଲା । କିନ୍ତୁ ସେଠାରୁ ତାଙ୍କୁ ଚିକିତ୍ସା ପାଇଁ କଟକ ଡାକ୍ତରଖାନାକୁ ନେବା ପାଇଁ କୁହାଯାଇଥିଲା। ଏପଟେ ଘୋର ଆର୍ଥିକ ସଙ୍କଟ ଚିକିତ୍ସାରେ ବାଧକ ସାଜିଥିଲା । ଏହି ଖବର ପାଇ ଯୁବ ସାମାଜିକ କର୍ମୀ ଧର୍ମେନ୍ଦ୍ର ପଣ୍ଡା ବିଶାଖାପାଟଣାର ଇଣ୍ଡଷ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରି ଆଲୋଚନା କରିଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମିଳିଥିବା ସ୍ମାର୍ଟ କାର୍ଡ ଜରିଆରେ ଚିକିତ୍ସା ହୋଇପାରିବ ବୋଲି ଉକ୍ତ ଡାକ୍ତରଖାନା କର୍ତ୍ତୃପକ୍ଷ ସାମାଜିକ କର୍ମୀ ପଣ୍ଡାଙ୍କୁ ଜଣାଇଥିଲେ। ଏହାପରେ ସାମାଜିକ କର୍ମୀ ଜଣକ ବାଲିଙ୍କୁ ନେଇ ବିଶାଖାପାଟଣା ଯାଇଥିଲେ। ସେଠାରେ ଡା. ବି. ଗଙ୍ଗାରାଜୁ ସମ୍ପୃକ୍ତ ଯୁବକଙ୍କ ହିପ୍ ରିପ୍ଲେସମେଣ୍ଟ ଅସ୍ତ୍ରୋପ୍ରଚାର କରିଥିଲେ। ସେହି ଡାକ୍ତରଖାନାରେ ୧୦ ଦିନ ରହିଲା ପରେ ବାଲି ସୁସ୍ଥ ହୋଇ ନିକଟରେ ନିଜ ଗାଁକୁ ଫେରିଛନ୍ତି। ଇଣ୍ଡଷ ମେଡିକାଲ ସୂତ୍ରରୁ ଜଣାପଡିଛି ଯେ, ଏହି ଯୁବକଙ୍କ ଅସ୍ତ୍ରୋପ୍ରଚାର ପାଇଁ ୧ ଲକ୍ଷ ୪୦ ହଜାର ୪୯୧ ଟଙ୍କା ଖର୍ଚ୍ଚ ହୋଇଛି। ଏହି ଖର୍ଚ୍ଚ ବହନ କରିଥିବାରୁ ଓଡିଶା ସରକାର ଓ ସହଯୋଗ ପାଇଁ ସାମାଜିକ କର୍ମୀ ପଣ୍ଡାଙ୍କୁ ରୋଗୀଙ୍କ ପରିବାର କୃତଜ୍ଞତା ଜଣାଇଛନ୍ତି।

# ଭାଜପା, ବିଜେଡି ମୁଦ୍ରାର ଦୁଇ ପାର୍ଶ୍ୱ

- ଜୁନାଗଡ଼ରେ କଂଗ୍ରେସର ଭାରତ ଯୋଡୋ ରାଲି, ମହାସଭା
- ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଟାର୍ଗେଟ
- ଘର ବାହୁଡିଲେ ତୁଲେଶ୍ୱର

**ଜୁନାଗଡ,୮।୧୦(ଡି.ଏନ୍.ଏ)**

କଳାହାଣ୍ଡି ଜିଲା ଜୁନାଗଡ ହାଇସ୍କୁଲ ପଡିଆଠାରେ ଶନିବାର କଂଗ୍ରେସର ଭାରତ ଜୋଡୋ ରାଲି ଓ ମହାସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ସଂସ୍କୃତି ଭବନଠାରୁ ହାଇସ୍କୁଲ ପଡିଆ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରା ହୋଇଥିଲା। ପରେ ସେଠାରେ ଅନୁଷ୍ଠିତ ମହାସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ ଅଧ୍ୟକ୍ଷତା କରିଥିଲେ। ଏଥିରେ ପିସିସି ସଭାପତି ଶରତ ପଟ୍ଟନାୟକ,ଖରିଆର ବିଧାୟକ ଅଧିରାଜ ପାଣିଗ୍ରାହୀ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ମୋହନା ବିଧାୟକ ଦାଶରଥି ଗମାଙ୍ଗୋ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପୂର୍ବତନ ଏମ୍‌ପି ନକୁଳ ନାଏକ, ଏଆଇସିସି ସଦସ୍ୟା ମନିଷା ତ୍ରିପାଠୀ,ପୂର୍ବତନ ବିଧାୟକ ଭୁଜବଳ ମାଝୀ, ରାଜ୍ୟ ଯୁବ କଂଗ୍ରେସ ଉପ ସଭାପତି ମହମ୍ମଦ ସାହେବ, ସାଧାରଣ ସମ୍ପାଦକ ତ୍ରିଲୋଚନ ପାଣିଗ୍ରାହୀ, ଜିଲା ଯୁବ କଂଗ୍ରେସ ଉପ ସଭାନେତ୍ରୀ ମନ୍ଦାକିନୀ ବାଣୁଆ ପ୍ରମୁଖ ଯୋଗଦେଇ


ଜୁନାଗଡରେ ଅନୁଷ୍ଠିତ କଂଗ୍ରେସର ମହାସଭାରେ ଦଳୀୟ ନେତୃବୃନ୍ଦ ।

ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କଡା ସମାଲୋଚନା କରି ବର୍ଷିଥିଲେ। ୨୦୧୪ ସାଧାରଣ ନିର୍ବାଚନରେ ଭାଜପା ସରକାର ଅଚ୍ଛେ ଦିନ୍‌ର ସ୍ୱପ୍ନ ଦେଖାଇ ଲୋକଙ୍କ ଠାରୁ ଭୋଟ ନେଇ ଶାସନକୁ ଆସିଥିଲା। ହେଲେ ବେରୋଜଗାରୀ,ଦରଦାମ୍ ବୃଦ୍ଧି ବଢି ଚାଲିଥିବା ବେଳେ ବିଭିନ୍ନ କ୍ଷେତ୍ରରେ ଭାଜପା ସରକାର ଫେଲ୍ ମାରିଛି। ଭାଜପା ସରକାରରେ ପୁଞ୍ଜିପତି ହାତରେ ଦେଶର ଭାଗ୍ୟ ରହିଥିବା ବେଳେ ଜାତି, ଧର୍ମ ଓ ବର୍ଣ୍ଣକୁ ନେଇ ରାଜନୀତି କରାଯାଉଛି ବୋଲି ନେତାମାନେ କହିଥିଲେ। ସେହିପରି ବିଜେଡି ସରକାର ରାଜ୍ୟରେ ଏକଚ୍ଛତ୍ରବାଦ ଶାସନ ଚଳାଇଥିବା ବେଳେ କେବଳ ପ୍ରଶାସନିକ ଅଧିକାରୀ ଓ ରାଜନୈତିକ ବ୍ୟକ୍ତି ବିଶେଷ ନିଜର ଫାଇଦା ନେଉଛନ୍ତି। ଫଳରେ ରାଜ୍ୟର ଚାଷୀ, ଯୁବ ବର୍ଗ ନିରାଶ ହେବାରୁ ବିକାଶ ହୋଇପାରୁନାହିଁ। ଚିଟଫଣ୍ଡ, ଖଣି ଦୁର୍ନୀତି, ମହିଳା ନିର୍ଯାତନାରେ ବିଜେଡି ସରକାର ସୀମା ଟପିଛି। ଭାଜପା ଓ ବିଜେଡି ମୁଦ୍ରାର ଦୁଇ ପାର୍ଶ୍ୱ ଭଳି କାମ କରୁଛନ୍ତି। ତେଣୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ପରିବର୍ତ୍ତନ କରି ଆଗାମୀ ସାଧାରଣ ନିର୍ବାଚନରେ କଂଗ୍ରେସକୁ ଉଭୟ ନିର୍ବାଚନରେ ଭୋଟ ଦେବାକୁ ଦଳୀୟ ନେତା ନିବେଦନ କରିଛନ୍ତି। ସେହିପରି ମମିତା ମେହେର ପ୍ରସଙ୍ଗରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ରାଜ୍ୟ ସରକାର ଓ ପୂର୍ବତନ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ରଙ୍କୁ ଟାର୍ଗେଟ କରିଥିଲେ। ଏହି ସଭାରେ ଗୋଲାମୁଣ୍ଡା ପୂର୍ବତନ ବ୍ଲକ ଅଧ୍ୟକ୍ଷ ତୁଲେଶ୍ୱର ନାଏକ ବିଜେଡି ଛାଡି କଂଗ୍ରେସରେ ସାମିଲ ହୋଇଥିଲେ। ବିଜେଡି ପୂର୍ବରୁ ତୁଲେଶ୍ୱର କଂଗ୍ରେସରେ ଥିଲେ। ପୁଣିଥରେ ତୁଲେଶ୍ୱର କଂଗ୍ରେସକୁ ଘର ବାହୁଡା କରିଛନ୍ତି। ଅପରପକ୍ଷରେ ଜିଲା ଯୁବ ସଭାପତି ସାଉଲ ମଙ୍ଗରାଜଙ୍କୁ ଏହି ସଭାରେ ଦେଖିବାକୁ ମିଳି ନଥିବା ବେଳେ ସେ ବୋର୍ଡରେ ପିସିସି ସଭାପତିଙ୍କୁ ସାକ୍ଷାତ କରି ସମ୍ବର୍ଦ୍ଧନା ଦେଇଥିବା ଜଣାପଡିଛି। ଏହି ମହାସଭାକୁ ଜିଲା ସଭାପତି ଭାରତ ଭୂଷଣ ବେମାଲ ପରିଚାଳନା କରିଥିଲେ। ଜୁନାଗଡ ନଗର ସଭାପତି ଅମିତ ଅଗ୍ରୱାଲ, ଯୁବ ନେତା ପ୍ରଭାତ ଦାଶ ସହଯୋଗ କରିଥିଲେ। ସେହିପରି ଜିଲା ସାଧାରଣ ସମ୍ପାଦକ ଚିତ୍ତ ରଞ୍ଜନ ନିଆଲ ଧନ୍ୟବାଦ ଦେଇଥିଲେ। ସଭାରେ ଜିଲାର ବିଭିନ୍ନ ପ୍ରାନ୍ତରରୁ ଶତାଧିକ ଦଳୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ନର୍ସିଂହୋମ୍‌ରେ ଏକାବେଳେ ଗୋଟିଏ ଗର୍ଭରେ ୩ ଶିଶୁ ଜନ୍ମ


ନବଜାତ ୩ ଶିଶୁ।

**ନୂଆପଡ଼ା ଅଫିସ,୮।୧୦**

ନୂଆପଡା ଜିଲା ସଦର ମହକୁମାସ୍ଥିତ ପାଣିଗ୍ରାହୀ ନର୍ସିଂ ହୋମରେ ଜଣେ ମହିଳା ଏକାଥରକେ ୩ ଟି ନବଜାତ ଶିଶୁ ଜନ୍ମ ଦେଇଛନ୍ତି । ଛତିଶଗଡ ରାଜ୍ୟ ମହାସମୁନ୍ଦ ଜିଲା ଶିକାରିପାଲି ଗାଁର ନେମିଚନ ପାଣ୍ଡେଙ୍କ ସ୍ତ୍ରୀ ମଞ୍ଜୁଲତା ପାଣ୍ଡେଙ୍କ ଔରଷରୁ ୩ଟି ଶିଶୁ ଜନ୍ମ ଦେଇଛନ୍ତି । ଜଣେ ପୁତ୍ର ହୋଇଥିବା ବେଳେ ଦୁଇ ଜଣ କନ୍ୟା ସନ୍ତାନ ଜନ୍ମ ନେଇଛନ୍ତି। ସେମାନଙ୍କ ଓଜନ ୧.୬୦୦ ଗ୍ରାମରୁ ୧.୯୦୦ ଗ୍ରାମ ରହିଛି। ପାଣିଗ୍ରାହୀ ନର୍ସିଂ ହୋମରେ ପ୍ରଥମ କରି ଏକାବେଳେ ଗୋଟିଏ ଗର୍ଭରୁ ୩ଟି ନବଜାତ ଶିଶୁ ଜନ୍ମ ନେଇଛନ୍ତି । ଏହା ନରମାଲ ଭାବରେ ନ ହେବାରୁ ଅସ୍ତ୍ରୋପଚାର କରି ୩ ଶିଶୁକୁ ବାହାର କରା ଯାଇଥିଲା । ବର୍ତ୍ତମାନ ୩ ଶିଶୁ ଓ ମାଆ ସୁସ୍ଥ ଥିବା ଜଣାପଡିଛି।

# ପଲସିପାଣିରେ କବାଡ଼ି ପ୍ରତିଯୋଗିତା

**ନୂଆପଡା ଅଫିସ, ୮।୧୦**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ପଲସିପାଣି ପଞ୍ଚାୟତ ଖେଳ ପଡିଆରେ ଜିଲାସ୍ତରୀୟ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇ ଦିନ ଧରି ଚାଲିଥିବା କବାଡି ପ୍ରତିଯୋଗିତାରେ ଜିଲା ତଥା ଜିଲା ବାହାରୁ ମୋଟ ୩୨ଟି ଦଳ ଭାଗ ନେଇଥିଲେ। କବାଡି ପ୍ରତିଯୋଗିତାର ସଭାପତି ପଲସିପାଣି ସରପଞ୍ଚ ଗଙ୍ଗାରାମ ମାଝିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କବାଡି ପ୍ରତିଯୋଗିତାରେ ଉଦ୍‌ଘାଟନୀ ଉତ୍ସବରେ ମାଧବ ପ୍ରସାଦ ସାହୁ ମୁଖ୍ୟ ଅତିଥି, ଜିଲା ପରିଷଦ ସଦସ୍ୟ ଅବନୀ ରଞ୍ଜନ ଯୋଶୀ, ସମିତି ସଭ୍ୟ ପାଲସିପାଣି ସୁବୋଧ ଭୋଇ,ସମିତି ସଭ୍ୟ ଜଟଗଡ ଅବଜଲ ମାଝି, ସମିତି ସଭ୍ୟ ସିଆଲଲଟି ଚନ୍ଦୁ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟ ଅତିଥି,ଜିଲା କ୍ରିକେଟ ଆସୋସିଏସନ ସାଧାରଣ ସମ୍ପାଦକ ସରୋଜ କୁମାର ସାହୁ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ଷମା ନିଆଲ,ଭାନୁ ପ୍ରତାପ ସିଂ ମାଝି, ସୁଧିର


ଜିଲାସ୍ତରୀୟ କବାଡି ପ୍ରତିଯୋଗିତାରେ ଅତିଥିମାନଙ୍କ ଗହଣରେ ଖେଳାଳି ବୃନ୍ଦ।

ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡାପ୍ରେମୀଙ୍କୁ ଉତ୍ସାହିତ କରିଥିଲେ। ଏହି କବାଡି ପ୍ରତିଯୋଗିତାରେ ମାଗୁରପାଣି ପ୍ରଥମ ହୋଇଥିବାବେଳେ କାଶିପାଲା ଦ୍ୱିତୀୟ,ବାଲିପାଟି ତୃତୀୟ ଓ କରଙ୍ଗାଭଟା ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି । ବିଜୟ ଦଳ ମାନଙ୍କୁ ମୁଖ୍ୟ ଅତିଥି ନଗଦ ରାଶି ଓ ଟ୍ରଫି ପ୍ରଦାନ କରିଛନ୍ତି। ଅନୀଲ ରାଉତ, ଚବନ ରାଉତ ଓ ରାଜୁ ହେର୍ଣ୍ଣା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ନିରାକାର ଶବର,ହମରେଶ ଶବର, ଶରତ ଚନ୍ଦ୍ର ଶବର,ସଞ୍ଜିବ ପ୍ରଧାନ ସ୍କୋର ଦାୟୀତ୍ୱ ତୁଲାଇଥିବା ବେଳେ ଭୋଜରାମ ଅହିର, ପ୍ରହଲାଦ ଭୋଇ ଧାରାବିବରଣୀ ଶୁଣାଇ ଥିଲେ। ଉପସଭାପତି ପୂର୍ଣ୍ଣଚନ୍ଦ୍ର ଭୋଇ, ସମ୍ପାଦକ ଅଜୟ କୁମାର ଅହିର, କୋଷାଧ୍ୟକ୍ଷ ଦୟାନିଧି ଶବର, କାର୍ଯ୍ୟକାରୀ ସଭାପତି ହୋସରାମ ଶବର ଓ ଗଜରାମ ଶବର, ଲୋକନାଥ ଶବର, ଚନ୍ଦ୍ରମଣି ଶବର, ରିଖିରାମ ଶବର, ପ୍ୟାରିଲାଲ ଶବର, କ୍ଷମା ମିର୍ଦ୍ଧା, ପ୍ରମାନନ୍ଦ ମାଝି ପରିଚାଳନା କରିଥିଲେ। ଆଶୀଷ ଶବର, ମୁକେଶ ଶବର, ଯୋଗେନ୍ଦ୍ର ଶବର, ଦୀପକ ଶବର, ହିମାଂସୁ ଶବର, ଦଳଗଞ୍ଜନ ଶବର, ଦେବାନନ୍ଦ ଶବର, ମଳୟ ଶବର ପ୍ରମୁଖ ସହଯୋଗ କରିଥିଲେ ।

## ଓସିଏସ୍ ପରୀକ୍ଷାରେ ନୂଆପଡାରୁ ୧୨ ଉତ୍ତୀର୍ଣ୍ଣ

**ନୂଆପଡ଼ା ଅଫିସ, ୮ ।୧୦**

ଓଡିଶା ସିଭିଲ ସର୍ଭିସ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ନୂଆପଡା ଜିଲାର ୧୨ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିମଧ୍ୟରୁ ଜଣେ ଯୁବତୀ ଥିବା ବେଳେ ୧୧ ଜଣ ଯୁବକ ରହିଛନ୍ତି । ସୌଦାମିନୀ ମାଝି, ରାକେଶ କୁମାର ପରୁଆ, ସୌମ୍ୟକାନ୍ତ ବନଗୋଲା, ବିକାଶ ରଞ୍ଜନ ଶବର, ପ୍ରସାଦ ଯାଦବ, ହରେକୃଷ୍ଣ ମେହେର, ପ୍ରାତୁର୍ଯ୍ୟ କୁମାର ପ୍ରଧାନ, ପାଣ୍ଡବ ଶବର, ପ୍ରଶାନ୍ତ ବାଗ, ନୈବେଦ୍ୟ କୁମାର ଭୋଇ, ଆର୍ତ୍ତତ୍ରାଣ ତାଣ୍ଡି, ସଞ୍ଜିତ କୁମାର ନାଏକ ପ୍ରମୁଖ ବିଭିନ୍ନ ର୍ୟାଙ୍କ ରଖି କୃତିତ୍ୱ ଅର୍ଜନ କରି ଜିଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି । ଏମାନଙ୍କର ଏହି ସଫଳତା ନେଇ ତାଙ୍କ ପରିବାର ଏବଂ ବନ୍ଧୁ ପରିଜନମାନେ ଶୁଭେଚ୍ଛା ଜଣାଇବା ସହ ନୂଆପଡା ଜିଲାର ବିଭିନ୍ନ ପ୍ରାନ୍ତରୁ ଶୁଭେଚ୍ଛାର ସୁଅ ଛୁଟୁଛି ।

# ବୁଢ଼ାରଜା ଦଶରା ପାଇଁ ଚଳଚଞ୍ଚଳ ଆମପାଣି

**କୋକସରା,୮।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ବୁଢ଼ାରଜାଙ୍କ ଦଶରା ଆସନ୍ତା ୧୫ ତାରିଖରେ ହେବ । ଏଥିପାଇଁ କମିଟି ପକ୍ଷରୁ ଜୋରସୋରରେ ପ୍ରସ୍ତୁତି ଆରମ୍ଭ ହୋଇଛି। କଳାହାଣ୍ଡି ଜିଲାର ଶେଷ ଦଶରା ଭାବେ ପ୍ରସିଦ୍ଧ ଏହି ଦଶରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ହେଲେ ଗତ ୨ ବର୍ଷ ଧରି କୋଭିଡ ଯୋଗୁ ଦଶରା ଯାତ୍ରା ଉପରେ କଟକଣା



ରହିଥିଲା। ତେବେ ଚଳିତବର୍ଷ ଏଥିପାଇଁ ଆମପାଣି ଚଳଚଞ୍ଚଳ ହୋଇପଡିଛି। ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ବୁଢ଼ାରଜା ଦଶରା କାର୍ଯ୍ୟକ୍ରମରେ କିଛି ପରିବର୍ତ୍ତନ କରାଯାଇଛି। ୧୪ ତାରିଖରେ ବୁଢ଼ାରଜାଙ୍କ ଲାଠି ପୂଜାର୍ଚ୍ଚନା, ୧୫ ତାରିଖ ସକାଳ ୭ଟାରୁ ମନ୍ଦିରରେ ବୁଢ଼ାରଜାଙ୍କ ଦର୍ଶନ ଆରମ୍ଭ ହେବ । ସକାଳ ୧୦ଟାରେ ପୂଜକଙ୍କ ଘରୁ ଲାଠି ଶୋଭାଯାତ୍ରା, ଅପରାହ୍ନ ୩ଟାରେ ଲାଖବିନ୍ଧା, ସନ୍ଧ୍ୟା ୬ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ରାତି ୧୦ ଟାରେ ଘୁମୁରା ପ୍ରତିଯୋଗିତା ହେବ। ଏନେଇ କମିଟିର ସଭାପତି କୁମୁଦ ଚନ୍ଦ୍ର ପୂଝାରି, ଉପ ସଭାନେତ୍ରୀ ତିଳୋତ୍ତମା ନାଏକ, ସମ୍ପାଦକ ନକୁଳ ବାଣୁଆ, ସହସମ୍ପାଦକ ସନ୍ତୋଷ ମାଝୀ, କୋଷାଧ୍ୟକ୍ଷ ଜିତେନ୍ଦ୍ର ପଣ୍ଡା ଓ ଉପଦେଷ୍ଟା ଋତୁରାଜ ମାଝୀ, ବିଘ୍ନେଶ୍ୱର ନାଏକ ସୂଚନା ଦେଇଛନ୍ତି। କମିଟି ପକ୍ଷରୁ ପୋଲିସ ପ୍ରଶାସନକୁ ସୁରକ୍ଷା ବ୍ୟବସ୍ଥା କଡାକଡି କରିବାକୁ ଅନୁରୋଧ କରାଯାଇଛି।

## ମହାରଥା ବଂଶର ନୂଆଖାଇ ଭେଟ୍‌ଘାଟ୍



ମହାରଥା ବଂଶର ନୂଆଖାଇ ଭେଟ୍‌ଘାଟରେ ମଞ୍ଚାସୀନ ଅତିଥି, କର୍ମକର୍ତ୍ତା।

**ଖଡ଼ିଆଳ,୮।୧୦(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଦେଓବାହାଲ ଗ୍ରାମଠାରେ ନୂଆପଡା ଓ ବଲାଙ୍ଗୀର ଜିଲାର ବସବାସ କରୁଥିବା ମହାରଥା ବଂଶର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୂଆପଡା ଜିଲା ଓ ବଲାଙ୍ଗୀର ଜିଲାରେ ବସବାସ କରୁଥିବା ମହାରଥା ପରିବାରର ଶତାଧିକ ସଦସ୍ୟ ଯୋଗଦାନ କରିଥିଲେ। ଉକ୍ତ ଉତ୍ସବରେ ସଭାପତି ଭାବରେ ଲୋଚନସିଂହ ମହାରଥା, ମୁଖ୍ୟବକ୍ତା ଭାବରେ ଯଜ୍ଞ କୁମାର ମହାରଥା, ସମ୍ମାନିତ ବକ୍ତା ଭାବରେ ସୁରଜିତ ସିଂହ ମହାରଥା, ସମ୍ମାନିତ ଅତିଥି ଭାବେ ଶ୍ରୀରାମ ମହାରଥା, ବିଜୟ ଶଙ୍କର ସିଂହ ମହାରଥା, ନେତ୍ର ମହାରଥା, ଉଗ୍ରେ ସିଂହ ମହାରଥା, ଧନୁର୍ଜୟ ସିଂହ ମହାରଥା, ଦାମୋଦର ମହାରଥା, ଧନିରାମ ସିଂହ ମହାରଥା, ସୁଦର୍ଶନ ସିଂହ ମହାରଥା ସମସ୍ତେ ମଞ୍ଚାସୀନ ଥିଲେ। ବିଜୟ ପ୍ରତାପ ସିଂହ ମହାରଥା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ନରେଶ ସିଂହ ମହାରଥା ଧନ୍ୟବାଦ ଅର୍ପଣ କରିଥିଲେ। ପରେଶ ସିଂହ ମହାରଥା ଅତିଥି ପରିଚୟ ପ୍ରଦାନ କରିଥିଲେ। କୁମାରୀ ସ୍ମିତା ସିଂହ ମହାରଥା, କୁମାରୀ ଜସମିନ ସିଂହ ମହାରଥା, ଅଂଶୁମାନ ସିଂହ ମହାରଥା, କୁମାରୀ ଅଙ୍କିତା ସିଂହ ମହାରଥା, କୁମାରୀ ଅଡବିକା ସିଂହ ମହାରଥା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ରଣଜିତ ସିଂହ ମହାରଥା, କୁମାରୀ ସ୍ମିତା ସିଂହ ମହାରଥା, କୁମାରୀ ଜ୍ଞାନପ୍ରଭା ସିଂହ ମହାରଥା ମଞ୍ଚ ପରିଚାଳନା କରିଥିଲେ। ଶତ୍ରୁଜିତ ସିଂହ ମହାରଥା, ବିରଜିତ ସିଂହ ମହାରଥା, ସାର୍ଥକ ସାରଥୀ ସିଂହ ମହାରଥା, କୁମାରୀ ଶ୍ୱେତା ସିଂହ ମହାରଥା ସହଯୋଗ କରିଥିଲେ।

# ପଦଯାତ୍ରା, ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି

**କୋକସରା,୮।୧୦(ଡି.ଏନ.ଏ.)**

ଗତ ୨ ତାରିଖ ଗାନ୍ଧୀ ଜୟନ୍ତୀଠାରୁ ବିଜେଡି ପକ୍ଷରୁ ଆରମ୍ଭ ହୋଇଛି ପଦଯାତ୍ରା। ଏହି ପଦଯାତ୍ରା କଳାହାଣ୍ଡି ଜିଲା କୋକସରା ବ୍ଲକରେ କରିବା ପାଇଁ ଶନିବାର କୋକସରା ବ୍ଲକ ବିଜେଡି କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ସୁଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ଧର୍ମଗଡ ବିଧାୟକ ମୌଷଧି ବାଗ, ଆମପାଣି ଜିଲା ପରିଷଦ ସଭ୍ୟ ହେମନ୍ତ କୁମାର ମାଝୀ, ମୋଟେର ଜୋନ ଜିଲା ପରିଷଦ ସଭ୍ୟା ବୈଜୟନ୍ତୀ ପୂଝାରି, ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବାଗ, ସମ୍ପାଦକ ପଞ୍ଚକ ପୋଡ଼, ଅନୁସୂଚିତ ଜାତି ସେଲ୍ ସଭାପତି ରମେଶ ଦୁର୍ଗା, ବିଜୁ ଛାତ୍ର ଜନତା ବ୍ଲକ ସଭାପତି ମାନସ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ପ୍ରସ୍ତୁତି ବୈଠକରେ ଆସନ୍ତା ୧୩ ତାରିଖରେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଦାନ ଶିବିର କାର୍ଯ୍ୟକ୍ରମ ଓ ୨୫ ତାରିଖରେ ଝରିଆଗୁଡା, ରେଙ୍ଗାଲପାଲି, ଚିଲିଗୁଡା ଦେଇ କୋକସରା ପର୍ଯ୍ୟନ୍ତ ପଦଯାତ୍ରା ହେବା ନେଇ ସ୍ଥିର କରାଯାଇଛି। ବୈଠକରେ କୋକସରା ବ୍ଲକର ୨୨ ପଞ୍ଚାୟତର ବିଜେଡି କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ।


ବୈଠକରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ ।

# ଫାଇନାଲରେ ବଙ୍କାପୁର, କଣ୍ଟାବାଞ୍ଜି ଦଳ

## ମା' ବସ୍ତ୍ରାୟଣୀ ଫୁଟବଲ ଟୁର୍ନାମେଣ୍ଟ

**ଖଡ଼ିଆଳ,୮।୧୦(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବଙ୍କାପୁର ଗ୍ରାମର ବୈରାଗୀ ଚରଣ ବେହେରା ଷ୍ଟାଡିୟମରେ ଅନୁଷ୍ଠିତ ମା' ବସ୍ତ୍ରାୟଣୀ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲକୁ ଉନ୍ନୀତ ହୋଇଛନ୍ତି କଣ୍ଟାବାଞ୍ଜି ଓ ବଙ୍କାପୁର ଦଳ। ରବିବାର ଟ୍ରଫି ପାଇଁ ଏହି ଦୁଇ ଦଳ ମଧ୍ୟରେ ମୁକାବିଲା ହେବ। ପ୍ରଥମ ସେମି ଫାଇନାଲରେ କଣ୍ଟାବାଞ୍ଜି ଦଳ ଟ୍ରାଇବ୍ରେକରରେ ଭବାନୀପାଟଣା ଦଳକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଏହି ମ୍ୟାଚରେ ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, କଂଗ୍ରେସ କର୍ମୀ ବେଣୁପାଣି ବେହେରା, ଶିକ୍ଷକ ଯଦୁମଣି ବେହେରା, ରେଳସୁରକ୍ଷା କର୍ମଚାରୀ ସତ୍ୟବାନ ବିଶାଳ ଓ ସମାଜସେବୀ ଗୋପାଳ ଚନ୍ଦ୍ର ଦାଶ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ବଙ୍କାପୁର ଓ ଧର୍ମଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ବଙ୍କାପୁର ଦଳ ଦୁଇ-ଶୁନ ଗୋଲରେ ବିଜୟୀ ହୋଇଥିଲା। ନୂଆପଡ଼ା ଜିଲା ବିଜେଡି ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ, ଜିଲା ପରିଷଦ ସଭ୍ୟ ମାଲ୍ୟବନ୍ତ ସୁନା, ସମାଜସେବୀ ପ୍ରେମଲାଲ ବାଗ ଓ ଯଶୋବନ୍ତ ହଂସ ଅତିଥି ଭାବରେ ଯୋଗଦେଇ ଖେଳୁଆଡ଼ ମନୋଭାବ ସହ ଖେଳ ପ୍ରଦର୍ଶନ କରିବାକୁ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବିବସ୍ୱ ମାଝୀ ଓ ସାଥି ଖେଳ ପରିଚାଳନା କରିଥିଲେ। ଗତ ଦୁଇ ତାରିଖରେ ଏହି ଟୁର୍ନାମେଣ୍ଟକୁ ଖାସବାହାଲ ସରପଞ୍ଚ କୁନୁ ଚରଣ ବେହେରା ଉଦ୍‌ଘାଟନ କରିଥିବା ବେଳେ ଆଠଟି ଦଳ ଭାଗ ନେଇଥିଲେ। ମା' ବସ୍ତ୍ରାୟଣୀ ଫୁଟବଲ କମିଟି ବଙ୍କାପୁରର ସଭାପତି ମନୋଜ ବେହେରା, ସମ୍ପାଦକ ଗୁନବନ୍ତ ବେହେରା, ପ୍ୟାରୀ ମୋହନ ବେହେରାଙ୍କ ସମେତ ସମସ୍ତ ସଭ୍ୟ ସହଯୋଗ କରିଥିଲେ। ଉଦ୍ଧବ ବେହେରା ଓ ଠଣସୁନ୍ଦର ତାଣ୍ଡି ଧାରାବିବରଣୀ ପ୍ରଦାନ କରିଥିଲେ।


ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।